# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୨/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 2/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 337 | ମୂଲ୍ୟ ₹୭/-




**ଜାଡେଜାଙ୍କୁ ୫ ଉଇକେଟ ସଫଳତା**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା।

୧୬

୧୨

**‘ଆଇ ୱାଣ୍ଟ ଟୁ ଟକ୍’ରେ ଅଭିଷେକ**

ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ତାଙ୍କ ଆଗାମୀ ଚଳଚ୍ଚିତ୍ର ‘ଆଇ ୱାଣ୍ଟ ଟୁ ଟକ୍’ର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ବହୁତ ମୋଟା ଦେଖାଯାଉଛନ୍ତି।








**ଆଜିର ସମ୍ପାଦକୀୟ**

**ତଦନ୍ତ ନା ପ୍ରତିଶୋଧ**

**ଆଜିର ମନ୍ତବ୍ୟ**

“ଆମକୁ ଏଭଳି ଏକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ, ଯେଉଁଠି ଲୋକେ ନିଜ ଦକ୍ଷତାର ଉପଯୁକ୍ତ ପାରିଶ୍ରମିକ ପାଇବେ ଏବଂ ସମସ୍ତଙ୍କ ଅବଦାନକୁ ସମ୍ମାନ ମିଳିବ।
–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଆମ୍ବଟାକୁଆ ଖାଇ ୨ ମୃତ



ଜାଉ କରି ଖାଇଥିବା ଆମ୍ବ ଟାକୁଆ ଗୁଣ୍ଡ।



ମାଣ୍ଡିପଙ୍କା ଗ୍ରାମରେ ଶୋକସନ୍ତପ୍ତ ପରିବାର ବର୍ଗ ।

**୨୦୦୧ ମସିହାରେ ରାୟଗଡ଼ା ଜିଲା କାଶୀପୁର ବ୍ଲକର ପିତାଯୋଡ଼ି, ବିଲାମାଲ, ପଣସଗୁଡ଼ା ସାହି ସମେତ ୫ଟି ଗ୍ରାମରେ ଆମ୍ବ ଟାକୁଆ ଖାଇ ୨୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଅନାହାର ଯୋଗୁ ଲୋକେ ଖାଇଥିବା ଆମ୍ବ ଟାକୁଆରେ ବିଷକ୍ରିୟାକୁ ଏଥିପାଇଁ ଦାୟୀ କରାଯାଇଥିଲା। ଦୀର୍ଘ ବର୍ଷ ପରେ ଏବେ କନ୍ଧମାଳ ଜିଲାରେ ଘଟିଛି ଅନୁରୂପ ଘଟଣା। ୨୯ ଅକ୍ଟୋବରରେ ଦାରିଙ୍ଗବାଡ଼ି ବ୍ଲକ ମାଣ୍ଡିପଙ୍କା ଗ୍ରାମର ୬ ପରିବାରର ୮ ସଦସ୍ୟ ଆମ୍ବଟାକୁଆକୁ ଜାଉ କରି ଖାଇଥିଲେ। ପରେ ସେମାନେ ଅସୁସ୍ଥ ହୋଇ ବାନ୍ତି କରିବାରେ ଲାଗିଲେ। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିବାବେଳେ ବାଟରେ ଜଣଙ୍କ ମୃତ୍ୟୁ ଘଟିଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ସଦସ୍ୟ ଅସୁସ୍ଥ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା କରି ଲୋକଙ୍କୁ ବିନାମୂଲ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଥିବାବେଳେ ଦାରିଙ୍ଗବାଡ଼ିରେ ଆମ୍ବ ଟାକୁଆ ଖାଇ ଲୋକଙ୍କ ଜୀବନ ଯିବା ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ମାଣ୍ଡିପଙ୍କା ଗାଁରେ ସେପ୍ଟେମ୍ବର ପରଠୁ ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି। ଆମ୍ବଟାକୁଆଜନିତ ମୃତ୍ୟୁ ପରେ ନଭେମ୍ବର ୧ରେ ପ୍ରଶାସନ ହଠାତ୍ ତତ୍ପରତା ଦେଖାଇ ଚାଉଳ ବାଣ୍ଟିବା ଆରମ୍ଭ କରିଛି।**

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀ ଗାଁ, ୧।୧୧ (ଅରୁଣ ସାହୁ/ମନୋରଞ୍ଜନ ରଣା)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଘଟିଛି ଅଘଟଣ। ଆମ୍ବଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ବ୍ଲକର ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମ ଦଡାସାହିର ରୁନୁ ମାଝି ଏବଂ ରମିତା ପାଟମାଝି । ୬ ଜଣ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହାକୁ ନେଇ ଗ୍ରାମରେ ଶୋକର ବାତାବରଣ ସୃଷ୍ଟି ହୋଇଛି।

## ୨୦୦୧ରେ କାଶୀପୁରରେ ମରିଥିଲେ ୨୪

ଖବରରୁ ଜଣାପଡ଼ିଛି, ଏହି ୬ ପରିବାରର ୮ ଜଣ ଗତ ୨୯ ତାରିଖରେ ପୂର୍ବରୁ ଗୁଣ୍ଡ କରି ରଖିଥିବା ଆମ୍ବ ଟାକୁଆକୁ ଜାଉ କରି ଖାଇଥିଲେ। ୩୦ ତାରିଖରେ ସେମାନେ ବଳକା ବାସି ଜାଉ ପୁଣି ଖାଦ୍ୟ ରୂପେ ଖାଇଥିଲେ। ଫଳରେ ସେମାନେ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କର ପ୍ରବଳ ମାତ୍ରାରେ ବାନ୍ତି ହୋଇଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରାହ୍ମଣୀଗାଁ ଓ ପରେ ବ୍ରହ୍ମପୁର ନିଆଯାଇଥିଲା। ବାଟରେ ରୁନୁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରମିତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଗୁରୁତର ଅନ୍ୟ ୬ଜଣ ପ୍ରଭାତୀ ପାଟମାଝି, ଡ୍ରେଙ୍ଗାଲୁ ପାଟମାଝି, ରୁନି ମାଝି, ସୁଷମା ପାଟମାଝି, ଜୀବନ୍ତି ମାଝି ଓ ଜିତା ମାଝି ☞ପୃଷ୍ଠା–୪

## ଭଣ୍ଡାରରେ ସୁଡ଼ଙ୍ଗ ନାହିଁ

**ଭୁବନେଶ୍ୱର, ୧।୧୧ (ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାରକୁ ଆସିବା ପୂର୍ବରୁ ରତ୍ନଭଣ୍ଡାର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲା। ଦଳ ଯଦି ସରକାରକୁ ଆସେ ତେବେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲିବା ଏବଂ ଗଣତି ନେଇ ପ୍ରତିଶ୍ରୁତି ଦେଇଥିଲା। ସେହି କ୍ରମରେ ସରକାରକୁ ଆସିବା ପରେ ରତ୍ନଭଣ୍ଡାର ଖୋଲାଯାଇସାରିଛି। ରତ୍ନଭଣ୍ଡାର ଭିତରେ ଗୁପ୍ତ କୋଠରି ଓ ସୁଡ଼ଙ୍ଗ ନେଇ ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଥିଲା ସେନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମରେ ମତ ରଖିଛନ୍ତି। ରତ୍ନଭଣ୍ଡାର ଭିତରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ପ୍ରାୟତଃ ନାହିଁ। ପ୍ରାଥମିକ ଆଲୋଚନାରୁ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରି ନ ଥିବା ଜଣାପଡ଼ିଛି। ରତ୍ନଭଣ୍ଡାର ଭିତରେ ଫାଟ ଥିବା ଜଣାପଡ଼ିଛି। ସେହି ଫାଟଗୁଡ଼ିକୁ ମରାମତି କରାଯିବ। ଏହି ମରାମତି ପାଇଁ ପ୍ରାୟ ଦେଢ ମାସ ସମୟ ଲାଗିବ। ସର୍ଭେ ରିପୋର୍ଟ ଆସିବାକୁ ସମୟ ଲାଗୁଛି। ଅଫିସିଆଲି ସର୍ଭେ ରିପୋର୍ଟ ଆସିବା ପରେ ତୁରନ୍ତ ମରାମତି କାମ ଆରମ୍ଭ କରାଯିବ। ☞ପୃଷ୍ଠା–୪

## ବିବେକ ଦେବରାୟଙ୍କ ପରଲୋକ



**ନୂଆଦିଲ୍ଲୀ, ୧।୧୧**

ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଚେୟାରମ୍ୟାନ୍ ବିବେକ ଦେବରାୟଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ୬୯ ବର୍ଷୀୟ ଦେବରାୟ ଗୁରୁବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଚ୍ଚ ରକ୍ତଚାପ ଓ ମଧୁମେହର ମାତ୍ରା ବଢ଼ିଯିବାରୁ ଦେବରାୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ଏମ୍ସ ସୂତ୍ରରୁ ପ୍ରକାଶ। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଦେଶ ଜଣେ ‘ତୁଙ୍ଗ ବିଦ୍ୱାନ’ଙ୍କୁ ହରାଇଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅର୍ଥନୀତି, ଇତିହାସ, ସଂସ୍କୃତି, ରାଜନୀତି, ଆଧ୍ୟାତ୍ମିକତା ଆଦି କ୍ଷେତ୍ରରେ ଦେବରାୟଙ୍କ ଦଖଲ ଥିଲା ବୋଲି ପ୍ରଧାନମନ୍ତ୍ରୀ ☞ପୃଷ୍ଠା–୪

# କେନ୍ଦୁଝରରେ ଯିବ ପୋସ୍କୋ

**ଭୁବନେଶ୍ୱର, ୧।୧୧ (ଅନିଲ ଦାସ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମିଳିତ ଭାବେ ଏକ ବୃହତ୍ ଷ୍ଟିଲପ୍ଲାଣ୍ଟ ନିର୍ମାଣ କରିବେ। କେନ୍ଦୁଝର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ ବେଳେ ଏ ବାବଦରେ ସେ କଥା ହୋଇଥିଲେ ବୋଲି କହିଛନ୍ତି। ସେଠାରେ ଉଭୟ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ସହ ଆଲୋଚନା ହୋଇଥିଲା। ଇତିମଧ୍ୟରେ ଉଭୟ ପରସ୍ପର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। କେନ୍ଦୁଝର ଜିଲାରେ ସେମାନେ ଇସ୍ପାତ କାରଖାନା କରିବେ ବୋଲି ଉଲ୍ଲେଖ କରିଛନ୍ତି। କେନ୍ଦୁଝରରେ ନିଶ୍ଚିତ ଭାବେ ଷ୍ଟିଲପ୍ଲାଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଜେଏସ୍‌ଡବ୍ଲ୍ୟୁ ସହ ପୋସ୍କୋ ଏମ୍‌ଓୟୁ କରିବା ପରେ ଏ ନେଇ ଚର୍ଚ୍ଚା ଲାଗି ରହିଥିଲା।

କେନ୍ଦୁଝର ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ କଞ୍ଚା ମାଲ ସମେତ ସମସ୍ତ ଭିତ୍ତିଭୂମିର ସୁବିଧା ରହିଛି। ଜାତୀୟ ରାଜପଥ, ଠାରୁ ଆରମ୍ଭ କରି ରେଳପଥ, ଖଣି, ବୈତରଣୀ ନଦୀପାଣି ଆଦି ରହିଛି। ପୂର୍ବରୁ ପ୍ରସ୍ତାବିତ ଆର୍ସେଲର ମିତ୍ତଲ ପାଇଁ ପାଟଣା, ଉତ୍ତମ ଗଲଭା ପାଇଁ ପଳାଶପଙ୍ଗାରେ ପ୍ରସ୍ତାବିତ ସ୍ଥାନ ବ୍ୟତୀତ ତରମାକାନ୍ତ ଚା’ ବାଗାନ ଜମିରେ କାରଖାନା ହେବା ସମ୍ଭାବନା ରହିଛି। ଷ୍ଟିଲପ୍ଲାଣ୍ଟ ହେଲେ ଖଣିଜ ସମ୍ପଦଭରା କେନ୍ଦୁଝର ଜିଲାରେ ଆର୍ଥିକ ବିକାଶ ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲାରେ ୫୨ ହଜାର କୋଟି ଟଙ୍କା ନିବେଶ କରି ଏକ ମେଗା ଇସ୍ପାତ କାରଖାନା କରିବାକୁ ଦକ୍ଷିଣ କୋରିଆ କମ୍ପାନୀ ପୋସ୍କୋ ୨୦୦୫ରେ ତତ୍କାଳୀନ ବିଜେଡି ସରକାର ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଜମି ଅଧିଗ୍ରହଣକୁ ନେଇ ବିବାଦ ଦେଖାଦେଇଥିଲା। ଏଥିସହ ଅନ୍ୟ କେତେକ କାରଣରୁ ପୋସ୍କୋ କମ୍ପାନୀ କାରଖାନା ସ୍ଥାପନ କରିବାରେ ବିଫଳ ହୋଇ ଓଡ଼ିଶା ଛାଡ଼ି ଚାଲିଯାଇଥିଲା।

ପୋସ୍କୋ ଓହରିଯିବା ପରେ ତତ୍କାଳୀନ ବିଜେଡି ସରକାର ଅମଳରେ ଜେଏସ୍‌ଡବ୍ଲ୍ୟୁ ଜଗତ୍‌ସିଂହପୁରରେ ୬୫ ହଜାର କୋଟି ଟଙ୍କା ବିନିଯୋଗରେ ଏକ ଇଣ୍ଟିଗ୍ରେଟେଡ ଷ୍ଟିଲପ୍ଲାଣ୍ଟ ସ୍ଥାପନ କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରହିଛି। ☞ପୃଷ୍ଠା–୪

# ଗୁଗଲ୍‌କୁ ୨୦ ଡେସିଲିୟନ୍ ଜରିମାନା କଲା ରୁଷିଆ

**ଗୁଗଲ୍ ବିରୋଧରେ ରୁଷିଆ ୨୦ ଡେସିଲିୟନ୍ (୨ ପରେ ୩୪ଟି ଶୂନ) ଆମେରିକୀୟ ଡଲାର ଜରିମାନା କରିଛି। ଏହି ଅଭୂତପୂର୍ବ ଜରିମାନା ଗୁଗଲ୍‌ର ପ୍ୟାରେଣ୍ଟ କମ୍ପାନୀ ଆଲ୍‌ଫାବେଟ୍ ଅଧୀନରେ ଥିବା ୟୁଟ୍ୟୁବ୍‌କୁ ଟାର୍ଗେଟ କରି କରାଯାଇଛି। ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ରୁଷିଆ ସରକାରଙ୍କ ଦ୍ୱାରା ପରିଚାଳିତ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ୟୁଟ୍ୟୁବ୍‌ରେ ନିଷିଦ୍ଧ ଘୋଷଣା ନିଷ୍ପତ୍ତିର ଜବାବ ଏଭଳି ଢଙ୍ଗରେ ଦେଇଛି ମସ୍କୋ। ସମଗ୍ର ବିଶ୍ୱର ଅର୍ଥନୀତିକୁ ଅନେକ ଥର ଯୋଡ଼ିଲେ ବି ଜରିମାନା କରାଯାଇଥିବା ଅର୍ଥର ପରିମାଣ ଊଣା ହୋଇଯିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁସାରେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୧୦ ଟ୍ରିଲିୟନ୍ ଡଲାର ହୋଇଥିବାବେଳେ ଏହାଠୁ ଅଧିକ ଫାଇନ୍ ପୂର୍ବରୁ କେବେ କରାଯାଇ ନ ଥିଲା।**




**ମସ୍କୋ, ୧।୧୧**

ୟୁକ୍ରେନ୍ ଆକ୍ରମଣକୁ ନେଇ ରୁଷିଆ ଓ ପାଶ୍ଚାତ୍ୟ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଆମେରିକୀୟ ଟେକ୍ନୋଲୋଜି ଫାର୍ମ ଗୁଗଲ୍ ଅଧୀନ ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମ ୟୁଟ୍ୟୁବ୍‌କୁ ଏକ ରୁଷୀୟ କୋର୍ଟ ୨୦ ଡେସିଲିୟନ୍ ଡଲାର ଫାଇନ୍ କରିଛି। ଗୁଗଲ୍ ନିଜ ୟୁଟ୍ୟୁବ୍ ପ୍ଲାଟ୍‌ଫର୍ମରୁ ଅନେକ ରୁଷୀୟ ଚ୍ୟାନେଲକୁ ହଟାଇ ଦେଇଥିବାରୁ ଏହା ଉପରେ ଏଭଳି କିମ୍ଭୂତକିମାକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ଗୁଗଲ୍ ଏପରି କରି ଜାତୀୟ ☞ପୃଷ୍ଠା–୪


DADLS-45

VISION DOCUMENT 2036 | 2047

ଓଡ଼ିଶା ସରକାର

## ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭



**ପ୍ରିୟ ଭାଇ ଓ ଭଉଣୀମାନେ,**

ଆପଣମାନଙ୍କ ଆଶୀର୍ବାଦରେ ଗଠିତ ଲୋକଙ୍କ ସରକାର ଆମ ରାଜ୍ୟ ଗଠନର ଶତବାର୍ଷିକୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମହତ୍ୱାକାଂକ୍ଷୀ ଯାତ୍ରା ଆରମ୍ଭ କରିଛନ୍ତି ।

ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା ଆମ ଦେଶକୁ ବିକଶିତ ଭାରତରେ ପରିଣତ କରିବା ଲକ୍ଷ୍ୟ ସହିତ ଏହା ଜଡ଼ିତ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି ନିମନ୍ତେ ମୁଁ ଆପଣମାନଙ୍କୁ ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ଅନୁରୋଧ କରୁଛି ।

ଆଗାମୀ ଦିନରେ ଓଡ଼ିଶାର ସବୁବର୍ଗର ଲୋକଙ୍କ ଉନ୍ନତି ଆମର ଲକ୍ଷ୍ୟ । ସବୁ ଅଞ୍ଚଳର ଦ୍ରୁତ ବିକାଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ସବୁ ନାଗରିକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ଆବଶ୍ୟକତା ରହିଛି । ଏହି ବିଶାଳ ଲକ୍ଷ୍ୟ ପୂରଣ ଦିଗରେ ଆପଣମାନଙ୍କ ଅଭିନବ ଚିନ୍ତାଧାରା ଓ ସୁଚିନ୍ତିତ ମତାମତ ଖୁବ୍ ସହାୟକ ହେବ ।

ବିକଶିତ ଓଡ଼ିଶା ଗଠନ ପାଇଁ ଆପଣଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିବାକୁ ମୋର ଅନୁରୋଧ ।

(ମୋହନ ଚରଣ ମାଝୀ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା**
ଓଡ଼ିଶାର ଭବିଷ୍ୟତ ଗଢ଼ିବାରେ ସାମିଲ ହୁଅନ୍ତୁ ।

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତିରେ ଆମକୁ ସହଯୋଗ କରନ୍ତୁ ।
ଆମେ ପରସ୍ପରକୁ ସହଯୋଗର ହାତ ବଢ଼ାଇଲେ ସମସ୍ତେ ମିଳିମିଶି ଏକ ଉଜ୍ଜ୍ୱଳ, ଶକ୍ତିଶାଳୀ ଓ ସମୃଦ୍ଧ ଓଡ଼ିଶା ଗଠନ କରିପାରିବା ।
ଆସନ୍ତୁ ଆମେ ଓଡ଼ଶା ପାଇଁ ଯେଉଁ ଭବିଷ୍ୟତର ସ୍ୱପ୍ନ ଦେଖୁଛେ, ତାହା ମିଳିମିଶି ସାକାର କରିବା ।

vision.odisha.gov.in | +91 6370951920 | vision@odisha.gov.in

OIPR-15001/13/0255/2425

# ଇସି: ନିଜକୁ ନିଜେ କ୍ଲିନ୍‌ଚିଟ୍

**ହରିୟାଣା ବିଧାନସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ କଂଗ୍ରେସ ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇଥିଲା। ନିର୍ବାଚନ ଆୟୋଗ (ଇସି) ଏହାକୁ ଭିତ୍ତିହୀନ, ବିଭ୍ରାନ୍ତିକର ଓ ତଥ୍ୟହୀନ ଦର୍ଶାଇ ଖଣ୍ଡନ କରିଥିଲେ। ଏନେଇ ବିରୋଧୀ ଦଳ ଇସିଙ୍କୁ ଟାର୍ଗେଟ କରିଛି। ନିର୍ବାଚନ ଆୟୋଗ ଅଭିଯୋଗଗୁଡ଼ିକୁ ଯାଞ୍ଚ କରିବା ପରେ ନିଜକୁ ନିଜେ କ୍ଲିନ୍‌ଚିଟ୍ ଦେଇଥିବା ଶୁକ୍ରବାର କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଏହି ପ୍ରସଙ୍ଗରେ କଂଗ୍ରେସ ଏବଂ ଇସି ଏବେ ମୁହାଁମୁହିଁ ଅବସ୍ଥାରେ।**

## ହରିୟାଣା ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ କଂଗ୍ରେସ-ଆୟୋଗ ମୁହାଁମୁହିଁ

ନୂଆଦିଲ୍ଲୀ,୧।୧୧

ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାସକ ଭାଜପାକୁ କ୍ଷମତାଚ୍ୟୁତ କରି ସରକାର ଗଢ଼ିବା ନେଇ କଂଗ୍ରେସ ଆଶା ବାନ୍ଧିଥିଲା। କିନ୍ତୁ ୮ରେ ଫଳାଫଳ ଓଲଟା ଆସିଥିଲା। ଭାଜପା ୪୮ ଆସନ ଦଖଲ ସହ ହ୍ୟାଟ୍ରିକ୍ ବିଜୟ ହାସଲ କରିଥିଲା। ଭୋଟ ଗଣତି ପ୍ରାରମ୍ଭରେ ଟ୍ରେଣ୍ଡ୍ କଂଗ୍ରେସ ସପକ୍ଷରେ ଥିବାବେଳେ ସମୟ ଅତିକ୍ରାନ୍ତ ହେବା ସହ ଭାଜପାର ପଲା ଭାରି ଥିବା ସ୍ପଷ୍ଟ ହେବାରେ ଲାଗିଥିଲା। କଂଗ୍ରେସ ୩୭ ଆସନରେ ବିଜୟୀ ହୋଇଥିବାବେଳେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ୨ ଏବଂ ସ୍ୱାଧୀନ ପ୍ରାର୍ଥୀ ୩ ଆସନରେ ସୀମିତ ହୋଇ ରହିଯାଇଥିଲେ। ସେତେବେଳେ ଫଳାଫଳକୁ ନେଇ ଅସନ୍ତୁଷ୍ଟ ସର୍ବପୁରାତନ ଦଳ ଏକାଧିକ ଅଭିଯୋଗ ଆଣି ଇସିଙ୍କ ଦ୍ୱାରସ୍ଥ ହୋଇଥିଲା। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଫଳାଫଳରେ ଓଲଟପାଲଟ ହୋଇଥିଲା। ଇଭିଏମ୍ ସଂଲଗ୍ନ କଣ୍ଟ୍ରୋଲ୍ ୟୁନିଟ୍‌ଗୁଡ଼ିକର ୯୯% ବ୍ୟାଟେରି ତ୍ରୁଟିପୂର୍ଣ୍ଣ ରହିଥିଲା। ଏଥିଯୋଗୁ ୨୬ ନିର୍ବାଚନମଣ୍ଡଳୀର ଭୋଟ ଗଣତି ପ୍ରକ୍ରିୟା ଓ ଫଳ ପ୍ରଭାବିତ ହୋଇଥିବା ଦର୍ଶାଇ କଂଗ୍ରେସର ଏକ ପ୍ରତିନିଧି ଦଳ ଇସିଙ୍କ ନିକଟରେ ଫେରାଦ ହୋଇଥିଲା। ତେବେ ନିର୍ବାଚନ ଶେଷ ହେବା ପରେ କଂଗ୍ରେସ ଭିତ୍ତିହୀନ ଅଭିଯୋଗ ଆଣିଛି। ଏଭଳି ଅଭିଯୋଗରୁ ବିରୋଧୀ ଦଳ କ୍ଷାନ୍ତ ରହିବା ଉଚିତ ବୋଲି ନିକଟରେ ଇସି ଚେତାଇ ଦେଇଥିଲେ। ଶୁକ୍ରବାର କଂଗ୍ରେସ ଗଭୀର ଅନୁଧ୍ୟାନ କରିବା ପରେ ଏହାର ଜବାବ ରଖିଛି। କଂଗ୍ରେସ କହିଛି, ଇସିଙ୍କ ଉତ୍ତର କେବଳ ନିଜକୁ ଶ୍ରେଷ୍ଠ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ। ଇସି ଅଭିଯୋଗଗୁଡ଼ିକୁ ଯାଞ୍ଚ କରିବା ପରେ ନିଜକୁ ନିଜେ କ୍ଲିନ୍‌ଚିଟ୍ ଦେଇଛନ୍ତି। ଆମ ଅଭିଯୋଗ ନିର୍ଦ୍ଦିଷ୍ଟ ଥିଲା। କିନ୍ତୁ ଅଭିଯୋଗକାରୀ ଓ ଆବେଦନକାରୀଙ୍କୁ ନ୍ୟୁନ ଦର୍ଶାଇବା ପାଇଁ ଇସି ଜେନେରିକ୍ ଉତ୍ତର ଦେଇଛନ୍ତି। ଇସି ଯେଉଁ ଭାଷା ଓ ସ୍ୱରରେ ଜବାବ ଦେଇଛନ୍ତି, ତାହା ପ୍ରତିଜବାବ ଦେବା ଲାଗି ଆମକୁ ବାଧ୍ୟ କରିଛି ବୋଲି କଂଗ୍ରେସର ଜୟରାମ ରମେଶ, କେ.ସି. ବେଣୁଗୋପାଳ, ଭୂପିନ୍ଦର ସିଂ ହୁଡ଼ା, ଅଜୟ ମାକେନ, ଅଭିଶେଷ ସିଂଘଭି, ଉଦୟ ଭାନ, ପ୍ରତାପ ବାଜ୍‌ୱା ଓ ପବନ ଖେରାଙ୍କ ଦସ୍ତଖତ ସମ୍ବଳିତ ପତ୍ରରେ ଉଲ୍ଲେଖ କରାଯାଇଛି।

> "ସମ୍ମାନନୀୟ ନିର୍ବାଚନ ଆୟୋଗଙ୍କୁ କିଏ ପରାମର୍ଶ ଦେଉଛନ୍ତି, ତାହା ଆମକୁ ଜଣାନାହିଁ। କିନ୍ତୁ ଇସିଙ୍କ କେତେକ ନିର୍ଦ୍ଦିଷ୍ଟ ପ୍ରଶାସନିକ ଓ ଅର୍ଦ୍ଧନ୍ୟାୟିକ ଦାୟିତ୍ୱ ତୁଲାଇବା ଶୈଳୀକୁ ଦେଖିଲେ ମନେହେଉଛି ଯେ, କମିଶନ ନିଜକୁ ସମ୍ବିଧାନ ଅଧୀନରେ ପ୍ରତିଷ୍ଠିତ ଏକ ଅନୁଷ୍ଠାନ ବୋଲି ଭୁଲିଯାଇଛନ୍ତି।
> —କଂଗ୍ରେସ

## ବ୍ରିଟେନ୍ ବିରୋଧୀ ଦଳ ନେତା ପଦରୁ ଋଷି ସୁନକ୍‌ଙ୍କ ଇସ୍ତଫା

ଲଣ୍ଡନ,୧।୧୧

ବ୍ରିଟେନ୍ ପାର୍ଲାମେଣ୍ଟର ବିରୋଧୀ ଦଳ ନେତା ପଦରୁ ଋଷି ସୁନକ୍ ଇସ୍ତଫା ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ସୁନକ୍‌ଙ୍କୁ ବୁଧବାର ପ୍ରଧାନମନ୍ତ୍ରୀ ସାର୍ କେଇର ଷ୍ଟାର୍ମରଙ୍କ ସହ ଦେଖାଯାଇଥିଲା। ଉଭୟ ବେଶ୍ ହାଲ୍‌କା ମିଜାଜରେ କଥାବାର୍ତ୍ତା ହୋଇଥିଲେ। କଞ୍ଜରଭେଟିଭ୍ ପାର୍ଟିର ନିର୍ବାଚନୀ ଚ୍ୟାଲେଞ୍ଜ ପରେ ସୁନକ୍ ଇସ୍ତଫା ଦେଇଛନ୍ତି। ସୁନକ୍‌ଙ୍କୁ ତାଙ୍କର କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଷ୍ଟାର୍ମର ଧନ୍ୟବାଦ ଜଣାଇବା ସହ ତାଙ୍କ ପରିବାରର ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ସୁନକ୍ କହିଛନ୍ତି, ସେ ଦୀପାବଳିରେ ତାଙ୍କ ଦଳର ନେତା ହୋଇଥିଲେ ଏବଂ ସେହି ସମାନ ଉତ୍ସବରେ ଇସ୍ତଫା ଦେଉଛନ୍ତି। ପ୍ରଥମ ବ୍ରିଟିଶ୍ ଏସିଆନ୍ ପ୍ରଧାନମନ୍ତ୍ରୀ ହୋଇଥିବାରୁ ସେ ଗର୍ବିତ, ତେବେ ଏହା ଏକ ବଡ଼ ଡିଲ୍ ନ ଥିବାରୁ ସେ ଅଧିକ ଗର୍ବିତ ବୋଲି କହିଛନ୍ତି।



## ସଂକ୍ଷେପରେ

### ବାଂଲାଦେଶରେ ୧୮ ହିନ୍ଦୁଙ୍କ ନାଁରେ ଦେଶଦ୍ରୋହ ମାମଲା

ନୂଆଦିଲ୍ଲୀ,୧।୧୧

ବାଂଲାଦେଶରେ ଶେଖ୍ ହାସିନା ସରକାରଙ୍କ ପତନ ପରେ ହିନ୍ଦୁମାନେ ଆକ୍ରମଣର ଶିକାର ହେବା ସହ ଅକଥନୀୟ ନିର୍ଯାତନାର ସମ୍ମୁଖୀନ ହୋଇଆସୁଛନ୍ତି। ଗୈରିକ ପତାକା ଉତ୍ତୋଳନ କରିବାରୁ ସେଠାର ୧୮ ଜଣ ହିନ୍ଦୁଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ବାଂଲାଦେଶରେ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରାଯାଉଥିବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ନିନ୍ଦା କରିଛନ୍ତି। ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ଆଇନ ଏବଂ ଟ୍ରିବ୍ୟୁନାଲ ଦାବିରେ ଗତ ମାସ ୨୫ ତାରିଖରେ ହିନ୍ଦୁ ସଂଗଠନଗୁଡ଼ିକ ଚଟ୍ଟଗ୍ରାମରେ ବହୁସଂଖ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ଏହାର ପ୍ରତିଶୋଧ ସ୍ୱରୂପ ଦେଶଦ୍ରୋହ ମାମଲା ରୁଜୁ ହୋଇଥିବା କୁହାଯାଉଛି। ଜଣେ ପୋଲିସ ଅଧିକାରୀ ଚାହିଁଲେ ଦେଶଦ୍ରୋହ ମାମଲା ରୁଜୁ କରିପାରିବେ ନାହିଁ। ଏଥିପାଇଁ ବାଂଲାଦେଶ ଗୃହ ମନ୍ତ୍ରଣାଳୟର ଅନୁମୋଦନ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହି ୧୮ ଜଣଙ୍କ ବାଦ୍ ଅନ୍ୟ ୧୫ରୁ ୨୦ ଅଜଣା ବ୍ୟକ୍ତିଙ୍କ ନାଁ ଅଭିଯୋଗରେ ରହିଛି, ଯେଉଁମାନଙ୍କ ବିରୋଧରେ ପରବର୍ତ୍ତୀ ସମୟରେ ଦେଶଦ୍ରୋହ ମାମଲା ରୁଜୁ ହୋଇପାରେ ବୋଲି କୁହାଯାଉଛି।

### କଶ୍ମୀରରେ ୨ ଦାଦନଙ୍କୁ ଗୁଳି

**୧୨ ଦିନରେ ଦ୍ୱିତୀୟ ଟାର୍ଗେଟ ଆକ୍ରମଣ**

ଶ୍ରୀନଗର,୧।୧୧

ଜମ୍ମୁ-କଶ୍ମୀରର ବଡ୍‌ଗାମ ଜିଲା ଅନ୍ତର୍ଗତ ମାଗମା ଅଞ୍ଚଳରେ ଆତଙ୍କବାଦୀମାନେ ୨ ଜଣ ଦାଦନ ଶ୍ରମିକଙ୍କୁ ଗୁଳିମାଡ଼ କରିଛନ୍ତି। ଆହତଦ୍ୱୟ ଉତ୍ତରପ୍ରଦେଶର ସଞ୍ଜୟ ଏବଂ ଉସ୍‌ମାନ୍ ବୋଲି ଜଣାପଡ଼ିଛି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ୧୨ ଦିନ ମଧ୍ୟରେ ଆତଙ୍କବାଦୀଙ୍କର ଏହା ଦ୍ୱିତୀୟ ଟାର୍ଗେଟ ଆକ୍ରମଣ। ଘଟଣାସ୍ଥଳରେ ସୁରକ୍ଷା ବଳ ପହଞ୍ଚି ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଆରମ୍ଭ କରିଛି। ଗତ ମାସ ୨୦ରେ ଗନ୍ଦରବଲ୍ ଜିଲା ଅନ୍ତର୍ଗତ ସୋନାମାର୍ଗ ଅଞ୍ଚଳରେ ଏକ ନିର୍ମାଣସ୍ଥଳକୁ ଟାର୍ଗେଟକରି ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଜଣେ ଡାକ୍ତର ଏବଂ ୬ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହାର ୨ ଦିନ ପୂର୍ବରୁ ସୋପିଆନ୍ ଜିଲାରେ ବିହାରର ଜଣେ ଦାଦନ ଶ୍ରମିକଙ୍କୁ ଆତଙ୍କବାଦୀ ହତ୍ୟା କରିଥିଲେ।

### କଚ୍ଛରେ ଯବାନଙ୍କ ସହ ଦୀପାବଳି ପାଳିଲେ ମୋଦି

**ସୀମାର ଗୋଟିଏ ଇଞ୍ଚ ଉପରେ ମଧ ସାଲିସ୍ କରାଯିବନି**

ଭୁଜ୍,୧।୧୧(ପି.ଟି.)

ଭାରତ ଏହାର ସୀମାରେ ଗୋଟିଏ ଇଞ୍ଚ ଜମି ଉପରେ ସାଲିସ୍ କରିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଦେଶର ସୁରକ୍ଷାକୁ ନେଇ ସଶସ୍ତ୍ର ବଳର ସାମର୍ଥ୍ୟ ଉପରେ ଦେଶବାସୀଙ୍କର ବିଶ୍ୱାସ ରହିଛି। ଭରତ-ପାକ୍ ସୀମାବର୍ତ୍ତୀ ଗୁଜରାଟର କଚ୍ଛ ଜିଲା ଅନ୍ତର୍ଗତ ସାର୍ କ୍ରିକ୍‌ଠାରେ ସଶସ୍ତ୍ର ବଳର ଯବାନମାନଙ୍କ ସହ ଦୀପାବଳି ପାଳନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଶତ୍ରୁମାନେ ଆମ ସଶସ୍ତ୍ର ବଳକୁ ଦେଖିବା ପରେ ସେମାନଙ୍କ ଭୟାବହ ଯୋଜନାର ଅନ୍ତ ଦେଖୁଛନ୍ତି। ଉକ୍ତ ଅଞ୍ଚଳକୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିବା ପାଇଁ ଅତୀତରେ ଉଦ୍ୟମ ହୋଇଥିଲା। ଶତ୍ରୁପକ୍ଷ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ନଜରରେ ରଖିଥିଲେ। ଆପଣମାନେ ରାଷ୍ଟ୍ରକୁ ଜଗିରହିଥିବାରୁ ଆମେ ବିବ୍ରତ ହୋଇ ନ ଥିଲୁ। ଶତ୍ରୁମାନେ ଏକଥା ଭଲଭାବେ ଜାଣନ୍ତି ବୋଲି ମୋଦି ସୈନ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

## ରୋହିତ ବଲ୍‌ଙ୍କ ପରଲୋକ

**ଫ୍ୟାଶନ ଡିଜାଇନ୍‌ରେ ଭରିଥିଲେ ଭାରତୀୟ ସଂସ୍କୃତିର ଛାପ**



ନୂଆଦିଲ୍ଲୀ,୧।୧୧

ଖ୍ୟାତନାମା ଫେଶନ ଡିଜାଇନର ରୋହିତ ବଲଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ଗତବର୍ଷଠାରୁ ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଗତ ମାସରେ ଦିଲ୍ଲୀରେ ଅନୁଷ୍ଠିତ ଲାକ୍‌ମେ ଇଣ୍ଡିଆ ଫେଶନ୍ ୱିକ୍ ତାଙ୍କର ଶେଷ ଶୋ' ଥିଲା। ଏହି ସେଲିବ୍ରିଟି ଫେଶନ ଡିଜାଇନରଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଫେଶନ ଡିଜାଇନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଏଫ୍‌ଡିସିଆଇ) ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛି। ରୋହିତ ଏଫ୍‌ଡିସିଆଇର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଭାରତର ଫେଶନ ଜଗତକୁ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ତାଙ୍କର ଅନନ୍ୟ ଦୃଷ୍ଟିକୋଣ ପାରମ୍ପରିକ ଭାରତୀୟ ଡିଜାଇନଗୁଡ଼ିକରେ ସମସାମୟିକ ଆବେଗ ଭରିଦେଇଥିଲା। ରୋହିତ ଭାରତୀୟ ସଂସ୍କୃତିର ସମ୍ଭବନାଗୁଡ଼ିକର ସଂଜ୍ଞା ପୁନଃ ନିରୂପଣ କରିବା ସହ ଡିଜାଇନର ଏବଂ ଫେଶନକୁ ଭଲ ପାଉଥିବା ଲୋକଙ୍କୁ ଅନୁପ୍ରାଣିତ କରିଥିଲେ। ତାଙ୍କ ଡିଜାଇନ୍ କେବଳ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ନୁହେଁ, ବରଂ ଭାରତର ସଂସ୍କୃତି ଓ ଇତିହାସ ସହ ସେଗୁଡ଼ିକର ଗଭୀର ସମ୍ପୃକ୍ତି ରହିଛି। ୧୯୬୨ ମେ' ୮ରେ ଶ୍ରୀନଗରରେ ଏକ କଶ୍ମୀରୀ ପଣ୍ଡିତ ପରିବାରରେ ଜନ୍ମିତ ରୋହିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନ ଟେକ୍‌ନୋଲୋଜିରେ ଡିଗ୍ରୀ ହାସଲ କରିଥିଲେ।



୨୦୨୪ ଅକ୍ଟୋବର ୧୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଲାକ୍‌ମେ ଫେଶନ ୱିକ୍‌ରେ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସହ ଡିଜାଇନର ରୋହିତ୍ ବଲ।

## ଦୀପାବଳି ପରେ ଦିଲ୍ଲୀ ସବୁଠୁ ପ୍ରଦୂଷିତ

**ବାଣ କଟକଣାକୁ କେହି ମାନିଲେନି**

ନୂଆଦିଲ୍ଲୀ,୧।୧୧(ପି.ଟି.)

ଦୀପାବଳି ପାଳନ ବେଳେ ଦିଲ୍ଲୀରେ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଥିଲେ ମଧ୍ୟ ଏହାକୁ କେହି ମାନି ନ ଥିଲେ। ଫଳରେ ଦିୱାଲି ପରଦିନ ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ରାଜଧାନୀ ଧୂଳିଧୂଆଁର ଘନ ଆସ୍ତରଣରେ ଘୋଡ଼େଇ ହୋଇ ରହିଛି। ଶୁକ୍ରବାର ଜାତୀୟ ରାଜଧାନୀରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୩୬୩ରେ ପହଞ୍ଚିଛି। ୩ ବର୍ଷର ଦୀପାବଳି ପରବର୍ତ୍ତୀ ବାୟୁ ପ୍ରଦୂଷଣରେ ଦିଲ୍ଲୀ ଏବର୍ଷ ରେକର୍ଡ କରିଛି। ଗୁରୁବାର ହାରାହାରି ଏକ୍ୟୁଆଇ ୩୩୦ ରେକର୍ଡ କରାଯାଇଥିଲା। ୨୦୨୩ ଦୀପାବଳିରେ ବାୟୁମାନ ୨୧୮ ଥିବାବେଳେ ୨୦୨୨ରେ ୩୧୨ ରହିଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ଶୁକ୍ରବାର ସକାଳେ ଏକ୍ୟୁଆଇ ୩୬୨ରେ ପହଞ୍ଚିଛି, ଯାହାକି ସବୁଠୁ ନିକୃଷ୍ଟ ବର୍ଗର। ଏହି ସମୟରେ ପାକିସ୍ତାନର ଲାହୋର ସହରର ଏକ୍ୟୁଆଇ ୨୧୭ ଥିବାବେଳେ ବେଜିଂରେ ୧୮୨, ଢାକାରେ ୧୭୪ ଏବଂ ଚାଇନାର ଉହାନରେ ୧୬୬ ରହିଛି।

ଦିଲ୍ଲୀରେ କଟକଣା ସତ୍ତ୍ୱେ ଲଜପତ ନଗର, କାଲ୍‌କାଜି ଏବଂ ଦ୍ୱାରକାରେ ପ୍ରବଳ ବାଣ ଫୁଟାଯାଇଥିଲା। ସେହିପରି ଦିଲ୍ଲୀର ପଶ୍ଚିମ ଏବଂ ପୂର୍ବ ଭାଗରେ ମଧ୍ୟ ପର୍ଯ୍ୟାପ୍ତ ଆତସବାଜି ଫୁଟାଯାଇଥିବା ଜଣାପଡ଼ିଛି। ଦିଲ୍ଲୀର ବୁରାରି କ୍ରସିଂରେ ଏକ୍ୟୁଆଇ ୩୯୪ରେ ପହଞ୍ଚିଥିବାବେଳେ ଆନନ୍ଦ ବିହାରରେ ୩୯୫ ଏବଂ ଜାହାଙ୍ଗିପୁରୀରେ ୩୮୭ ରହିଛି। ଏନ୍‌ସିଆର୍ ଅନ୍ତର୍ଗତ ନୋଏଡ଼ା, ଗାଜିଆବାଦ, ଗୁରୁଗ୍ରାମରେ ଏକ୍ୟୁଆଇ ଯଥାକ୍ରମେ ୨୯୩, ୩୧୬ ଏବଂ ୩୪୮ ରହିଛି। ଦୀପାବଳି ମଧ୍ୟରାତ୍ରରେ ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ଶୀର୍ଷରେ ପହଞ୍ଚିଥିଲା। ରାତି ୧ଟା ପରେ ପିଏମ୍୨.୫ ଏବଂ ପିଏମ୍୧୦ ସ୍ତର ହ୍ରାସ ପାଇଥିଲେ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ରହିଥିଲା।

## ଡେମ୍‌ଚୋକ୍‌ରେ ଭାରତୀୟ ସେନାର ପାଟ୍ରୋଲିଂ



ନୂଆଦିଲ୍ଲୀ,୧।୧୧(ପି.ଟି.)

ପୂର୍ବ ଲଦାଖର ୨ ଫ୍ରିକ୍ସନ ପଏଣ୍ଟ ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍‌ରୁ ଉଭୟ ଭାରତ ଓ ଚାଇନାର ସେନା ପ୍ରତ୍ୟାହାର ସମ୍ପୂର୍ଣ୍ଣ ହେବାର ୨ ଦିନ ପରେ ଭାରତୀୟ ସେନା ଶୁକ୍ରବାର ଡେମ୍‌ଚୋକ୍‌ରେ ପାଟ୍ରୋଲିଂ ଆରମ୍ଭ କରିଛି। ଡେପ୍‌ସାଙ୍ଗରେ ଖୁବ୍‌ଶୀଘ୍ର ପାଟ୍ରୋଲିଂ ଆରମ୍ଭ ହେବା ଆଶା କରାଯାଉଛି ବୋଲି ସେନା ସୂତ୍ରରୁ କୁହାଯାଇଛି। ବୁଧବାର ସେନା ପ୍ରତ୍ୟାହାର ଶେଷ ହେବା ପରେ ଗୁରୁବାର ଦୀପାବଳି ଅବସରରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ବିଭିନ୍ନ ସୀମାନ୍ତ ପଏଣ୍ଟରେ ଦୁଇ ଦେଶର ସୈନ୍ୟ ପରସ୍ପର ମଧ୍ୟରେ ମିଠା ବିନିମୟ କରିଥିଲେ। ପାଟ୍ରୋଲିଂ ଅଞ୍ଚଳ ଏବଂ ସ୍ଥିତି ୨୦୨୦ ଏପ୍ରିଲ୍ ପୂର୍ବବର୍ତ୍ତୀ ସ୍ତରକୁ ଫେରିବା ଆଶା କରାଯାଉଛି ବୋଲି ପୂର୍ବରୁ ଭାରତୀୟ ସେନା ସୂତ୍ରରୁ କୁହାଯାଇଥିଲା।

ସେନା ପ୍ରତ୍ୟାହାର ପରେ ଯାଞ୍ଚ କାର୍ଯ୍ୟ ଆଗେଇ ଚାଲିଛି। ଏହା ଶେଷ ହେବା ପରେ ଗ୍ରାଉଣ୍ଡ କମାଣ୍ଡରମାନଙ୍କ ମଧ୍ୟରେ ପାଟ୍ରୋଲିଂର ପ୍ରକାରକୁ ନେଇ ନିଷ୍ପତ୍ତି ନିଆଯିବ। ସ୍ଥାନୀୟ କମାଣ୍ଡରସ୍ତରୀୟ ଆଲୋଚନା ଜାରି ରହିବ ବୋଲି କୁହାଯାଇଛି। ୨୦୨୦ରେ ସୀମାରେ ଉତ୍ତେଜନାରୁ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ସମାଧାନ ପାଇଁ ବିଗତ କେତେକ ସପ୍ତାହ ଧରି ଭାରତ ଓ ଚାଇନା ମଧ୍ୟରେ ଉଭୟ କୂଟନୈତିକ ଏବଂ ସେନା କମାଣ୍ଡରସ୍ତରୀୟ ଆଲୋଚନା ପରେ ସମସ୍ୟାର ସମାଧାନ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା। ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରୁ ଉଭୟ ଦେଶ ସେମାନଙ୍କ ସୈନ୍ୟ ପ୍ରତ୍ୟାହାର କରିନେବା ସହ ପୂର୍ବଭଳି ପାଟ୍ରୋଲିଂ କରିବାକୁ ସହମତ ହୋଇଥିଲେ। ୨୦୨୦ ଜୁନ୍‌ରେ ଗଲୱାନ ଉପତ୍ୟକାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ବହୁସଂଖ୍ୟାରେ ମୃତାହତ ହୋଇଥିଲେ। ସେବେଠାରୁ ଲାଗିରହିଥିବା ଉତ୍ତେଜନା ହ୍ରାସ କରିବାରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି।

## ବେଲୁଚିସ୍ତାନରେ ବିସ୍ଫୋରଣ: ୫ ସ୍କୁଲପିଲାଙ୍କ ସମେତ ୮ ମୃତ

ଇସ୍‌ଲାମାବାଦ,୧।୧୧(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଶୁକ୍ରବାର ଏକ ପୋଲିସ ଭ୍ୟାନ୍‌କୁ ଟାର୍ଗେଟକରି ରିମୋଟ୍ କଣ୍ଟ୍ରୋଲ୍‌ଡ ବୋମା ବିସ୍ଫୋରଣ କରାଯିବାରୁ ୫ ସ୍କୁଲପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ କର୍ମଚାରୀ ରହିଛନ୍ତି। ମସ୍ତୁଙ୍ଗ ଜିଲାର ସିଭିଲ୍ ହସ୍ପିଟାଲ ଚୌକ୍‌ଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ସକାଳ ୮ଟା ୩୫ ମିନିଟ୍ ସମୟରେ ଏହି ବିସ୍ଫୋରଣ ଘଟିଥିଲା। ସେଠାରେ ରଖାଯାଇଥିବା ଏକ ବାଇକ୍‌ରେ ବିସ୍ଫୋରଣ ସାମଗ୍ରୀକୁ ଲୁଚାଇ ରଖାଯାଇଥିଲା। ଏହାକୁ ବିସ୍ଫୋରଣ ଘଟାଇବା ପାଇଁ ଆତଙ୍କବାଦୀମାନେ ରିମୋଟ୍ କଣ୍ଟ୍ରୋଲ ଡିଭାଇସ୍ ବ୍ୟବହାର କରିଥିଲେ। ସ୍କୁଲ୍ ନିକଟରେ ଥିବା ପୋଲିସର ମୋବାଇଲ୍ ଭ୍ୟାନ୍‌କୁ ଟାର୍ଗେଟ କରାଯାଇଥିବା କଲାଟ୍ ଡିଭିଜନ କମିଶନର କହିଛନ୍ତି। ପୋଲିସ ମୋବାଇଲ୍ ଉକ୍ତ ବାଇକ୍‌ର ନିକଟବର୍ତ୍ତୀ ହେବା ପରେ ସେଥିରେ ଖଞ୍ଜାଯାଇଥିବା ଆଇଇଡିକୁ ବିସ୍ଫୋରଣ କରାଯାଇଥିଲା। ଭ୍ୟାନ୍‌ଟି ଖସିଯାଇଥିବାବେଳେ ସ୍କୁଲ ଭ୍ୟାନ୍ ସମେତ କେତେକ ଅଟୋରିକ୍ସା କ୍ଷତିଗ୍ରସ୍ତ ହୋଇଥିଲା।



## କଶ୍ମୀର ଭାଜପା ବିଧାୟକ ଦେବେନ୍ଦ୍ର ରାଣାଙ୍କ ପରଲୋକ

ନୂଆଦିଲ୍ଲୀ,୧।୧୧

ଜମ୍ମୁ-କଶ୍ମୀରର ନାଗ୍ରୋଟା ଆସନରୁ ନବନିର୍ବାଚିତ ଭାଜପା ବିଧାୟକ ଥିବା ଦେବେନ୍ଦ୍ର ସିଂ ରାଣାଙ୍କର ଗୁରୁବାର ରାତିରେ ହରିୟାଣାର ଫରିଦାବାଦର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଦେବେନ୍ଦ୍ର ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଭାଇ ଏବଂ ଉକ୍ତ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି। ଜମ୍ମୁରେ ସେ ଭାଜପା ତଥା ଡୋଗ୍ରା ସମ୍ପ୍ରଦାୟର ଦୃଢ଼ ସ୍ୱର ରହିଆସିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଦେବେନ୍ଦ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନ୍ୟାଶନାଲ କନ୍‌ଫରେନ୍ସ ପ୍ରାର୍ଥୀ ଯୋଗୀନ୍ଦର ସିଂଙ୍କୁ ପରାସ୍ତ କରିଥିଲେ।



## ଇସ୍ରାଏଲ୍‌ରେ ହେଜ୍‌ବୋଲ୍ଲାର ରକେଟ ମାଡ଼: ୭ ମୃତ

ତେଲ୍ ଆଭିଭ୍,୧।୧୧

ଲେବାନନ୍‌ରୁ ଉତ୍ତର ଇସ୍ରାଏଲ୍ ଉପରେ ଜୋର୍‌ଦାର ରକେଟ ମାଡ଼ ହୋଇଛି। ଏଥିରେ ୪ ଜଣ ବିଦେଶୀ କର୍ମୀ ଏବଂ ୩ ଇସ୍ରାଏଲୀ ନାଗରିକଙ୍କ ମୃତ୍ୟୁ ଘଟିଛି। ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ ପରେ ଜେରୁଜେଲମ୍ ଉପରେ ଏହା ସବୁଠୁ ମରଣାନ୍ତକ ସୀମାପାର ଆକ୍ରମଣ। ସେପଟେ ଇସ୍ରାଏଲ୍ ଲେବାନନ୍‌ରେ ଥିବା ହେଜ୍‌ବୋଲ୍ଲା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଏଥିରେ ଲେବାନନ୍‌ରେ ୨୪ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଉଭୟ ଲେବାନନ୍ ଏବଂ ଗାଜାରେ ଯୁଦ୍ଧବିରତି ପାଇଁ ଆମେରିକୀୟ କୂଟନୀତିଜ୍ଞମାନେ ଉଦ୍ୟମ ଜାରି ରଖିଥିବାବେଳେ ଆକ୍ରମଣ ବନ୍ଦ ହେବାର ନାଁ ନେଉନାହିଁ। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଯୁଦ୍ଧବିରତି ପାଇଁ ଜୋର୍‌ଦାର ଚାପ ପକାଯାଉଛି। ଉତ୍ତର ଗାଜାରେ କାର୍ଯ୍ୟରତ ଶେଷ ହସ୍ପିଟାଲ ଉପରେ ଇସ୍ରାଏଲୀ ସେନା ଆକ୍ରମଣ କରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂତ୍ରରୁ ଜଣାପଡ଼ିଛି। ଏୟାରଷ୍ଟ୍ରାଇକ୍ ଯୋଗୁ ହସ୍ପିଟାଲର ଡାଏଲିସିସ୍ ୟୁନିଟ୍, ପାଣି ଟାଙ୍କି, ସର୍ଜରି ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲିଭାଇବା ଉଦ୍ୟମ ବେଳେ ୪ ଜଣ କର୍ମଚାରୀ ଆହତ ହୋଇଛନ୍ତି।

## ଲେହରେ ଆନାଲୋଗ୍ ସ୍ପେସ୍ ମିଶନ ଆରମ୍ଭ

**ବେସ୍ ଷ୍ଟେଶନରେ ଜୀବନଯାପନ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ଲକ୍ଷ୍ୟ**

ନୂଆଦିଲ୍ଲୀ,୧।୧୧

ଭାରତର ପ୍ରଥମ ଆନାଲୋଗ୍ ସ୍ପେସ୍ ମିଶନ ଶୁକ୍ରବାର ଲଦାଖର ଲେହଠାରେ ଆରମ୍ଭ ହୋଇଛି। ମହାକାଶ କେନ୍ଦ୍ର ଅନୁରୂପ ଏହି ମିଶନ ପୃଥିବୀ ବାହାରେ ବେସ୍ ଷ୍ଟେଶନର ଚ୍ୟାଲେଞ୍ଜଗୁଡ଼ିକୁ ସମ୍ମୁଖୀନ ହେବା ସହ ଜୀବନଯାପନ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ପୋଷ୍ଟ କରିଛି। ଇସ୍ରୋ ସହ ହ୍ୟୁମାନ ସ୍ପେସ୍‌ଫ୍ଲାଇଟ୍ ସେଣ୍ଟର, ଆକା ସ୍ପେସ୍ ଷ୍ଟୁଡିଓ, ଲଦାଖ ୟୁନିଭର୍ସିଟି, ଆଇଆଇଟି ବମ୍ବେ ପକ୍ଷରୁ ମିଳିତ ଭାବେ ଏହି ଉଦ୍ୟମ କରାଯାଇଥିବାବେଳେ ଲଦାଖ ଅଟୋନମସ୍ ହିଲ୍ ଡେଭେଲପ୍‌ମେଣ୍ଟ କାଉନସିଲ ଏଥିରେ ସହଯୋଗ କରିଛି। ଗଗନଯାନ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତରେ ହେବାକୁ ଥିବା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ ପାଇଁ ଏହି ଆନାଲଗ୍ ଗବେଷଣା ସହାୟକ ହେବ। ୨୦୨୬ ସୁଦ୍ଧା ଭାରତ ମହାକାଶକୁ ଭାରତୀୟ ମହାକାଶଚାରୀଙ୍କୁ ପଠାଇବା ଲକ୍ଷ୍ୟ ରଖାଯାଇଛି।



**ନଭେମ୍ବରରେ କମ୍ ଶୀତ**

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା): ଉତ୍ତର ଭାରତର କିଛି ଅଞ୍ଚଳକୁ ବାଦ୍‌ଦେଲେ ସାରା ଦେଶରେ ନଭେମ୍ବରରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଓଡ଼ିଶା ସମେତ ଅଧିକାଂଶ ସ୍ଥାନରେ ଏହି ମାସରେ କମ୍ ଶୀତ ଅନୁଭୂତ ହେବ। ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ୩୫.୫ ଓ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୭.୦ ଡିଗ୍ରୀ ସେଲସିୟସ୍ ରହିଥିଲା। ଧୀରେ ଧୀରେ ରାତି ତାପମାତ୍ରା ହ୍ରାସ ପାଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ରାଜ୍ୟରେ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନାହିଁ। ଶନିବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଏନ୍‌ଏସ୍‌ଡି ଶାଖା

## ରାଜ୍ୟ ସରକାରଙ୍କ ଅନୁମୋଦନ

- ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ
- ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୧।୧୧(ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି)ର ଆଞ୍ଚଳିକ ଶାଖା ବା ଆଉଟ୍‌ରିଚ୍ ସେଣ୍ଟର। ଏନେଇ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରାଥମିକସ୍ତରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏହା ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ଓଡ଼ିଶାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ପ୍ରତିଷ୍ଠା କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରି ଏଥିପାଇଁ ପ୍ରସ୍ତାବ ରଖିଥିଲେ। ଏବେ ସରକାରଙ୍କ ତରଫରୁ ବିଧିବଦ୍ଧ ଅନୁମୋଦନ ମିଳିବା ପରେ ସଂସ୍କୃତି ମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ଓଡ଼ିଶାରେ ପ୍ରତିଷ୍ଠା ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଆମ ଇତିହାସ, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଓଡ଼ିଆ ନାଟ୍ୟ ପରମ୍ପରାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ପୁରାଣକାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାଟକ ପ୍ରସ୍ତୁତି ଏବଂ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଆ ମାଟିର କାହାଣୀ, ଗୌରବମୟ ଇତିହାସ ଓ ସଂସ୍କୃତି ଲୋକଙ୍କ ନିକଟରେ ପହଞ୍ଚିପାରିଛି। ନିଚ୍ଛକ ଓଡ଼ିଆ ନାଟକ ପ୍ରଦର୍ଶନ, ପ୍ରଚାରପ୍ରସାର ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ଏନ୍‌ଏସ୍‌ଡି ପ୍ରମୁଖ ଭୂମିକା ନିର୍ବାହ କରିବ। ଏଥିସହିତ ନାଟକ ଓ ଅଭିନୟ କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବ। ଏଠାରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଲାଭ କରିବା ପରେ ଛାତ୍ରୀଛାତ୍ର ଅନ୍ତଃରାଷ୍ଟ୍ରୀୟସ୍ତରରେ ନାଟକ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସର ବହୁଳ ପ୍ରଚାରପ୍ରସାର କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

୧୯୫୯ରେ ଦିଲ୍ଲୀଠାରେ ପ୍ରତିଷ୍ଠିତ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ୧୯୭୫ରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଆସୁଛି। ବରିଷ୍ଠ ଅଭିନେତା ପରେଶ ରାୱଲ ଏହାର ଅଧ୍ୟକ୍ଷ ଏବଂ ଓଡ଼ିଶାର ବିଶିଷ୍ଟ ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ଏହାର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ବହୁ ବିଶିଷ୍ଟ ଅଭିନେତା ବିଜୟ ମହାନ୍ତି, ଅଜିତ ଦାସ, ସୂର୍ଯ୍ୟ ମହାନ୍ତି ପ୍ରମୁଖ ଏହି ବିଦ୍ୟାଳୟର ଛାତ୍ର ଥିଲେ। ଓଡ଼ିଶାରେ ଏହାର ଆଞ୍ଚଳିକ ଶାଖା ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଆ ସଂସ୍କୃତି ଏବଂ ବିଶେଷ ଭାବେ ଓଡ଼ିଆ ନାଟ୍ୟ ପରମ୍ପରାର ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

**ଭୁବନେଶ୍ୱରରେ ଏନ୍‌ଏସ୍‌ଡିର ଆଞ୍ଚଳିକ ଶାଖା ଖୋଲିବା ଏହି ଖବର ମିଳିବା ପରେ ନାଟ୍ୟପ୍ରେମୀଙ୍କ ସମେତ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି। ତେବେ ଏହାଦ୍ୱାରା ଓଡ଼ିଶାର କ'ଣ ଲାଭ ହେବ, ବିଶେଷକରି ଓଡ଼ିଶାର ପିଲାମାନଙ୍କୁ କେତେ ସୁବିଧା ମିଳିବା ଦରକାର, ତାହାକୁ ନେଇ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକମାନେ ନିଜ ମତ ପ୍ରକାଶ କରିଛନ୍ତି।**

### ଓଡ଼ିଆ ପିଲାଙ୍କ ଲାଗି ଅଧା ସିଟ୍‌ର ବ୍ୟବସ୍ଥା ରହୁ

ଓଡ଼ିଶାରେ ଖୋଲିବାକୁ ଥିବା ଏନ୍‌ଏସ୍‌ଡି ଶାଖାରେ ପ୍ରାୟ ୨୮ ସିଟ୍ ରହିବ। ଯଦି ଓଡ଼ିଆ ପିଲାଙ୍କୁ ସେଥିରୁ ଅଧା ସିଟ୍ ନ ମିଳିବ, ତେବେ ଆମର କିଛି ଲାଭ ନାହିଁ। ଅନ୍ୟ ରାଜ୍ୟରେ ଏଭଳି ବ୍ୟବସ୍ଥା ରହିଥିବାରୁ ତାହା ଓଡ଼ିଶାରେ ମଧ ଲାଗୁ ହେବା ଆବଶ୍ୟକ। ସରକାର ସେମାନଙ୍କୁ ପ୍ରାୟ ୫ଏକର ଜମି ଓ ୨କୋଟି ଟଙ୍କା ଦେବେ। ତେଣୁ ଓଡ଼ିଶାର ପିଲାମାନେ ଏହାର ଲାଭ ପାଇବା ଦରକାର। ଏନେଇ ସରକାର ସେମାନଙ୍କ ପାଖରେ ସର୍ତ୍ତ ରଖିବା ସହ ଆବଶ୍ୟକ ବ୍ୟବସ୍ଥା କରନ୍ତୁ। ଯଦି ସେମାନେ ଜାତୀୟସ୍ତରରେ ପରୀକ୍ଷା କରି ପିଲାଙ୍କୁ ଚୟନ କରିବେ, ତେବେ ଓଡ଼ିଆ ପିଲା ପାଇବା କଷ୍ଟକର। କାରଣ ଓଡ଼ିଆ ପିଲାଙ୍କ ପାଖରେ ଟ୍ୟାଲେଣ୍ଟ ଥିଲେ ବି ହିନ୍ଦୀରେ ସାମାନ୍ୟ ଦୁର୍ବଳ। ତେଣୁ ଓଡ଼ିଆ ପିଲାଙ୍କ ପାଇଁ କୋଟା ମାଧ୍ୟମରେ ଅଧିକ ସୁଯୋଗ ମିଳିବା ଦରକାର।

- ଧୀର ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ

### ନାଟ୍ୟ ଛାତ୍ରୀଛାତ୍ରଙ୍କୁ ରୋଜଗାର ଯୋଗାଇବା ସରକାରଙ୍କ ଦାୟିତ୍ୱ

ଓଡ଼ିଶାରେ ଏନ୍‌ଏସ୍‌ଡିର ଆଞ୍ଚଳିକ ଶାଖା ଖୋଲିବା ଆମ ପାଇଁ ଅତ୍ୟନ୍ତ ଖୁସିର କଥା। ଏଠାରେ ପଢ଼ିବା ଦ୍ୱାରା ଓଡ଼ିଶା ପିଲାଙ୍କର ନାଟକରେ ଥିବା ଦକ୍ଷତା ଆହୁରି ଦୃଢ଼ ହେବ। ତେବେ ବର୍ତ୍ତମାନ ଓଡ଼ିଶାରେ ନାଟକର ଅବସ୍ଥା ଯାହା, ତାକୁ ପେସା କରି ବଞ୍ଚିବା ବହୁତ କଷ୍ଟ। ତେଣୁ ପିଲାମାନେ ଏଠାରୁ ପାସ୍ କରିବା ପରେ ସେମାନଙ୍କ ନିଯୁକ୍ତି ପାଇଁ ସରକାର କିଛି ବ୍ୟବସ୍ଥା କରୁଛନ୍ତି କି ନାହିଁ ତାହା ବଡ଼ ପ୍ରଶ୍ନ। ଓଡ଼ିଶାର ପିଲାମାନେ ଦିଲ୍ଲୀ ଏନ୍‌ଏସ୍‌ଡିରେ ପାଠ ପଢ଼ି ଆସିଛନ୍ତି ଏବଂ ନିଜକୁ ପ୍ରମାଣିତ କରିପାରିଛନ୍ତି। ଭୁବନେଶ୍ୱରରେ ଏନ୍‌ଏସ୍‌ଡିର ଶାଖା ଖୋଲିବା ପରେ ଓଡ଼ିଶାର ଅଧିକାଂଶ ପିଲା ଏଠାରେ ପାଠ ପଢ଼ିବାର ସୁଯୋଗ ପାଇବେ। ତେବେ ସେମାନଙ୍କୁ ରୋଜଗାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ।

- ଶଙ୍କର ତ୍ରିପାଠୀ, ନାଟ୍ୟକାର

### ସମସ୍ତଙ୍କୁ ସମାନ ଅଧିକାର ମିଳିବା ଦରକାର

ରାଜ୍ୟରେ ଏନ୍‌ଏସ୍‌ଡିର ଆଞ୍ଚଳିକ ଶାଖା ଖୋଲିବ ବୋଲି ଆମେ କେବଳ ଓଡ଼ିଶା ଓଡ଼ିଶା ହେଲେ ଚଳିବ ନାହିଁ, ସମସ୍ତଙ୍କୁ ସମାନ ଅଧିକାର ମିଳିବା ଦରକାର। ଅନ୍ୟ ରାଜ୍ୟରେ ଯଦି କୋଟା ପ୍ରଚଳନ ହୋଇଛି, ତେବେ ଏଠାରେ ତାହା ହେବା ଦରକାର, ନଚେତ୍ ନାହିଁ। ତେବେ ଓଡ଼ିଶାରେ ଆଞ୍ଚଳିକ ଶାଖା ଖୋଲିବା ଦ୍ୱାରା ଅନ୍ୟ ରାଜ୍ୟର ପିଲାମାନେ ଏଠାକୁ ଆସିବେ, ଭଲ ଭଲ ନାଟକ କରିବେ। ଆମ ଭିତରେ କଲ୍‌ଚରାଲ୍ ଷ୍ଟ୍ରେନ୍ଥ୍ ବଢ଼ିଯିବ। ଦରକାର ପଡ଼ିଲେ ଏଠାକାର ଲୋକାଲ ସିନିୟରମାନେ ସେଠାକୁ ଭିଜିଟିଙ୍ଗ୍ ଗେଷ୍ଟ ହୋଇ ଯାଇପାରିବେ।

- ଦେବାନନ୍ଦ ନାୟକ, ନାଟ୍ୟ ନିର୍ଦ୍ଦେଶକ



ଭଦ୍ରକ ସହର ଚରମ୍ପାର ଟ୍ରାଫିକ୍ ରେଲୱେ ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ।

# ପୁଣି ଯୋଡ଼ିହେବେ କଟି ଯାଇଥିବା ଆବେଦନକାରୀ

ଭୁବନେଶ୍ୱର,୧।୧୧(ଅନିଲ ଦାସ)

## ସୁଭଦ୍ରା ପାଇଁ ଆସିବ ନୂଆ ଗାଇଡ୍‌ଲାଇନ

ସୁଭଦ୍ରା ଯୋଜନା ପାଇଁ ପ୍ରସ୍ତୁତ ହେବ ନୂଆ ଗାଇଡ୍‌ଲାଇନ। ଆବେଦନ କରି କଟିଯାଇଥିବା ହିତାଧିକାରୀ ଏହି ଯୋଜନାରେ ପୁଣି ସାମିଲ ହେବେ। କେଉଁ ଆଧାରରେ କଟାଗଲା ସେ ସବୁର ପରୀକ୍ଷାନିରୀକ୍ଷା କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ପ୍ରଥମ କିସ୍ତିର ୨ଟି ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଥିବା ବେଳେ ତୃତୀୟ ପର୍ଯ୍ୟାୟ ଟଙ୍କା ଦେବା ପୂର୍ବରୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।

ବର୍ତ୍ତମାନ ୧ କୋଟିରୁ ଅଧିକ ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି। ସେମାନେ କିଭଳି ସୁଭଦ୍ରା ଯୋଜନାରେ ସାମିଲ ହେବେ ସେନେଇ ତର୍ଜମା କରାଯାଉଛି। ଯୋଗ୍ୟତା ଥାଇ ଆବେଦନ କରିଯେଉଁମାନେ କଟିଯାଇଛନ୍ତି, କେଉଁ ଆଧାରରେ ସେମାନେ କଟିଛନ୍ତି, ତା'ର ତର୍ଜମା ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୨ଟି ପର୍ଯ୍ୟାୟରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ହିତାଧିକାରୀ ଟଙ୍କା ପାଇଛନ୍ତି। ସେହିପରି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ଏପରି ସମୟରେ ଅନେକ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବା ଆଶାରେ ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ ୭୩ ହଜାରରୁ ଅଧିକ ଅଙ୍ଗନଓାଡି କାର୍ଯ୍ୟରତ ରହିଛନ୍ତି। ସେମାନଙ୍କୁ ମଧ ସୁଭଦ୍ରା ଯୋଜନାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓୟୋ ହୋଟେଲରେ ନାବାଳିକାଙ୍କୁ ଗଣବଳାତ୍କାର

## ୪ ଗିରଫ, ବାଳସୁଧାର ଗୃହକୁ ଗଲେ ଅଭିଯୁକ୍ତା ନାବାଳିକା

- ଅକ୍ଟୋବର ୧୬ ରାତିର ଘଟଣାକୁ ନେଇ ଚାଞ୍ଚଲ୍ୟ
- ଭିଡିଓ ଭାଇରାଲ ଧମକ ଦେଇ ଅଭିଯୁକ୍ତ ନେଇଯାଇଥିଲେ ୬୨ ହଜାର

ଭୁବନେଶ୍ୱର,୧।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ମୃଦୁପାନୀୟରେ ନିଶା ଦେଇ ୪ଜଣ ଯୁବକ ଏକ ଓୟୋ ହୋଟେଲରେ ଗଣବଳାତ୍କାର କରିଛନ୍ତି। ଏଥିସହ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବାର ଧମକ ଦେଇ ପୀଡ଼ିତା ଓ ତାଙ୍କ ମା'ଙ୍କଠାରୁ ୬୨ହଜାର ଟଙ୍କା ନେଇଯାଇଛନ୍ତି। ଅକ୍ଟୋବର ୧୬ରେ ଘଟିଥିବା ଏହି ସ୍ପର୍ଶକାତର ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ନୟାପଲ୍ଲୀ ଥାନା ପୋଲିସ ପୀଡ଼ିତାଙ୍କୁ ଫସାଇଥିବା ନାବାଳିକାଙ୍କ ସହ ୪ଜଣ ଅଭିଯୁକ୍ତଙ୍କୁ ଧରିଛି। ୪ ଅଭିଯୁକ୍ତ ଯୁବକ ହେଲେ ଭୁବନେଶ୍ୱର ଦାରୁଠେଙ୍ଗର ରାଜା ପଟ୍ଟନାୟକ (୧୯), ନୀଳାଦ୍ରିବିହାରର ଦୀପକ ବେହେରା (୧୯), ଶୈଳଶ୍ରୀ ବିହାରର ପ୍ରକାଶ ବେହେରା (୨୧) ଏବଂ ଓଲ୍ଡଟାଉନ ଅଞ୍ଚଳର ପପୁ ଦ୍ୱିବେଦୀ (୨୩)। ରାଜା ଓ ଦୀପକଙ୍କୁ ଗୁରୁବାର ଏବଂ ପ୍ରକାଶ ଓ ପପୁଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତା ନାବାଳିକାଙ୍କୁ ଗୁରୁବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ତେବେ ଶୁକ୍ରବାର ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ବୟାନ ରେକର୍ଡ କରିଛି।

ପୋଲିସ ସୂଚନାନୁସାରେ, ପୀଡ଼ିତା ନାବାଳିକାଙ୍କ ଘର ନୟାଗଡ ଜିଲା ଶରଣକୁଳ ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଲୋକଙ୍କ ସହ ନୟାପଲ୍ଲୀ ଅଞ୍ଚଳର ଏକ ବସ୍ତିରେ ରହୁଛନ୍ତି। ତାଙ୍କୁ ଗଣବଳାତ୍କାର କରିବାକୁ ଘଟଣାର କିଛିଦିନ ପୂର୍ବରୁ ଯୋଜନା ହୋଇଥିଲା। ଅଭିଯୁକ୍ତା ନାବାଳିକା ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରି ଫସାଇଥିଲେ। ସେ ପୀଡ଼ିତାଙ୍କୁ ଚାକିରି ଯୋଗାଇଦେବାକୁ କହି ଅଧିକ ଘନିଷ୍ଠ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ରାଜାଙ୍କ ସହ ମିଶାଇଥିଲେ। ଏହାପରେ ପୀଡ଼ିତାଙ୍କୁ ରାଜା ପ୍ରେମଜାଲରେ ଫସାଇ ସମ୍ପର୍କ ନିବିଡ଼ କରିଥିଲେ। ଭୁବନେଶ୍ୱରର ବିଭିନ୍ନ ପାର୍କକୁ ନେଇ ସମୟ ବିତାଇବା ସହ ମିଠା ମିଠା କଥା କହି ସ୍ୱପ୍ନ ଦେଖାଇଥିଲେ। ଅକ୍ଟୋବର ୧୬ ସନ୍ଧ୍ୟାରେ ପୀଡ଼ିତାଙ୍କୁ ରାଜା ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରସ୍ଥିତ ବୁଦ୍ଧପାର୍କକୁ ଡାକି ନେଇଥିଲେ। ସେଠାରେ ରାଜା ତାଙ୍କୁ ମୃଦୁପାନୀୟରେ ନିଶା ଦେଇ କିଛି ଦୂରରେ ଥିବା ଏକ ଓୟୋ ହୋଟେଲକୁ ନେଇଯାଇଥିଲେ। ଉକ୍ତ ଓୟୋ ହୋଟେଲକୁ ରାଜା ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଡାକିଥିଲେ। ସେହି ରାତିରେ ଉକ୍ତ ହୋଟେଲ ରୁମ୍‌ରେ ରାଜା ଓ ଅନ୍ୟମାନେ ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରି ତାହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ସେଠାରେ ପୀଡ଼ିତାଙ୍କୁ ଛାଡ଼ି ଚାଲିଯାଇଥିଲେ। ରାତି ପାହିବା ପରେ ପୀଡ଼ିତାଙ୍କ ନିଦ ଭାଙ୍ଗିବା ପରେ ଘରକୁ ଫେରିଆସିଥିଲେ। ଏହାପରେ ରାଜା ଓ ଅନ୍ୟ ଅଭିଯୁକ୍ତମାନେ ପୀଡ଼ିତା ନାବାଳିକାଙ୍କ ବଳାତ୍କାର ବେଳର ଭିଡିଓ ଦେଖାଇ ଭାଇରାଲ ଧମକ ଦେଇ ତାଙ୍କଠାରୁ ୧୨ ହଜାର ଟଙ୍କା ନେଇଯାଇଥିଲେ। ପରେ ଉକ୍ତ ଭିଡିଓକୁ ପୀଡ଼ିତାଙ୍କ ମା'ଙ୍କ ପାଖକୁ ପଠାଇ ସମାନ ଧମକ ଦେଇ ୫୦ ହଜାର ଟଙ୍କା ନେଇଯାଇଥିଲେ। ପରେ ମା'ଙ୍କ ସହାୟତାରେ ପୀଡ଼ିତା ଜଣକ ଅକ୍ଟୋବର ୩୦ରେ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୬୪୦/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନଭେମ୍ବର ୪, ୧୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧।୧୧(ଅନିଲ ଦାସ)

ଚଳିତ ନଭେମ୍ବର ୪ (ସୋମବାର) ଏବଂ ୧୧ତାରିଖ (ସୋମବାର) ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜାତୀୟ ରେଫରି ଭାବେ ମନୋନୀତ ହେଲେ ଖେଳ ଶିକ୍ଷକ ଶ୍ରୀକାନ୍ତ



ଶ୍ରୀକାନ୍ତ ନାୟକ

ଗୋପ,୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୬୮ ବର୍ଷ ବ୍ୟବଧାନ ପରେ ପ୍ରଥମ କରି ଓଡ଼ିଶାରୁ ପୁରୀ ଜିଲା ଅନ୍ତର୍ଗତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀକାନ୍ତ ନାୟକ ୬୮ତମ ଜାତୀୟସ୍ତରୀୟ ଭଲିବଲ ରେଫରି ଭାବେ ମନୋନୀତ ହୋଇଛନ୍ତି। ଖେଳ ଶିକ୍ଷକ ନାୟକ ନଭେମ୍ବର ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲିଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ଟୁର୍ନାମେଣ୍ଟରେ ରେଫରି ଭାବେ ଯୋଗଦେବେ। ଏହି ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟରେ ୨୮ଟି ରାଜ୍ୟରୁ ୧୭ ବର୍ଷରୁ କମ୍ ବୟସର ବାଳିକାବାଳକ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୨୪ ଜଣ ଯୋଗଦେବେ ବୋଲି ଜଣାପଡ଼ିଛି। ଖେଳ ଶିକ୍ଷକ ଶ୍ରୀକାନ୍ତ ବହୁବାର ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟଗୁଡ଼ିକରେ ରେଫରି ଭାବେ ରହି ସମ୍ମାନିତ ହୋଇଥିବା ବେଳେ ଚଳିତବର୍ଷ ଓଡ଼ିଆ ଯୁବ ରେଫରି ପ୍ରଥମକରି ଓଡ଼ିଶା ପକ୍ଷରୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭାରତୀୟ ସ୍କୁଲ ସମୂହ କ୍ରୀଡ଼ା ବିଭାଗ (ଏସ୍‌ଜିଏଫ୍‌ଆଇ) ପକ୍ଷରୁ ଚିଠି ମିଳିବା ପରେ ଓଡ଼ିଶା ପାଇଁ ଗର୍ବ ବୋଲି ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଶ୍ରୀକାନ୍ତ ନାୟକ ଓଡ଼ିଶାରୁ ପ୍ରଥମକରି ରେଫରି ଭାବେ ମନୋନୀତ ହେବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଯୁଗ୍ମ ଶିକ୍ଷା ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଟ୍ରେନ୍ ଟିକେଟ ଅଗ୍ରିମ ସଂରକ୍ଷଣ ଦିବସ କମିଲା

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

## ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଅପରିବର୍ତ୍ତିତ

ଭାରତୀୟ ରେଳପଥ ପକ୍ଷରୁ ଟ୍ରେନ ଟିକେଟ ଅଗ୍ରିମ ସଂରକ୍ଷଣ ଅବଧିକୁ ୧୨୦ ଦିନରୁ ୬୦ ଦିନକୁ ହ୍ରାସ କରାଯାଇଛି। ଶୁକ୍ରବାରଠାରୁ ଏହା କାର୍ଯ୍ୟକାରୀ ହୋଇଛି। ତେବେ ଅଧିକାଂଶ ଟ୍ରେନ ସେବା ପାଇଁ ଏହା ପ୍ରଯୁଜ୍ୟ ହୋଇଥିବାବେଳେ ଦିନରେ ଚଳାଚଳ କରୁଥିବା କିଛି ନିର୍ଦ୍ଦିଷ୍ଟ ଟ୍ରେନ ପାଇଁ ଅପରିବର୍ତ୍ତିତ ଅର୍ଥାତ୍ ୧୨୦ ଦିନ ରହିଛି। ଏହି ଟ୍ରେନଗୁଡ଼ିକ ମଧ୍ୟରେ ଧଉଳି ଏକ୍ସପ୍ରେସ, ଜନଶତାବ୍ଦୀ ଏବଂ ଇଣ୍ଟରସିଟି ଏକ୍ସପ୍ରେସ୍ ଭଳି କିଛି ଏକ୍ସପ୍ରେସ ଟ୍ରେନ ରହିଛି। ସେହିପରି ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ୩୬୫ ଦିନିଆ ଅଗ୍ରିମ ସଂରକ୍ଷଣ ଅବଧି ଅପରିବର୍ତ୍ତିତ ରହିଛି। ଏହି ନୂତନ ନୀତି ଅଗ୍ରିମ ଟିକେଟ ବୁକିଂର ପ୍ରକ୍ରିୟାକୁ ସରଳ କରିବ ବୋଲି ଆଶା କରାଯାଉଛି। ଟ୍ରେନ କାର୍ଯ୍ୟସୂଚୀ ଏବଂ ଟିକେଟ ବୁକିଂ ବିଷୟରେ ଅଧିକ ସୂଚନା ପାଇଁ ଯାତ୍ରୀମାନଙ୍କୁ ଭାରତୀୟ ରେଳ ୱେବ୍‌ସାଇଟ ପରିଦର୍ଶନ କରିବାକୁ କିମ୍ବା ସ୍ଥାନୀୟ ରେଳଷ୍ଟେଶନ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

ସୂଚନା ଥାଉକି, ଟ୍ରେନ ଯାତ୍ରା ପାଇଁ ୧୨୦ ଦିନର ଅଗ୍ରିମ ଟ୍ରେନ୍ ଟିକେଟ୍ ବୁକିଂ ଅବଧି ବହୁତ ଲମ୍ବା ସମୟ ରହୁଥିଲା। ଯାତ୍ରୀମାନେ ଯାତ୍ରା ପାଇଁ ନ ଆସିବାରୁ ପ୍ରାୟ ୨୧% ଯାତ୍ରା ବାତିଲ ହେଉଥିବାବେଳେ ୪ – ୫% ଯାତ୍ରୀ ଟିକେଟ ବାତିଲ କରନ୍ତି ନାହିଁ କି ଯାତ୍ରା ପାଇଁ ଆସନ୍ତି ନାହିଁ। ଏହା ଠକେଇର କାରଣ ହୋଇଥାଏ। ଛଦ୍ମନାମ ଉପଯୋଗ କରି ଅଗ୍ରିମ ଟିକେଟ ବୁକ୍ କରିବା ଓ କେତେଜଣ ଅସାଧୁ ରେଳ ଅଧିକାରୀ ବେଆଇନ ଭାବରେ ଟଙ୍କା ନେଉଥିବା ଜଣାପଡ଼ିଥିଲା। ତେବେ ଅବଧି ହ୍ରାସ ଦ୍ୱାରା ସାଧାରଣ ଶ୍ରେଣୀର ଟିକେଟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# କାରଖାନାରେ ଶ୍ରମିକଙ୍କୁ ମାରି ପୋତା ଯାଇଥିବା ଅଭିଯୋଗ

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ),୧।୧୧

## ଠିକାସଂସ୍ଥା ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍)ର ଭେଣ୍ଡର ପାର୍ଟନର ଥିବା ଠିକାସଂସ୍ଥା ସତ୍ୟମ ଏଣ୍ଟରପ୍ରାଇଜେସ୍ ଅଧୀନରେ ହେଲପର ଭାବେ କାର୍ଯ୍ୟ କରୁଥିବା ସିଲୁ ପ୍ରଧାନ (୨୨)ଙ୍କୁ କାରଖାନା ପରିସରରେ ହତ୍ୟା କରାଯାଇଥିବା ଅଭିଯୋଗ ହେଉଛି। ପ୍ରମାଣ ନଷ୍ଟ କରିବାକୁ ଯାଇ ସଂପୃକ୍ତ ଠିକାସଂସ୍ଥାର ଜଣେ ଅଧିକାରୀଙ୍କ ଇଙ୍ଗିତରେ ମାଟି ତଳେ ପୋତି ଦେଇଥିବା ଅଭିଯୋଗ ହୋଇଛି। ତେବେ ଖବର ପାଇ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସିଲଭରିୟସ ଟପ୍ପୋ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, କଳିଙ୍ଗନଗର ଥାନାଧିକାରୀ ପ୍ରକାଶ କୁମାର ସାହୁ, ଟମକା ଥାନାଧିକାରୀ ପ୍ରମୋଦିନୀ ସାହୁ, ଯଖପୁରା ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସିଲୁଙ୍କ ମୃତଦେହ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ସିଲୁଙ୍କ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତେଜନା ଲାଗି ରହିଥିବାରୁ ମୃତଦେହ ବାହାର କରାଯିବାରେ ବିଳମ୍ବ ହୋଇଥିବା ସୂଚନା ମିଳିଛି। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତର ବ୍ରାହ୍ମଣବାଟି ଗ୍ରାମର ସିଲୁ ଗତ ୩୦ ତାରିଖ ପୂର୍ବାହ୍ନ ୧୦ଟା ୩ ମିନିଟରେ କାରଖାନା ଭିତରକୁ ଯାଇ ଆଉ ଫେରି ନ ଥିଲେ। ସେ ଗତ ୬ ମାସ ହେବ ଏହି ଭେଣ୍ଡର ଅଧୀନରେ କାମ କରୁଥିଲେ। ସିଲୁଙ୍କ ପରିବାର ଲୋକେ ଓ ଗ୍ରାମବାସୀଙ୍କ ପକ୍ଷରୁ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ପୁଅକୁ ଫେରାଇ ଦେବାକୁ ଦାବି କରି ଆନ୍ଦୋଳନ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ, କାରଖାନା ମୁଖ୍ୟ ଫାଟକରେ ଥିବା ସୁରକ୍ଷାକର୍ମୀଙ୍କ ପ୍ରବେଶ ଉପସ୍ଥାନ ରେକର୍ଡରେ ସିଲୁ କାରଖାନା ଭିତରକୁ ଯାଇଥିବା ଉପଲବ୍ଧ ରହିଛି। ହେଲେ ସିଲୁ କାରଖାନାରୁ ବାହାରକୁ ଆସିବାର ସିସି କ୍ୟାମେରାର କୌଣସି ଫୁଟେଜ୍ କିମ୍ବା ଫେରିବା ବେଳର ବାୟୋମେଟ୍ରିକ ନ ଥିବା ଜଣାପଡ଼ିଛି। ପରିବାର ଲୋକେ ବୁଧବାରଠାରୁ ପୁଅକୁ ନ ପାଇ ଦୁଃଖରେ ଭାଙ୍ଗିପଡ଼ିଥିଲେ। ସିଲୁ ମୃତ କି ଜୀବିତ ସେ ନେଇ ସେମାନେ ସନ୍ଦେହରେ ଥିଲେ। ଶୁକ୍ରବାର ସିଲୁଙ୍କ ଗ୍ରାମବାସୀ ଓ ପରିଜନ ଲୋକେ କାରଖାନା ସିକ୍ୟୁରିଟି ଓ ଅଧିକାରୀଙ୍କୁ ପଚାରିଥିଲେ। କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ କମ୍ପାନୀ ମୁଖ୍ୟ ଫାଟକକୁ ବନ୍ଦ କରିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ କଳିଙ୍ଗନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ସିଲୁଙ୍କୁ କାରଖାନାର ବ୍ୟାଚିଂ ପ୍ଲାଣ୍ଟ ପରିସରସ୍ଥ ମାଟି ତଳେ ପୋତି ଦିଆଯାଇଥିବା ପୋଲିସ ଜାଣିପାରିଥିଲା। ଏହାପରେ ପୋଲିସର ସ୍ୱତନ୍ତ୍ର ଟିମ ସଦଳବଳେ ଘଟଣାସ୍ଥଳକୁ ଯାଇ ନିରୀକ୍ଷଣ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାଟିତଳୁ ସିଲୁଙ୍କ ମୃତଦେହ ବାହାର କରାଯାଇ ପାରିନାହିଁ। ଘଟଣା ସମ୍ପର୍କରେ ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଏକ ବିବୃତିରେ ଦର୍ଶାଯାଇଛି ଯେ, ମୁଖ୍ୟ ଫାଟକରେ ସୁରକ୍ଷାକର୍ମୀ ସିଲୁଙ୍କ ପ୍ରବେଶ ରେକର୍ଡ କରିଥିଲେ। ତେବେ ଏହା ପରଠାରୁ ସେ ନିଖୋଜ ଥିବା ସୂଚନା ମିଳିଛି। ତାଙ୍କ କାମ ବ୍ୟାଚିଂ ପ୍ଲାଣ୍ଟରେ ଥିଲା। ସ୍ଥାନୀୟ ପୋଲିସର ତଦନ୍ତ ସମୟରେ ତାଙ୍କୁ ମାଟି ତଳେ ପୋତି ଦିଆଯାଇଥିବା ସୂଚନା ମିଳିଛି। ତେବେ ଏହା ଏକ ହତ୍ୟାକାଣ୍ଡ ନା ଦୁର୍ଘଟଣା ପୋଲିସର ତଦନ୍ତ ରିପୋର୍ଟ ପରେ ଜଣାପଡିବ। ଏନେଇ ତାଙ୍କ ପରିବାର ଲୋକଙ୍କୁ ମଧ ସୂଚନା ଦିଆଯାଇଛି। ଏହା ଏକ ସମ୍ବେଦନଶୀଳ ବିଷୟ ଏବଂ କାରଖାନା କର୍ତ୍ତୃପକ୍ଷ ଏନେଇ ତତ୍ପରତା ପ୍ରକାଶ କରିଛନ୍ତି। ଏକ ଦାୟିତ୍ୱବାନ କର୍ପୋରେଟ ଭାବରେ କର୍ମଚାରୀଙ୍କ ସୁରକ୍ଷା ଏବଂ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବିବୃତିରେ ଉଲ୍ଲେଖ ରହିଛି।

# କେନାଲ ମାଟି ଅତଡ଼ା ଧସି ଝିଅ ମୃତ, ବାପା ଗୁରୁତର



କଳିଙ୍ଗନଗର,୧।୧୧(ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ନଡ଼ିଆଭଙ୍ଗା ପଞ୍ଚାୟତରେ ରେଙ୍ଗାଲି କେନାଲ ମାଟି ଅତଡ଼ା ଧସି ଝିଅଙ୍କ ମୃତ୍ୟୁ ହୋଇଥିବାବେଳେ ବାପା ଗୁରୁତର ହୋଇଛନ୍ତି। ସେମାନେ ହେଲେ ନଡ଼ିଆ ଭଙ୍ଗା ପଞ୍ଚାୟତ ବାଉଁଶନଳୀ ଗ୍ରାମର ଈଶ୍ୱର ମୁଣ୍ଡା ଓ ତାଙ୍କ ଝିଅ ଗୀତା ମୁଣ୍ଡା(୮)। ଶୌଚ ହେବା ପାଇଁ ବାପାଝିଅ ଯାଉଥିବାବେଳେ ଏହି ଘଟଣା ଘଟିଛି। ଶୁକ୍ରବାର ଭୋର ୫ଟା୩୦ରେ ନଡ଼ିଆଭଙ୍ଗା ପଞ୍ଚାୟତର ବାମପାର୍ଶ୍ୱ ରେଙ୍ଗାଲି କେନାଲର କାର୍ଯ୍ୟ ଚାଲୁଥିବାବେଳେ ଅତର୍କିତ ଭାବେ ମାଟି ଅତଡ଼ା ଧସି ପଡ଼ିଥିଲା। ଫଳରେ ବାପା ଝିଅ ପୋତି ହୋଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଦମକଳ ବାହିନୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଈଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୀତାଙ୍କୁ ମାଟି ଅତଡ଼ା ଭିତରୁ ଉଦ୍ଧାର କରିବାବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୩ୟ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର ନୂତନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ପକ୍ଷରୁ ସାମ୍ବାଦିକ ଜୟକୃଷ୍ଣ ହୋତାଙ୍କ ସ୍ମୃତିସଭା, ସ୍ଥାନ: ଉତ୍କଳ କରାଟେ ସ୍କୁଲ ସଭାଗୃହ, ହାଉସିଂବୋର୍ଡ ଛକ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖା ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା।
- ଜିଗୀଷା ସାହିତ୍ୟ ସମ୍ମାନ ଏବଂ ପଦ୍ମନାଭ ଦାଶଙ୍କ 'ଲେଖୁ ଲେଖୁ ଲେଖିଥିଲି' ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ସାମାଜିକ ଅନୁଷ୍ଠାନ ୟୁଥ୍ ଏବଂ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବରିଷ୍ଠ ଗୀତିକାର ରଜନୀକାନ୍ତ ନାୟକଙ୍କୁ 'ଭିକାରୀ ବଳ ସମ୍ମାନ-୨୦୨୪' ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ: ସମୟ: ସନ୍ଧ୍ୟା ୬ଟା ୩୦।
- ସୁର ମନ୍ଦିର ପକ୍ଷରୁ ସଂରଚନା ଉତ୍ସବ-୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ 'କୃଷ୍ଣକଥା' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ
- ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ବେହେରାଙ୍କ ପୁସ୍ତକ 'ଚକା ଚକା ଭଉଁରୀ' ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଚହଟାସ୍ଥିତ ରାମ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ପୁରୀ
- ଓଡ଼ିଶା ଗୋସେବା ସମିତି ଏବଂ ଗୁରୁ ଗୋବିନ୍ଦ ଗୋସେବାଶ୍ରମ ପକ୍ଷରୁ ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ, ସ୍ଥାନ: ହରିହରାନନ୍ଦ ଗୁରୁକୁଳମ୍, ବାଲିଘାଇ, ପୁରୀ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ବିଦ୍ୟାଳୟସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଅବସରରେ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅର୍ଥନୀତି ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: ଚରମ୍ପା ସ୍କୁଲରୋଡ୍ ପୂଜା ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଦୁର୍ନୀତି ନିବାରଣ ସଚେତନତା ସାଧାରଣ ସଭା ଓ ପୁରସ୍କାର ବିତରଣ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ମହାସଂସ୍କୃତି ଜାଗରଣ ଯାତ୍ରାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଚରମ୍ପା ରେଲୱେ ପ୍ଲାଟ୍‌ଫର୍ମ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଭାଜପା ରାଜ୍ୟ ସଭାପତିଙ୍କ ବିଭିନ୍ନ କାଳୀପୂଜା ମଣ୍ଡପ ପରିଦର୍ଶନ, ସ୍ଥାନ: ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ଛେନାପଦୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ଗ୍ରହ ମନ୍ଦିରରେ ଶୁକ୍ର ଗ୍ରହଙ୍କ ଜୟନ୍ତୀ, ସ୍ଥାନ : ଶାଳନିଆଁ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ପରିପ୍ରେକ୍ଷୀରେ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।
- ରାସେଶ୍ୱରୀ ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧରଣୀଧର ନଗର ଭବନ, ଚମ୍ପୁଆ
- ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ପରିବେଷଣ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ହାଟ ପଡ଼ିଆ,ସମୟ: ରାତି ୧୦ଟା।

## ଗଞ୍ଜାମ
- ଗୋବର୍ଦ୍ଧନ ପୂଜା, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଭଞ୍ଜନଗର ହାର୍ଟ ନଗର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: କ. ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀସଭା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସିମନବାଡି ଶିବମନ୍ଦିର ସାହି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନ, ସ୍ଥାନ-ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ମଙ୍ଗଳପୁର, ସମୟ-ପୂର୍ବାହ୍ନ ୧୧ଟା।
- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲା ପ୍ରଶାସନ ସହିତ ବୈଠକ, ସ୍ଥାନ-ଜିଲା କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ-ଅପରାହ୍ନ ୩ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ- ସଦ୍‌ଭାବନା ଗୃହ, ଜିଲା କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ତପୋବନ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ – ସଦ୍‌ଭାବନା ଗୃହ, ଜିଲା କାର୍ଯ୍ୟାଳୟ, ସମୟ- ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ଉପଲକ୍ଷେ ନୃତ୍ୟ, ସଙ୍ଗୀତ, କ୍ରିକେଟ, ଭଲି, କବାଡ଼ି ପ୍ରତିଯୋଗିତା, ସ୍ଥାନ: ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ପାୟଲ ମ୍ୟୁଜିକ ଭଜନ ମଞ୍ଚ, ସ୍ଥାନ: ଧୂମାତ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ପ୍ରଭାକରପୁର ବଜାର କମିଟି ପକ୍ଷରୁ ମାଆ ଶ୍ୟାମାକାଳୀଙ୍କ ପୂଜା, ସ୍ଥାନ: ପ୍ରଭାକରପୁର, ବଉଳକଣୀ, ମହାକାଳପଡା, ସମୟ: ସନ୍ଧ୍ୟା ୮ଟା।
- ମା'ଶ୍ୟାମାକାଳୀଙ୍କ ପୂଜାସୋବ ଆରମ୍ଭ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୯ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାଣ୍ଡୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ପଞ୍ଚାୟତ ଭୋଗଡ଼ା ଗାଁ, ସମୟ: ସକାଳ ସାଢ଼େ ୭ଟା।
- ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ ବିଦ୍ୟାଳୟ ସ୍ତରୀୟ ଚେସ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୧୨ ତମ ଦିବସ ଅଶୋକା କିଙ୍ଗସ ବନାମ ଦିପୁ କିଙ୍ଗ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୧୨ତମ ଦିବସ ଅଣ୍ଡର ବାଲୁଙ୍କେଶ୍ୱର ବନାମ ରୟାଲ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- କାଳିପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିରାବଣ ବଧ, ସ୍ଥାନ:ନୟାଗଡ଼ ବ୍ଲକର ସଠିଆପଲ୍ଲୀ, ସମୟ: ଅପରାହ୍ନ ୪ଟା।
- କାଳିପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲବକୁଶ ଜନ୍ମ , ସ୍ଥାନ: ନୟାଗଡ଼ ବ୍ଲକର ସଠିଆପଲ୍ଲୀ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଯବାନଙ୍କୁ ଔଷଧୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ୪ର୍ଥ ବାଟା ଲିୟନ ସିଆରପିଏଫ୍ କ୍ୟାମ୍ପସ, ରାୟଗଡା, ସମୟ: ସକାଳ ୯ ଟା।

## କୋରାପୁଟ
- ଜିଲାସ୍ତରୀୟ ଭିଜିଲାନ୍ସ ସଚେତନତା ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ଦୁର୍ନୀତି ନିବାରଣ ସପ୍ତାହ ନେଇ ସଚେତନତା ସଭା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ: ସକାଳ ୮ଟା ୩୦।
- ଜିଲାଶିକ୍ଷା ବିଭାଗ ଆୟୋଜିତ ଆମ ସଂସ୍କୃତି ଆମ ପରିଚୟର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମୁଦିପଡା ଗୁରୁଦ୍ୱାରା ପ୍ରବନ୍ଧକ କମିଟି ପକ୍ଷରୁ କୀର୍ତ୍ତନ ସମାଗମ, ସ୍ଥାନ: ଗୁରୁନାନକ ପବ୍ଲିକ ସ୍କୁଲ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା ।
- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ: ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଉଡ଼ାଜାହାଜ ପଡିଆ ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ କରିବେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଟୁଷରା ଉଡ଼ାଜାହାଜ ପଡିଆ, ଟୁଷରା, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବେଲପଡା ବ୍ଲକ କ୍ରିକେଟ ପଡିଆ, ବେଲପଡା, ସମୟ: ୧୦ଟା ୪୦ ମିନିଟ ।
- ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ମୁଖ୍ୟମନ୍ତ୍ରୀ କରିବେ ଡାଇଲିସିସ୍ ୟୁନିଟ୍‌ର ଉଦ୍‌ଘାଟନ, ସ୍ଥାନ: ଉପଖଣ୍ଡ ଡାକ୍ତରଖାନା, ପାଟଣାଗଡ, ସମୟ: ଅପରାହ୍ନ ୧୨ଟା ୪୫ ମିନିଟ ।
- ପାଟଣାଗଡ ବାଇପାସ୍ ରାସ୍ତା ଏବଂ ଅନ୍ୟ ସ୍ୱାସ୍ଥ୍ୟ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ,ସ୍ଥାନ: ଉପଖଣ୍ଡ ଡାକ୍ତରଖାନା, ପାଟଣାଗଡ, ସମୟ: ଅପରାହ୍ନ ୧୨ଟା ୪୫ ମିନିଟ ।
- ନୂଆ ସର୍କିଟ ହାଉସର ଉଦ୍‌ଘାଟନ ଏବଂ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା, ସ୍ଥାନ: ବଲାଙ୍ଗୀର ସର୍କିଟ ହାଉସ ପରିସର, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା ୨୫ ମିନିଟ ।
- ବଲାଙ୍ଗୀର ଦିନ୍ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା ୩୦ ମିନିଟ ।
- ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ଦୀପାବଳି ବନ୍ଧୁମିଳନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ରେନ୍‌ବୋ ପେଲେସ୍, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା ୩୫ ମିନଟ ।

## ସୁବର୍ଣ୍ଣପୁର
- ସପ୍ତାହବ୍ୟାପି କଥାମୃତ, ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ: ବିନିକା ପାପକ୍ଷୟଘାଟ, ସମୟ: ସକାଳ ୭ଟା ୩୦ ।
- ଦୁର୍ନୀତି ନିବାରଣ ସଚେତନତା ରାଲି, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ସକାଳ ୮ଟା ୩୦ ।
- ତରଭାରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ତରଭା ବ୍ଲକ ପରିସର, ସମୟ: ସକାଳ ୯ଟା ।
- ମାସ ବ୍ୟାପି ଅଖଣ୍ଡ ନାମଯଜ୍ଞର ପଞ୍ଚଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ସପ୍ତାହ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ମୟୂରକଟା ମଠ, ସାହାଜଲଥା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- କାଳୀପୂଜା, ସ୍ଥାନ: ଉଫୁଲା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: ବଡଖମାର ମଠ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ।
- ବିନିକା କଂସାରୀପଡାରେ ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା ।
- ତ୍ରିପୁରାସୁର ରାଜର ତୃତୀୟ ସନ୍ଧ୍ୟା, ସ୍ଥାନ: ବଡ଼ଖମାର, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା
- ସଙ୍କୀର୍ତ୍ତନ ବୈଠକ, ସ୍ଥାନ: ଉଫୁଲା, ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା ।

## ବରଗଡ଼
- ଜିଲାସ୍ତରୀୟ ସ୍କୁଲ କ୍ରିକେଟ ଚାମ୍ପିୟନ, ସ୍ଥାନ: ଛିଣ୍ଡେଇକେଲା ହାଇସ୍କୁଲ, ପାଇକମାଳ,
- ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ମାଧବ ଆଶ୍ରମରେ ଶ୍ରୀମଦ୍ ଭାଗବତ ପାରାୟଣ, ସ୍ଥାନ: ଦୁର୍ଗାପୁର ବସ୍ତି, ବାସନ୍ତୀ କଲୋନୀ, ସମୟ: ସକାଳ ୬ଟା ୩୦ ।
- ଭାଷା ସାହିତ୍ୟରେ ବ୍ୟାକରଣ ବ୍ୟବହାର କର୍ମଶାଳା, ସ୍ଥାନ: ୟୁଥ୍ କ୍ଲବ, ଉଦିତ ନଗର, ସମୟ: ସନ୍ଧ୍ୟା ୭ଟା ୩୦ ।

## ଦେବଗଡ଼
- କାଳି ମା'ଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳି ପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା ।
- ତାଳବାହାଲି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତାଳ ବାହାଲି ଗ୍ରାମ, ସମୟ: ସକାଳ ୯ଟା ।
- ମହାଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: କାରଗିଲ୍ ଛକ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧
- ମହାଲକ୍ଷ୍ମୀ ପୂଜା ଅବସରରେ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: କାରଗିଲ୍ ଛକ, ଦେବଗଡ, ସମୟ: ଅପରାହ୍ନ ୧ଟା ।
- କାଳି ମା'ଙ୍କ ଦିବ୍ୟ ଆଳତି ଓ ହୋମଯଜ୍ଞ, ସ୍ଥାନ: ବାରକୋଟ କାଳି ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବଲପୁରୀ ଲୋକକଳା, ସମ୍ବଲପୁର, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ଚତୁର୍ଦ୍ଦଶ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ଅନ୍ନକୁଟ ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ସକାଳ ୮ଟା ୧୦ ।
- ଗିରି ଗୋବର୍ଦ୍ଧନ ପୂଜାରେ ଡଙ୍ଗର ଯାତ୍ରା ଓ ଗଉଡ ବାଡି ଖେଳ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଧୁମାଭଟା ଗାଁ, ସମୟ: ଅପରାହ୍ନ ୨ଟା ୩୦ ।
- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ସକାଳ ୮ଟା ।

## ବୌଦ୍ଧ
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସଚେତନତା ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ସକାଳୁ ନିଜ କାମରେ ଲାଗିଯିବେ ଏବଂ ଆଶାନୁଯାୟୀ ମଧ ଫଳ ପାଇପାରନ୍ତି । ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସହଯୋଗରୁ ସ୍ଥଗିତ କାମ ସମ୍ପନ୍ନ ହେବ । ଘରୋଇ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟରେ ଗତି କଲେ ମଧ କିଛି ଅସୁବିଧା ହେବନି । ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ନିଃସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଯାଇ ଆତ୍ମସନ୍ତୋଷ ଲାଭ କରିପାରନ୍ତି । ପରିବାରରେ ଅର୍ଥ କିମ୍ବା ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ ।

**ମିଥୁନ** ନୂତନ କର୍ମାରମ୍ଭରେ ଅର୍ଥ ସଂକଟ କାମକୁ ଅଟକାଇ ରଖିବାର ଆଶଙ୍କା ରହିଛି । ଲୁଚି ରହିଥିବା ମନର ଦୁଃଖକୁ ବନ୍ଧୁଙ୍କ ସମ୍ମୁଖରେ କହି ଆଶ୍ୱସ୍ତି ଲାଭ କରିବେ । କର୍ମସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ଦ୍ୱାରା ଦିଗ୍‌ଦର୍ଶନ ପାଇବେ । ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ ।

**କର୍କଟ** ଅଭାବ ଏବଂ ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ । ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଦିନରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ । ନିଜ ପରିସରର ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି ।

**ସିଂହ** ନିଜ ପରିସର ବ୍ୟକ୍ତିଙ୍କ ଦ୍ୱାରା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ । ବନ୍ଧୁଙ୍କ ସାହାଯ୍ୟରେ ଅର୍ଥସଂକଟ ଦୂରେଇଯିବ । ସନ୍ତାନଙ୍କ ସମସ୍ୟା ସହଜରେ ସମାଧାନ ହୋଇଯିବ । ଆନୁଷ୍ଠାନିକ, ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପମାନିତ ହେବାକୁ ପଡ଼ିବାର ଆଶଙ୍କା ରହିଛି ।

**କନ୍ୟା** ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହିବାରୁ ଆଶ୍ୱସ୍ତି ଲଭିବେ । ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ସହାନୁଭୂତି ସାମୟିକ ମନର ଦୁଃଖକୁ ଲାଘବ କରିପାରେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି । ଆପଣଙ୍କର କୃତିତ୍ୱର ଗୁଣଗାନ କରିବା ସହ କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ମନଗଢ଼ା କଥାକୁ ବିଶ୍ୱାସ କରି ଭାବପ୍ରବଣ ହୋଇପାରନ୍ତି । ପାରିବାରିକ ସମ୍ପର୍କ ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ ବନ୍ଧୁମିଳନ ପାଇଁ ଯୋଜନା କରିବେ । ଦରକାରୀ କାଗଜପତ୍ର କିମ୍ବା ଜିନିଷ ଆବଶ୍ୟକ ସମୟରେ ପାଇବେ ନାହିଁ । ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ ।

**ବିଛା** ପରିବାରର ବିଭିନ୍ନ ଜଞ୍ଜାଳରେ ବ୍ୟସ୍ତ ରହିବା ହେତୁ ମନ ଅସ୍ଥିର ରହିବ । ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କୁ ନିକଟରେ ପାଇ ଆତ୍ମହରା ହୋଇପାରନ୍ତି । ଆନୁଷ୍ଠାନିକ କାମ, ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ । ସାମାନ୍ୟ ପ୍ରତିବନ୍ଧକ କାରଣରୁ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ ।

**ଧନୁ** ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ଓ କାମରେ ପ୍ରତିବନ୍ଧକ ଦୁଶ୍ଚିନ୍ତାକୁ ବଢ଼ାଇଦେବ । ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ । ବାଣିଜ୍ୟ, ନୂତନ ବନ୍ଧୁସମ୍ପର୍କ ଏବଂ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ ।

**ମକର** କର୍ମକ୍ଷେତ୍ରରେ ଆଶାଜନକ ସଫଳତା ପାଇବା ଯୋଗୁ ମନ ଖୁସି ରହିବ । ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ । ଆତ୍ମୀୟସ୍ୱଜନଙ୍କ ପରଶ୍ରୀକାତରତାଜନିତ କଟୁ ମନ୍ତବ୍ୟ ହେତୁ ଅନ୍ୟମନସ୍କ ରହିପାରନ୍ତି । ଉଚ୍ଚଶିକ୍ଷା, ବିଦେଶ ଯାତ୍ରା, ଆମଦାନୀ କାରବାର ଓ ଶୁଭଖବରରୁ ଖୁସି ରହିବେ ।

**କୁମ୍ଭ** ସରକାରୀ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ଦୀର୍ଘଦିନରୁ ସ୍ଥଗିତ ରହିଥିବା କାମଟି ବନ୍ଧୁଙ୍କ ସାହାଯ୍ୟରେ ହଠାତ୍ ହୋଇଯିବ । ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ନ ହେଲେ ହଜିଯାଇପାରେ । ପୂର୍ବାଲୋଚନା କ୍ରମେ ପ୍ରିୟଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ ।

**ମୀନ** ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କର୍ମକ୍ଷେତ୍ରରେ ଅସାଧ ସାଧନ କରିପାରିବେ । ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ । ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ଉତ୍ତରଭାଦ୍ର ନକ୍ଷତ୍ରର ପାରିବାରିକ ସ୍ଥିତି ଭଲ ରହିବ । ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

ଆଜି ନଭେମ୍ବର ୨ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ଶନିବାର, ରାଶିନକ୍ଷତ୍ର-ବିଶାଖା/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୨୨ ଗତେ ଘ.୦୮।୪୧ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୮।୪୧ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ଆମ୍ବଟାକୁଆ ଖାଇ ...

ବ୍ରହ୍ମପୁରରେ ଚିକିତ୍ସାଧୀନ ଅଛନ୍ତି । ଜିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଗୁରୁତରମାନଙ୍କ ନିକଟରେ ଗଦାପୁର ସରପଞ୍ଚ କୁମାରୀ ମଲିକ ଅଛନ୍ତି । ମୃତକ ରୁନୁ ଜଣେ ଦିବ୍ୟାଙ୍ଗ ଯୁବତୀ ହୋଇଥିବା ବେଳେ ରମିତାଙ୍କ ୫ ମାସର ଶିଶୁକନ୍ୟା ଓ ୪ବର୍ଷର ପୁଅଟିଏ ଅଛି ।

ଏଭଳି ଅଘଟଣ ଖବର ପାଇ ଦାରିଙ୍ଗବାଡି ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଶରତ ଶବର ଓ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମାଣ୍ଡିପଙ୍କାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । କେଉଁ ପରିସ୍ଥିତିରେ ଏହି ମହିଳାମାନେ ଆମ୍ବଟାକୁଆ ଖାଇଲେ ସେ ନେଇ ତଦନ୍ତ କରାଯାଉଥିବା ବିଡିଓ କହିଛନ୍ତି । ଏନେଇ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସର ଚାଉଳ ବଣ୍ଟନ କାର୍ଯ୍ୟ ଚାଲିଛି । ତେବେ ଉକ୍ତ ଅଞ୍ଚଳରେ ଚାଉଳ ମିଳି ନ ଥିବା ବେହେରା କହିଥିବା ବେଳେ ବିଡିଓ ରଥ ସମସ୍ତଙ୍କୁ ଚାଉଳ ପ୍ରଦାନ କରାଯାଇଥିବା କହିଛନ୍ତି ।

ତେବେ କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ମୃତକ ଓ ଗୁରୁତରଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଟଙ୍କିକିଆ ଚାଉଳ ମିଳିନାହିଁ । ଖାଦ୍ୟ ଅଭାବ ଯୋଗୁ ଏହି ୬ ପରିବାରର ସଦସ୍ୟମାନେ ପୂର୍ବରୁ ଗୁଣ୍ଡ କରି ରଖିଥିବା ଆମ୍ବଟାକୁଆ ଜାଉକରି ଖାଇଛନ୍ତି । ଏହା ସେମାନଙ୍କୁ କ୍ଷତି ପହଞ୍ଚାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ, ବ୍ଲକ ଅଧ୍ୟକ୍ଷଙ୍କ ଅସନ୍ତୋଷ

ଦାରିଙ୍ଗବାଡି, ୧।୧୧ (ଅରୁଣ ସାହୁ )- କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣ ରୁନୁ ମାଝି ଏବଂ ରମିତା ପାଟମାଝିଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି । ରୁନୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ଫେରାଇ ଅଣାଯାଇଥିଲା । ଆମ୍ବଟାକୁଆ ଜାଉଖାଇ କିମ୍ବା ଅନ୍ୟ କେଉଁ କାରଣରୁ ରୁନୁଙ୍କ ମୃତ୍ୟୁ ଘଟିଛି ଜାଣିବା ଲାଗି ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ବହୁ ବିଳମ୍ବ ତଥା ଶୁକ୍ରବାର ଅପରାହ୍ନ ୫ଟାରେ ମୃତଦେହ ବ୍ୟବଚ୍ଛେଦ କରାଯିବାରୁ ବହୁ ସମୟ ଧରି ସେଠାରେ ମାଣ୍ଡିପଙ୍କା ଗ୍ରାମବାସୀ, ରୁନୁଙ୍କ ପରିବାର, ପ୍ରଶାସନ ଓ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଅପେକ୍ଷା କରି ରହିଥିଲେ । ଏଭଳି ଅବ୍ୟବସ୍ଥା ଓ ବିଳମ୍ବକୁ ନେଇ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଅସନ୍ତୋଷ ପ୍ରକାଶ କରି ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ଭଣ୍ଡାରରେ ....

ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍‌ଆଇ ପ୍ରସ୍ତୁତ ଅଛି । ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି କାମ କରିସାରିବା ପରେ ଗଣତି ମଣତି କରିବାକୁ ଯେତେଶୀଘ୍ର ଚେଷ୍ଟା କରାଯିବ । କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଛି । କାର୍ତ୍ତିକ ପୂର୍ଣ୍ଣମୀ ପରେ ମରାମତି କାମ ଆରମ୍ଭ କରାଯିବ । ରତ୍ନଭଣ୍ଡାର ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାରଗୁଡ଼ିକ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ । ତା'ପରେ ରତ୍ନଭଣ୍ଡାର ଭିତରେ ଗଣତିମଣତି କରାଯିବ । ୧୯୭୮ ମସିହାରେ ରତ୍ନଭଣ୍ଡାରରେ ଥିବା ରତ୍ନାଳଙ୍କାରର ଗଣତି ମଣତି ହୋଇଥିଲା । ସେହି ଡାଟାବେସ୍ ଅନୁଯାୟୀ ଅଳଙ୍କାରଗୁଡ଼ିକ ମେଳକ କରାଯିବ । ଯାହା ପୂର୍ବରୁ ଥିଲା ଏବେ ତାହା ଅଛି କି ନାହିଁ ମେଳ ହେବ । ପ୍ରାୟ ଗୋଟିଏ ସପ୍ତାହ ଭିତରେ ଗଣତି ମଣତି ପ୍ରକ୍ରିୟା ସରିଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ମାଟି ତଳେ କିମ୍ବା କାନ୍ଥ ଭିତରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ଥିବା ଚର୍ଚ୍ଚା ହେଉଥିଲା ।

## କେନ୍ଦୁଝର ଯିବ ...

ଇତିମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ୨୬୭୭.୮୦ ଏକର ଜଙ୍ଗଲ ଜମି ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଠାରୁ ଅନୁମତି ପାଇଛି । ତେବେ ନିର୍ବାଚନ ପରେ ଷ୍ଟିଲପ୍ଲାଣ୍ଟ ନିର୍ମାଣ ନେଇ ସେପରି କିଛି ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି ।

## ବିବେକ ଦେବରାୟଙ୍କ ...

ସ୍ମୃତିଚାରଣ କରିବା ସହ ଦେବରାୟ ସହିତ ତାଙ୍କର ଏକ ଫଟୋକୁ ଏକ୍ସ'ରେ ଶେୟାର କରିଛନ୍ତି ।

୧୯୫୫ ଜାନୁଆରୀ ୨୫ରେ ଶିଲଂ(ସେତେବେଳେ ଆସାମ ଅଧୀନ)ରେ ଏକ ବେଙ୍ଗଲୀ ପରିବାରରେ ବିବେକ ଜନ୍ମଗ୍ରହଣ କରିଥିଲେ । ନରେନ୍ଦ୍ରପୁରସ୍ଥିତ ରାମକୃଷ୍ଣ ମିଶନ ବିଦ୍ୟାଳୟରେ ପଢ଼ା ଶେଷ ପରେ ସେ କୋଲକାତା ପ୍ରେସିଡେନ୍ସି କଲେଜ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ପରେ ସେ କେମ୍ବ୍ରିଜ୍ ୟୁନିଭର୍ସିଟି ଅଧୀନ ଟ୍ରିନିଟି କଲେଜରେ ଅଧ୍ୟୟନ କରିଥିଲେ । ଦେବରାୟ ପରବର୍ତ୍ତୀ ସମୟରେ କୋଲକାତା ପ୍ରେସିଡେନ୍ସି କଲେଜ, ପୁଣେର ଗୋଖଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ, ଦିଲ୍ଲୀର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍ ଟ୍ରେଡ୍‌ରେ କାର୍ଯ୍ୟ କରିଥିଲେ । କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ/ଆଇନଗତ ସଂସ୍କାର ଉପରେ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ(ୟୁଏନ୍‌ଡିପି) ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ରହିଥିଲେ । ସେ ୨୦୧୯ ଜୁନ୍ ୫ ପର୍ଯ୍ୟନ୍ତ ନୀତି ଆୟୋଗ ସଦସ୍ୟ ରୂପେ ମଧ ଦାୟିତ୍ୱ ତୁଲାଇଥିଲେ । ଡ. ଦେବରାୟ ଅନେକ ପୁସ୍ତକର ରଚୟିତା ଓ ସମ୍ପାଦକ । ବହୁ ପତ୍ରପତ୍ରିକାର କନ୍‌ସଲ୍ଟିଂ ଏଡିଟର ଭାବେ କାର୍ଯ୍ୟକରି ସେ ସୁନାମ ଅର୍ଜନ କରିଥିଲେ । ଇଂଲିଶ ଖବରକାଗଜଗୁଡ଼ିକରେ ଦେବରାୟଙ୍କ ଅର୍ଥନୀତି ସମ୍ପର୍କିତ ସ୍ତମ୍ଭ ପାଠକୀୟ ଆଦୃତି ଲାଭ କରିଥିଲା । ଗତ ସେପ୍ଟେମ୍ବରରେ ସେ ଗୋଖଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ କୁଳାଧିପତି ପଦରୁ ଇସ୍ତଫା ଦେଇଥିଲେ । ଭାରତ ସରକାର ୨୦୧୫ରେ ଦେବରାୟଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ପୂର୍ବକ ପଦ୍ମଶ୍ରୀ ଉପାଧି ଦେଇଥିଲେ । ଶାସ୍ତ୍ରୀୟ ସଂସ୍କୃତ ସମେତ ଅନେକ ପ୍ରାଚୀନ ଲିପି ଉପରେ ଦେବରାୟଙ୍କ ଜ୍ଞାନ ରହିଥିଲା ।

## ଗୁଗଲ୍‌କୁ ୨୦ ଡେସିଲିୟନ୍ ...

ପ୍ରସାରଣ ନିୟମର ଉଲ୍ଲଂଘନ କରିଥିବା ଅଦାଲତୀ ରାୟରେ ଦର୍ଶାଯାଇଛି । ସାରା ବିଶ୍ୱର ମୋଟ ସମ୍ପତ୍ତିକୁ ଅନେକ ଥର ମିଶାଇଲେ ବି ଏତେ ପରିମାଣର ଅର୍ଥ ହେବ ନାହିଁ । ତେଣୁ ୟୁଟ୍ୟୁବ୍‌ର ମୂଳ କମ୍ପାନୀ ଗୁଗଲ୍ ଜରିମାନା ଅର୍ଥକୁ ନେଇ ଆଶ୍ଚର୍ଯ୍ୟଚକିତ ହୋଇଯାଇଛି ।

ରୁଷିଆ ସରକାରଙ୍କ ଲଗାତର ଚାପ ଯୋଗୁ ୨୦୨୦ ପରଠୁ ଗୁଗଲ୍-ମସ୍କୋ ବିବାଦ ଆରମ୍ଭ ହୋଇଥିଲା । ୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ସେବେଠୁ ଗୁଗଲ୍ ରୁଷୀୟ ଭୂଖଣ୍ଡରେ ନିଜ ବ୍ୟବସାୟିକ କାରବାରକୁ ସଙ୍କୁଚିତ କରିବାରେ ଲାଗିଥିଲା । କିନ୍ତୁ ଟେକ୍ନୋଲୋଜି ମାର୍କେଟକୁ ସମ୍ପୂର୍ଣ୍ଣ ବନ୍ଦ କରି ନ ଥିଲା । ସେହି ବର୍ଷ ମାର୍ଚ୍ଚରେ ୟୁଟ୍ୟୁବ୍ ରୁଷିଆ ସରକାର ନିୟନ୍ତ୍ରିତ ଆର୍‌ଟି ଏବଂ ସ୍ପୁଟ୍‌ନିକ ସମେତ ଅନେକ ଚ୍ୟାନେଲ ଉପରେ ବୈଶ୍ୱିକ ନିଷିଦ୍ଧାଦେଶ ଜାରି କରିଥିଲା । ସେବେଠୁ ରୁଷିଆ ଓ ୟୁଟ୍ୟୁବ୍ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ୟୁଟ୍ୟୁବ୍ ୟୁକ୍ରେନ୍ ସ୍ଥିତି ଉପରେ ରୁଷିଆର ହିଂସାତ୍ମକ କାର୍ଯ୍ୟକଳାପ ସମ୍ପର୍କିତ ବିଷୟବସ୍ତୁକୁ ହଟାଇବା ନେଇ ନିଜ ଆଭିମୁଖ୍ୟ ସପକ୍ଷରେ ମତ ଦେଇଥିଲା । ପ୍ରଥମେ ୟୁରୋପରେ ପ୍ରସାରିତ ରୁଷୀୟ ସରକାରୀ ମିଡିଆ ଆକାଉଣ୍ଟଗୁଡ଼ିକୁ ବ୍ୟାନ୍ କରାଯାଇଥିଲା ଓ ପରେ ବିଶ୍ୱବ୍ୟାପୀ କଟକଣା ଜାରି କରାଯାଇଥିଲା । କଣ୍ଟେଣ୍ଟ ପଲିସୀ ଅନୁସାରେ ୟୁଟ୍ୟୁବ୍ ନେଇଥିବା ଉକ୍ତ ନିଷ୍ପତ୍ତି ପରେ ୧,୦୦୦ରୁ ଊର୍ଦ୍ଧ୍ୱ ଚ୍ୟାନେଲ ଓ ୧୫,୦୦୦ ଭିଡିଓ ଉପରେ ସ୍ୱତଃ କଟକଣା ଲାଗିଥିଲା । ଏହାକୁ ନେଇ କ୍ଷୁବ୍ଧ ରୁଷିଆ ଆମେରିକୀୟ ଫାର୍ମଗୁଡ଼ିକୁ ଟାର୍ଗେଟ କରୁଥିବା ଅଭିଯୋଗ ହେଉଛି ।

ରିପୋର୍ଟ ଅନୁଯାୟୀ ଏହି ଆଇନଗତ ଲଢ଼େଇରେ ୧୭ ରୁଷୀୟ ବ୍ରଡ୍‌କାଷ୍ଟର ସାମିଲ ହୋଇଛନ୍ତି । ସେମାନେ ନିଜ ଚ୍ୟାନେଲଗୁଡ଼ିକର ପୁନଃ ପ୍ରସାରଣ ଦାବିରେ ଗୁଗଲ୍ ବିରୋଧରେ କୋର୍ଟଗୁଡ଼ିକରେ ପିଟିଶନ୍ ଦାଖଲ କରିଛନ୍ତି । ରୁଷୀୟ ଚ୍ୟାନେଲଗୁଡ଼ିକୁ ପୁନଃ ପ୍ରସାରଣ ଅନୁମତି ପ୍ରଦାନ ସକାଶେ ପୁନର୍ବିଚାର କରିବା ପାଇଁ ଗୁଗଲ୍‌କୁ ବାଧ୍ୟ କରିବା ଲାଗି ଏହି ଜରିମାନା ଏକ ବୃହତ୍ ପ୍ରତୀକାତ୍ମକ ଚାପ ବୋଲି କ୍ରେମ୍‌ଲିନ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ପ୍ରକାଶ କରିଛନ୍ତି । ଏତେ ବଡ଼ ପରିମାଣର ଜରିମାନା ରାଶି ତାଙ୍କ ପକ୍ଷେ ଉଚ୍ଚାରଣ କରିବା ସମ୍ଭବ ନୁହେଁ ବୋଲି ପେସ୍କୋଭ୍ କହିଛନ୍ତି ।

# ଓଡ଼ିଶାର ସବୁଜ ସ୍ୱର



ହରିହର ମହାପାତ୍ର, ଅଭିନେତା



କୁକିଜ୍ ସ୍ୱାଇଁ, ଅଭିନେତ୍ରୀ



ମନସ୍ୱିନୀ ପତି, ଅଭିନେତ୍ରୀ



ଅମର ମହାପାତ୍ର, ଅଭିନେତା

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ବିଜେବି କଲେଜ, ଭୁବନେଶ୍ୱର



ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା



ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ଯାଜପୁର ରୋଡ୍



ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



**ଜନ୍ମମାଟିରେ ଦୀପାବଳି ପାଳିଲେ**

# ମାଦଳ ବଜାଇଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

କେନ୍ଦୁଝରକୁ ୨ ଦିନିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମମାଟିରେ ଦୀପାବଳି ପାଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ୪ର୍ଥ କେନ୍ଦୁଝର ଗସ୍ତ ଏବଂ ପ୍ରଥମ କାଳୀପୂଜା ଓ ଦୀପାବଳି ଉତ୍ସବ। ତେଣୁ ଗୁରୁବାର ନିଜ ଗାଁରେ ସାନ୍ତାଳୀ ପରମ୍ପରା ଅନୁଯାୟୀ ଦୀପାବଳି ପାଳନ କରିଥିଲେ। ମାଦଳ ବଜାଇ ନିଜ ଲୋକଙ୍କ ସହ ନାଚିଥିଲେ। ବିଭିନ୍ନ ପୂଜା ମଣ୍ଡପ ବୁଲି ପୂଜାର୍ଚ୍ଚନା କରିଥିଲେ।

ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ଗୁରୁବାର ଅପରାହ୍ନରେ ସ୍ଥାନୀୟ ରାଇସୁଆଁ ଏୟାରଫିଲ୍ଡରେ ପହଞ୍ଚିଥିଲେ। ସେଠାରେ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟ ଦଳୀୟ ନେତା ସ୍ୱାଗତ ଜଣାଇଥିଲେ। ସଡ଼କ ପଥରେ ନିଜ ଜନ୍ମମାଟି ସଦର ବ୍ଲକ୍ ରାଇକଳା ଗ୍ରାମକୁ ଯାଇ କାଳୀପୂଜା ଓ ଦୀପାବଳି ଉତ୍ସବରେ ଯୋଗଦେଇଥିଲେ। ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ପାଦ ବନ୍ଦାପନା କରି ଘରକୁ ପାଛୋଟି ନେଇଥିଲେ। ସେ ନିଜ ଗାଁ ମୁଣ୍ଡ ପଡ଼ିଆରେ ଗୋଠାଣି ପୂଜାରେ ଯୋଗଦେବା ପରେ ନିଜ ପରିବାର ଓ ଆତ୍ମୀୟସ୍ୱଜନଙ୍କ ସହିତ ଦୀପାବଳି ପାଳନ କରିଥିଲେ। ଘରେ କାଳୀପୂଜା କରିବା ସହ ଗାଁରେ ଲୋକଙ୍କ ସହିତ ନିଜକୁ ସାମିଲ କରି ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମାଦଳ ବଜାଇ ଗ୍ରାମବାସୀଙ୍କ ସହ ସହରାଇ ପୂଜାରେ ସାମିଲ ହୋଇଥିଲେ। ଗ୍ରାମବାସୀ ସହ ମିଶି ବାଜା ବଜାଇ ନାଚିଥିଲେ। ବାଣ ଫୁଟାଇ ଦୀପାବଳି ପାଳନ କରିବା ସହ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗାଁ ଦାଣ୍ଡରେ ମୁରୁଜ ପକାଯାଇଥିଲା। ଆଲୋକମାଳାରେ ଗାଁ ସଜାଯିବା ସହ କଳସ ବସାଯାଇଥିଲା। ସର୍କିଟ ହାଉସ୍‌ରେ ରାତ୍ରଯାପନ କରି ଶୁକ୍ରବାର ପୁଣି ଗ୍ରାମକୁ ଯାଇ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଘରୋଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମଧ୍ୟାହ୍ନ ଭୋଜନ ସାରି କେନ୍ଦୁଝର ଫେରିଥିଲେ। କେନ୍ଦୁଝରର ସର୍ବ ପୁରାତନ କାଳି ପଡ଼ିଆରେ ଅନୁଷ୍ଠିତ ପୂଜା ତଥା କାଳୀ ତୀର୍ଥରେ ମା'ଙ୍କ ଦର୍ଶନ କରିଥିଲେ। ପରେ ଅନ୍ୟାନ୍ୟ କାଳୀମଣ୍ଡପକୁ ଯାଇ ପୂଜାର୍ଚ୍ଚନା କରିବା ସହ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ରାଇସୁଆଁ ଏୟାରଷ୍ଟ୍ରିପକୁ ଯାଇ ଭୁବନେଶ୍ୱର ଫେରିଥିଲେ।

ସୂଚନାଯୋଗ୍ୟ, କାଳୀପୂଜାକୁ ସାନ୍ତାଳୀ ଭାଷାରେ 'ସହରାଇ' (ପେ ମାହାଁଅ) ବୋଲି କୁହାଯାଏ। ସହରାଇ ୩ ଦିନ ପାଳନ କରାଯାଏ। ଏହି ଅବସରରେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଗୁହାଳକୁ ଲିପାପୋଛା କରି ସଜାଇଥାନ୍ତି। ପ୍ରଥମ 'ଗୋଟବଙ୍ଗା' ପାଳନ କରାଯାଇ ଅଣ୍ଡା ପୂଜା କରାଯାଏ। ସାହିର ସବୁ ବଳଦ, ଗାଈଙ୍କୁ ନେଇ ସେହି ଅଣ୍ଡା ମଡାଯାଏ। ଦ୍ୱିତୀୟ ଦିନ ଗୋବର୍ଦ୍ଧନ 'ଖଲାବଙ୍ଗା' ତଥା କୁକୁଡ଼ା ପୂଜା କରାଯାଏ। ତୃତୀୟ ଦିନ 'ବୁଢୀ ବନ୍ଦନା'ରେ ବଳଦ, ଗାଈଙ୍କୁ ଘାସ ଖୁଆଇ ବନ୍ଦାପନା କରାଯାଇଥାଏ। ଏହି ପୂଜା କଲେ ଚାଷ ଭଲ ହୁଏ ବୋଲି ବିଶ୍ୱାସ ରହିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଦଳ ବଜାଉଛନ୍ତି।

# ରଣ ଭାର ସହି ନ ପାରି ରିକ୍ସା ଚାଳକଙ୍କ ଆତ୍ମହତ୍ୟା

**ଭୋଗରାଇ,୧।୧୧ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବଡ ଆଉସା ଗ୍ରାମର ଧରଣୀଧର ପାତ୍ର (୫୦) ନାମକ ରିକ୍ସା ଚାଳକ ରଣ ଭାର ସହି ନ ପାରି ଆତ୍ମହତ୍ୟା ଭଳି ଚରମ ପନ୍ଥା ଅବଲମ୍ବନ କରିଛନ୍ତି। ସେ ରିକ୍ସା ଚଳାଇ ଯେତିକି ରୋଜଗାର କରୁଥିଲେ ସେଥିରେ ସ୍ତ୍ରୀ ଓ ୨ ଝିଅର ଭରଣପୋଷଣ କରୁଥିଲେ। ପରେ ସେ ସମବାୟ ସମିତି ଓ ବିଭିନ୍ନ ଲୋକଙ୍କଠାରୁ ରଣ ନେଇ ବଡ ଝିଅକୁ ବିବାହ ଦେଇଥିଲେ। ତେବେ କରଜ ଶୁଝି ନ ପାରି ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ଗ୍ରାମବାସୀ କହିଛନ୍ତି। ସାନଝିଅ, ସ୍ତ୍ରୀ ଏବଂ ସେ ନିଜେ ୩ ଓଳି ପେଟପୁରା ଖାଇବା ଓ ପିନ୍ଧିବା ନିମନ୍ତେ ଖଣ୍ଡେ ଭଲ ବସ୍ତ୍ର ଅର୍ଥ ଯୋଗାଡ଼ କରି ପାରୁ ନ ଥିବାରୁ ଧରଣୀଧର ସବୁବେଳେ ଚିନ୍ତାରେ ରହୁଥିଲେ। ପରିବାର ଅଭାବ ଯୋଗୁ ପେଟ ପୋଷିବା ନିମନ୍ତେ ସ୍ତ୍ରୀ ୪ ମାସ ହେଲା ହାଇଦ୍ରାବାଦକୁ ଚାଲିଯିବା ପରେ ଧରଣୀଧର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଗୁରୁବାର ସକାଳେ ସାନଝିଅ ବାପାଙ୍କୁ ଝୁଲନ୍ତା ଅବସ୍ଥାରେ ଘରେ ଦେଖି ପଡୋଶୀଙ୍କୁ ଡାକିବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ସ୍ତ୍ରୀ ଚାଲିଯିବା ପରଠୁ ମାନସିକ ଭାରସାମ୍ୟ ହରାଇ ଏଭଳି ପନ୍ଥା ଆପଣାଇ ନେଲେ ବୋଲି ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା କହିଛନ୍ତି। ଭୋଗରାଇ ଥାନା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୪) ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଜଳେଶ୍ୱରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ରିକ୍ସା ଚାଳକଙ୍କ ସ୍ତ୍ରୀ ଘରେ ପହଞ୍ଚିଥିବା ବେଳେ ଶୁଦ୍ଧିକ୍ରିୟା ନିମନ୍ତେ ଅର୍ଥ ଅଭାବ ଯୋଗୁ ସେ ସାଧାରଣ ଲୋକଙ୍କୁ ନିବେଦନ କରିଛନ୍ତି।

# ପୂର୍ବତନ ମନ୍ତ୍ରୀ ସମୀର ଦେ ଅସୁସ୍ଥ

**କଟକ,୧।୧୧ (କାର୍ତ୍ତିକ ସାହୁ)**



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସମୀର ଦେ ଅସୁସ୍ଥ ହୋଇ ଶୁକ୍ରବାର କଟକ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆଇସିୟୁରେ ରଖି ତାଙ୍କର ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଥଣ୍ଡା ଓ ସଂକ୍ରମଣ ହେତୁ ସେ ଅସୁସ୍ଥ ଥିବା ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବାର୍‌ହା ଶିକାରକଲା 'ଯମୁନା'

**ବାରିପଦା,୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଏନ୍‌କ୍ଲୋଜର ମଧ୍ୟରେ ବୁଲୁଥିବା ବାଘୁଣୀ 'ଯମୁନା'।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜରରେ ବୁଲୁଥିବା ମହାବଳ ବାଘୁଣୀ 'ଯମୁନା' ଶିକାର କରିବା ଆରମ୍ଭ କରିଛି। ଏକ ବାର୍‌ହାକୁ ଶିକାର କରିବା ପରେ ଖାଇବା ଦେଖି ବନ ବିଭାଗର କର୍ମଚାରୀମାନେ ଖୁସି ପ୍ରକଟ କରିଛନ୍ତି। ଯମୁନା ଏବେ ସମ୍ପୂର୍ଣ୍ଣ ସୁସ୍ଥ ଓ ଚଳଚଞ୍ଚଳ ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି। ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏକ ମହାବଳ ବାଘୁଣୀ ଯମୁନାକୁ ଗତ୨୭ ତାରିଖରେ ଅଣାଯାଇଥିଲା। ବନ ବିଭାଗର ତାଲିମପ୍ରାପ୍ତ ଏକ ଟିମ୍ ମହାରାଷ୍ଟ୍ର ଗସ୍ତକରି ୨ବର୍ଷ ୭ମାସର ଏହି ବାଘୁଣୀକୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଦୀର୍ଘ ୯୦୦ କି.ମି. ପଥ ଅତିକ୍ରମକରି ଆଣିଥିଲେ। ପରେ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କବାଟଘାଇ ରେଞ୍ଜ ଅଞ୍ଚଳର ଏକ ଅସ୍ଥାୟୀ ଏନ୍‌କ୍ଲୋଜରରେ ରଖାଯାଇ ତା'ର ଗତିବିଧି ନିରୀକ୍ଷଣ କରାଯାଉଛି। 'ଯମୁନା' ଦେହରେ ଲାଗିଥିବା ରେଡିଓ କଲାର ମାଧ୍ୟମରେ ତା'ର ଗତିବିଧି ଉପରେ ନଜର ରଖାଯାଇଛି। ଯମୁନା ଖାଦ୍ୟ ଗ୍ରହଣ ସହିତ ପାଣି ପିଇବା ପରେ ବନ ବିଭାଗ ଆଶ୍ୱସ୍ତି ଲାଭ କରିଛି। ଶିକାର କରିବା ପାଇଁ ସେ ରହୁଥିବା ଏନ୍‌କ୍ଲୋଜର ମଧ୍ୟରେ ବୁଧବାର ଏକ ବାର୍‌ହାକୁ ଛଡ଼ାଯାଇଥିଲା। ଉକ୍ତ ବାର୍‌ହାକୁ ଯମୁନା ଶିକାରକରି ଖାଇଥିଲା। ବନ ବିଭାଗର ଏହି ମିଶନ ସଫଳ ହୋଇଥିବା ବେଳେ ଅନ୍ୟ ଏକ ବାଘୁଣୀକୁ ଅଣାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

ଉଲ୍ଲେଖଯୋଗ୍ୟ, ବାଘୁଣୀ ଯମୁନାକୁ ଟ୍ରାଙ୍କୁଲାଇଜକରି ଏକ ଯନ୍ତାରେ ଆଣିବା ପରେ କର୍ମଚାରୀଙ୍କୁ ଦେଖି ସେ ଭୟଭୀତ ହୋଇପଡ଼ିଥିଲା। ତେବେ ବାର୍‌ହା ଶିକାର ପରେ ତା'ର ହିଂସ୍ର ପ୍ରକୃତି ଫେରିଥିବାରୁ ତାକୁ ଖୁବ୍ ଶୀଘ୍ର ଗୁଡୁଗୁଡ଼ିଆ ରେଞ୍ଜର କୋର ଅଞ୍ଚଳରେ ଛଡ଼ାଯିବ ବୋଲି ଡା.ଗୋଗିନେନୀ କହିଛନ୍ତି। କୋର୍ ଅଞ୍ଚଳରେ ଛଡ଼ାଯିବା ପରେ ଏକ୍ସପର୍ଟମାନେ ତା'ର ଗତିବିଧି ଉପରେ ନଜର ରଖିବେ। ଏଥିପାଇଁ ୨ଜଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଆର୍‌ସିସିଏଫ୍ ଡ. ଗୋଗିନେନୀ ଓ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରଙ୍କ ତଦାରଖରେ ତିନୋଟି ଟିମ୍ ପ୍ରସ୍ତୁତ କରାଯାଇଛି। ପାହାଡ଼ିଆ ଦୁର୍ଗମ ଅଞ୍ଚଳ ପାଇଁ ହାତୀର ସାହାଯ୍ୟ ନିଆଯାଇପାରେ ବୋଲି ଡ.ଗୋଗିନେନୀ କହିଛନ୍ତି। ଗୋଟିଏ ଟିମ୍ ୨୪ ଘଣ୍ଟା ଦାୟିତ୍ୱରେ ରହିବା ପରେ ଅନ୍ୟ ଏକ ଟିମ୍ ଦାୟିତ୍ୱ ଗ୍ରହଣ କରିବେ। ୧୨୦୦ ବର୍ଗ କି.ମି. ପରିସରରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ନୂତନ ଅତିଥି 'ଯମୁନା' ବଂଶବୃଦ୍ଧି କରିବାରେ ସହାୟକ ହେବା ନେଇ ବନ ବିଭାଗ ଆଶା ପ୍ରକଟ କରିଛି।

# ୭ ଦିନିଆ ଲଣ୍ଡନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ନିମାପଡ଼ା,୧।୧୧ (ରଞ୍ଜନ ପଟ୍ଟନାୟକ)**

ଶନିବାର ଠାରୁ ୭ ଦିନିଆ ଲଣ୍ଡନ ଗସ୍ତ କରିବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ ଲଣ୍ଡନରେ 'ଟ୍ୟୁରିଜିମ୍ ଓଡ଼ିଶୀ: ଷ୍ଟ୍ରେନ୍ଥନିଙ୍ଗ ଟାଇସ୍ ଉଇଥ୍ ଡାଇସ୍ପର ଆଣ୍ଡ ଇଣ୍ଡଷ୍ଟ୍ରି ଲିଡର୍ସ' କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଲୋକ ସମ୍ପର୍କ ଅଧିକାରୀ ତନୁଜା ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶ ମାଟିରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଓଡ଼ିଶା ପର୍ଯ୍ୟଟନ ବିକାଶର ଅପାର ସମ୍ଭାବନା ଉପରେ ଆଲୋକପାତ କରିବେ। ଏହି ଗସ୍ତ ଓଡ଼ିଶାର ପର୍ଯ୍ୟଟନ ପ୍ରତି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟ ପର୍ଯ୍ୟଟନ ଶିଳ୍ପରେ ଅଧିକ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବ ବୋଲି ଦୃଢ଼ ଆଶା କରାଯାଉଛି।

**NTPC Limited**
(A Govt. of India Enterprise)
ଦର୍ଲିପାଲି, ସା/ପୋ-ଦର୍ଲିପାଲି, ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶା-୭୭୦୦୨୫
**ଆବାସିକ ବାସଗୃହ ପାଇଁ ଇଚ୍ଛା ପ୍ରକାଶନ(ଇଓଆଇ)**
ଇଓଆଇ ନଂ-୦୧/୨୦୨୪ ତାରିଖ : ୦୨.୧୧.୨୦୨୪
ଏନଟିପିସି ଲିମିଟେଡ ଦର୍ଲିପାଲି ଠାରେ ନିଯୁକ୍ତ ସିଆଇଏସଏଫ କର୍ମଚାରୀଙ୍କ ଲାଗି ଆବାସିକ ବ୍ୟବସ୍ଥା ଆବଶ୍ୟକ କରୁଛି। ଏହି ବାସଗୃହ ପାଇଁ ନିମ୍ନଲିଖିତ ବ୍ୟବସ୍ଥା ରହିଥିବା ଉଚିତ:
୧. ଏନଟିପିସି ଦର୍ଲିପାଲି ମୁଖ୍ୟତଃ ୨୦ଟି ସିଙ୍ଗଲ ରୁମ ୟୁନିଟ (ପ୍ରତ୍ୟେକ ୩୫୦-୪୫୦ବର୍ଗଫୁଟ) ଓ ୨୦ଟି ଡବଲ ରୁମ ୟୁନିଟ (ପ୍ରତ୍ୟେକ ୫୦୦-୬୫୦ବର୍ଗଫୁଟ) ର ଆବାସ ଗୃହ ଆବଶ୍ୟକ କରୁଛି, ଏହି ୟୁନିଟ ଗୁଡ଼ିକ ୧-୩ ଟି ସ୍ଥାନରୁ ଅଧିକ ହୋଇନଥିବା ଉଚିତ।
୨. ଏହି ଆବାସିକ ବ୍ୟବସ୍ଥା ଟି ପାୱାର ଷ୍ଟେସନର ୭-୧୦ କିମି ବ୍ୟାସାର୍ଦ୍ଧ ପରିସର ମଧ୍ୟରେ ଥିବା ଉଚିତ।
୩. ପ୍ରତ୍ୟେକ ୟୁନିଟ ପାଇଁ ଗୋଟିଏ ଶୌଚାଳୟ ବ୍ୟବସ୍ଥା ରହିଥିବ।
୪. ଏହି ୟୁନିଟ ଗୁଡ଼ିକ ଲାଗି ବିଦ୍ୟୁତ ଆଲୋକ, ଫ୍ୟାନ ଏବଂ ଆବଶ୍ୟକୀୟ ବୈଦ୍ୟୁତିକ ବ୍ୟବସ୍ଥା ରହିଥିବ।
୫. ଅତିକମରେ ୨-୩ଟି ଜିପ ରହିପାରୁଥିବା ପାର୍କିଂ ସୁବିଧା ଥିବା ଉଚିତ।
୬. ଗୃହଗୁଡ଼ିକୁ ଉତ୍ତମ ଭାବରେ ରଙ୍ଗ ଦିଆଯାଇଥିବା ଆବଶ୍ୟକ।
ଆଗ୍ରହୀ ପକ୍ଷମାନେ ସିନିୟର ମ୍ୟାନେଜର (ସି ଆଣ୍ଡ ଏମ),ଏନଟିପିସି ଲିଃ, ଦର୍ଲିପାଲିଙ୍କୁ ମୁଦ ଲଫାପା ରେ ଗୋଟିକରେ ସୁବିଧା ସୁଯୋଗ ଓ ସମ୍ପତି ର ଅବସ୍ଥିତି ର ବିବରଣୀ ଏବଂ ଦ୍ୱିତୀୟ ଲଫାପାରେ ମୂଲ୍ୟ ଅଫର ବିବରଣୀ ଦର୍ଶାଇ ସଂପର୍କ କରିପାରିବେ। ଦୟାକରି ଧ୍ୟାନ ଦେବା ଉଚିତ ଯେ ପ୍ରକାଶିତ ଇଓଆଇ ଅନୁସାରେ ଯଦି ସମ୍ପତି ଟି ଉପଯୁକ୍ତ ମନେ କରାଯାଏ ତେବେ ମୂଲ୍ୟ ନିଲାମକୁ କେବଳ ଖୋଲାଯିବ।
**ଇଓଆଇ ଦାଖଲ କରିବା ଶେଷ ତାରିଖ : ୧୬.୧୧.୨୦୨୪ (ଘ.୨୩:୫୯).**
ଶକ୍ତି କ୍ଷେତ୍ରରେ ଅଗ୍ରଣୀ

> ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା



# ତଦନ୍ତ ନା ପ୍ରତିଶୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଏହି ସମୟରେ କ୍ୟାବିନେଟ୍ ମନ୍ତ୍ରୀ ତଥା ଭାଜପା ନେତା ଗିରୀଶ ମହାଜନଙ୍କ ବିରୋଧରେ ଆଇପିଏସ୍ ଅଧିକାରୀ ଭାଗ୍ୟଶ୍ରୀ ନାଭାଟେକ କରିଥିବା ଅଭିଯୋଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ମହାଜନ ୧,୨୦୦ କୋଟି ଟଙ୍କା ଦୁର୍ନୀତିର ତଦନ୍ତ ବନ୍ଦ କରିବାକୁ ତାଙ୍କୁ ଧମକ ଦେଇଥିବା ଭାଗ୍ୟଶ୍ରୀ କହିଛନ୍ତି। ଜାଲଗାଁଓରେ ଥିବା ଭାଇଚାନ୍ଦ ହୀରାଚାନ୍ଦ ରାଇସୋନି କ୍ରେଡିଟ ସୋସାଇଟିର ଏକ ଯୋଜନା ଉପରେ ୨୦୨୦ରୁ ୨୦୨୨ ମଧ୍ୟରେ ଯାଞ୍ଚକରି ସେ ରହସ୍ୟ ଉନ୍ମୋଚନ କରିଥିଲେ। ସେ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବାବେଳେ ବର୍ତ୍ତମାନର ଅଭିଯୋଗ ଯୋଗୁ ଆକ୍ରୋଶର ଶିକାର ହୋଇଛନ୍ତି। ଏହି ମାମଲାରେ ଜାଲିଆତି ଏବଂ ଷଡ଼ଯନ୍ତ୍ରକୁ ନେଇ ତାଙ୍କ ସମ୍ପୃକ୍ତି ଉପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବେ ଯାଞ୍ଚ କରୁଛି। ଅଭିଯୋଗ କରିବା ଆଶ୍ଚର୍ଯ୍ୟର ବିଷୟ ନୁହେଁ, କିନ୍ତୁ ଏହା ଯୋଗୁ ସ୍ଥିତି କିଭଳି ପରିବର୍ତ୍ତନ ହୋଇ ନାଭାଟେକଙ୍କ ପାଇଁ ବିପରୀତ ହେଲା ତାହା ଦେଖିବା କଥା। ପୁଣେ ଡିସିପି (ଇକୋନୋମିକ ଅଫେନ୍ସ ୱିଙ୍ଗ୍) ଭାବରେ ଦାୟିତ୍ୱରେ ଥିବାବେଳେ ସେ ଜମାକାରୀଙ୍କ ପ୍ରାୟ ୧୦୦ କୋଟି ଟଙ୍କା ପାଣ୍ଠିକୁ ଫେରାଇବାରେ ସଫଳ ହୋଇଥିବା ଜଣାପଡ଼ିଛି। ସୋସାଇଟିକୁ ବନ୍ଦକରି ଉଭୟ ମହାଜନ ଏବଂ ଜଣେ ବ୍ୟବସାୟୀ ଠକେଇରୁ ଲାଭ ଉଠାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଆବେଦନରେ ନାଭାଟେକ ଦାବି କରିଛନ୍ତି ଯେ ସତ୍ୟକୁ ପ୍ରକାଶ କରିବାକୁ ଚେଷ୍ଟା କରିବା ଯୋଗୁ ତାଙ୍କୁ ଟାର୍ଗେଟ କରାଯାଇଛି ଏବଂ ତାଙ୍କ ଉପରେ ଦୋଷ ଲଦି ଦିଆଯାଇଛି। ତାଙ୍କ ବିରୋଧରେ ଅଭିଯୋଗ ଦାଖଲ କରିବାରେ ସିବିଆଇର ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଏହା ଏକ ଆଇନଗତ ଅନୁସନ୍ଧାନ ନା ଏକ ପ୍ରତିଶୋଧ ?

### ଅଧିକ ଆନୁଗତ୍ୟ

ନିକଟରେ ଟିନା ଡାବି ନାମ୍ନୀ ଜଣେ ଅଧିକାରୀ ଭାଜପା ନେତା ସତୀଶ ପୁନିଆଙ୍କ ପାଖରେ ବାରମ୍ବାର ନତମସ୍ତକ ହେବା ବା ଆନୁଗତ୍ୟ ପ୍ରକାଶ କରିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ପୂର୍ବତନ ୟୁପିଏସ୍‌ସି ଟପ୍ପର ତଥା ବର୍ତ୍ତମାନ ରାଜସ୍ଥାନର ବାରମର ଜିଲାପାଳ ଡାବିଙ୍କ ଏଭଳି ସ୍ୱଭାବ ଭାରତର ଅମଲାତନ୍ତ୍ରର ସମ୍ମାନ ଏବଂ ସ୍ୱାଧୀନତାର ସମନ୍ୱୟ ଉପରେ ପ୍ରଶ୍ନ ଉଠାଇଛି। ସିଭିଲ ସର୍ଭାଣ୍ଟମାନେ ନିରପେକ୍ଷ ନ ରହି ବହୁ ସମୟରେ ରାଜନୈତିକ ନେତାଙ୍କୁ ସହଯୋଗ କରିବା ପାଇଁ ଚାହାନ୍ତି। ସେମାନେ ସିଭିଲ ସର୍ଭାଣ୍ଟଙ୍କ କ୍ୟାରିୟରକୁ ଅଧିକ ପ୍ରଭାବିତ କରିଥାନ୍ତି। ଅମଲାତନ୍ତ୍ରର ବଦଳି, ପଦୋନ୍ନତି ଏବଂ ସାମଗ୍ରିକ ପ୍ରଗତିକୁ କିଭଳି ରାଜନୀତି ପ୍ରଭାବିତକରେ ଏବଂ କାର୍ଯ୍ୟକୁ ଅଧିକ ଜଟିଳ କରିଦିଏ, ତାହା ୨୦୨୨ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି । କେତେଜଣଙ୍କ ମତରେ ଡାବିଙ୍କ ଆନୁଗତ୍ୟ ରାଜନୈତିକ ସମ୍ବେଦନଶୀଳ ସ୍ଥିତିରେ ବଞ୍ଚିବାର ଏକ ସଙ୍କେତ ତଥା ଉପାୟ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏକ ନିରପେକ୍ଷ, ସ୍ୱାଧୀନ ସେବା ଭାବରେ ପରିକଳ୍ପନା କରାଯାଇଥିଲେ ମଧ୍ୟ ଅନେକ ସମୟରେ ଉଚ୍ଚ ପଦସ୍ଥ ଅଧିକାରୀମାନେ ଚାପର ସମ୍ମୁଖୀନ ହୋଇ ବିଶ୍ୱସ୍ତତା ପ୍ରଦର୍ଶନ କରିବା ପାଇଁ ବାଧ୍ୟ ହୁଅନ୍ତି। ଦେଖିବାକୁ ଗଲେ ଡାବି ପ୍ରକାଶ କରିଥିବା ଆନୁଗତ୍ୟ ରାଜନୈତିକ ଅହଂକାରକୁ ସଫଳତାର ସହ ପରିଚାଳନା କରିବାର ଏକ ସଙ୍କେତ। ସୋସିଆଲ ମିଡିଆରେ ଡାବିଙ୍କ ଏଭଳି ସ୍ୱଭାବ ଏକ ବୃହତ୍ ପ୍ରସଙ୍ଗକୁ ସୂଚିତକରେ। ସିଭିଲ ସର୍ଭିସ୍‌ରେ ନିରପେକ୍ଷତାର ଆଦର୍ଶ ଏକ ରାଜନୈତିକ ପରିବେଶରେ ଦିନକୁ ଦିନ ଚାପଗ୍ରସ୍ତ ହେଉଛି। ଡାବିଙ୍କ ଭିଡିଓ ବାବୁମାନଙ୍କୁ ସ୍ମରଣ କରାଇଦିଏ ଯେ, କର୍ତ୍ତବ୍ୟ ଏବଂ କୂଟନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ।

### ଜଣେ ବାବୁଙ୍କୁ ୨ ଚାକିରି

ନିକଟରେ କେନ୍ଦ୍ର ଏବଂ କେରଳ ସରକାର ପ୍ରଣବଜ୍ୟୋତି ନାଥ (୨୦୦୫ ବ୍ୟାଚ୍ କେରଳ କ୍ୟାଡର ଆଇଏଏସ୍)ଙ୍କୁ ଗୋଟିଏ ଦିନରେ ଭିନ୍ନ ଭିନ୍ନ ଦୁଇଟି ଭିନ୍ନ ପଦରେ ନିଯୁକ୍ତ କରିଛନ୍ତି। କେରଳ ସରକାର ନାଥଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରିଥିବାବେଳେ ନାଲ୍‌କୋର ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭାବରେ ନାଥ ଅଧିକ ଉପଯୁକ୍ତ ବୋଲି କେନ୍ଦ୍ର ନିଷ୍ପତ୍ତି ନେଇଛି। ତେବେ ଦୁଇଟି ଦାୟିତ୍ୱର ତାମସାରେ ଶନିବାର କେରଳର ସିଇଓ ଭାବରେ ନାଥ କାର୍ଯ୍ୟଭାର ଗ୍ରହଣ କରିଥିଲେ, ଯାହା ଏକ ଦ୍ୱନ୍ଦ୍ୱର ବିଷୟ ଏବଂ ତ୍ରୁଟିର ସଙ୍କେତ। ସଞ୍ଜୟ ଏମ୍. କୌଲ (୨୦୦୫ ବ୍ୟାଚ୍ କେରଳ କ୍ୟାଡର ଆଇଏଏସ୍) କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଯିବା ପରେ କେରଳର ସିଇଓ ପଦବୀ ୨୦୨୪ ଅଗଷ୍ଟ ୫ରୁ ଖାଲି ଥିଲା। ୱାୟନାଡ୍ ଏବଂ ଚେଲାକକାରରେ ଉପନିର୍ବାଚନ ହେଉଥିବାରୁ ନିର୍ବାଚନ ଆୟୋଗ ନାଥଙ୍କୁ ସିଇଓ ଭାବେ ନିଯୁକ୍ତ କରିବା ପାଇଁ ଶୁକ୍ରବାର କେରଳ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ଏହାର କିଛି ଘଣ୍ଟା ମଧ୍ୟରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ତରବରିଆ ଭାବେ ନାଥଙ୍କୁ ନାଲ୍‌କୋ ଦାୟିତ୍ୱ ନ୍ୟସ୍ତ କରିଥିଲା। ସୂତ୍ରରୁ ପ୍ରକାଶ ଯେ, କେରଳ ତାଙ୍କୁ ସିଇଓ ଭାବରେ ନିଯୁକ୍ତି ଦେବା ପାଇଁ ଯୋଜନା କରିବା ପୂର୍ବରୁ କେନ୍ଦ୍ରୀୟ ଡେପୁଟେଶନ ନିମନ୍ତେ ନାଥଙ୍କୁ ଅନୁମତି ଦେଇଥିଲା। ତେବେ ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଡିଓପିଟି ନିର୍ବାଚନ ପରେ ନାଥଙ୍କୁ ସିଭିଓ ଭାବରେ ଯୋଗଦେବାକୁ ଅନୁମତି ଦେଉଛି । ଆଜିର ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ଥିବା ଏକ ଦୁନିଆରେ ଜଣେ ଅଧିକାରୀଙ୍କ ନିଯୁକ୍ତିରେ ସମନ୍ୱୟ ରକ୍ଷାକରିବା ଜଟିଳ ବିଷୟ ହେବା କଥା ନୁହେଁ।

Email: dilipcherian@gmail.com

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | 3 |
| | | | | 8 | | 2 | 7 | |
| | | | 4 | | | | | |
| | | 6 | | | 4 | | | |
| 9 | | | | | | 8 | 5 | |
| | | | | | 5 | 9 | | 1 |
| 1 | | | | | 7 | | 8 | |
| 3 | | | | 9 | 1 | | 6 | |
| | 6 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 2 | 9 | 5 | 7 | 1 | 8 | 4 |
| 1 | 8 | 9 | 2 | 6 | 4 | 5 | 7 | 3 |
| 7 | 5 | 4 | 1 | 8 | 3 | 2 | 9 | 6 |
| 9 | 1 | 3 | 6 | 2 | 8 | 7 | 4 | 5 |
| 5 | 4 | 6 | 7 | 1 | 9 | 8 | 3 | 2 |
| 2 | 7 | 8 | 3 | 4 | 5 | 6 | 1 | 9 |
| 4 | 2 | 5 | 8 | 9 | 1 | 3 | 6 | 7 |
| 8 | 9 | 7 | 5 | 3 | 6 | 4 | 2 | 1 |
| 6 | 3 | 1 | 4 | 7 | 2 | 9 | 5 | 8 |

ଗତ ସଂସ୍କରଣର ଉତ୍ତର

# ପରିବେଶ ଓ ପରିବାର



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରକୃତି ଓ ପରିବେଶ ପରସ୍ପର ଓତପ୍ରୋତ ଭାବେ ଜଡ଼ିତ। ପରିବେଶ କହିଲେ ସାଧାରଣତଃ ଆମ ଚତୁଃପାର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ଓ କୃତ୍ରିମ ଉପାଦାନ ସମୂହକୁ ବୁଝାଏ, ଯାହା ଆମ ଜୀବନକୁ ପ୍ରଭାବିତ କରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ। ଏହା ପ୍ରାକୃତିକ ଓ ମାନବୀୟ ଭେଦରେ ଦ୍ୱିବିଧ। ସଭ୍ୟତା ଆରମ୍ଭରେ ମଣିଷ ପ୍ରକୃତିର ଦୟାରେ ବଞ୍ଚିଥିଲା ଏବଂ ସେତେବେଳେ ପରିବେଶ ଥିଲା ସମ୍ପୂର୍ଣ୍ଣ ପ୍ରାକୃତିକ। ସମୟକ୍ରମେ ପ୍ରକୃତିକୁ ଅଧିକ ଜୀବନୋପଯୋଗୀ କରିବା ଲକ୍ଷ୍ୟରେ ମଣିଷ ନିଜର ବୁଦ୍ଧି ଓ ଜ୍ଞାନ ବଳରେ ସେଥିରେ କିଛି ପରିବର୍ତ୍ତନ ଆଣିଲା, ଯାହାକୁ କୁହାଗଲା ମାନବୀୟ ବା ସାଂସ୍କୃତିକ ପରିବେଶ। ଅନ୍ୟପକ୍ଷରେ ଜଳ,ସ୍ଥଳ, ବାୟୁ, ଉଦ୍ଭିଦ ଓ ପ୍ରାଣିଜଗତ ଇତ୍ୟାଦିକୁ ଆମେ ପ୍ରାକୃତିକ ପରିବେଶ ବୋଲି କହୁ, ଯାହା ମଣିଷର ସୁରକ୍ଷା କବଚ। ଜର୍ମାନ ବୈଜ୍ଞାନିକ ହେକଲଙ୍କ ଭାଷାରେ ପରିବେଶ ହେଉଛି ମଣିଷର 'ଜୀବନ ଗୃହ'। ମଣିଷ ଯେମିତି ତା'ର ଗୃହକୁ ନିଜର ଭାବି ଯତ୍ନର ସହିତ ବ୍ୟବହାର କରେ, ସେମିତି ପରିବେଶ ସୁରକ୍ଷା ପ୍ରତି ଧ୍ୟାନଦେବା ତା'ର ଦାୟିତ୍ୱ। ପ୍ରକୃତି ଓ ପରିବେଶ ସହିତ ଭାରତୀୟ ସଂସ୍କୃତି ଓ ପରମ୍ପରାର ସମ୍ପର୍କ ବହୁ ପ୍ରାଚୀନ। ଭାରତୀୟ ଦର୍ଶନ ଅନୁସାରେ ପ୍ରକୃତି ଆମ ଅସ୍ତିତ୍ୱର ଅବିଚ୍ଛେଦ୍ୟ ଅଂଶ। ଆମ ପାରିବେଶିକ ଓ ସାଂସ୍କୃତିକ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଯାହା ସବୁ ଆବଶ୍ୟକ, ତାହା ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ବେଦ, ଉପନିଷଦ ଓ ପୁରାଣ ଶାସ୍ତ୍ରରେ। ତେଣୁ ପ୍ରକୃତି ଚକ୍ରରେ ଆଗେ ନ ଥିଲା ପ୍ରଦୂଷଣର ଚିହ୍ନ। ପ୍ରକୃତି ସହିତ ଆମ ପୂର୍ବଜମାନେ ଏକ ପ୍ରଦୂଷଣ ମୁକ୍ତ ନିରାମୟ ଜୀବନ ବଞ୍ଚୁଥିଲେ ଏବଂ ପରିବେଶକୁ ସୁସ୍ଥ ରଖିବା ଦିଗରେ ଯଥେଷ୍ଟ ଗୁରୁତ୍ୱ ବହନ କରିଥିଲା ଆମ ଯୌଥ ପରିବାର।

ପରିବାର ହେଉଛି ସମାଜର ସବୁଠାରୁ କ୍ଷୁଦ୍ରତମ ଏକକ ତଥା ପ୍ରାଚୀନତମ ଅନୁଷ୍ଠାନ, ଯାହା ବୃହତ୍ତର ଓ ବିଶ୍ୱବ୍ୟାପୀ। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପରିବାରର ସଦସ୍ୟ। ପରିବାରର ସମ୍ପ୍ରସାରଣରୁ ସମାଜ ଓ ରାଷ୍ଟ୍ରର ସୃଷ୍ଟି। ପରିବାର ଦ୍ୱାରା ନିୟନ୍ତ୍ରିତ ହୁଏ ବ୍ୟକ୍ତିର ଅଭିବୃଦ୍ଧି ଓ ସାମାଜିକ ବିକାଶ। ସେଥିପାଇଁ କୁହାଯାଏ ପରିବାର ହେଉଛି ଶିଶୁର ପ୍ରଥମ ବିଦ୍ୟାଳୟ ଓ ମା' ହେଉଛି ପ୍ରଥମ ଶିକ୍ଷୟିତ୍ରୀ। ବେଦରେ ପରିବାରକୁ ସ୍ୱର୍ଗ ବୋଲି କୁହାଯାଇଛି, ଯାହା ସମସ୍ତ ଦିବ୍ୟ ଗୁଣର ପ୍ରୟୋଗଶାଳା। ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ -'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,ପରସ୍ପର ଥାଏ ଯହିଁ ସ୍ନେହ ନିରନ୍ତର'।



ଅର୍ଥାତ୍ ପରସ୍ପର ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ମିଳନ ହିଁ ପରିବାର। ଏହି ଦୃଷ୍ଟିରୁ ଏକାନ୍ନବର୍ତ୍ତୀ ପରିବାର ଥିଲା ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ। ଆମ ଏକାନ୍ନବର୍ତ୍ତୀ ବା ଯୌଥ ପରିବାର ପରମ୍ପରାକୁ ପରିପୁଷ୍ଟ କରିଥିଲା ଶୃଙ୍ଖଳା ଓ ସଦ୍‌ଭାବନା। ଗୋଟିଏ ଛାତ ତଳେ ହସଖୁସିରେ ରହୁଥିଲେ ଜେଜେବାପା, ଜେଜେମା, ବାପା, ମା', ବଡବାପା, ବଡମା',ଦାଦା,ଖୁଡୀ ଓ ଅଧଡଜନେରୁ ଅଧିକ ସାନବଡ଼ ଭାଇ ଭଉଣୀ ଆଦି ତିନି ପିଢ଼ିର ମଣିଷ । ଏ ଲେଖକ ଭଳି ଯେଉଁମାନଙ୍କ ବାଲ୍ୟ ଓ କୈଶୋର ଯୌଥ ପରିବାର ଭିତରେ କଟିଛି, ସେମାନଙ୍କ ସ୍ମୃତିପଟରେ ସାଇତା ହୋଇ ରହିଥିବ ଭାଇ ଭଉଣୀ ଓ ଅନ୍ୟମାନଙ୍କ ସହିତ ଗୋଟିଏ କଂସାରେ ପଖାଳ ଖାଇବାର ଅନୁଭୂତି। ଜେଜେବାପା ଥିଲେ ଘରର ମୁରବି ତଥା ନୈତିକତାର ପ୍ରହରୀ। ଗପ କହିବା ଛଳରେ ଆମ ଆଗରେ ବଖାଣୁଥିଲେ ମାଟି,ପାଣି, ପବନ ଆଦି ପଞ୍ଚଭୂତର ମହାତ୍ମ୍ୟ। ସଞ୍ଜ ହେଲେ ଘରେ ପଢାଯାଉଥିଲା ରାମାୟଣ, ମହାଭାରତ ଓ ଭାଗବତ ଆଦି ପୁରାଣ। ସେଥିରେ ଥିଲା ପ୍ରକୃତି ଓ ପରିବେଶର ସୁରକ୍ଷା ନିମନ୍ତେ ଅନେକ ଭାବାତ୍ମକ ପରାମର୍ଶ। ତା'ର ପ୍ରଭାବରେ ତୁଳସୀ ଓ ବେଲ ଆଦି ବୃକ୍ଷ ପ୍ରତି ଭକ୍ତିଭାବ ସୃଷ୍ଟି ହେବା ସହିତ ବୃକ୍ଷରୋପଣ ପ୍ରତି ବଢୁଥିଲା ଆଗ୍ରହ। ସେଥିପାଇଁ ସବୁଜିମାରେ ଭରିଉଠିଥିଲା ପରିବେଶ। ଧର୍ମ ଅର୍ଜନ ପାଇଁ କିଏ ରାସ୍ତା କଡ଼ରେ ବୃକ୍ଷ ରୋପଣ କରୁଥିଲା ତ କିଏ ସର୍ବସାଧାରଣ ଜାଗାରେ ଖୋଳାଉଥିଲା ଜଳାଶୟ। ମାଟିକୁ ସମସ୍ତେ ମା' ବୋଲି ବିବେଚନା କରୁଥିଲେ ଏବଂ ତା'ର ଆରାଧନା ପାଇଁ ଶ୍ରଦ୍ଧା ଓ ଭକ୍ତିରେ ପାଳୁଥିଲେ ଅନେକ କୃଷିଭିତ୍ତିକ ପର୍ବ।

ଗୋପାଳନ ଥିଲା ଗ୍ରାମ ସଂସ୍କୃତିର ଏକ ପ୍ରଧାନ ଅଙ୍ଗ। ଶାସ୍ତ୍ରରେ ଗୋମାତାଙ୍କୁ ପରିବେଶ ସୁରକ୍ଷାର ପ୍ରହରୀ ବୋଲି କୁହାଯାଇଛି ଏବଂ ଗୋ-ଆଧାରିତ ଚାଷକୁ ନେଇ ପରିପୁଷ୍ଟ ହୋଇଛି ଭାରତର ଅର୍ଥନୀତି। ଗୋବର ଓ ଗୋମୂତ୍ର ଯେମିତି କୀଟାଣୁ ନାଶକ, ଗୋ-ଘୃତ ସେମିତି ଜଳବାୟୁ ବିଶୋଧକ, ଯାହା ମେଘ ଦେହରେ ସଞ୍ଚାର କରେ ଜଳ। ଯୌଥ ପରିବାରର ପ୍ରଧାନ ଅବଲମ୍ବନ ଥିଲା କୁଟୀରଶିଳ୍ପ। ଧାନ କୁଟିବା ପାଇଁ ଘରେ ଥିଲା ଢିଙ୍କି। କିଏ ଘଣାରେ ତେଲ ପେଢୁଥିଲା ତ କିଏ ତନ୍ତରେ ବୁଣୁଥିଲା ଲୁଗା। ଗାଁ ବଢ଼େଇ ତିଆରି କରୁଥିଲା ଲଙ୍ଗଳ ଓ କାଠ ସରଞ୍ଜାମ। ସବୁ ଗାଁରେ ଥିଲା କୁମ୍ଭାରଭାଟି ଓ କମାରଶାଳ। ଘରେ ବାଟଣ ବଟା ଓ ଜାଇ ରଗଡ଼ା ହେଉଥିଲା ଶିଳ ଓ ପେଷାରେ।

ସର୍ବନିମ୍ନ ସମ୍ବଳ ସହିତ ବଞ୍ଚିବା ଓ ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର ଥିଲା ଯୌଥ ପରିବାରର ପ୍ରଚଳିତ ଧାରା। ଗରମ ଭାତ ବଳି ପଡ଼ିଲେ ତାକୁ ପଖାଳ କରି ଖିଆଯାଉଥିଲା ପରଦିନ ପର୍ଯ୍ୟନ୍ତ। ପେଜ ତୋରାଣି ରହୁଥିଲା ଗୋରୁଙ୍କ ପାଇଁ। ବାହା ବ୍ରତରେ ଖାଦ୍ୟ ବଳକା ହେଲେ ବଣ୍ଟାହେଉଥିଲା ସାଇପଡ଼ିଶାରେ। ଏବେ ଅଧିକାଂଶ ପରିବାରରେ ପିଲାମାନଙ୍କ ଖାଇବା ଥାଳିରେ ଖାଦ୍ୟ ନଷ୍ଟ ଏକ ସାଧାରଣ କଥା। ପରିବାର ପକ୍ଷରୁ ଯେଉଁ ଭୋଜିଭାତ ଆୟୋଜନ ହେଉଛି, ସେଥିରେ ଲୋକ ଯେତିକି ଖାଉଛନ୍ତି, ଫିଙ୍ଗାଯାଉଛି ତା'ଠାରୁ ବେଶି। ବିଶେଷଜ୍ଞଙ୍କ ମତରେ ୧କି.ଗ୍ରା. ନଷ୍ଟ ହେଉଥିବା ଖାଦ୍ୟ ୮କି.ଗ୍ରା.ଅଙ୍ଗାରକାମ୍ଳ ଉତ୍ସର୍ଜନ ପାଇଁ ଦାୟୀ। ଏକଥା ଜାଣି ସୁଦ୍ଧା ଆମର ବେପରୁଆପଣ ପାଇଁ ନଷ୍ଟ ହେଉଛି ଦେଶରେ ବାର୍ଷିକ ଉତ୍ପାଦିତ ଖାଦ୍ୟର ଏକ ତୃତୀୟାଂଶ। ଆଗେ ପୂନେଇଁ ପରବରେ ପରିବାରର ସମସ୍ତଙ୍କ ପାଇଁ କିଣାଯାଉଥିଲା ନୂଆ ପୋଷାକ। ଏବେ ନିୟମିତ ବ୍ୟବଧାନରେ କିଣାଯାଉଛି ଭଳିକି ଭଳି ପୋଷାକ। ପରିବାରର ଏହି ପୋଷାକ ଆଭିଜାତ୍ୟ ପାଇଁ ସୃଷ୍ଟି ହେଉଛି ପୋଷାକ ଆବର୍ଜନା। ଘରେ ଦୈନନ୍ଦିନ ଯେତିକି ଜଳ ଖର୍ଚ୍ଚ ହେଉଛି ତା'ର ଅର୍ଦ୍ଧାଧିକ ଯାଉଛି ପୋଷାକ ଧୋଇବାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପୋଷାକ ଶିଳ୍ପରେ ଖର୍ଚ୍ଚ ହେଉଥିବା ଜଳର ପରିମାଣ। ଗୋଟିଏ ଜିନ୍ ପ୍ୟାଣ୍ଟ ପ୍ରସ୍ତୁତିରେ ଖର୍ଚ୍ଚ ହୁଏ ୮.୫୦୦ ଲିଟର ଜଳ। ପିଲାମାନଙ୍କୁ ଏକଥା ଜଣେଇବ କିଏ ? ଜଳ ହିଁ ଜୀବନ। ପୃଥିବୀରେ ଜୀବନ ଧାରଣ ପାଇଁ ଏହା ଏକ ଅମୃତ ପ୍ରବାହ। ଏଭଳି ଏକ ଗୁରୁ ଚିନ୍ତନ ଆଜି ପରିବାର ଭିତରେ ଅଚଳ ହୋଇ ପଡ଼ିବା ଫଳରେ ସୃଷ୍ଟି ହେଉଛି ଜଳ ସଙ୍କଟ।

ଜୀବନ ଜିଇଁବାର ପ୍ରତ୍ୟେକଟି ସୋପାନରେ ଘୂରି ବୁଲୁଛି ପ୍ରଦୂଷଣର ବିଷ। ବିକ୍ଷୋଭ କରୁଛି ପ୍ରକୃତି। ବିଳାସୀ ଜୀବନର ମୋହ ମଣିଷଠାରୁ ଛଡେଇ ନେଉଛି ଆୟୁଷ ଓ ଆରୋଗ୍ୟ। ସମଗ୍ର ଜୀବଜଗତ ପାଇଁ ଏକ ଗମ୍ଭୀର ଆହ୍ୱାନ ହୋଇ ଉଭା ହୋଇଛି ଜଳବାୟୁ ପରିବର୍ତ୍ତନ। ତା'ର ନିୟନ୍ତ୍ରଣ ପାଇଁ କେବଳ ସରକାରୀ ନୀତି ପ୍ରଣୟନ ନୁହେଁ, ଏଥିପାଇଁ ବ୍ୟକ୍ତିଠାରୁ ଗୋଷ୍ଠୀ ପର୍ଯ୍ୟନ୍ତ ସମସ୍ତଙ୍କର ଯୋଗଦାନ ରହିବା ଆବଶ୍ୟକ। ଦୈନନ୍ଦିନ ଜୀବନର ଛୋଟ ଛୋଟ କାର୍ଯ୍ୟରେ ସୁଧାର ଆଣି ପରିବାର ମାଧ୍ୟମରେ ଜୀବନଶୈଳୀର ସକାରାତ୍ମକ ପରିବର୍ତ୍ତନ ଜରୁରୀ। ପ୍ରକୃତିକୁ ଦୋହନ ନୁହେଁ, ତା'ର ଯତ୍ନ କରିବା ଆମ ସଂସ୍କୃତିର ବାଣୀ। ପ୍ରକୃତି ସହିତ ଭାରସାମ୍ୟ ରଖି ପ୍ରଗତି ଯାତ୍ରାର ଦିଗ ନିର୍ଣ୍ଣୟ ଆମ ବୁଦ୍ଧି, ବିଜ୍ଞତା ଓ ଦୂରଦୃଷ୍ଟି ଉପରେ ନିର୍ଭରଶୀଳ।

ମୋ: ୬୩୭୧୬୪୨୪୬୪

# ମହିଳା ଚାକିରି ଛାଡୁଛନ୍ତି କାହିଁକି



ଡ. ମୌସୁମୀ ପରିଡ଼ା

ନିକଟରେ ବିଶ୍ୱବ୍ୟାଙ୍କର ଗଣନାନୁଯାୟୀ ବିବାହ ପରେ ଚାକିରି ଛାଡୁଥିବା ମହିଳାଙ୍କ ସଂଖ୍ୟା ବୃଦ୍ଧିପାଉଥିବାରୁ ଆର୍ଥିକ ସ୍ଥିତି ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। ଭାରତ ପରି ଜନସଂଖ୍ୟାବହୁଳ ବିକାଶଶୀଳ ରାଷ୍ଟ୍ରରେ ନାରୀ ଆର୍ଥିକ ସ୍ୱତନ୍ତ୍ରତା ହାସଲକରିବା ସହ ଦେଶର ଅଭିବୃଦ୍ଧିରେ ଅଂଶୀଦାର ହେବା ଜରୁରୀ। କିନ୍ତୁ କିଛି ସମସ୍ୟା ମହିଳାମାନଙ୍କ ଆର୍ଥିକ ପ୍ରଗତି ସହ ଦେଶର ବିକାଶକୁ ପ୍ରତିହତ କରୁଛି। ଏଭଳି କ୍ରମାଗତ ଚାଲିଲେ ଲିଙ୍ଗଗତ ବିଭେଦ ବୃଦ୍ଧି ସାଙ୍ଗକୁ ସାମାଜିକ ସମନ୍ୱୟ ବାଧାପ୍ରାପ୍ତ ହେବ। ଏଥିପାଇଁ ପର୍ଯ୍ୟାପ୍ତ ଆଲୋଚନା, ଅନୁସନ୍ଧାନମୂଳକ ଗବେଷଣା ଜରୁରୀ, ଯାହା ଏ ବିଷମତାକୁ ପ୍ରତିରୋଧ କରିପାରିବ। ଅବଶ୍ୟ ନାରୀପୁରୁଷଭିତ୍ତିକ ଲିଙ୍ଗଗତ ବୈଷମ୍ୟ ପ୍ରାଚୀନକାଳରୁ ରହି ଆସିଛି। ଏହା ଏତେ ବଳିଷ୍ଠ ଯେ ଆଜି ମଧ୍ୟ ନାରୀଟିଏ ନିଜର ପକ୍ଷ ରଖିବାକୁ ଭୟକରେ। ନିଜ ବୌଦ୍ଧିକତା, ସାମର୍ଥ୍ୟକୁ ସେ ସମସ୍ତଙ୍କ ସମ୍ମୁଖକୁ ଆଣିବାର ସୁଯୋଗ ପାଏନାହିଁ।

ଯୁଗର ଅଗ୍ରଗତିରେ ନାରୀର ପ୍ରମୁଖ ଭୂମିକା ରହିଥିଲେ ହେଁ ଦାୟିତ୍ୱବୋଧରେ ଚାପିହୋଇ ତାକୁ ପୁରୁଷର ଛତ୍ରଛାୟା ତଳେ ବଞ୍ଚିବାକୁ ହୁଏ। ଯଦିଓ ପରିବାର ସହ ସମାଜ ଗଠନରେ ନାରୀର ଭୂମିକା ସର୍ବାଧିକ ତେବେ ବି ତାକୁ ସୁବିଧାନୁଯାୟୀ ଅଳ୍ପ ବହୁତେ ବଳି ଚଢ଼ିବାକୁ ହୁଏ। ଯେତେ ପ୍ରକାର ସୁରକ୍ଷା ଯୋଗାଇଦେଲେ ମଧ୍ୟ ଲୋକଙ୍କ ମାନସିକତା ପରିବର୍ତ୍ତନ ନ ହେବା ଯାଏଁ ନାରୀ ଏମିତି ନିଜ ସାମର୍ଥ୍ୟ ସହ ସାଲିସ୍ କରୁଥିବ। ତାହା ହିଁ ବିଶ୍ୱବ୍ୟାଙ୍କର ଗବେଷଣାରୁ ଅନୁଭୂତ। ଏହା ସତ୍ୟ ଯେ ବିବାହ ପୂର୍ବରୁ ବହୁ ପ୍ରକାର ସାଲିସ୍ କରୁଥିବା କର୍ମଜୀବୀ ମହିଳାମାନେ ବିବାହ ପରେ ପରିବାର ଓ ଚାକିରି ଭିତରେ ସମନ୍ୱୟ ରଖିପାରନ୍ତିନାହିଁ। କାରଣ ପରିବାର ଚଳାଇବା ହିଁ ତା'ର ମୁଖ୍ୟ ଦାୟିତ୍ୱ। ଅବଶ୍ୟ ସ୍ଥିତିରେ ସୁଧାର ଆସିଥିବାରୁ ପୁରୁଷଟିଏ ବି ଘରକାମରେ ଆଜିକାଲି ସାହାଯ୍ୟ କଲାଣି। କିନ୍ତୁ ସମାଜକୁ ପ୍ରଭାବିତ କଲା ପରି ନୁହେଁ। କର୍ମକ୍ଷେତ୍ରରେ ମଧ୍ୟ ଭଲ ପରିବେଶଟିଏ ମିଳିବା କଷ୍ଟକର।।

ପାରିବାରିକ, ସାମାଜିକ, ଆର୍ଥିକ ବୈଷମ୍ୟ ଆଦି ସମସ୍ୟା ଭିତରେ ଭାରସାମ୍ୟ ରଖି ନାରୀ ଶ୍ରେଷ୍ଠ ସମାଜ ଗଠନର ମୁଖ୍ୟ ମଙ୍ଗଧର ସାଜିପାରେ, କିନ୍ତୁ ତା' ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ! ବିଶ୍ୱବ୍ୟାଙ୍କ ଏଥିପାଇଁ ସାମାଜିକ, ପାରମ୍ପରିକ ଭିତ୍ତିଭୂମି ଓ କର୍ମକ୍ଷେତ୍ରର ପ୍ରତିକୂଳତାକୁ ଇଙ୍ଗିତ କରିଛି; ଯେଉଁଥିପାଇଁ ଏକତୃତୀୟାଂଶ ବିବାହିତ ନାରୀ ଚାକିରି ଛାଡୁଥିବାବେଳେ ବିବାହିତ ପୁରୁଷମାନଙ୍କ ଯୋଗଦାନ ୧୩ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥାତ୍ ବିବାହ ପରେ ଚାକିରି କ୍ଷେତ୍ର ନାରୀମାନଙ୍କୁ ସୁହାଉନାହିଁ। କେବଳ ଭାରତ ନୁହେଁ, ଦକ୍ଷିଣ ଏସିଆ ମହାଦେଶରେ ମଧ୍ୟ ସମଦଶା ଉପୁଜିଛି। ବିଶ୍ୱବ୍ୟାଙ୍କ ଅନୁସାରେ ୭୭ ପ୍ରତିଶତ ପୁରୁଷ କର୍ମକ୍ଷେତ୍ରରେ ସକ୍ରିୟ ଥିବାବେଳେ ମହିଳାଙ୍କ ହାର ମାତ୍ର ୩୩ ପ୍ରତିଶତ। ସମାନ ଅନୁପାତରେ ଯଦି ନାରୀ ପୁରୁଷ ଚାକିରି କରିପାରନ୍ତେ ତେବେ ଦକ୍ଷିଣ ଏସିଆର ଜିଡିପି ହାର ଶତକଡ଼ା ୧୩ ରୁ ୫୧ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରନ୍ତା। ଆର୍ଥିକ ଯୋଗଦାନରେ ମହିଳାମାନଙ୍କ ଯୋଗଦାନ ହ୍ରାସ ପାଉଥିବାରୁ ଦେଶୀୟ ତଥା ବୈଶ୍ୱିକ ଅଭିବୃଦ୍ଧି ପାଇଁ କ୍ଷତିକାରକ।

ଆଜିକାଲି ଲୀଳାବତୀଙ୍କ ପରି ବିଦୂଷୀ ନାରୀଙ୍କ ଅଭାବ ନାହିଁ। ବଡ଼ ବଡ଼ ପରୀକ୍ଷାରେ ଝିଅମାନେ



ପୁଅମାନଙ୍କଠାରୁ ଆଗୁଆ ରହି ଉଚ୍ଚପଦରେ ଅଧିଷ୍ଠିତ ହେଲେ ମଧ୍ୟ ଅନେକ ସମୟରେ ପ୍ରତାଡ଼ନାର ଶିକାର ହୁଅନ୍ତି। ପାରିବାରିକ ଦାୟିତ୍ୱ ସମସ୍ୟାର ନୁହେଁ, କାରଣ ପିଲାଦିନରୁ ଦାୟିତ୍ୱ ସହ ସେ ଜଡ଼ିତ। ଜନ୍ମରୁ ସହନଶୀଳତା, କର୍ତ୍ତବ୍ୟ ସଚେତନତା, ନାନା ପ୍ରକାର ବିଷମତା ସତ୍ତ୍ୱେ କାର୍ଯ୍ୟକୁଶଳତା ତା'ର କ୍ଷମତା। ମାନସିକ ଶାନ୍ତି ଓ ପାରିବାରିକ ଅଭିବୃଦ୍ଧି ପାଇଁ ସେ ବାଧ୍ୟହୋଇ ପରିବାରକୁ ଚୟନକରେ। ଲିଙ୍ଗଭିତ୍ତିକ ବିଭେଦତା, କାର୍ଯ୍ୟକ୍ଷେତ୍ରରେ ମାନସିକ ଓ ଶାରୀରିକ ଉତ୍ପୀଡ଼ନ, ଉପରିସ୍ଥ ଅଫିସର, ସହକର୍ମୀଙ୍କ ଦ୍ୱାରା ବାରମ୍ବାର ଅପମାନିତା ହୋଇ ବୀତସ୍ପୃହ ହେବା ସ୍ୱାଭାବିକ।

ପ୍ରଶ୍ନ ଉଠେ- ପୁରୁଷ ଓ ନାରୀର ଦାୟିତ୍ୱ ଯଦି ସମାନ ନୁହେଁ, କର୍ମକ୍ଷେତ୍ରର ନୀତିନିୟମ କାହିଁକି ସମାନ? ସୃଷ୍ଟିର ନିୟମାନୁଯାୟୀ ନାରୀ ଭିନ୍ନଭିନ୍ନ ସ୍ୱାସ୍ଥ୍ୟାବସ୍ଥା ଦେଇ ଗତିକରେ, ପୁରୁଷ କରେନା। ସୃଷ୍ଟି ଯେଉଁଠି ତାରତମ୍ୟ ରଚିଛି, ନିୟମ ଅସମାନ ରଖିଛି, କର୍ମକ୍ଷେତ୍ରରେ ସମାନତା ଅନ୍ୟାୟ ନୁହେଁ କି? ବୟଃପ୍ରାପ୍ତ ହେବାଠାରୁ ଗର୍ଭଧାରଣ ଓ ମାତୃତ୍ୱଲାଭ ପରର ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହୋଇ ବି ପରିବାର ଓ କର୍ମକ୍ଷେତ୍ରରେ ଭାରସାମ୍ୟ ବଜାୟ ରଖିବା କେତେ କଷ୍ଟକର! ଏକସଙ୍ଗେ ଶିଶୁ ସହିତ ପାରିବାରିକ ଦାୟିତ୍ୱସମ୍ପନ୍ନକରି ଚାକିରି ସମ୍ଭାଳିବା ଚ୍ୟାଲେଞ୍ଜିଂ ହୋଇଯାଏ। ଏକସମୟରେ ଏକାଧିକ କାର୍ଯ୍ୟଭାରରେ ନିଜକୁ ନିୟୋଜିତକରି ନିଜ ସ୍ୱାସ୍ଥ୍ୟକୁ ଅବହେଳା କରୁଥିବାରୁ ନାନା ଦୁରାରୋଗ୍ୟ ବ୍ୟାଧିର ଶିକାର ହେବାକୁ ପଡ଼େ। ଏଭଳି ଦୁଃସ୍ଥିତିରେ ନୀତିନିୟମର ଚାପ, କର୍ମସ୍ଥଳୀରେ ପ୍ରତିକୂଳତା, ଉପରିସ୍ଥ ଅଫିସରଙ୍କ ରୋଷର ଶରବ୍ୟ ହେବା ଚିନ୍ତାଜନକ। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଆବଶ୍ୟକ ସୁବିଧା ଯୋଗାଇ ନ ଦେଲେ ମହିଳାମାନଙ୍କ ଚାକିରି ଛାଡ଼ିବା ବୃଦ୍ଧି ହେବ। ସେମାନଙ୍କ ସ୍ୱାସ୍ଥ୍ୟ ଓ ଦାୟିତ୍ୱ ସମ୍ପର୍କିତ ସଚେତନତା ପରିବାର କିମ୍ବା କର୍ମକ୍ଷେତ୍ରରେ ସୃଷ୍ଟି ନ ହେଲେ ଆଗକୁ ନୂତନ ସମସ୍ୟା ଦେଖାଦେଇପାରେ।

କର୍ମଜୀବୀ ମହିଳାମାନେ ଆର୍ଥିକ ସ୍ୱତନ୍ତ୍ରତା ଲୋଭରେ ଯଦି ବିବାହ ନ କରନ୍ତି କିମ୍ବା ବିବାହ କରି ମାଆ ହେବାକୁ ଇଚ୍ଛା ନ କରନ୍ତି, ତେବେ ପରିବାର ଓ ସମାଜର ଅବସ୍ଥା କ'ଣ ହେବ, ଚିନ୍ତାଜନକ। ଚାକିରିର ଦୁରବସ୍ଥାରେ ଘାଣ୍ଟି ନ ହେବାକୁ ମହିଳାଟିଏ ଯଦି ପାରିବାରିକ ଜୀବନ ନ ଚାହେଁ ତେବେ ତାକୁ ପ୍ରତିରୋଧ କରିବାକୁ ସମାଜ କେଉଁ ନିୟମ ଲାଗୁକରିବ? ବୃଦ୍ଧ ଶାଶୁଶ୍ୱଶୁର, ବାପାମାଆଙ୍କ ଦାୟିତ୍ୱ ନେବାକୁ ସେ ଯଦି ପ୍ରତ୍ୟାଖ୍ୟାନ କରେ ତେବେ ପୁରୁଷ ଚାକିରି ସହିତ ନିଜ ପରିବାରର ଦାୟିତ୍ୱ ନେଇପାରିବ ତ? ଏଭଳି ଉତ୍କଟ ବିଶୃଙ୍ଖଳା ପୂର୍ବରୁ କର୍ମକ୍ଷେତ୍ରରେ କିଛି ସୁବିଧାସୁଯୋଗ ଲାଗୁହେଉ। ବାୟୋମେଟ୍ରିକ୍ ଉପସ୍ଥାନ ପରି ଅନ୍ଧାଧୁନିଆ ନିୟମାବଳୀ ଦ୍ୱାରା କର୍ମଜୀବୀମାନଙ୍କୁ ଖୁଣ୍ଟରେ ନ ବାନ୍ଧି କାମର ମାନକୁ ଗୁରୁତ୍ୱ ଦିଆଯାଉ। କେବଳ ଲକ୍ଷ୍ମଣରେଖା ଟାଣିଦେଲେ ସମସ୍ୟାର ସମାଧାନ ହୋଇଯିବନାହିଁ। ସୀତାଚୋରୀ ଆଶଙ୍କାର ଅନ୍ୟ ସମ୍ଭାବନା ପରି ସମୟାନୁସାରେ ଆସିବା, ଯିବା ସାର ହେବ। ଗୁଣାତ୍ମକ ମାନ ହ୍ରାସ ପାଇବ। ଏଭଳି ଅନେକ ଦୁଃସ୍ଥିତି କର୍ମଜୀବୀ ମହିଳାମାନଙ୍କ ଅସନ୍ତୋଷର କାରଣ ଯାହାକୁ ପ୍ରଶାସନିକ କ୍ଷେତ୍ରରେ ନ ସୁଧାରିଲେ ପରିଣାମ ଭୟାବହ ହେବ। ପାରିବାରିକ ସନ୍ତୁଳନ ବିଗିଡ଼ିବା ସହ ଦେଶର ଅଭିବୃଦ୍ଧି ପ୍ରଭାବିତ ହେବ। ପରିବାର ପାଇଁ ସିନା ଚାକିରି! କିନ୍ତୁ ବାଡ଼ ଫସଲ ଖାଇବା ପରି ଚାକିରି ଯଦି ପରିବାରରେ ଅନ୍ତରାୟ ସୃଷ୍ଟିକରେ, ତେବେ ଏଥିପାଇଁ ନିୟମ ସଂସ୍କାରକମାନେ ଉତ୍ତରଦାୟୀ ରହିବେ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଲୋକଙ୍କ ପାଖରେ ବିଜ୍ଞାନ ପହଞ୍ଚିଯାଉଛି ଗାଡ଼ିରେ। ଶୁଣିବାକୁ ଅଜବ ଲାଗୁଥିଲେ ବି ପଞ୍ଜାବର ଜଣେ ଶିକ୍ଷକଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ପଟିଆଲାର ଅବସରପ୍ରାପ୍ତ ଶିକ୍ଷକ ଯଶବିନ୍ଦର ସିଂ ତାଙ୍କ କାରରେ ଏକ ଚଳନ୍ତି ବିଜ୍ଞାନାଗାର କରିଛନ୍ତି। ପ୍ରତିଦିନ ଏହାକୁ ବିଭିନ୍ନ ରାଜ୍ୟକୁ ନେଉଛନ୍ତି, ଯଦ୍ୱାରା ଲୋକେ ବିଜ୍ଞାନ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ସେ ଏହି ଅଭିଯାନର ନା ରଖିଛନ୍ତି 'ଲାବ ଅନ୍ ହ୍ୱିଲ' ଅର୍ଥାତ୍ ଗାଡ଼ିରେ ପରୀକ୍ଷାଗାର। ଗଣିତର ବିଭିନ୍ନ ସୂତ୍ରଠାରୁ ଆରମ୍ଭ କରି ମହାକାଶ ଦୁନିଆର ସବୁକିଛି ପ୍ରଦର୍ଶନ କରୁଛନ୍ତି ଯଶବିନ୍ଦର। ୧୧ ବର୍ଷ ହେଲା ସେ ଏହି ଲାବକୁ ନେଇ ବିଭିନ୍ନ ରାଜ୍ୟରେ ପ୍ରଦର୍ଶନ କରୁଛନ୍ତି। ଏବେ ସୁଦ୍ଧା ସେ ୧୧ଟି ରାଜ୍ୟରେ ତାଙ୍କ ଚଳନ୍ତି ବିଜ୍ଞାନାଗାରକୁ ପ୍ରଦର୍ଶନ କରିସାରିଲେଣି। ଏହା ସହ ସେ ମଧ୍ୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ କରୁଛନ୍ତି। ଏହିସବୁ ଅଭିଯାନ ମାଧ୍ୟମରେ ସେ ପାଖାପାଖି ୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଜ୍ଞାନ ସହ ଯୋଡ଼ିସାରିଲେଣି। ସବୁଠୁ ବଡ଼ କଥା ହେଉଛି, ସେ ଏହି ଭ୍ରାମ୍ୟମାଣ ବା ଚଳନ୍ତି ପରୀକ୍ଷାଗାରକୁ ନିଜ ଖର୍ଚ୍ଚରେ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ଶିକ୍ଷା ରତ୍ନ ପୁରସ୍କାର ଏବଂ ପ୍ରାଇଡ୍ ଅଫ ପଞ୍ଜାବ ସମ୍ମାନ ମିଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୭୫

- କୋରାପୁଟ ଜିଲାର ବିଶିଷ୍ଟ ସମାଜସେବୀ, ବିଚ୍ଛିନ୍ନାଞ୍ଚଳ ଆନ୍ଦୋଳନର ଅନ୍ୟତମ ମୁଖ୍ୟ ପୁରୋଧା, ଉତ୍କଳ ସମ୍ମିଳନୀର ବିଶିଷ୍ଟ ସଙ୍ଗଠକ ପଣ୍ଡିତ ହରିହର ମିଶ୍ରଙ୍କ ୮୯ ବର୍ଷ ବୟସରେ ପରଲୋକ।
- ପୁରୀ ରେଲ୍‌ୱେ ଷ୍ଟେସନରେ ଯୋଗାଣ ମନ୍ତ୍ରୀ ଗଙ୍ଗାଧର ମହାପାତ୍ର ପୁରୀ-ତିରୁପତି ଏକ୍ସପ୍ରେସ୍ ଟ୍ରେନ୍‌କୁ ଉଦ୍‌ଘାଟନ କରିଛନ୍ତି।
- ଚଳଚ୍ଚିତ୍ର ଦୁନିଆର ସୁବିଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ସଚିନ ଦେବ ବର୍ମନଙ୍କ ୭୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଥରଇ ହିୟା ମମ
କୁମୁଦ-ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି
ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା।
-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଚିକିତ୍ସାଳୟର ଅବସ୍ଥା ଭଲରହୁ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ଥିବା ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନା ସମେତ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଁ ଗହଳିର ଲୋକେ ସର୍ବନିମ୍ନ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ସବୁ ବ୍ୟବସ୍ଥା ନାହିଁ। ଏଣୁ ଡାକ୍ତରମାନେ ସାମାନ୍ୟ ରୋଗ ଲାଗି ରୋଗୀମାନଙ୍କୁ ପୁରୀ, ଭୁବନେଶ୍ୱର ଡାକ୍ତରଖାନାକୁ ରେଫର କରୁଛନ୍ତି। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ନାଗରିକମାନଙ୍କ ଲାଗି ଏହି ମୌଳିକ ଆବଶ୍ୟକତାମାନ ପୂରଣ କରିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ସ୍ୱାସ୍ଥ୍ୟବୀମା ଯୋଜନା କରାଯାଇଛି। କିନ୍ତୁ ସମସ୍ତ ଚିକିତ୍ସାଜନିତ ବ୍ୟୟ ବହନ ପାଇଁ ସହାୟତା ପ୍ରଦାନ କରାଯାଉ ନ ଥିବା ହେତୁ ଅନେକ ଅସ୍ୱଚ୍ଛଳ ବର୍ଗର ରୋଗୀ ଓ ବରିଷ୍ଠ ବାର୍ଦ୍ଧକ୍ୟଗ୍ରସ୍ତ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇ ନ ପାରି ଯନ୍ତ୍ରଣାଜର୍ଜରିତ ଜୀବନଯାପନ କରୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଧ୍ୟାନଦେବା ଜରୁରୀ ହୋଇପଡ଼ିଛି।

-ଦେବଦତ୍ତ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଲୁହାସିଂହାରେ ବାଳ ଗ୍ରାମସଭା**

ଖପ୍ରାଖୋଲ,(ଅଭୟତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକଉନ୍ନତି ସଙ୍ଗଠନ ତରଫରୁ ବାଳ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୀମାଞ୍ଚଳ ପୁରୋହିତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ରାଧାକାନ୍ତ ସୁଆର, ଅନ୍ୟ ଅତିଥି ଭାବେ ପିଇଓ ଦୋଲାମଣି ଦୀପ, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଲୋକ ଉନ୍ନତି ସଙ୍ଗଠନର ବ୍ଲକ ସଂଯୋଜିକା ସୁଭଦ୍ରା ସୁନା ପରିଚାଳନା କରିଥିଲେ। ନିରୁପମା ମହରା, ବିଶ୍ୱନାଥ ବାଗ, ପ୍ରଭୁଲାଲ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ସହର ପରିକ୍ରମା କଲା ବଲାଙ୍ଗୀର ଦିନ୍ ସାଂସ୍କୃତିକ ଶୋଭାଯାତ୍ରା



ବଲାଙ୍ଗୀର ଦିନ୍ ଉତ୍ସବ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।



ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କଲାବେଳେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ଚତୁର୍ଥ ବଲାଙ୍ଗୀର ଦିନ୍ ଉତ୍ସବ ପାଳନ ଶୁକ୍ରବାର ସାଂସ୍କୃତିକ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିଲା। ବଲାଙ୍ଗୀର ଦିନ୍ ଆୟୋଜକ ସମିତି ଅଧକ୍ଷ ଗୋପାଲଜୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବାହ୍ନ ସାଢେ ୧୧ଟାରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ, ବିଭିନ୍ନ ସଙ୍ଗଠନର ପ୍ରତିନିଧି, ରାଜନେତା, ଜନପ୍ରତିନିଧିଙ୍କ ସହ ଜନସାଧାରଣ ସାମିଲ ଥିଲେ। ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରାରେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ନାଗରିକ କମିଟି ସଭାପତି ଡ .ଶ୍ରୀକର ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ଲୋଟସ୍ ଷଡଙ୍ଗୀ, ଦିନେଶ ଶର୍ମା, ପଙ୍କଜିନୀ ପଣ୍ଡା, ବରିଷ୍ଠ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ପ୍ରଭାକର ମିଶ୍ର, ରବି ବହିଦାର, ଶୁଭ୍ରାଂଶୁ ଶେଖର ପଣ୍ଡା, ପ୍ରତାପ ଚନ୍ଦ୍ର ରଥ, ବିନୋଦ କାଲସାଏ, ସନ୍ଦୀପ କୁମାର କୁଅଁର, ସଙ୍ଗୀତା ଦାଶ, ନୂତନ ଦାସ, ହିମାନୀ ପୁରୋହିତ, ବ୍ରହ୍ମାନନ୍ଦ ବନ୍ଛୋର, ଜୟନ୍ତ ମହାନ୍ତି, ଅଙ୍କୁଶ ପାଣ୍ଡିଆ, ସୋମନାଥ ମିଶ୍ର, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ଗିରିଶ ସିଂଦେଓ, ସଞ୍ଜୀବ ସାହୁ, ଗୋବିନ୍ଦ ଶତପଥୀ, ସାଗରିକା ଗୁରୁ, ନିରୂପମା ଉଦ୍‌ଗାତା ଓ ଅନ୍ୟମାନେ ଯୋଗଦାନ କରି ସହର ପରିକ୍ରମା କରିଥିଲେ। କୋଶଳ କଳା ମଣ୍ଡଳ ପଡ଼ିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଭାଗିରଥି ଛକ, ପତିତପାବନ ଏକାଡେମୀ ଛକ, ବିକ୍ରମ ଛକ, ଡେଲି ମାର୍କେଟ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ ଦେଇ କୋଶଳ କଳାମଣ୍ଡଳ ପଡିଆକୁ ଫେରିଥିଲା। ଦେବୀ ସମଲେଶ୍ୱରୀ, ଦେବୀ ପାଟଣେଶ୍ୱରୀ ଓ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଦୀପ ଧରି ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ଓ ପୌରାଧକ୍ଷ ଲିକା ସାହୁ କଳାକାରମାନଙ୍କ ସହ କଳାମଣ୍ଡଳ ପଡ଼ିଆକୁ ଫେରିଥିଲେ। ସେଠାରେ ମଞ୍ଚ ପୂଜା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ସୁଦପଡା ଘଣ୍ଟପାର୍ଟି, ତୁଷରାର କୃଷ୍ଣପ୍ରିୟା କଳା ପରିଷଦ, ଦୁଲଦୁଲି ଓ ଡିଜେ ସାମିଲ୍ ହୋଇଥିଲା। ଜଗନ୍ନାଥପଡାରେ ଏହି ସାଂସ୍କୃତିକ ଶୋଭାଯାତ୍ରା ଦଳକୁ ୮୪ ଘର ଅଘରିଆ ସମାଜ ଜିଲା ଟ୍ରଷ୍ଟ ପକ୍ଷରୁ ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ନେତୃତ୍ୱରେ ସମାଜ ସଦସ୍ୟମାନଙ୍କ ଦ୍ୱାରା ଦହିପାଣି ବଣ୍ଟନ କରାଯାଇଥିଲା। ସମ୍ପାଦକ ଦିଗାମ୍ବର ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନ ହେଲା ବେଳକୁ ଅଧୁନାତନ ବଲାଙ୍ଗୀର ଜିଲା ପୂର୍ବତନ ପାଟଣା ଷ୍ଟେଟ୍ ନାଁରେ ପରିଚିତ ଥିଲା। ୧ ନଭେମ୍ବର ୧୯୪୯ ମସିହାରେ ଉଭୟ ବଲାଙ୍ଗୀର ଷ୍ଟେଟ୍ ଏବଂ ସୋନପୁର ଷ୍ଟେଟ୍‌କୁ ଏକତ୍ର କରି ବଲାଙ୍ଗୀର ଜିଲା ଗଠନ କରାଯାଇଥିଲା। ସେହି ଦିନକୁ ବଲାଙ୍ଗୀର ଦିନ୍ ଭାବେ ସ୍ମରଣ କରାଯାଇ ଗତ ୪ ବର୍ଷ ହେଲା ଏହି ଉତ୍ସବ ପାଳନ କରାଯାଇ ଆସୁଛି।

**ବାଦ୍ୟର ତାଳେ ତାଳେ ନାଚିଲେ କଳାକାର, ଜନତା**

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ଧାରଣା

**ଟିଟିଲାଗଡ଼,୧।୧୧(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଗର୍ଭରେ ଥିବା ଶିଶୁ ସହ ଜଣେ ପ୍ରସୂତି ମହିଳାଙ୍କ ଗୁରୁବାର ଅକାଳ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ଡାକ୍ତରଖାନା ଆଗରେ ଧାରଣା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପ୍ରକାଶ ଯେ, ଟିଟିଲାଗଡ଼ ସହର ହାଟପଦାପଡାର ରାଜେଶ ବେହେରାଙ୍କ ସ୍ତ୍ରୀ ସରୋଜିନୀ (୩୦) ଘଟଣାଦିନ ସକାଳେ ଘରେ ଦୀପାବଳି ଅବସରରେ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରସବ ଯନ୍ତ୍ରଣା ହେବାରୁ ପୂର୍ବାହ୍ନରେ ତାଙ୍କୁ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଗର୍ଭରେ ଥିବା ଶିଶୁ ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ଡାକ୍ତର ଅଭାବ ,ଚିକିତ୍ସାରେ ଅବହେଳା ଓ ଅନ୍ୟାନ୍ୟ ଅଭିଯୋଗ ଆଣି ଧାରଣା ଦେଇଥିଲେ। ମହିଳା ଜଣକ ଦିନକ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଏକ ଘରୋଇ କ୍ଲିନିକରେ ଅଲଟ୍ରା ସାଉଣ୍ଡ କରାଇଥିଲେ। ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେବାର କିଛି ସମୟ ପୂର୍ବରୁ ଏକ ଘରୋଇ କ୍ଲିନିକରେ ବିଭିନ୍ନ ପରୀକ୍ଷା ମଧ କରାଇଥିଲେ। ହେଲେ ମହିଳାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଓ ବନ୍ଧୁ ପରିଜନ ପାଟିତୁଣ୍ଡ କରିବା ସହ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେବା ଖବର ପାଇ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ବିଶ୍ୱଜିତ ମନବୋଧ ଓ ପୋଲିସ କର୍ମଚାରୀ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଘଟଣାରେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମୃତା ପ୍ରସୂତିଙ୍କ ପୂର୍ବରୁ ଦୁଇଟି ସନ୍ତାନ ଅଛନ୍ତି। ଏନେଇ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରେ ଏଠାରେ ଜଣେ ମାତ୍ର ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଅଛନ୍ତି। ଅସ୍ତ୍ରୋପଚାର ବିଶେଷଜ୍ଞ ପଦ ଦୀର୍ଘ ବର୍ଷ ହେଲା ଖାଲି ପଡିଛି। ନାହିଁ ନାହିଁ ରେ ଡାକ୍ତରଖାନା ଚାଲିଥିବା ସେ ସ୍ୱୀକାର କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡା. ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ୩୯ ଜଣ ଡାକ୍ତରଙ୍କ ବଦଳରେ ମାତ୍ର ୧୭ ଜଣ ଡାକ୍ତର ନିଯୁକ୍ତ ଅଛନ୍ତି। ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନାହାନ୍ତି।

# ଦୀପାବଳିରେ ଚାଲିଗଲା ଯୁବକଙ୍କ ଜୀବନ

**ସଇଁତଲା,୧।୧୧(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବିବିନା ପଞ୍ଚାୟତର ଗ୍ୟାସ ଗୋଦାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଗଣ୍ଡପତ୍ରାପାଲି ପଞ୍ଚାୟତ ଭତାସର ଗ୍ରାମର ଅଜିତ ରଣା (୩୧)। ପ୍ରକାଶ ଯେ, ଉକ୍ତ ଗ୍ୟାସ ଗୋଦାମ ନିକଟରେ ଟାୟାର ରିପାରିଂ ଦୋକାନ ଖୋଲିଥିବା ଅଜିତ ଦୀପାବଳି ଦିନ ସକାଳୁ ଦୋକାନ ଖୋଲିବାକୁ ବାଇକ୍‌ରେ ଆସୁଥିଲେ । ଏହି ସମୟରେ ବଲାଙ୍ଗୀର ପଟରୁ ବାଇକ୍ (ନଂ–ଓଡ଼ି–୩୧–କେ–୬୨୬୨)ରେ ନିଜ ଗ୍ରାମ ଧରବଗଡ଼କୁ ଯାଉଥିବା ଜଣେ ଯୁବକ ତାଙ୍କୁ ଧକ୍କା ଦେଇଥିଲେ । ଫଳରେ ଅଜିତ ନିଜ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତ ଅଜିତଙ୍କ ବିଧବା ମା', ସ୍ତ୍ରୀ ଏବଂ ଦୁଇ ବର୍ଷର ଗୋଟିଏ ପୁଅ ଥିବା ବେଳେ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

# ୧୦ମ ଭୀମପାହାଡ଼ ମହୋତ୍ସବ ଆରମ୍ଭ

**ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ୫ଦିନ ଧରି ହେବାକୁ ଥିବା ୧୦ମ ଭୀମପାହାଡ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ପାଇଁ ସ୍ଥାନୀୟ ଭୀମଡୁଙ୍ଗୁରୀରୁ ଶତାଧିକ ମହିଳା ପୁରୁଷ ପୂର୍ଣ୍ଣ କଳସ ଧାରଣ କରି ଶୋଭାଯାତ୍ରାରେ ଆସି ପ୍ରହରୀ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଇଁନ୍ତଲା ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ ଯୋଗଦେଇ ମଶାଲକୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦରବାରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର , ସମ୍ମାନିତ ଅତିଥି ଭାବେ ଶୈଳେନ୍ଦ୍ର କୁମାର ସାହୁ , ପ୍ରମୋଦ କୁମାର ବହିଦାର, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତିସଭ୍ୟ ଅଭିମନ୍ୟୁ ମାଝୀ ମଞ୍ଚାସୀନ ଥିଲେ। ଏହି ଅବସରରେ ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଆରମ୍ଭ ହୋଇଥିଲା।



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ, ଆୟୋଜକ।

# 'ସମସ୍ତେ ମିଶିଲେ ଲକ୍ଷ୍ୟ ହାସଲ ହେବ'

**ବଲାଙ୍ଗୀର ଦିନ୍ ଉପଲକ୍ଷେ ଆଲୋଚନାଚକ୍ର**

■ରତ୍ନଗର୍ଭା ପର୍ବତମାଳାକୁ ବଞ୍ଚାଇବା ଯୁବକଙ୍କ ଦାୟିତ୍ୱ

**ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ସ୍ଥାନୀୟ ପିପି ଏକାଡମୀଠାରେ ମୋର ବଲାଙ୍ଗୀର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଶିକ୍ଷାବିତ୍ ଡ. ଶିବପ୍ରସାଦ ନନ୍ଦ, ସଂସ୍କୃତି ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଏବଂ ମନୋରଞ୍ଜନ ଯୋଷୀ ଯୋଗଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷାର ବିକାଶ ନ ହେଲେ କୌଣସି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହୋଇପାରେ ନାହିଁ। ବଲାଙ୍ଗୀରର ବିକାଶ କରିବାକୁ ହେଲେ ଶିକ୍ଷାର ବିକାଶ ଆବଶ୍ୟକ ବୋଲି ମତ ଦେଇଥିଲେ। ଏକତା, ସାମୁହିକ ଉଦ୍ୟମ ଯୋଗୁ ଗତ ୧୦ ବର୍ଷରେ ବଲାଙ୍ଗୀର ଅନେକ କ୍ଷେତ୍ରରେ ଉନ୍ନତି କରିଛି । ଯେପରି କି କେନ୍ଦ୍ର ସରକାର ଚିକିତ୍ସା ଓ ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧ ପାଇଁ ବଲାଙ୍ଗୀର ଜିଲାକୁ ପୂର୍ବାଞ୍ଚଳରେ ଶ୍ରେଷ୍ଠ ଜିଲା ଭାବେ ପୁରସ୍କୃତ କରିଛନ୍ତି ବୋଲି କହିଥିଲେ। ଗଡଜାତ ସମୟରେ ବଲାଙ୍ଗୀରର ଅବନତି ପାଇଁ ସେ ତତ୍କାଳୀନ ରାଜାରାଜୁଡାଙ୍କୁ ଦାୟୀ କରିଥିଲେ। ସମସ୍ତେ ମିଶିଲେ ଲକ୍ଷ୍ୟ ହାସଲ କରିପାରିବା ଏବଂ ବଲାଙ୍ଗୀର ଦିନ୍ ସମସ୍ତଙ୍କୁ ଏକତ୍ରିତ କରୁ ବୋଲି ସେ ପରାମର୍ଶ ଦେଇଥିଲେ। ଆଲୋଚକ ଡ. ନନ୍ଦ ବଲାଙ୍ଗୀର ଜିଲାର ନାମକରଣ ଏବଂ ଗଡଜାତ ଆନ୍ଦୋଳନରେ ବଲାଙ୍ଗୀର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ବର୍ଣ୍ଣନା କରିଥିଲେ। ୧୯୩୮ ମସିହାର ଐତିହାସିକ ପ୍ରଜା ଆନ୍ଦୋଳନ ସମ୍ପର୍କରେ କହିଥିଲେ। ରାଜତନ୍ତ୍ର ସମୟରେ ଲୋକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିଲା ବୋଲି କହିଥିଲେ। ସଂସ୍କୃତି ଗବେଷକ ଡ. ମିଶ୍ର ଆମ ଅଞ୍ଚଳର ଅମୂଲ୍ୟ ଖଣିଜ ପଦାର୍ଥ ଉପରେ ବର୍ତ୍ତମାନ କିଛି ଗୋଷ୍ଠୀର ଆଖି ପଡିଛି । ଏହି ପରିପ୍ରେକ୍ଷୀରେ ରତ୍ନଗର୍ଭା ପର୍ବତମାଳାକୁ ସୁରକ୍ଷିତ ରଖିବା ବଲାଙ୍ଗୀରର ଯୁବଶକ୍ତିଙ୍କ ଦାୟିତ୍ୱ ବୋଲି କହିଥିଲେ। ଆଲୋଚକ ଯୋଷୀ ତାଙ୍କ ବକ୍ତବ୍ୟରେ କହିଥିଲେ, ସଂସ୍କୃତି ଓ ସାମାଜିକ ସ୍ତରରେ ବଲାଙ୍ଗୀରର ଇତିହାସ ସମୃଦ୍ଧ ବୋଲି ସେ କହିଥିଲେ। ଗୋପାଳଜୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମଧୁସୂଦନ ନାୟକ ସଂଯୋଜନା କରିଥିଲେ। ମାହେଶ୍ୱରୀ ସଙ୍ଗଠନର ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସଙ୍ଗୀତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦୁର୍ନୀତିର ଗନ୍ତାଘର ପାଲଟିଛି ସଦର ବ୍ଲକ: ନରସିଂହ

**ବଲାଙ୍ଗୀର,୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ନିର୍ବାଚିତ ପ୍ରତିନିଧି, କର୍ମଚାରୀ ମିଶି ପ୍ରତ୍ୟେକ ଜନହିତକାରୀ ଯୋଜନାରେ ଆସୁଥିବା ଅନୁଦାନର ଏକ ନର୍ଦ୍ଦିଷ୍ଟ ଅଂଶ ପିସି ଆକାରରେ ବାଟମାରଣା କରୁଛନ୍ତି ବୋଲି ପୂର୍ବତନ ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ୍ ବିବୃତିରେ ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଗତ ନିର୍ବାଚନରେ ବିଜୟୀ ହୋଇଥିବା ବିଧାୟକ ଏହି କାରବାରରେ ସାମିଲ ଥିବା ପ୍ରମାଣ ମିଳିଛି । ନିର୍ବାଚନ ପୂର୍ବରୁ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡିକୁ ପ୍ରଦାନ କରାଯାଇଥିବା କାର୍ଯ୍ୟାଦେଶକୁ ବର୍ତ୍ତମାନର ବିଧାୟକ ବାଧା ସୃଷ୍ଟି କରି କାମ ବନ୍ଦ କରିଛନ୍ତି । ଏହି ସବୁ କାର୍ଯ୍ୟ ପାଇଁ ବର୍ତ୍ତମାନ ବିଧାୟକ ଏକ ନିର୍ଦ୍ଦିଷ୍ଟ ପରିମାଣର ପିସି ଦାବି କରୁଥିବା ସେ ଅଭିଯୋଗ ଆଣିଛନ୍ତି। ବିଧାୟକଙ୍କର ଏଭଳି ପିସି ଲାଳସା ଦ୍ୱାରା କେବଳ ବଲାଙ୍ଗୀର ବ୍ଲକ ନୁହେଁ, ଦେଓଗାଁ ବ୍ଲକରେ ମଧ ଅନେକ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟାଦେଶ ସତ୍ତ୍ୱେ ବେଆଇନ ଭାବେ ଅଟକାଇ ଦିଆଯାଇଛି। ଏହି ସମସ୍ତ ବେଆଇନ କାମକୁ ନେଇ ଜିଲାପାଳଙ୍କୁ ଚିଠି ମାଧମରେ ଅଭିଯୋଗ କରାଯାଇଛି । ଏହାର ଶୀଘ୍ର ସମାଧାନ କରା ନଗଲେ ଉକ୍ତ ଉନ୍ନୟନ ମୂଳକ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବାକୁ ଥିବା ଜନସାଧାରଣ ଏହାର ସୁଫଳ ପାଇବାରୁ ବଞ୍ଚିତ ହେବେ ଓ ଭବିଷ୍ୟତରେ ଏହା ଜନଆନ୍ଦୋଳନର ରୂପ ନେଇପାରେ ବୋଲି ପୂର୍ବତନ ବିଧାୟକ ମିଶ୍ର ଜଣାଇଛନ୍ତି।

# ପୋଖରୀ ଉନ୍ନତୀକରଣ,ରାସ୍ତା ନିର୍ମାଣ ଦାବି

**ଲାଠୋର,୧।୧୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଫୁଲଝର ଗ୍ରାମରେ ଥିବା ପୋଖରୀ ଉନ୍ନତୀକରଣ ଏବଂ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। କିନ୍ତୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ କେହି କଥାକୁ କର୍ଣ୍ଣପାତ କରୁ ନ ଥିବା ଗ୍ରାମର ୱାର୍ଡ଼ ମେମ୍ବର ମୁକ୍ତା ନାଏକଙ୍କ ସହ ଗ୍ରାମବାସୀ ସଂକୀର୍ତ୍ତନ ମାଝୀ, ମହେନ୍ଦ୍ର ନାଏକ, ବିଜେଲାଲ ପୁଟା, ଧ୍ରୁବଲେ ଶବର, ମାୟା ଶବର ଏବଂ କମଳ ବିଭାର ଅଭିଯୋଗ କରିଛନ୍ତି। ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୧ ହଜାର। ଗ୍ରାମବାସୀଙ୍କ ସ୍ନାନ ଏବଂ ଶୌଚ ଆଦି ପାଇଁ ପତ୍ରଫଡ଼ି ମୁଡ଼ା, ବରହା ବାହାଲି ମୁଡ଼ା ଏବଂ ଖଜୁର ମୁଡ଼ା ଆଦି ୩ ଗୋଟି ପୋଖରୀ ରହିଛି। ଖରା ଦିନ ଆସିବା ଆଗରୁ ସେହି ପୋଖରୀଗୁଡ଼ିକ ଶୁଖିଯାଏ। ଫଳରେ ଗ୍ରାମବାସୀଙ୍କୁ ସ୍ନାନ ଏବଂ ଶୌଚ ପାଇଁ ନା ନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗ୍ରାମରେ ରହିଥିବା ନଳକୂପ ଉପରେ ନିର୍ଭର କରି ଚଳିବାକୁ ପଡିଥାଏ। ଅନେକ ସମୟରେ ନଳକୂପଗୁଡିକରୁ ଯଥେଷ୍ଟ ପାଣି ବାହାରିବା ନେଇ ସମସ୍ୟା ଦେଖା ଦେଇଥାଏ। ସେହିପରି ପିଡ଼କୁଡ଼ି ରାସ୍ତାରୁ ଫୁଲଝର ଗ୍ରାମ ପର୍ଯ୍ୟନ୍ତ ଏବଂ ଗ୍ରାମରୁ କନ୍ହେଇଛାପର ଓ ଲାଠୋର କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ଯାତାୟତ ପାଇଁ ନାହିଁ ନ ଥିବା ଅସୁବିଧା ହେଉଛି। ଏଭଳି ପରିସ୍ଥିତିରେ ଦୀର୍ଘଦିନରୁ ଗ୍ରାମବାସୀ ପୋଖରୀ ଉନ୍ନତୀକରଣ ଏବଂ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ଅନ୍ୟ ଗ୍ରାମଗୁଡିକରେ ଲୋକଙ୍କ ସୁବିଧା ପାଇଁ ଉନ୍ନତୀମୂଳକ କାର୍ଯ୍ୟ କରାଯାଉଥିବା ବେଳେ ଫୁଲଝର ଗ୍ରାମରେ ଏହାର ବ୍ୟତିକ୍ରମ ଦେଖାଦେଇଛି।ଏନେଇ ମାଲପଡ଼ା ସରପଞ୍ଚ ଗୋପାଲ ମେହେରଙ୍କୁ ପଚାରିବାରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଶୋଚନୀୟ ଅବସ୍ଥାରେ ଥିବା ଫୁଲଝର ଲାଠୋର କଲେଜ ଛକ ରାସ୍ତା।

# ଗଛ ସନ୍ଧି ଦେଇ ଟଣାଗଲା ୧୧ କେଭି ବିଦ୍ୟୁତ ତାର

**ଲୋଇସିଂହା,୧।୧୧(ସୁଶାନ୍ତ ବାରିକ)**

ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ସୃଷ୍ଟି କରିଛି। ସରକାରୀ ସ୍ତରରେ ଏହାର ମୁକାବିଲ କରିବା ଏକ ଚ୍ୟାଲେଞ୍ଜ ହୋଇପଡିଛି। ଫଳରେ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଗଛ ଲଗାଇବାକୁ ଜନସାଧାରଣଙ୍କୁ ଆହ୍ୱାନ କରାଯାଉଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବେପରୁଆ ଭାବେ ୧୧ କେଭି ବିଦ୍ୟୁତ ତାର ଟାଣିବା ଦ୍ୱାର ଜନସାଧାରଣଙ୍କ ପ୍ରତି ବିପଦ ଆଶଙ୍କା ରହିଛି । ଏହାଛଡା ବଡ ବଡ ଗଛ ସନ୍ଧି ଦେଇ ତାର ଟଣା ଯାଇଥିବାରୁ ଭବିଷ୍ୟତରେ ସେହି ଗଛ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି । ଲୋଇସିଂହା ବ୍ଲକ ଲୁହୁରାପାଲିରୁ ଗୁର୍ଜିଭଟା ରାସ୍ତାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ପୂର୍ବରୁ ଖେତବାହାଲରେ ଯାଇଥିବା ୧୧ କେଭି ବିଦ୍ୟୁତ ତାରଗୁଡିକୁ ହଟାଯାଇ ବର୍ତ୍ତମାନ ସମୟରେ ରାସ୍ତାକଡ ଦେଇ ଟଣାଯାଉଛି। ଏହି କ୍ରମରେ ଲୋଇସିଂହା ନାରାୟଣ ସାଗର ରାସ୍ତାର ଲୁହୁରାପାଲି ଦାଦରରୁ ଗୁର୍ଜିଭଟା ଯାଏ ପିଡକୁଡି ରାସ୍ତା କଡରେ ୧୧ କେଭି ବିଦ୍ୟୁତ ତାର ଟଣାଯାଉଛି। ଏଥିପାଇଁ ପ୍ରାୟ ୭୦ରୁ ଅଧିକ ବିଦ୍ୟୁତ ପୋଲ ସ୍ଥାପନ କରାଯାଇଛି। ଏହି ରାସ୍ତାରେ ସଂଯୋଗ କରୁଥିବା ବୁର୍ଡା –ମେଣ୍ଡା ରାସ୍ତାର ଲୁହୁରାପାଲି ଚାରିଛକରୁ ଗୁର୍ଜିଭଟା ସ୍କୁଲ ଯାଏ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରଯାଇଛି। ଲୁହୁରାପାଲିସ୍ଥିତ ପୁରୁଣା କଲୋନୀ ନିକଟରେ ଥିବା ଏକ ବିରାଟ ବରଗଛର ଡାଳପତ୍ର କାଟି ଗଛ ସନ୍ଧି ଦେଇ ବିପଦସଙ୍କୁଳ ଭାବେ ତାର ଟଣାଯାଇଛି। ସେହିପରି ଗୁର୍ଜିଭଟା ସ୍କୁଲ ସଂଲଗ୍ନ ରାସ୍ତାର ଅପରପାର୍ଶ୍ୱରେ ଥିବା ପୁରୁଣା ଆମ୍ବ ଗଛର ଡାଳପତ୍ର କାଟି ସେହି ଗଛ ଉପର ଦେଇ ତାର ଟଣାଯାଇଛି। ସେହି ଗଛର କେତେକ ଡାଳ ରାସ୍ତା ଉପରେ ବିପଦସଙ୍କୁଳ ଅବସ୍ଥାରେ ରହିଥିଲେ ସୁଦ୍ଧା ତାହାକୁ କଟା ଯାଇନାହିଁ। ବଡଧରଣର ଝଡତୋଫାନ ହେଲେ ସେହି ଡାହି ଭାଙ୍ଗି ପଡିବା ଆଶଙ୍କା ରହିଛି। ଉକ୍ତ ରାସ୍ତାରେ ଯାତାୟତ ବେଳେ ଅଘଟଣ ଘଟିଲେ ଧନଜୀବନ ହାନୀ ହେବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଟଣା ଯାଇଥିବା ତାରରେ ବିଦ୍ୟୁତ ସଂଯୋଗ ଦିଆଯିବା ପରେ ଗଛଡାଳ ବୃଦ୍ଧି ହେଲେ କିମ୍ବା ଝଡପବନ ବେଳେ ଡାଳଗୁଡିକ ତାର ସଂସ୍ପର୍ଶରେ ଆସିଲେ ଶର୍ଟ ହେବା ଆଶଙ୍କା ରହିଛି। ଏହି ସମୟରେ କେହି ଯଦି ଗଛ ତଳେ ଆଶ୍ରୟ ନିଅନ୍ତି ତେବେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡି ପାରନ୍ତି ବୋଲି ମତପ୍ରକାଶ ପାଉଛି। ଏପରି କି ଭୁଲବଶତଃ କେହି ଗଛକୁ ଚଢିଗଲେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଘଟଣ ଘଟିପାରେ। ଗୁର୍ଜିଭଟା ସ୍କୁଲ ନିକଟରେ ରାସ୍ତା ଉପରେ ନାମକୁ ମାତ୍ର ସପଟିଙ୍ଗ ତାର ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବିଦ୍ୟୁତ ବିଭାଗର ଏପରି ବେପରୁଆ କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଗଛ ସନ୍ଧି ଦେଇ ୧୧ କେଭି ବିଦ୍ୟୁତ ତାର ଟଣାଯାଇଛି।

**ବିପଦ ଆଶଙ୍କା**

# ସଂକ୍ଷେପରେ

## ଦୀପାବଳିରେ ଚାଲିଗଲା ଯୁବକଙ୍କ ଜୀବନ

**ସଇଁତଲା,୧।୧୧(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବିବିନା ପଞ୍ଚାୟତର ଗ୍ୟାସ ଗୋଦାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଗଣ୍ଡପତ୍ରାପାଲି ପଞ୍ଚାୟତ ଭତାସର ଗ୍ରାମର ଅଜିତ ରଣା (୩୧)। ପ୍ରକାଶ ଯେ, ଉକ୍ତ ଗ୍ୟାସ ଗୋଦାମ ନିକଟରେ ଟାୟାର ରିପାରିଂ ଦୋକାନ ଖୋଲିଥିବା ଅଜିତ ଦୀପାବଳି ଦିନ ସକାଳୁ ଦୋକାନ ଖୋଲିବାକୁ ବାଇକ୍‌ରେ ଆସୁଥିଲେ । ଏହି ସମୟରେ ବଲାଙ୍ଗୀର ପଟରୁ ବାଇକ୍ (ନଂ-ଓଡ଼ି-୩୧-କେ-୬୨୬୨)ରେ ନିଜ ଗ୍ରାମ ଧରବଗଡ଼କୁ ଯାଉଥିବା ଜଣେ ଯୁବକ ତାଙ୍କୁ ଧକ୍କା ଦେଇଥିଲେ । ଫଳରେ ଅଜିତ ନିଜ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

## ୧୦ମ ଭୀମପାହାଡ଼ ମହୋତ୍ସବ ଆରମ୍ଭ

**ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ୫ଦିନ ଧରି ହେବାକୁ ଥିବା ୧୦ମ ଭୀମପାହାଡ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ପାଇଁ ସ୍ଥାନୀୟ ଭୀମଡୁଙ୍ଗୁରୀରୁ ଶତାଧିକ ମହିଳା ପୁରୁଷ ପୂର୍ଣ୍ଣ କଳସ ଧାରଣ କରି ଶୋଭାଯାତ୍ରାରେ ଆସି ପ୍ରହରୀ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଇଁନ୍ତଲା ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ ଯୋଗଦେଇ ମଶାଲକୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଲକ୍ଷ୍ମଣ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦରବାରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସମ୍ମାନିତ ଅତିଥି ଭାବେ ଶୈଳେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ବହିଦାର, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତିସଭ୍ୟ ଅଭିମନ୍ୟୁ ମାଝୀ ମଞ୍ଚାସୀନ ଥିଲେ ।

# ବୃହତ୍ ଶସ୍ୟ ଗୋଦାମ ଯୋଜନାରେ ୩ ପାକ୍ସ

**ସୋନପୁର,୧।୧୧(ମୃତ୍ୟୁଞ୍ଜୟ ଶତପଥୀ)**

- ୬୦ ପାକ୍ସର ଗୋଦାମ, ଅଫିସ ନିର୍ମାଣ ପାଇଁ ଅନୁଦାନ
- ଅସଜଡା ମଣ୍ଡି ଭିତ୍ତିଭୂମିର ସୁଧାର ପାଇଁ ପ୍ରୟାସ

ରାଜ୍ୟ ସରକାର ବିନା କଟନି ଛଟ୍‌ନିରେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ଯୋଜନା କରୁଛନ୍ତି। ଖରିଫରେ ଚାଷୀଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କାରେ ଧାନ କିଣିବା ପାଇଁ ପ୍ରସ୍ତୁତି ଚାଲିଛି। ତେବେ ମଣ୍ଡି ମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ସମସ୍ୟା ସୃଷ୍ଟି କରିଛି। ଅନେକ ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପାଇଁ ଗୋଦାମ ଗୃହ ନାହିଁ। ଖୋଲା ଆକାଶ ତଳେ ମଣ୍ଡିରୁ ଧାନ କିଣାଯାଉଛି। ତେଣୁ ମଣ୍ଡି ଭିତ୍ତିଭୂମିକୁ ସଜାଡିବା ପାଇଁ ନୂଆ ସରକାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ମଣ୍ଡି ଭିତ୍ତିଭୂମିର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୮୦କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ଏଥିପାଇଁ ଜିଲାର ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ବିଶ୍ୱର ବୃହତ୍ ଶସ୍ୟ ଗୋଦାମ ଯୋଜନାରେ ସୁବର୍ଣ୍ଣପୁର ଜିଲାର ୩ଟି ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ) ସାମିଲ ହୋଇଛି। ସୋନପୁର ବ୍ଲକର ରେଙ୍ଗାଲି ପାକ୍ସରେ ୧୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ୧କୋଟି ୯୦ଲକ୍ଷ ୮୪ହଜାର ଟଙ୍କାର ଅନୁମୋଦନ ମିଳିଛି। ସେହିପରି ସୋନପୁର ବ୍ଲକର ମୟୂରଉଡାନ ପାକ୍ସର ୫୦୦ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ୧କୋଟି ୨୯ଲକ୍ଷ ଓ ତରଭା ବ୍ଲକ ମରାଡୁଗୋଛା ପାକ୍ସର ୫୦୦ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ପାଇଁ ୧କୋଟି ୨୦ଲକ୍ଷ ୬୮ହଜାର ଟଙ୍କା ଅନୁମୋଦିତ ହୋଇଛି। ଏ ସଂକ୍ରାନ୍ତରେ ଯୋଜନା କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନେବାକୁ ସୁବର୍ଣ୍ଣପୁର ଡିଆରସିଏସ୍‌ଙ୍କୁ ରାଜ୍ୟ ସମବାୟ ନିବନ୍ଧକ ଚିଠି ଲେଖିଛନ୍ତି। ସୂଚନା ଅନୁଯାୟୀ, ଜିଲାରେ ଗୋଦାମ ଓ ଶସ୍ୟ ସଂରକ୍ଷଣ ଭିତ୍ତିଭୂମି ଅଭାବ ଯୋଗୁ ଚାଷୀ ଶୋଷଣର ଶିକାର ହେଉଛି। ଧାନ ବିକ୍ରି ବ୍ୟବସ୍ଥାରେ ମାତ୍ରାଧିକ ମିଲର କେନ୍ଦ୍ରୀଭୂତ ହୋଇଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଓଡିଶାର ଯେଉଁ ପାକ୍ସରେ ଏହା କାର୍ଯ୍ୟକାରୀ ହେଉଛି, ସେଠାରେ ସର୍ବନିମ୍ନ ୫୦୦ରୁ ସର୍ବାଧିକ ୨୫୦୦ ମେଟ୍ରିକ୍ ଟନ୍ କ୍ଷମତା ମଧ୍ୟରେ ଗୋଦାମ ନିର୍ମାଣ କରାଯିବ। ଏଥିରେ ୱେ଼ର ହାଉସ, ଡ୍ରେନେଜ୍, ପାଚେରି, ରାସ୍ତା, ଜମି ସମତୁଲ ଭଳି ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆର୍‌ଏମସି ପକ୍ଷରୁ ପୂର୍ବରୁ କିଛି ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କିଣୁଥିବା ସ୍ଥାନରେ ଗୋଦାମ ଘର ନିର୍ମାଣ କରାଯାଇଛି। ଜିଲାରେ ମୋଟ ୭୨ଟି ପାକ୍ସ ଅଛି। ସେଥିମଧ୍ୟରୁ ନିକଟରେ ୬୦ଟି ପାକ୍ସର ଅଫିସ ଘର, ପାଚେରୀ, ଗୋଦାମ, କୃଷକ ବିଶ୍ରାମ ଗୃହ, ଶୌଚାଳୟ, ପିଣ୍ଡି ଉପରେ ଛାତ ଓ ସ୍ୱଚ୍ଛ ପାନୀୟ ଜଳ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ । ଜିଲାର ୬ଟି ବ୍ଲକର ୬୦ ପାକ୍ସ ପାଇଁ ରାଜ୍ୟ ସମବାୟ ବିଭାଗ ପ୍ରାୟ ୭୫ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛି। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ଜଣାପଡିଛି ।

# କାଳୀପୂଜା ପାଇଁ ଚଳଚଞ୍ଚଳ ଉଫୁଲା



ଉଫୁଲା କାଳୀପୂଜାରେ ମେଢ଼।

**ଅମରପାଲି,୧।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ଗ୍ରାମରେ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ହେଉଥିବା ମା ’ ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଚଳିତ ବର୍ଷ ୪୧ ବର୍ଷରେ ପହଞ୍ଚିଛି। ୪ ଦିନ ଧରି ହେଉଥିବା ପୂଜା ପାଇଁ ବେଶ ଚଳଚଞ୍ଚଳ ହୋଇ ପଡ଼ିଛି ଉଫୁଲାଗ୍ରାମ। ପୂଜା ପରିଚାଳନା ପାଇଁ ସର୍ବ ସମ୍ମତିକ୍ରମେ ଏକ ପରିଚାଳନା କମିଟି ଗଠିତ ହୋଇଛି। ଏଥିରେ ପ୍ରଫୁଲ୍ଲ ଡାଙ୍ଗ ସଭାପତି,ଗୋପୀନାଥ କର୍ଣ୍ଣ ସମ୍ପାଦକ ଏବଂ ଦିଲ୍ଲୀପ କୁମାର ଡାଙ୍ଗ, ଅଚ୍ୟୁତାନନ୍ଦ ସାହୁ, ଗୁପ୍ତେଶ୍ୱର ପଧାନଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଗୁରୁବାର କଳସ ଶୋଭାଯାତ୍ରା କରାଯାଇଥିଲା। ମହିଳା ଓ ଯୁବତୀମାନେ ଗ୍ରାମର ପୋଖରୀରୁ ଜଳ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କଲାପରେ ପୂଜା ଆରମ୍ଭ ହୋଇଥିଲା। କ୍ଲବର ପ୍ରାୟ ୬୫ରୁ ଅଧିକ ସଭ୍ୟ ନିଷ୍ଠା ଓ କାଷ୍ଟର ସହିତ ପ୍ରତ୍ୟହ ପୂଜା କରୁଛନ୍ତି। ସକାଳୁ ପୂଜା ଓ ଚଣ୍ଡୀପାଠ ହେଉଛି। ସବୁ ବର୍ଷ ପରି ଚଳିତ ବର୍ଷ ମଧ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯାଉଛି। ମେଢ଼ ଗୁଡିକ ଆକର୍ଷଣୀୟ ଆଲୋକମାଳାରେ ସଜେଇ ହୋଇଛି। ଅର୍ଜୁନ ପଣ୍ଡା ପୂଜକ କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଅଚ୍ୟୁତାନନ୍ଦ ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି। ଦର୍ଶକଙ୍କ ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶୁକ୍ରବାର ରାତିରେ ମିକ୍ସଚର ଦଣ୍ଡ କରାଯାଉଥିବା ବେଳେ ଶନିବାର ରାତିରେ ସଙ୍କୀର୍ତ୍ତନ ବୈଠକ ପରିବେଷଣ ହେବ। ଏଥିରେ ଡଭଲା ଓ ମୁଣ୍ଡମହୁଲ ମଧ୍ୟରେ ସଙ୍କୀର୍ତ୍ତନ ବୈଠକ ପରିବେଷଣ ହେବ। ରବିବାର ଭସାଣି ହେବ। ଏଥିରେ ପାରମ୍ପରିକ ବାଡି ଖେଳ,ଆଦିବାସୀ ନୃତ୍ୟ,ଢୋଲ ନିଶାନ, ଘଣ୍ଟ ବାଦ୍ୟ ଆଦି ପରିବେଷଣ ହେବ।

# ସମ୍ବିଧାନ ସଚେତନତା ଅଭିଯାନ ରଥକୁ ସ୍ୱାଗତ



ଡୁଙ୍ଗୁରିପାଲିରେ ସମ୍ବିଧାନ ସଚେତନତା ରଥକୁ ଆମ୍ବେଡ଼କର ପ୍ରେମୀ ସ୍ୱାଗତ କରୁଛନ୍ତି।

**ଡୁଙ୍ଗୁରିପାଲି,୧।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ସମ୍ବିଧାନ ସଚେତନତା ଅଭିଯାନ ରଥକୁ ଗୁରୁବାର ସନ୍ଧ୍ୟାରେ ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ନିକଟରେ ଭବ୍ୟ ସମ୍ବର୍ଦ୍ଧନା ସ୍ୱାଗତ କରାଯାଇଛି। ଲକ୍ଷ୍ମଣ ଭରାସାଗର, ଗରିବ ବାଗ, କୃଷ୍ଣ ବାଗ, ଦୀନବନ୍ଧୁ ସୁନା, ବୀରେନ୍ଦ୍ର ଦଣ୍ଡସେନା, ସୁରେନ୍ଦ୍ର ହରିପାଲଙ୍କ ସହ ବହୁସଂଖ୍ୟାରେ ଆମ୍ବେଡ଼କର ପ୍ରେମୀ ଡକ୍ଟର ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ରଥକୁ ସ୍ୱାଗତ ଜଣାଇଥିଲେ। ରଥ ଡୁଙ୍ଗୁରିପାଲି ସହର ପରିକ୍ରମା କରି ରାଜଲକ୍ଷ୍ମୀ ଗଣ୍ଡାପଡ଼ାରେ ପହଞ୍ଚିଥିଲା। ପଡ଼ାରେ ପ୍ରତି ଗଳି ରାସ୍ତା ଘର ସମ୍ମୁଖରେ ପୂର୍ଣ୍ଣକଳସ ଜଳ ରଖି, ଦୀପ ଜାଳି ପୁଷ୍ପମାଲ୍ୟ ଦେଇ ମହିଳାମାନେ ସ୍ୱାଗତ ଜଣାଇଥିଲେ। ସମ୍ବିଧାନ ସଚେତନତା ରଥର ପ୍ରଚାରକ ହିମାଂଶୁ ବିଭାରଙ୍କ ନେତୃତ୍ୱରେ ଗଣ୍ଡାପଡ଼ାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରଥପ୍ରଚାର ଦାୟିତ୍ୱରେ ଥିବା ପୂର୍ଣ୍ଣଚନ୍ଦ୍ର ପାଇକ, ଡିଲେଶ୍ୱର ନାଏକ, ସୁରେନ୍ଦ୍ର ସୁନା ଯୋଗଦେଇଥିଲେ। ରଥ ପ୍ରଚାରକ ସୁରେନ୍ଦ୍ର ବିଭାର ସଭାରେ କହିଥିଲେ ଯେ, ଭାରତୀୟ ସମ୍ବିଧାନ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭାରେ ଗୃହୀତ ହେଲା। ୧୯୫୦ ଜାନୁଆରୀ ୨୬ରୁ ସମ୍ବିଧାନ କାର୍ଯ୍ୟକାରୀ ହେଲା। ଆସନ୍ତା ୨୬ ନଭେମ୍ବରକୁ ଭାରତୀୟ ସମ୍ବିଧାନକୁ ୭୫ ବର୍ଷ ପୂରଣ ହେବ। ୭୫ ବର୍ଷ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ଭାରତରେ ପରିସ୍ଥିତି ଜଟିଳ। ସମ୍ବିଧାନ ସଚେତନତା ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚିବା ଆବଶ୍ୟକ। ତା’ହେଲେ ଦେଶରେ ନିର୍ଯାତନା, ଭେଦଭାବ, ହିଂସା, ବେରୋଜଗାର ପରି ମୌଳିକ ସମସ୍ୟା ସବୁ ଦୂର ହେବ। ବହୁଜନ ଭିତରେ ଏକତାର ଆବଶ୍ୟକତା ବୋଲି ବିଭାର କହିଥିଲେ। ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ତାର ପ୍ଲାଟିନମ ଜୁବୁଲୀ ସମାରୋହକୁ ନେଇ ଏ ବର୍ଷ ୨୦୨୪ ମୂଳନିବାସୀ ବହୁଜନ ମିଳିତ ମହାସଂଘ, ଓଡିଶା ତରଫରୁ ସମ୍ବିଧାନ ସଚେତନତା ଅଭିଯାନ ରଥ ବରଗଡ ଜିଲା ଗାଇସିଲେଟ ବ୍ଲକର ଗନିଆପାଲି ମୁଚକନ୍ଦ ବୁଦ୍ଧବିହାରରୁ ବାହାରି ୧୫ଟି ଜିଲା ଯଥା ବରଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ଦେଓଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ପ୍ରମୁଖ ଜିଲାରେ ପରିକ୍ରମା କରିବ। ସମ୍ବିଧାନ ୭୫ ବର୍ଷ ପୂର୍ତ୍ତି ହେଉଛି ସମଗ୍ର ଦେଶବାସୀଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ। ସାରା ଦେଶ ଏହାକୁ ମହାଆଡମ୍ବରରେ ପାଳନ କରିବା ସହିତ ସମ୍ବିଧାନକୁ ସମସ୍ତ ବ୍ୟକ୍ତିଙ୍କ ପାଖକୁ ପହଞ୍ଚାଇବା ଆବଶ୍ୟକ। ଜନସଚେତନତାରୁ ଜନଜାଗରଣ ସମ୍ଭବ ହେବ ବୋଲି କହିବା ସହ ଆସନ୍ତା ୧ ଡିସେମ୍ବର ବଲାଙ୍ଗୀରଠାରେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲି ମହାସମାରୋହରେ ପାଳନ କରାଯିବ ବୋଲି ବିଭାର ସୂଚନା ପ୍ରକାଶ କରିଛନ୍ତି।

# ଅଫିସ୍ ପ୍ରକୋଷ୍ଠରେ ବିଡିଓ-ଖବରଦାତା ମାର୍‌ପିଟ୍

**ପୋଲିସର ତଦନ୍ତ ଜାରି, ୨ ମାମଲା ରୁଜୁ**

**ସୋନପୁର,୧।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବିଡିଓଙ୍କ ପ୍ରକୋଷ୍ଠରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଓ ଖବରଦାତା ଧୀରେନ୍ଦ୍ର ଦାନୀ ମାରପିଟ୍ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମୁଥ ମରାମରି ଯୋଗୁ ଉଭୟଙ୍କ ମୁହଁ ଫାଟିଛି। ଏସଂକ୍ରାନ୍ତରେ ବିଡିଓ ସ୍ୱାଇଁ ଓ ଖବରଦାତା ଦାନୀ ପରସ୍ପର ବିରୋଧରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପୃଥକ ଭାବେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ସୋନପୁର ଭାରପ୍ରାପ୍ତ ଆଇଆଇସି ଭୋଜରାଜ ସା ସୂଚନା ଦେଇଛନ୍ତି।

ବିଡିଓ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ ସେ ଅଫିସ ପ୍ରକୋଷ୍ଠରେ ବସି କାମ କରୁଥିବା ବେଳେ ଏକ ବୈଦ୍ୟୁତିକ ଗଣମାଧମରେ କାମ କରୁଥିବା ଦାନୀ ହଠାତ୍ ପ୍ରବେଶ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରିକି ସେ ତାଙ୍କୁ ମାଡ ମାରିବା ସହ ବେକରେ ପିନ୍ଧିଥିବା ସୁନା ଚେନ୍‌କୁ ଛିଣ୍ଡାଇ ଦେଇଛନ୍ତି। ଏଥିଯୋଗୁ ତାଙ୍କ ମୁହଁ ଫାଟି ରକ୍ତସ୍ରାବ ହେଉଛି। ଏହି ଘଟଣାକୁ ନେଇ ବ୍ଲକ କର୍ମଚାରୀ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

ସେହିପରି ଖବରଦାତା ଦାନୀଙ୍କ ଅଭିଯୋଗ ଅନୁଯାୟୀ ବ୍ଲକର ୫-ଟି ହାଇସ୍କୁଲ ଗୁଡିକରେ ହୋଇଥିବା ଉନ୍ନତିମୂଳକ କାମ ବିଷୟରେ ସେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ସେହି ବିଷୟରେ ବିଡିଓଙ୍କ ସହ କଥା ହେବା ପାଇଁ ସେ ଯାଇଥିଲେ। ତେବେ ବିଡିଓ ପୂର୍ବ ରାଗ ରଖି ତାଙ୍କୁ କୁଆଡେ ଆକ୍ରମଣ କରିଥିଲେ। ଏଥିଯୋଗୁ ତାଙ୍କ ସୁନାଚେନ୍ ଛିଣ୍ଡିଥିବା ବେଳେ ମୁହଁ ଫାଟିଛି। ଘଟଣା ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ପ୍ରଦୀପ କୁମାର ପାଣି କୁହନ୍ତି, ତଦନ୍ତ ଜାରି ରହିଛି। ଉଭୟ ଅଭିଯୋଗକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି।

# ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ହରଭଙ୍ଗା,୧।୧୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଭୈରବୀ ସ୍ନାତକ ମହାବିଦ୍ୟାଳୟଠାରେ ଶୁକ୍ରବାର ଦିନ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ. ରମେଶ ଚନ୍ଦ୍ର ତାରେଣିଆ ସଭାପତିତ୍ୱ କରିଥିଲେ। ସଚେତନତା ସଭାରେ ଅତିଥି ଭାବେ ଅଧ୍ୟାପକ ଲଳିତ କୁମାର ମେହେର, ପ୍ରମୋଦ କୁମାର ମହାପାତ୍ର, ରଞ୍ଜିତ କୁମାର ସାମଲ, ସୁରେଶ୍ୱର ଯୋଶୀ, ପୀତବାସ ମେହେର, ଅଧ୍ୟାପିକା ସୁଷମା ବହିଦାର, ଶୁଭ୍ରା ମଲିକା ପ୍ରଧାନ, ପୂଜାରାଣୀ ଦେଓ ଓ ଦମୟନ୍ତୀ ନାୟକ ଯୋଗ ଦେଇ ଦୁର୍ନୀତି ବରୋଧରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ । ଦୁର୍ନୀତି ହଟାଇବା ସହିତ ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ସାଧୁତା, ସଚୋଟତା ବଜାୟ ରଖିବାକୁ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସଂକଳ୍ପ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଲୋକମାନଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ପାଇଁ ରାଲି କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରମୋଦ କୁମାର ମହାପାତ୍ର ପରିଚାଳନା କରିଥିଲେ।



ସଚେତନତା କାର୍ଯ୍ୟକ୍ରମ ଅବସରରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ଧାରଣା

**ଟିଟିଲାଗଡ଼,୧।୧୧(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଗର୍ଭରେ ଥିବା ଶିଶୁ ସହ ଜଣେ ପ୍ରସୂତି ମହିଳାଙ୍କ ଗୁରୁବାର ଅକାଳ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ଡାକ୍ତରଖାନା ଆଗରେ ଧାରଣା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ, ଟିଟିଲାଗଡ଼ ସହର ହାଟପଦାପଡାର ରାଜେଶ ବେହେରାଙ୍କ ସ୍ତ୍ରୀ ସରୋଜିନୀ (୩୦) ଘଟଣାଦିନ ସକାଳେ ଘରେ ଦୀପାବଳି ଅବସରରେ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରସବ ଯନ୍ତ୍ରଣା ହେବାରୁ ପୂର୍ବାହ୍ନରେ ତାଙ୍କୁ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଗର୍ଭରେ ଥିବା ଶିଶୁ ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା।ପରିବାରଲୋକେଡାକ୍ତର ଅଭାବ ,ଚିକିତ୍ସାରେ ଅବହେଳା ଓ ଅନ୍ୟାନ୍ୟ ଅଭିଯୋଗ ଆଣି ଧାରଣା ଦେଇଥିଲେ।

# ପୋଖରୀ ଉନ୍ନତୀକରଣ,ରାସ୍ତା ନିର୍ମାଣ ଦାବି

**ଲାଠୋର,୧।୧୧(ଭୁବନେଶ୍ୱର ବାରିକ)**



ଶୋଚନୀୟ ଅବସ୍ଥାରେ ଥିବା ଫୁଲଝର ଲାଠୋର କଲେଜ ଛକ ରାସ୍ତା ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଫୁଲଝର ଗ୍ରାମରେ ଥିବା ପୋଖରୀ ଉନ୍ନତୀକରଣ ଏବଂ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। କିନ୍ତୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ କେହି କଥାକୁ କର୍ଣ୍ଣପାତ କରୁ ନ ଥିବା ଗ୍ରାମର ୱାର୍ଡ଼ ମେମ୍ବର ମୁକ୍ତା ନାଏକଙ୍କ ସହ ଗ୍ରାମବାସୀ ସଂକୀର୍ତ୍ତନ ମାଝୀ, ମହେନ୍ଦ୍ର ନାଏକ, ବିଜେଲାଲ ପୁଟା, ଧ୍ରୁବଲେ ଶବର, ମାୟା ଶବର ଏବଂ କମଲ ବିଭାର ଅଭିଯୋଗ କରିଛନ୍ତି। ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୧ ହଜାର। ଗ୍ରାମବାସୀଙ୍କ ସ୍ନାନ ଏବଂ ଶୌଚ ଆଦି ପାଇଁ ପତ୍ରଫଡ଼ି ମୁଡ଼ା, ବର୍‌ହା ବାହାଲି ମୁଡ଼ା ଏବଂ ଖଜୁର ମୁଡ଼ା ଆଦି ୩ ଗୋଟି ପୋଖରୀ ରହିଛି। ଖରା ଦିନ ଆସିବା ଆଗରୁ ସେହି ପୋଖରୀଗୁଡ଼ିକ ଶୁଖିଯାଏ। ଫଳରେ ଗ୍ରାମବାସୀଙ୍କୁ ସ୍ନାନ ଏବଂ ଶୌଚ ପାଇଁ ନା ନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗ୍ରାମରେ ରହିଥିବା ନଳକୂପ ଉପରେ ନିର୍ଭର କରି ଚଳିବାକୁ ପଡିଥାଏ। ଅନେକ ସମୟରେ ନଳକୂପଗୁଡିକରୁ ଯଥେଷ୍ଟ ପାଣି ବାହାରିବା ନେଇ ସମସ୍ୟା ଦେଖା ଦେଇଥାଏ। ସେହିପରି ପିଚ୍ଛୁଡ଼ି ରାସ୍ତାରୁ ଫୁଲଝର ଗ୍ରାମ ପର୍ଯ୍ୟନ୍ତ ଏବଂ ଗ୍ରାମରୁ କହ୍ନେଇଛାପର ଓ ଲାଠୋର କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ଯାତାୟତ ପାଇଁ ନାହିଁ ନ ଥିବା ଅସୁବିଧା ହେଉଛି। ଏଭଳି ପରିସ୍ଥିତିରେ ଦୀର୍ଘଦିନରୁ ଗ୍ରାମବାସୀ ପୋଖରୀ ଉନ୍ନତୀକରଣ ଏବଂ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ଅନ୍ୟ ଗ୍ରାମଗୁଡିକରେ ଲୋକଙ୍କ ସୁବିଧା ପାଇଁ ଉନ୍ନତୀମୂଳକ କାର୍ଯ୍ୟ କରାଯାଉଥିବା ବେଳେ ଫୁଲଝର ଗ୍ରାମରେ ଏହାର ବ୍ୟତିକ୍ରମ ଦେଖାଦେଇଛି।ଏନେଇ ମାଲପଡ଼ା ସରପଞ୍ଚ ଗୋପାଲ ମେହେରଙ୍କୁ ପଚାରିବାରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଗ୍ରାମକୁ ରାସ୍ତା ଦେବାକୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

**ଅମରପାଲି, ୧।୧୧(ପୀତାମ୍ବର ସାହୁ)**

**ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ଼ଦେଇ ଅବରୋଧ ଘଟଣା**

- ୭ ମାସ ହେଲା ରାସ୍ତା ଖୋଲିବାରେ ପ୍ରଶାସନ ବିଫଳ



ଦାବିପତ୍ର ଦେବା ପାଇଁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁଦଗୁଦା ଗ୍ରାମବାସୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଗୁଦଗୁଦା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଦୀର୍ଘ ୭ ମାସ ହେଲା ବାଡା ଦେଇ ଅବରୋଧ କରାଯାଉଛି। ଫଳରେ ଯାତାୟତରେ ସମସ୍ୟା ଦେଖାଦେଇଛି। ଏନେଇ ଗ୍ରାମବାସୀ ବିଭିନ୍ନ ସମୟର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ କେହି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏନେଇ ଶୁକ୍ରବାର ଗୁଦଗୁଦା ଗ୍ରାମବାସୀ ବୀରମହାରାଜପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଗ୍ରାମକୁ ରାସ୍ତା ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁସାରେ, ଅମରପାଲି ସ୍ଥିତ ପୂର୍ତ୍ତ ବିଭାଗ ରାସ୍ତାରୁ ଗୁଦଗୁଦା ଗ୍ରାମକୁ ଆରଡି ବିଭାଗ ତରଫରୁ ଏକ ରାସ୍ତା ରହିଛି। ଗତ ଫେବୃଆରୀରେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା। ମାତ୍ର କେତେକ ବ୍ୟକ୍ତି ମାର୍ଚ୍ଚ ୨୭ ତାରିଖରେ ଉକ୍ତ ରାସ୍ତା ଉପରେ ବାଡ଼ା ଦେଇ ଅବରୋଧ କରିଛନ୍ତି। ଫଳରେ ଗୁଦଗୁଦା ଗ୍ରାମବାସୀ ଏନେଇ ମାର୍ଚ୍ଚ ୨୮ ତାରିଖରେ ବୀରମହାରାଜପୁର ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଏହା ସହିତ ସୁବର୍ଣ୍ଣପୁର ଜିଲାପାଳଙ୍କୁ ମଧ ରାସ୍ତା ଦେବା ପାଇଁ ଅଭିଯୋଗ କରିଥିଲେ। ପ୍ରଶାସନ ତରଫରୁ ଅଭିଯୋଗ ପରେ ଉକ୍ତ ସ୍ଥାନକୁ ଆସି ରାସ୍ତା ଚିହ୍ନଟ ହୋଇଥିଲା। ପରେ ଗ୍ରାମବାସୀଙ୍କୁ ଉକ୍ତ ରାସ୍ତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲେ ମଧ ଏଯାଏ ରାସ୍ତା ଖୋଲା ଯାଇ ନାହିଁ। ଉକ୍ତ ରାସ୍ତା ଉପରେ ଗୁଦଗୁଦା ଗ୍ରାମବାସୀଙ୍କ ସହିତ ଅମରପାଲି, ଭାଲୁଟୁଆ, କୁଆଖୋଲ ସମତେ ଗରଗଡବାହାଲ ପଞ୍ଚାୟତ ଓ ରେଢାଖୋଲ ବ୍ଲକର ଅନେକ ଗ୍ରାମର ଲୋକେ ନିର୍ଭର କରନ୍ତି। ଏବେ ରାସ୍ତାରେ ବାଡ଼ା ଦିଆଯାଇଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମକୁ ଆମ୍ବୁଲାନ୍ସ ଯାତାୟତ କରିପାରୁ ନାହିଁ। ରୋଗୀମାନେ ଅନେକ ସମୟରେ ହନ୍ତସନ୍ତ ହେଉଛନ୍ତି। ଫଳରେ ଗ୍ରାମବାସୀ ତୁରନ୍ତ ଉକ୍ତ ରାସ୍ତାରୁ ବାଡ଼ା ହଟାଇବାକୁ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଉପେନ୍ଦ୍ର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁଦଗୁଦା ଗ୍ରାମର ମକରଧ୍ୱଜ ମିର୍ଦ୍ଧା, ସୁଶାନ୍ତ ପ୍ରଧାନ,ବିଷ୍ଣୁ ଚରଣ ପ୍ରଧାନ,ଗୋବିନ୍ଦ ମିର୍ଦ୍ଧା,ବେଣୁଧର ରାଏ, ପପୁନ କୁମୁରାଙ୍କ ସମେତ ଅନେକ ବ୍ୟକ୍ତି ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଗ୍ରାମର ଉକ୍ତ ସମସ୍ୟାକୁ ପ୍ରଶାସନ ତୁରନ୍ତ ସମାଧାନ କରି ରାସ୍ତା ଦେବାକୁ ସାଧାରଣରେ ମଧ ଦାବି ହେଉଛି।

## ସଂକ୍ଷେପରେ

### କୁଆଁରମୁଣ୍ଡାରେ ନୂତନ ବିଡିଓଙ୍କ ଯୋଗଦାନ



**କୁଆଁରମୁଣ୍ଡା,୧।୧୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ଶୁକ୍ରବାର ନୂତନ ବିଡିଓଭାବେ ଜଗଦୀଶ ଚନ୍ଦ୍ର ମହାନନ୍ଦ ଯୋଗଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ସମସ୍ତ କର୍ମଚାରୀଙ୍କ ସହଯୋଗରେ ସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯିବ। ତୃଣମୂଳସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇନେବା ହିଁ ମୋର ପ୍ରାଥମିକ କାର୍ଯ୍ୟ ହେବ ବୋଲି ବିଡିଓ ମହାନନ୍ଦ କହିଛନ୍ତି।

# ମାଳ, ବେର୍ଣ୍ଣା ଜମିର ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତବର୍ଷ ସ୍ୱାଭାବିକ ଠାରୁ ଅତିକମ ବର୍ଷା ହୋଇଛି। ବିଶେଷ କରି ମାଳ ଓ ବେର୍ଣ୍ଣା କିସମ ଜମିର ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାନଚାଷ ନଷ୍ଟ ହୋଇଯାଇଥିବା କୃଷକଙ୍କ ଅଭିଯୋଗ କ୍ରମେ ବଡ଼ଗାଁ, ଇତମା, ଟିକିଲିପଡା, ବରଙ୍ଗାକଛାର ଆଦି ବିଭିନ୍ନ ପଞ୍ଚାୟତକୁ ଯାଇ ଚାଷ ନିରୀକ୍ଷଣ କଲାବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ କ୍ଷୀର ନେଇନପାରି ପାଳ ହୋଇଯାଇଥିବା ଦେଖାଯାଇଥିଲା। କୃଷକ ମାନଙ୍କ ଠାରୁ ପ୍ରକାଶ, ଚଳିତ ବର୍ଷ ବର୍ଷା ବିଳମ୍ବରେ ହୋଇଥିଲା। ଅଗଷ୍ଟ ୨୪ ତାରିଖରୁ ଆଜିଯାଏଁ ବର୍ଷା ହୋଇନାହିଁ। ଯେଉଁ ସମୟରେ ଧାନରେ କ୍ଷୀର ହୋଇ ମଞ୍ଜି ପୁଷ୍ଟ ହୋଇଥାଏ ସେହି ସମୟରେ ବର୍ଷା ନ ହେବାରୁ ଜମି ଫାଟି ଆଁ କରିବା ସହିତ କେତେକ ଚାଷୀଙ୍କ ତଳି ମରି ଯାଇଥିଲା।



ଅଧିକାରୀଙ୍କ ସହ ଚାଷୀମାନେ।

**ମରୁଡ଼ି ଘୋଷଣା ଦାବି**

ଯାହାକିଛି ଥିଲା ତାହା ମଧ୍ୟ ନଷ୍ଟ ହୋଇଯାଇଛି। ଶୁକ୍ରବାର ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ବିଭିନ୍ନ ପଞ୍ଚାୟତର ଚାଷଜମିକୁ ଯାଇ ବୁଲିଦେଖିବା ସହିତ କୃଷକଙ୍କୁ ସାକ୍ଷାତ କରି ସମସ୍ୟା ଉପରେ ପଚାରିବୁଝିଛନ୍ତି। ସେହିପରି ବଡ଼ଗାଁ ବ୍ଲକ ସରପଞ୍ଚ ସଂଘର ସଭାପତି ଯୋଗିନ୍ଦ୍ର କିସାନ, ସଂଘ କର୍ମକର୍ତ୍ତା ସୁଦୀପ ବାଡା, ଗୋବର୍ଦ୍ଧନ ହାହା ପ୍ରମୁଖ ଜନ ପ୍ରତିନିଧିମାନେ କ୍ଷତିଗ୍ରସ୍ତ ଜମି ବୁଲି ଦେଖିବା ପରେ ଜିଲାପାଳଙ୍କୁ ଜଣାଇବା ପାଇଁ ଦାବିପତ୍ର ପ୍ରସ୍ତୁତ କରିଛନ୍ତି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜୁନରେ ୨୩୭.୪ ମିଲି ମିଟର ବର୍ଷା ହେବାକଥା, କିନ୍ତୁ ମାତ୍ର ୩୯ ମିଲି ମିଟର ବର୍ଷା ହୋଇଥିଲା। ଜୁଲାଇରେ ୩୮୬ ମିଲି ମିଟର ବର୍ଷା ହେବାକଥା ହେଲେ ୧୦୫ ମିଲି ମିଟର ବର୍ଷା ହୋଇଥିଲା। ସେପ୍ଟେମ୍ବରରେ ୨୧୧.୫ ମିଲି ମିଟର ବର୍ଷା ହେବାକଥା କିନ୍ତୁ ମାତ୍ର ୭୨ ମିଲି ମିଟର ବର୍ଷା ହୋଇଥିଲା। ଯେଉଁ ସମୟରେ ବର୍ଷା ଆବଶ୍ୟକ ସେ ସମୟରେ ସ୍ୱାଭାବିକ ଠାରୁ ଅତି କମ ବର୍ଷା ଓ ରୋଗପୋକ ହେବାରୁ ମାଳ ଏବଂ ବେର୍ଣ୍ଣା ଜମିର ଚାଷ ଉଜୁଡି ଯାଇଛି। କେବଳ ଖାଲୁଆ ଥିବା ବାହାଲ କିସମ ଜମିର ଚାଷ କିଛିଟା ହୋଇପାରିଛି। ବ୍ଲକର ସମସ୍ତ ପଞ୍ଚାୟତରେ ଏଭଳି ପରିସ୍ଥିତି ଦେଖାଦେଇଛି। ଅଞ୍ଚଳର ଜନ ପ୍ରତିନିଧି ଓ କୃଷକମାନେ ମରୁଡି ଘୋଷଣା କରିବାକୁ ସରକାରଙ୍କ ଠାରେ ଦାବି କରିଥିବାବେଳେ ପ୍ରଶାସନ ତଦନ୍ତ କରି କୃଷକଙ୍କୁ କ୍ଷତି ପୂରଣ ମିଳିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ସଚ୍ଚୋଟତା ଦେଖାଇଲେ ୨ ବାଳକ: ପାଇଥିବା ସୁନାହାର ଫେରାଇଲେ

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତ ମନୋହରପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଦେଢ଼ ଲକ୍ଷ ଟଙ୍କାର ସୁନାହାର ହଜିଯାଇଥିଲା। ଉକ୍ତ ଗ୍ରାମର ୨ ନାବାଳକ ସୁନାହାର ପାଇ ତାଙ୍କୁ ଫେରାଇଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ୨ ବାଳକଙ୍କ ସାଧୁତାକୁ ଲୋକେ ପ୍ରଶଂସା କରୁଛନ୍ତି। ମନୋହରପୁର ଗ୍ରାମର ଗୌନ୍ତିଆ ମନମୋହନ ନାଏକଙ୍କ ପୁଅ ସୁଦୀପ୍ତ ନାଏକ ଗତ ୧୦ ତାରିଖ ସକାଳୁ ମର୍ନିଂ ୱାକ୍‌ରେ ଯାଇଥିଲାବେଳେ ପୋଖରୀ ହିଡଠାରେ ତାଙ୍କର ସୁନାହାର ପଡ଼ିଯାଇଥିଲା। ୪ ଦିନ ପରେ ୫ ଶ୍ରେଣୀରେ ପଢୁଥିବା ରାଜୀବ ନାଏକ ଓ ୭ମ ଶ୍ରେଣୀରେ ପଢୁଥିବା ରଜତ ବନଛୁର ସାଇକେଲରେ ପୋଖରୀ ପଟକୁ ବୁଲିବାକୁ ଯାଇଥିଲାବେଳେ ସୁନା ହାର ପାଇଥିଲେ। ରଜତ ଘରକୁ ଯାଇ ତାଙ୍କ ବାପା ଗଣେଶ ବନଛୁରଙ୍କୁ ହାର ଦେଖାଇଥିଲେ। ସୁନାହାର ହଜିଥିବା ଶୁଣି ଥିବାରୁ ଗଣେଶ ପୁଅଙ୍କୁ ହାର ଫେରାଇଦେବାକୁ କହିଥିଲେ। ଉଭୟ ବାଳକ ଗୌନ୍ତିଆ ଘରକୁ ଯାଇ ହାର ଫେରାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଶୁକ୍ରବାର ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ୨ବାଳକଙ୍କୁ ଭେଟି ତାଙ୍କ ସଚ୍ଚୋଟତାକୁ ପ୍ରଶଂସା କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ସୁନା ହାର ପାଇ ଫେରାଇଥିବା ୨ ବାଳକ।

# କୁଲଡ଼ା କୋଇଲା ଖଣି କାଳୀ ମନ୍ଦିରରେ ପୂଜାର୍ଚ୍ଚନା



**ହେମଗିର,୧।୧୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ କୁଲଡା କୋଇଲା ଖଣି କାର୍ଯ୍ୟାଳୟ ସ୍ଥିତ କାଳୀ ମନ୍ଦିରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ତ୍ତାଭାବେ ଫିରୁଲାଲ କଲାର ଓ ସନ୍ତୋଷୀ କଲାର କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପୂଜକ ଯୋଗେଶ୍ୱର ପଣ୍ଡା, ପଣ୍ଡିତ ପାଢ଼ୀ ନନା, ଚିତ୍ତରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁଲଡା କୋଇଲା ଖଣି ମ୍ୟାନେଜର କେ ସି ଡାକୱା, ପିଓ ମନୋରଞ୍ଜନ ଦାସ, ହେମନ୍ତ ପାତ୍ର, ଖଗେଶ୍ୱର ପଣ୍ଡା, ବିକାଶ ଚୌଧୁରୀ, ସନ୍ଦୀପ ରାୟ, ନରେଶ କାଲୋ, ଚନ୍ଦନ ମାକର, ରାଜେଶ ନାଏକ, ଖିତେଶ୍ୱର ମାକର, ମହେଶ କାଲୋ, ସୁପ୍ରିୟା ପଟେଲ, ମଧୁମିତା ବାଗ, ପିଙ୍କି ବସରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହେମଗିରି ବ୍ଲକ ବିଜେଡି ସଭାପତି ତଥା ଶ୍ରମିକ ନେତା ସୁକାନ୍ତ ପତି, ଜିଲା ପରିଷଦ ସଭ୍ୟା ମହିମା ସେଠ, ସମିତି ସଭ୍ୟା ମାନସୀ ଦର୍ଜୀ, ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା, ବିଭିନ୍ନ ଶ୍ରମିକ ନେତା, ଟ୍ରାନ୍ସପୋର୍ଟ କମ୍ପାନୀର ମୁଖ୍ୟ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

# ୧୦ ଦିନ ପରେ ଧାରଣା ପ୍ରତ୍ୟାହୃତ

**ଟେନ୍‌ସା,୧।୧୧(ସମୀର କୁମାର ପାଢ଼ୀ)**

ସିପିଆଇଏମ୍ ପକ୍ଷରୁ ଆର୍ସେଲର ମିତ୍ତଲ ଲୌହ ଖଣି ସମ୍ମୁଖରେ ୧୨ ଦଫା ଦାବି ନେଇ ଗତ ୨୨ ତାରିଖଠାରୁ ଚାଲିଥିବା ଧାରଣା ଗୁରୁବାର ପ୍ରତ୍ୟାହାର ହୋଇଛି। ସୁନ୍ଦରଗଡ ଜିଲା କୋଇଡା ଖଣି ସେକ୍ଟର ଅଧୀନ ସାଗାସାହି ଆର୍ସେଲର ମିତ୍ତଲ ଲୌହ ଖଣି ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ଗ୍ରାମବାସୀ ଗଣ ବିକ୍ଷୋଭ ସହ ଧାରଣା ପ୍ରଦର୍ଶନ କରିଥିଲେ। ଦିବାରାତ୍ର ଧାରଣା ଯୋଗୁ ଖଣିରୁ ଲୁହାପଥର ପରିବହନ ଓ ଉତ୍ତୋଳନ ବନ୍ଦ ରହିଥିଲା। ସମାଧାନ ନିମନ୍ତେ ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ କାର୍ଯ୍ୟାଳୟଠାରେ ତିନି ତିନି ଥର କମ୍ପାନୀ କର୍ତ୍ତୃପକ୍ଷ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ବିଫଳ ହୋଇଥିଲା। କୌଣସି ସମାଧାନ ବାଟ ବା ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ବିକ୍ଷୋଭକାରୀମାନେ ଧାରଣାକୁ ଜୋରଦାର କରିଥିଲେ। ୯ମ ଦିନରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ସମାଧାନ ପାଇଁ ସୁନ୍ଦରଗଡ଼ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦାବିଗୁଡିକ ନ୍ୟାଯ୍ୟ ଦାବି କହି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କରି ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ବୈଠକ ବିବରଣୀ ଅନୁଯାୟୀ ବଣାଇଁ ଉପଜିଲାପାଳଙ୍କ ସମ୍ମୁଖରେ ଏକ ଚୁକ୍ତିନାମା ହୋଇଥିଲା। ଯେଉଁଥିରେ କମ୍ପାନୀ ୧୨ ଦଫା ଦାବି ପୂରଣ ଓ କାର୍ଯ୍ୟକାରୀ ନେଇ ପ୍ରତିଶ୍ରୁତି ଦେଇଥିଲା। ଧାରଣା ସ୍ଥଳରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ବାଦଲ ବାରିକ, ବଣାଇଁ ଟ୍ରକ ଟିପ୍ପର୍ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ ସାମଲ ପ୍ରମୁଖଙ୍କ ସହ ଗ୍ରାମବାସୀ ବାଟୁ ମୁଣ୍ଡା, ଦଶରୁ ନାଏକ, ଆକାଶ ନାଏକ, ସୁଧାଂଶୁ ଶେଖର ସାହୁ, ଜେନା ମୁଣ୍ଡା ତଥା ସାଗାସାହି, କାହ୍ନୁସାହି, କଲମଙ୍ଗ ଗ୍ରାମର ହଜାର ହଜାର ମହିଳା ପୁରୁଷଙ୍କ ସମ୍ମୁଖରେ ଚୁକ୍ତିନାମାକୁ ବ୍ୟାଖ୍ୟା କରିବା ପରେ ଧାରଣା ପ୍ରତ୍ୟାହାର ହୋଇ ଖଣି କାର୍ଯ୍ୟ ଆରମ୍ଭ ହୋଇଥିଲା।



**୧୨ ଦଫା ଦାବି ଉପରେ ଲିଖିତ ପ୍ରତିଶ୍ରୁତି ଦେଲା କମ୍ପାନୀ**

# ଗାଁରେ ମଦବିକ୍ରି ବନ୍ଦ ପାଇଁ ଅବକାରୀ, ପୋଲିସକୁ ଜଣାଇଲେ ମହିଳା

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସେନ୍ଦ୍ରିଟାଙ୍ଗର ଗ୍ରାମରେ ପ୍ରଚୁର ପରିମାଣର ଦେଶୀ ମଦ ରନ୍ଧା ଯାଉଥିବା ଏବଂ ୮ଟି ପରିବାର ଗାଁରେ ଖୋଲାଖୋଲି ଅବାଧରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଗୁରୁବାର ଶତାଧିକ ମହିଳା ଥାନା ଅଧିକାରୀଙ୍କୁ ଜଣାଇ ତୁରନ୍ତ ମଦ ବିକ୍ରେତାଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବି କରିଛନ୍ତି। ଗତ ୩୦ ତାରିଖରେ ଗ୍ରାମର ଶ୍ରୀୟା ସ୍ୱୟଂ ସହାୟିକା ଗୋଷ୍ଠୀ, ରିୟା, ରୀମା, ଅଲିଭା, ଅନିମା, ଶ୍ରୀରାମ, ପ୍ରୀତି ଓ ଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବୈଠକ କରି ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରୁ ସମସ୍ତ ମହିଳା ଓ ଗ୍ରାମରେ ମଦ ବିକ୍ରି ବନ୍ଦ ସପକ୍ଷରେ ଥିବା ବ୍ୟକ୍ତିମାନେ ମଦ ବିକ୍ରେତାଙ୍କ ଘରକୁ ଯାଇ ଏଣିକି ମଦ ବିକ୍ରି ନ କରିବାକୁ ଜଣାଇଥିଲେ। ଯଦି କେହି ଗ୍ରାମବାସୀଙ୍କ ନିଷ୍ପତ୍ତି ନ ମାନି ବିକ୍ରି କରନ୍ତି ତେବେ କଡ଼ା ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରାୟ ୭୫ ପରିବାର ରହୁଥିବା ଏହି ଗ୍ରାମର ୮ଟି ପରିବାର ଘରେ ମଦ ବିକ୍ରି କରୁଥିବା ମହିଳାମାନେ ଜଣାଇବା ସହିତ ଗାଁରେ ଅବାଧ ମଦ ବିକ୍ରି ଯୋଗୁ ନାନାଦି ସମସ୍ୟା ଦେଖାଦେଉଥିବା କହିଥିଲେ। ମଦ କବଳରେ ପଡ଼ି ଲୋକେ ରୋଗଗ୍ରସ୍ତ ହେଉଥିବା, ସ୍କୁଲ ଓ କଲେଜ ପଢୁଥିବା ପିଲାମାନେ ମଦ ପିଇ ବିପଥଗାମୀ ହେଉଥିବା, ମଦ୍ୟପ ପରିବାର ମୁଖ୍ୟଙ୍କ ଯୋଗୁ ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବାରୁ ପୋଲିସ ଓ ଅବକାରୀ ବିଭାଗ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଛନ୍ତି। ସୁଲୋଚନା ରୋହିଦାସ, ଜନନୀ ରୋହିଦାସ, ପ୍ରଭାସିନୀ ରୋହିଦାସ, ସୁକାନ୍ତି ସିଂ, କୁମାରୀ ନାଏକ, ରିନା ଲଖୁଆ, ପଦ୍ମାବତୀ ନାଏକ, ପ୍ରିୟା ମିଞ୍ଜ, ପାଉଲିନା ଟପ୍ପୋ, ଅନିତା କାଣ୍ଡୁଲାନା, ସାବିତ୍ରୀ ରୋହିଦାସ, ଜାମିନୀ ରୋହିଦାସ ପ୍ରମୁଖ ମହିଳାମାନେ ବଡ଼ଗାଁ ଥାନାରେ ଲିଖିତ ଭାବେ ଜଣାଇଥିଲେ।



ଜିଲାପାଳଙ୍କ ସହ ଅନ୍ୟମାନେ ଶପଥ ପାଠ କରୁଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥ ପାଠ

**ସୁନ୍ଦରଗଡ଼,୧।୧୧(ଜୟ ନାରାୟଣ ମେଣ୍ଡୁଲି)**

ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଗୁରୁବାର ସଦଭାବନା ଭବନଠାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲାପାଳ ମନୋଜ ମହାଜନ ଯୋଗଦେଇ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବାକୁ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲାମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କିଷ୍ଟା କୁମାରୀ ନନ୍ଦ ତଥା ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ କଲେଜ ରୋଡ ସ୍ଥିତ କାଳୀମଣ୍ଡପରେ ମା'ଙ୍କ ପ୍ରତିମା।

### ଲାଇବ୍ରେରିଆନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଡ଼ଗାଁ,୧।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ଲାଇବ୍ରେରିଆନ ତରୁଲତା ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ନିମନ୍ତ୍ରିତ ଅତିଥିଭାବେ ତରୁଲତାଙ୍କ ସ୍ୱାମୀ ଦେବେନ୍ଦ୍ର ପଟେଲ, କଲେଜ ଅଧ୍ୟକ୍ଷ ଧୁଲେଶ୍ୱର ସାହୁ ଯୋଗଦେଇଥିଲେ। ଅଧ୍ୟକ୍ଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟକ୍ଷ ସାହୁ ବିଦାୟୀ ନାଏକଙ୍କ ଅନୁଷ୍ଠାନରେ ତାଙ୍କ କାର୍ଯ୍ୟଶୈଳୀର ସ୍ମୃତିଚାରଣ କରିବା ସହିତ କର୍ତ୍ତବ୍ୟ ନିଷ୍ଠା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ନାଏକଙ୍କ କାର୍ଯ୍ୟାବଳୀର ପ୍ରଶଂସା କରିବା ସହିତ ତାଙ୍କ ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଶେଷରେ ଇତିହାସ ଅଧ୍ୟାପକ ଅରୁଣ ରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ନାଏକ ୧୯୯୦ ମସିହାରେ ଚାକିରିରେ ଯୋଗଦେଇଥିଲେ। ଦୀର୍ଘ ୩୪ ବର୍ଷରୁ ଊର୍ଦ୍ଧ୍ୱ ବଡ଼ଗାଁ ଯୁକ୍ତ ୨ କଲେଜରେ ସେବା ଦେଇଥିଲେ।

# ହରିହର ହାଇସ୍କୁଲରେ ଜାତୀୟ ଏକତା ଦିବସ

**କୁଆଁରମୁଣ୍ଡା,୧।୧୧(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ହରିହର ହାଇସ୍କୁଲରେ ଜାତୀୟ ଏକତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଉପରେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନରୋତ୍ତମ ସ୍ୱାଇଁ, ସରିତା ସୋନି, ଅମ୍ରିତା ଦାସ, ସ୍ମିତା ଜଗଦେବ, ରଶ୍ମି ଜୟ, ସଙ୍ଗୀତା କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ଅମୂଲ୍ୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ହରିହର ହାଇସ୍କୁଲରେ ଅନୁଷ୍ଠିତ ଜାତୀୟ ଏକତା ଦିବସରେ ଉପସ୍ଥିତ ଅତିଥିମାନେ।

# ଛେଳି ଚାଷରୁ ସ୍ୱାବଲମ୍ବୀ ତୁରୁଙ୍ଗାଗଡ଼ର ସୁରତ

**ସୁନ୍ଦରଗଡ,୧।୧୧(ଜୟ ନାରାୟଣ ମେଣ୍ଡୁଲି)**

ଛେଳି ଚାଷ ଅନେକ ଉତ୍ସାହୀ ଯୁବକଙ୍କ ପାଇଁ ଏକ ଲାଭଜନକ ଏବଂ ସ୍ଥାୟୀ ବ୍ୟବସାୟ ଭାବେ ଉଭା ହୋଇଛି। ନିଜର ଇଚ୍ଛାଶକ୍ତି, ନୂଆଁ କିଛି କରିବାର ଆଗ୍ରହ ଦ୍ୱାରା ଏହି ଛେଳି ଚାଷରୁ ଗୋଟିଏ ବର୍ଷ ମଧ୍ୟରେ ଲକ୍ଷପତି ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତୁରୁଙ୍ଗାଗଡ ଗ୍ରାମର ସୁରତ ଚନ୍ଦ୍ର ପଟେଲ(୫୨)। ସୁରତ ତାଙ୍କ ସ୍ତ୍ରୀ ପାର୍ବତୀ, ମା' ବିନୋଦିନୀ, ବଡଭାଇ ଭାରତ ଚନ୍ଦ୍ର ଏବଂ ଭାଉଜ ସୁଷମାଙ୍କ ସହ ବସବାସ କରନ୍ତି। ତାଙ୍କ ପରିବାରର ୭ ଏକର ଚାଷ ଜମି ଥିଲେ ମଧ୍ୟ ମୁଖ୍ୟତଃ କେବଳ ବର୍ଷାଦିନିଆ ଚାଷ କରୁଥିବାରୁ ଏଥିରୁ ଏକ ସ୍ଥିର ଆୟ ପାଇବା ପାଇଁ ପର୍ଯ୍ୟାପ୍ତ ହେଉ ନ ଥିଲା। ଏହି ସମୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଏକ ନୂତନ ଆଶା ଓ ଭରସା ନେଇ ଆସିଥିଲା। ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭର କରୁଥିବା ପରିବାରର ଜୀବନ ଜୀବିକାର ମାନରେ ଉନ୍ନତି ଆଣିବା, ସ୍ଥାନୀୟ ପରିବେଶର ସୁରକ୍ଷା କରିବା ପରି ମହତ ଉଦ୍ଦେଶ୍ୟ ରଖି ଚାଲୁଥିବା ଏହି ପ୍ରକଳ୍ପରେ ତୁରୁଙ୍ଗାଗଡ ବନ ସୁରକ୍ଷା ସମିତିକୁ ସାମିଲ କରାଗଲା। ନିୟମିତ ଭାବେ ବୈଠକ, ସଚେତନତା କାର୍ଯ୍ୟକ୍ରମ, ଦକ୍ଷତା ବୃଦ୍ଧି ତାଲିମ, ଆନ୍ତଃବିଭାଗୀୟ ସଂଯୋଗୀକରଣ ଓ ଆବର୍ତ୍ତନ ପାଣ୍ଠିର ସହାୟତାରେ ବହୁବିଧ ଆୟଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ନିରନ୍ତର ପ୍ରଚେଷ୍ଟା କରାଯାଉଛି। ପ୍ରକଳ୍ପ କାର୍ଯ୍ୟକର୍ତ୍ତା ଓ ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ପ୍ରୟାସ ଯୋଗୁ ଅନେକ ସ୍ଥାୟୀ ରୋଜଗାର ସୃଷ୍ଟି କରାଯାଇପାରିଛି ତଥା ଜଙ୍ଗଲ ଉପରେ ଲୋକଙ୍କ ନିର୍ଭରଶୀଳତା ବହୁ ମାତ୍ରାରେ କମିଯାଇଛି। ଏହାର ଏକ ନିଚ୍ଛକ ଉଦାହରଣ ହେଉଛନ୍ତି ସୁରତ। ତୁରୁଙ୍ଗାଗଡ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠି ସାହାଯ୍ୟରେ ଛତୁ ଚାଷ କରି ସଫଳତା ହାସଲ କରିବା ପରେ ଏହାର ଲାଭ ଅର୍ଥରେ ଗତ ବର୍ଷରୁ ୫ଟି ଛେଳି କିଣି ବ୍ୟବସାୟ ଆରମ୍ଭ କରିଥିଲେ। ସୁରତଙ୍କ ପରିଶ୍ରମ, ପରିବାରବର୍ଗଙ୍କ ସହଯୋଗ, ନିୟମିତ ଟିକାକରଣ ଯୋଗୁ ଗୋଟିଏ ବର୍ଷରେ ୩.୮୨ ଲକ୍ଷ ଟଙ୍କାର ଛେଳି ବିକ୍ରି କରିବାରେ ସଫଳ ହୋଇ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଓ ସହଯୋଗୀ ଅନୁଷ୍ଠାନ ସେବକ ତରଫରୁ ଛେଳି ପାଳନ ନିମନ୍ତେ ୨ଟି ପର୍ଯ୍ୟାୟରେ ତାଲିମ, ଆବର୍ତ୍ତନ ପାଣ୍ଠିରୁ ଋଣ ସହାୟତା, ନିୟମିତ ଟିକାକରଣ, ଆର୍ଥିକ ସହାୟତା ଯୋଗୁ ସଫଳତା ହାସଲ କରି ଲକ୍ଷପତି ହୋଇପାରିଛନ୍ତି ସୁରତ। ବର୍ତ୍ତମାନ ତାଙ୍କ ପାଖରେ ୬୦ରୁ ଊର୍ଦ୍ଧ୍ୱ ଛେଳି ଅଛି, ଯାହାର ବଜାର ମୂଲ୍ୟ ୬ ରୁ ୮ ଲକ୍ଷ ଟଙ୍କା ହେବ। ନିଜର ସଫଳତା ପାଇଁ ସୁରତ କହିଛନ୍ତି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ପାଇଁ ମୁଁ ଆଜି ଏ ସଫଳତା ହାସଲ କରିପାରିଛି। ଭବିଷ୍ୟତରେ ଏକ ବୃହତ ଛେଳି ଫାର୍ମ କରିବା ସହିତ ବିଭିନ୍ନ ଆଗ୍ରହୀ ଯୁବକ, ଯୁବତୀମାନଙ୍କୁ ଏହି ବ୍ୟବସାୟରେ ସାମିଲ କରିବା ନିମନ୍ତେ ଯୋଜନା ରହିଛି।



ସୁରତ ଚନ୍ଦ୍ର ପଟେଲ।

**ଗୋଟିଏ ବର୍ଷରେ ୩.୮୨ ଲକ୍ଷ ଟଙ୍କାର ଛେଳି ବିକ୍ରି କରିଛନ୍ତି**

# ଠିକା କାମ ଟଙ୍କା ଦେଣନେଣ, ପୂର୍ବ ଶତ୍ରୁତାରୁ ହତ୍ୟା

**ଅମର ପ୍ରଧାନ ରହସ୍ୟଜନକ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ**

■ହତ୍ୟା କରି ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରୁଥିଲେ ବନ୍ଧୁ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଗ୍ରାମରେ ଅକ୍ଟୋବର ୧୧ ତାରିଖ ରାତିରେ ଘଟିଥିବା ଅମର ପ୍ରଧାନ(୨୮)ଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରୁ ପର୍ଦ୍ଦା ହଟାଇଛି ରିଆମାଳ ଥାନା ପୋଲିସ। ଅମରଙ୍କ ମୃତ୍ୟୁ ଦୁର୍ଘଟଣା ଜନିତ ନୁହେଁ, ବରଂ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡିବା ପରେ ପୋଲିସ ଏହି ଘଟଣାରେ ଶୁକ୍ରବାର ଅମରଙ୍କ ବନ୍ଧୁ ନିକଟସ୍ଥ ଫୁଲସର୍ନାଲି ଗ୍ରାମର ସୁଶିଲ କିଷାନ(୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଶୁକ୍ରବାର ରିଆମାଳ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଅକ୍ଟୋବର ୧୧ ତାରିଖ ରାତି ପ୍ରାୟ ୧୧ଟାରେ ଅମର ତାଙ୍କ ବନ୍ଧୁ ସୁଶିଲ ଓ ସଚ୍ଚିଦାନନ୍ଦ ସାହୁଙ୍କ ସହିତ ଫେରୁଥିବା ବେଳେ ଏକ ଗାଡି(ନଂ. ଓଡି୨୮ବି-୩୬୫୭)



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଉଛି।

ଦ୍ରୁତ ଗତିରେ ଆସି ଅମରଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ଅମରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ପ୍ରଥମେ ଛତାବର ଡାକ୍ତରଖାନା ପରେ କଟକ ନେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଅମରଙ୍କ ବଡଭାଇ ଜୟନ୍ତ ପ୍ରଧାନ ଏହାର ପରିଦିନ ଅର୍ଥାତ ଅକ୍ଟୋବର ୧୨ ତାରିଖରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଅଧିକ ତଦନ୍ତ ଚଳାଇଥିଲା। ତେବେ ଦର୍ଶାଯାଇଥିବା ସମୟ (ରାତି ୧୧ଟା ସମୟରେ)ରେ ବର୍ଣ୍ଣିତ ଗାଡି (ନଂ. ଓଡି୨୮ବି-୩୬୫୭) କିମ୍ବା ଏହାର ଚାଳକ ତେଲିମୁଣ୍ଡ ରାସ୍ତା ଦେଇ ଯାତାୟାତ କରି ନ ଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ସେହିପରି ବର୍ଣ୍ଣିତ ସ୍ଥାନରେ ଦୁର୍ଘଟଣା ସମ୍ପର୍କୀତ କୌଣସି ଚିହ୍ନ ରହି ନ ଥିବା ସାଇଣ୍ଟିଫିକ୍ ଟିମ୍ ପରିଦର୍ଶନରୁ ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ଅମରଙ୍କ କେବଳ ବାମ ଓ ଡାହାଣ କପାଳରେ କ୍ଷତ ଚିହ୍ନ ରହିଥିବା ବେଳେ ଅମରଙ୍କୁ ହତ୍ୟା କରାଯାଇଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରେ ସନ୍ଦେହ ପ୍ରକଟ କରାଯାଇଥିଲା। ଏହି ଅଧାରରେ ରିଆମାଳ ପୋଲିସ ଅମରଙ୍କ ବନ୍ଧୁ ସୁଶିଲଙ୍କୁ ପଚରାଉଚରା କରିଥିଲା। ଏକ ଜେକ୍ ରଡ୍‌ରେ ପିଟି ଅମରଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସୁଶିଲ ସ୍ୱୀକାର କରିଥିଲେ। ସୁଶିଲଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ଠିକାକାମକୁ ନେଇ ଟଙ୍କା ଦେଣନେଣକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିବା ବେଳେ ସୁଶିଲଙ୍କ ସ୍ତ୍ରୀଙ୍କ ସହ ଖରାପ ସମ୍ପର୍କକୁ ନେଇ ସେ ସନ୍ଦେହ ପ୍ରକାଶ କରଥିଲେ। ଏହି କାରଣରୁ ସୁଶିଲ ଗତ ୧୧ ତାରିଖ ରାତି ପ୍ରାୟ ୧୧ଟାରେ ଅମରଙ୍କୁ ଫୋନରେ ଡାକିବା ସହ ସୁଶିଲଙ୍କ କାର(ନଂ. ଓଆର୍‌୦୨-ବିଡବ୍ଲ୍ୟୁ-୮୦୦୦)ରେ ଶ୍ୟାମସୁନ୍ଦର କିଷାନ ନାମକ ଅନ୍ୟ ଜଣେ ବନ୍ଧୁ ସହିତ ଯାଇ ଏକାଠି ମଦ୍ୟପାନ କରିଥିଲେ। ସେହିସ୍ଥାନରେ ସୁଶିଲ ପୂର୍ବ ରାଗ ରଖି ଗାଡିରେ ଥିବା ଜେକ୍ ରଡ ସାହାଯ୍ୟରେ ଅମରଙ୍କୁ ହତ୍ୟା ଉଦ୍ଦେଶ୍ୟରେ କପାଳର ବାମ ଓ ଡାହାଣ ପାର୍ଶ୍ୱକୁ ୨ଥର ପ୍ରହାର କରିଥିଲେ। ଫଳରେ ଅମର ଗୁରୁତର ଆହତ ହୋଇଥିଲେ। ତେବେ ଏହି ଘଟଣାକୁ ଦୁର୍ଘଟଣାର ରୂପ ଦେବା ପାଇଁ ସୁଶିଲ ଉଦ୍ୟମ କରିଥିଲେ। ସୁଶିଲଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ତାଙ୍କ ନିକଟରୁ ରକ୍ତ ଲାଗିଥିବା ବ୍ୟବହୃତ ଜେକ୍ ରଡ ଓ ବ୍ୟବହୃତ କାର ଜବତ କରିବା ସହ ଉକ୍ତ ମାମଲାକୁ ଏକ ହତ୍ୟା ମାମଲାରେ ରୂପାନ୍ତରିତ କରିଥିଲା। ଶୁକ୍ରବାର ସୁଶିଲଙ୍କୁ ଗିରଫ କରିବା ସହ ଆବଶ୍ୟକ ପ୍ରକ୍ରୀୟା ପରେ କୋର୍ଟ ଚାଲାଣ କରିଥିଲା।


କାର୍ତ୍ତିକ ମାସ ଅବସରରେ ଦୋଳ ମଣ୍ଡପ ସାହି ପକ୍ଷରୁ ପ୍ରତ୍ୟେକ ଦିନ ଭୋର ସକାଳୁ ଦେବଗଡ଼ ସହରରେ କୀର୍ତ୍ତନ ନଗର ପରିକ୍ରମା।

## ଜିଲା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ


ରାଷ୍ଟ୍ରୀୟ ଏକତା ଦିବସରେ ଆୟୋଜିତ ପରେଡ୍।

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପ୍ୟାରେଡରେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ। ଏଥି ସହିତ ଲୌହ ମାନବଙ୍କ ରାଷ୍ଟ୍ର ଗଠନ ସ୍ୱପ୍ନ ସମ୍ପର୍କରେ ଆଲୋଚନା କରି ରାଷ୍ଟ୍ରୀୟ ଏକତା ଉଦ୍ଦେଶ୍ୟରେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମୂହ ଶପଥ ପାଠ କରିଥିଲେ। ସ୍ୱାଧୀନ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ଏକତା ଦିବସ ଭାବେ ପାଳନ କରାଯାଇଥିବା ବେଳେ ସଶସ୍ତ୍ର ପୋଲିସ ବାହୀନୀ ଦ୍ୱାରା ଜାତୀୟ ପତାକାକୁ ସଲାମୀ ଦିଆଯାଇଥିଲା।

## ସଂକ୍ଷେପରେ

### ଦୀପାବଳିରେ ଡ୍ରାଇଭର ମହାସଂଘ ପକ୍ଷରୁ ସୁଖାଖାଦ୍ୟ ବିତରଣ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦୀପାବଳି ଅବସରରେ ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଶିଶୁ ଆଶ୍ରୟ ଗୃହର ଅନ୍ତେବାସୀମାନଙ୍କୁ ସୁଖିଲା ଖାଦ୍ୟ ବିତରଣ କରାଯାଇଛି। ଆଜି ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଜିଲା ସଭାପତି ଆଦିତ୍ୟ ପ୍ରସାଦ ବେହେରା, ଜିଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନ, ଦେବଗଡ ସଦର ସଭାପତି ସିନ୍ନିବାସ ଦାସ ଓ ସଦର ସମ୍ପାଦକ ପି.ଡି.ରାଜେଶଙ୍କ ନେତୃତ୍ୱରେ ବାରକୋଟ ବ୍ଲକ ସମ୍ପାଦକ କମଳ ଲୋଚନ ପାତ୍ର, ସଦର ଆଡମିନ୍ ମୁନୁସାହୁ ଓ ରାଜକିଶୋର ଦେହୁରୀ ପ୍ରମୁଖ ସପୋର୍ଟ ଦ୍ୱାରା ପରିଚାଳିତ ଦେବଗଡ ପୌରାଞ୍ଚଳର ୨ଟି ଶିଶୁ ଆଶ୍ରୟ ଗୃହକୁ ଯାଇ ସେଠାକାର ଅନ୍ତେବାସୀମାନଙ୍କୁ ପବିତ୍ର ଦୀପାବଳି ଉତ୍ସବର ଶୁଭେଚ୍ଛା ଜଣାଇବା ସହ ବିସ୍କୁଟ, କଦଳି, କେକ ଆଦି ଶୁଖା ଖାଦ୍ୟ ସହିତ ଝିର୍ଝିରି ବାଣ ଉପହାର ଦେଇଥିଲେ। ଏହି ଅବସରରେ ସଂଘ ସଦସ୍ୟ ବାଦଲ ପ୍ରଧାନ, ରଞ୍ଜିତ ପାତ୍ର, ବୁକୁନା ମୁଣ୍ଡା, ସୁଶାନ୍ତ ପାତ୍ର, କାର୍ତ୍ତିକ ପ୍ରଧାନ, କାହ୍ନା ନାୟକ, ପ୍ରିତମ ସାହୁ ଓ ଅଭିଜିତ ଉଗ୍ରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଦନ୍ତାରିବାହାଳ କ୍ଲଷ୍ଟରରେ ମାସିକିଆ ବୈଠକ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଦନ୍ତାରିବାହାଳ କ୍ଲଷ୍ଟରରେ ଅକ୍ଟୋବରର ମାସିକିଆ ବୈଠକ ଉଗୁଣିଆଁମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହାନଦୀ କକ୍ଷରେ କାର୍ଯ୍ୟନିର୍ବାହୀ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କାହ୍ନୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦନ୍ତାରିବାହାଳ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଜଣେ ଲେଖାଏଁ ଏଫ୍‌ଏଲ୍‌ଏନ୍ ଗ୍ରେଡ୍ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କ ସହିତ ଆହୁରି ଅନେକ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ ଚକାଡ଼ୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ନାଏବ ସରପଞ୍ଚ ଦେବରାଜ ପ୍ରଧାନ ଯୋଗଦାନ କରିଥିଲେ। ଉଗୁଣିଆଁମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସତ୍ୟାନନ୍ଦ ବେହେରା ଓ ଦନ୍ତାରିବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ବାଣେଶ୍ୱର ହାତୀ ତଥା ସହକାରୀ ଶିକ୍ଷକ ସୁଶୀଳ କୁମାର ପ୍ରଧାନ ଯଥାକ୍ରମେ ଭାଷା ଓ ଗଣିତର ଆଦର୍ଶ ଶିକ୍ଷଣକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ କାର୍ଯ୍ୟରେ ସମୟାନୁବର୍ତ୍ତିତା ଓ ଉତ୍ତମ ଶିକ୍ଷଣ ଶିକ୍ଷାଦାନ ଏବଂ ଯୋଜନା ବିଷୟରେ ଗୁରୁତ୍ୱରୋପ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସୁଶିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେମିକାଙ୍କୁ ପନିକିରେ ହାଣି ହତ୍ୟା ଘଟଣା
# ବିବାହିତ ପ୍ରେମିକ ଗିରଫ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଖଳିନାଳି ଗ୍ରାମରେ ଗତ ବୁଧବାର ସନ୍ଧ୍ୟାରେ ପ୍ରେମିକାଙ୍କୁ ପନିକିରେ ହାଣି ହତ୍ୟା କରିଥିଲେ ବିବାହିତ ପ୍ରେମିକ। ଏହି ଘଟଣାରେ ବିବାହିତ ପ୍ରେମିକ ଓମ୍ ପ୍ରକାଶ ପ୍ରଧାନଙ୍କୁ ରିଆମାଳ ଥାନା ପୋଲିସ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ତିଲେଇବଣି ବ୍ଲକ ତଥା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଖଳିନାଳି ଗ୍ରାମର ସୁଇଟି ବେହେରା ଏବଂ ସେହି ଗ୍ରାମର ଓମ୍ ପ୍ରକାଶ ବିବାହିତ ଯୁବକ(ଏକ ଶିଶୁ କନ୍ୟାର ପିତା)ଙ୍କ ମଧ୍ୟରେ ପ୍ରାୟ ୫ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ଓମ୍ ପ୍ରକାଶ ବିବାହିତ ହୋଇଥିବା ଏବଂ ତାଙ୍କ ଏକ କନ୍ୟା ସନ୍ତାନ ରହିଥିବାରୁ ବିବାହରେ ଏହା ପ୍ରତିବନ୍ଧକ ସାଜିଥିଲା। ସେହିପରି ସ୍ତ୍ରୀ ଓ ଝିଅକୁ ନ ଛାଡିବା ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ବିବାହ ସମ୍ଭବ ନୁହେଁ ବୋଲି ସୁଇଟି ରୋକଠୋକ ଶୁଣାଇ ଦେଇଥିଲେ। ଏହି କଥାକୁ ନେଇ ପ୍ରେମିକ ଓମ୍ ପ୍ରକାଶ ଓ ତାଙ୍କ ପରିବାରରେ ମଧ୍ୟ ଅଶାନ୍ତି ଲାଗି ରହିଥିଲା। କିଛିଦିନ ପୂର୍ବେ ଓମ୍ ପ୍ରକାଶ ଦେବଗଡ ପୌରାଞ୍ଚଳରେ ଭଡାରେ ରହୁଥିବା ଘରେ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁ ଓମ୍ ପ୍ରକାଶ ଏଥିରେ ବିଫଳ ହୋଇଥିଲେ । ଏଣେ ସ୍ତ୍ରୀ ଓ ଝିଅକୁ ନ ଛାଡିବା ପର୍ଯ୍ୟନ୍ତ କୌଣସି କଥା ଶୁଣିବେ ନାହିଁ ବୋଲି ସୁଇଟି ମନା କରିଥିବାରୁ ହତାଶ ଓମ୍ ପ୍ରକାଶଙ୍କ ମନରେ କ୍ରୋଧିତ ହୋଇପଡିବା ସହ ସୁଇଟିଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଘଟଣାକ୍ରମରେ ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଓମ୍ ପ୍ରକାଶ ସୁଇଟି ଘରକୁ ଯାଇ ତାଙ୍କୁ ବାଡିପଟକୁ ଡାକିବା ସହ ଏକ ପନିକିରେ ତାଙ୍କ ଗଳାକୁ କାଟି ହତ୍ୟା କରିଥିଲେ। ସୁଇଟିଙ୍କ ଚିତ୍କାର ଶୁଣି ତାଙ୍କ ଜେଜେମା ଧାଇଁ ଆସିବା ସହ ପରିବାର ଲୋକଙ୍କୁ ଡାକ ପକାଇବାରୁ ଓମ୍ ପ୍ରକାଶ ବାଡ ଡେଇଁ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ସୁଇଟିଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ରିଆମାଳ ଥାନା ଓ କଂସର ଫାଣ୍ଡି ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରି ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାର ମାତ୍ର କିଛି ଘଣ୍ଟା ମଧ୍ୟରେ ପୋଲିସ ନିକଟସ୍ଥ ଜଙ୍ଗଲରୁ ହତ୍ୟାକାରୀ ଓମ ପ୍ରକାଶଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ପନିକି ମଧ୍ୟ ଜବତ କରିଥିଲା। ଗୁରୁବାର ଦେବଗଡ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ରିଆମାଳ ଥାନା ଅଧିକାରୀ ତଥା ତଦନ୍ତ ଅଧିକାରୀ ସତ୍ୟବ୍ରତ ରାଉତ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ଗିରଫ ଓମ୍ ପ୍ରକାଶଙ୍କୁ ନେଇ ସିନରିକ୍ରିଏଶନ କରିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।


ପୋଲିସ ଅଭିଯୁକ୍ତଙ୍କୁ ସିନରିକ୍ରିଏଶନ କରିବା ଦୃଶ୍ୟ।

## ସୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ହାତଧୁଆ ଦିବସ ପାଳିତ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ସାମୂହିକ ହାତଧୁଆ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଯୁବ ରେଡକ୍ରସ କାଉନସିଲର ବିଜୟ କୁମାର ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ଯୋଗଦେଇ ନିୟମିତ ହାତଧୁଆର ଗୁରୁତ୍ୱ ଏବଂ ଏହାର ଉପକାରୀତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ କାଶିନାଥ ଶବରଙ୍କ ପରିଚାଳନାରେ ସାମୂହିକ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନର ଇତିହାସ ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।



ବିଶ୍ୱ ହାତଧୁଆ ଦିବସ କାର୍ଯ୍ୟକ୍ରମ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସେମିନାର

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଏହି ଉଦ୍ଦେଶ୍ୟରେ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। ଏହାର ବିଷୟ ବସ୍ତୁ ଥିଲା ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି। ଏହି ସଭାରେ ଅନୁଷ୍ଠାନ ଅଧ୍ୟକ୍ଷ ଡା ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲ୍ ଯୋଗଦେଇ ଅନୁଷ୍ଠାନର ବିଦ୍ୟାର୍ଥୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ବ୍ୟକ୍ତିଗତ, ସାମାଜିକ ତଥା ରାଷ୍ଟ୍ରୀୟସ୍ତରରେ ଦୁର୍ନୀତିକୁ ବିରୋଧ କରାଗଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ସୁବ୍ରତ କୁମାର ସାମଲ, ସରିତା ନଳିନୀ ପ୍ରଧାନ, ଶତରୁପା ମିଶ୍ର ଓ ବରିଷ୍ଠ ପ୍ରାଧ୍ୟାପକ ଡା ପ୍ରଦୀପ କୁମାର ମିଶ୍ର ନିଜର ବକ୍ତବ୍ୟରେ ଦୁର୍ନୀତିକୁ ପ୍ରଶୟ ନ ଦେବାକୁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ସଭା ଶେଷରେ ବାଣିଜ୍ୟ ବିଭାଗ ଅଧ୍ୟାପିକା ସଂଚିତା ହେବା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ କର୍ମଚାରୀ ଓ ଶତାଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ।

## ନୂତନ ଚିକିତ୍ସାଳୟକୁ ଗମନାଗମନ ସୁବିଧା ପାଇଁ ଆଲୋଚନା

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

ନୂଆଁ ବାଲିରୋହୀଠାରେ ନିର୍ମାଣ ହୋଇଥିବା ନୂତନ ଚିକିତ୍ସାଳୟକୁ ଗମନା ଗମନ ସୁବିଧା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ପୁରୁଣା ବସଷ୍ଟାଣ୍ଡରୁ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚିକିତ୍ସାଳୟର କର୍ମଚାରୀ ଓ ଜନସାଧାରଣମାନଙ୍କ ଗମନା ଗମନ ସୁବିଧା ପାଇଁ ଘରୋଇ ବସ ମାଲିକ ସଂଘ ଓ ଜିଲା ପରିଚାଳକ, ଓଏସ୍‌ଆର୍‌ଟିସିଙ୍କ ସହିତ କିପରି ବସ ନୂତନ ବସଷ୍ଟାଣ୍ଡକୁ କିପରି ଗମନା ଗମନ କରାଯିବ ସେ ଉପରେ ଆଲୋଚନା କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ୍, ଉପ ଜିଲାପାଳ ପରକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଡ଼ ମନୋରଞ୍ଜନ ସାମଲ, ଅଶୋକ ନନ୍ଦ, ଆଇନଜୀବୀ ଦିଲୀପ ଗୁରୁ, ଘରୋଇ ବସ ମାଲିକ ସଂଘ ସଭାପତି ସୁଜିତ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ସମ୍ବଲପୁର ଫୁଟ୍‌ବଲ କ୍ଲବ ଚାମ୍ପିୟନ

ଦେବଗଡ଼,୧।୧୧(ଶଶାଙ୍କ ଶେଖର ଝାଙ୍କର)

**ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମ ପଞ୍ଚାୟତ ଧୋବଲିପଥର ଖେଳ ପଡିଆଠାରେ ପିଏଚ୍ କ୍ଲବ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ସୁବର୍ଣ୍ଣପାଲି ଫୁଟ୍‌ବଲ କ୍ଲବକୁ ୨-୦ଗୋଲରେ ପରାସ୍ତ କରି ସମ୍ବଲପୁର ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଗଜାନନ ପାତ୍ର, ଜନଶନ ସ୍ୱାଇଁ, ମୋଜନ ପାତ୍ର, ସୁଶାନ୍ତ କିଷାନ ଓ ଯୁଗଳ କିଷାନ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ରାଜୁ ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ପିଏଚ୍ କ୍ଲବ ସଭାପତି ପଞ୍ଚାନନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସୁଗୁଡା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଚାମ୍ପିୟନ ସମ୍ବଲପୁର ଫୁଟବଲ କ୍ଲବ ଓ ରନରଅପ୍ ସୁବର୍ଣ୍ଣପାଲି ଫୁଟବଲ କ୍ଲବକୁ ଟ୍ରଫି ସହି ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେପିଲିପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଚନ୍ଦନଲାଲ ଶବର ଓ ଧୋବଲିପଥର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିନବନ୍ଧୁ ସାହୁ ଯୋଗଦେଇଥିଲେ। ଶେଷରେ ସମ୍ପାଦକ ହେମ୍ପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ଚିତ୍ରସେନ ମହାନନ୍ଦ, ବାପୁନ ଗଡନାୟକ, ସଚ୍ଚିନ ପ୍ରଧାନ, ଜଗା ସ୍ୱାଇଁ, ହଲିନ ସ୍ୱାଇଁ ଓ ସାଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ବେଆଇନ ବାଣ ବିକ୍ରି, ଜଣେ ଗିରଫ

ଲୋଇସିଂହା,(ସୁଶାନ୍ତ ବାରିକ): ବେଆଇନ ଫଟକା ପ୍ରସ୍ତୁତି ଓ ବିକ୍ରି ଅଭିଯୋଗରେ ଆଗଲପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ରୋଥ ଗ୍ରାମର ଏ. ପଟେଲ (୩୪)। ଦୀପାବଳିକୁ ଆଖି ଆଗରେ ରଖି ସେ ବେଆଇନ ଭାବରେ ଫଟକା ପ୍ରସ୍ତୁତ କରୁଥିଲେ। ଏହାଛଡା ବିନା ଲାଇସେନ୍ସରେ ବିକ୍ରି କରୁଥିଲେ। ଖବର ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରି ବହୁ ପରିମାଣର ଫଟକା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ନର୍ଲା, ୧।୧୧(ସନ୍ତୋଷ ପାତ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇଆସୁଛି। ଏହି କ୍ରମରେ କଳାହାଣ୍ଡି ଜିଲା ନର୍ଲା ଥାନା ପରିସରରେ ଥାନା ଅଧିକାରିଣୀ ମମତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶର ସୁରକ୍ଷା, ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ।

### ଶ୍ରୀରାମ କଥା ଉଦ୍‌ଯାପିତ

ଖଡ଼ିଆଲ,୧।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ନେହେନା ଗ୍ରାମ ଠାରେ ମୀରାବାଈ ଏକାଦଶୀ ମହିଳା ମଣ୍ଡଳୀ ଆନୁକୂଲ୍ୟରେ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ୫ଦିନ ଧରି ଚାଲିଥିବା ଶ୍ରୀରାମ କଥା ଦୀପାବଳିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶ୍ରୀରାମ କଥାର ପ୍ରବଚକ ଭାବରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଥାକାର ଦିବ୍ୟାଙ୍ଗ ପରୀକ୍ଷିତ ମହାରାଜ ଯୋଗଦେଇଥିଲେ। କର୍ତ୍ତା ଭାବରେ ସୁରେଶ ଚନ୍ଦ୍ର ଦଣ୍ଡସେନା ଓ ଧର୍ମପତ୍ନୀ ସତ୍ୟବତୀ ଦଣ୍ଡସେନା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟହ ଶ୍ରୀରାମ କଥା ପରେ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହେଉଥିଲା। ନେହେନା ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇ ଶ୍ରୀରାମ କଥା ଶ୍ରବଣ କରୁଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଲମ, ୧।୧୧ (ଭିକାରି ଗଉଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଭାନପୁର ପଞ୍ଚାୟତ ଖଇରମାଲ କ୍ଲଷ୍ଟର ସମରକଟା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅନ୍ତର୍ଯାମୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାହୁ ୧୯୯୭ରେ ଚାକିରିରେ ଯୋଗଦାନ କରିଥିବାବେଳେ ୩୧।୧୦।୨୪ରେ ଅବସର ନେଇଛନ୍ତି। ସଭାରେ ଜୁର୍କାଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ନିଆଁଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସୂର୍ଯ୍ୟଦେବ ବାଗ ଯୋଗଦାନ କରିଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସ୍ୱାଗତ ଭାଷଣ ଦେଇଥିଲେ।

### ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ

ଖଡ଼ିଆଲ,୧।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ୱେଷ୍ଟର୍ନ ଓଡ଼ିଶା ରେସିଡେନ୍ସିଆଲ ପବ୍ଲିକ୍ ସ୍କୁଲର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ସ୍ନିଗ୍ଧା ଘୋଷ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଖରିଆର ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ସାହୁ ଓ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଓଏଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ସୁପ୍ରିୟା ଶୁଭଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଗୋଲାମୁଣ୍ଡା,୧।୧୧ (ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସର୍ବମଙ୍ଗଳା କଲେଜ ପରିସରରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବାରେ ବିଶେଷ କରି ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ହେଲେ ଏଠାରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଦୁର୍ନୀତି ନିବାରଣ ସପ୍ତାହ

ରିଷିଡ଼ା,୧।୧୦(ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟ ତେରେସିଂହାଠାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ତରଫରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରବି ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ରଞ୍ଜନ ବାଗ, ଗ୍ରନ୍ଥାଗାର ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ।

# ଜିଲାର ବିକାଶ ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)



ସମାରୋହରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଶୁକ୍ରବାର ଜିଲାସ୍ତରୀୟ ୭୫ତମ କଳାହାଣ୍ଡି ଜିଲା ଗଠନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସମାରୋହ ହୋଇଥିଲା। ଏହି ଅବସରରେ ସକାଳ ୭ ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ କଳାହାଣ୍ଡି ମ୍ୟାପରେ ମାନବ ଶୃଙ୍ଖଳ ପ୍ରଦର୍ଶନ, ଜେଲ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଥ ଉତ୍ସବ, ମାଣିକେଶରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ମା'ଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଧରି ଶୋଭାଯାତ୍ରାରେ ଟାଉନହଲ ପର୍ଯ୍ୟନ୍ତ ଯାଇଥିଲେ।

ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଟାଉନ ହଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ସୁଧୀର କୁମାର ପାଟଯୋଷୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନେ କଳାହାଣ୍ଡି ଜିଲା ଗଠନର ଇତିହାସ ସମ୍ପର୍କରେ ସୂଚନା ଦେବା ସହ ଜିଲା ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ଜିଲା ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି କ୍ଷେତ୍ରରେ ବିକାଶ ଓ ଅଗ୍ରଗତି କରିଛି। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ଦଳମତ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ପାଇଁ ସାଂସଦ, ବିଧାୟକ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**କଳାହାଣ୍ଡି ଜିଲା ଗଠନ ଦିବସ ସମାରୋହ**

# ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କୋମନା,୧।୧୧(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ମିଛପାଲି ପଞ୍ଚାୟତର ମଝିଗାଁ ପୋଖରୀ ନିଲାମରେ ଅନିୟମିତତା ନେଇ ଗ୍ରାମବାସୀ ଶୁକ୍ରବାର ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ନିୟମ ଅନୁଯାୟୀ ନୋଟିସ ପରେ ଯାହାକିଛି ନିଲାମ କରାଯାଇଥାଏ। କିନ୍ତୁ ମିଛପାଲି ପଞ୍ଚାୟତରେ ଏହାର ବ୍ୟତିକ୍ରମ କରାଯାଇ ଅନ୍ୟ ଏକ ଏସ୍‌ଏଚ୍‌ଜିକୁ ନିଲାମ ଦିଆଯାଇଥିଲା। ତେଣୁ ନିଲାମ ବାତିଲ ପାଇଁ ଟ୍ରେଡ ୟୁନିଅନ ସଭାପତି ଭକ୍ତବନ୍ଧୁ ଧରୁଆଙ୍କ ସମେତ ମଝିଗାଁର ଜମନ କୁମାର ସୁନାନି, ତୁଳସୀ ରାମ ମାଝି, କ୍ଷମା ମାଝି, ତୁଲାରାମ ମାଝି, ଦେବ ସିଂ ମାଝି, ବୈଶାଖୁ ମାଝି, ବଳମତି ମାଝି, କଲ୍ୟାଣୀ ମାଝି ପ୍ରମୁଖ କୋମନା ବିଡିଓଙ୍କୁ ଲିଖିତ ଜଣାଇ ଧାରଣାରେ ବସିଥିଲେ। ଏହାସହ ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ଜିପିଡିଓ ହେମନ୍ତ ବିଭାରଙ୍କୁ ଜଣାଇଥିଲେ। ଜିପିଡିଓ ବିଭାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଗ୍ରାମବାସୀ ଜିଦ୍‌ରେ ଅଡ଼ି ବସିଥିଲେ। ପରେ ନିଲାମ ରଦ୍ଦ କରାଗଲା ବୋଲି ବିଭାର ଲିଖିତ ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଦିଲ୍ଲୀରେ କବି ଭବାନୀ ନିଆଲଙ୍କ ଉଦ୍‌ବୋଧନ


ଆଇଆଇଏମ୍‌ସିରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡ଼. ଭବାନୀ ନିଆଲ।

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

ଦିଲ୍ଲୀସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥା (ଆଇଆଇଏମ୍‌ସି)ଠାରେ ଆନ୍ତର୍ଜାତୀୟ କବି ତଥା ସମ୍ପାଦକ ଡ଼. ଭବାନୀ ଶଙ୍କର ନିଆଲଙ୍କ କଳାହାଣ୍ଡି ଆଜି ଓ ଗତକାଲି ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍‌ସିର ନିର୍ଦ୍ଦେଶକ ପ୍ରଫେସର ରାକେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସାମିଲ ହୋଇଥିଲେ କବି ନିଆଲ। ଏହି ଶୀର୍ଷକ ଉପରେ କି-ନୋଟ ଦେଇଥିଲେ ଆଇଆଇଏମ୍‌ସିର ଆସୋସିଏଟ ପ୍ରଫେସର ଡ଼. ପ୍ରଦୀପ ସୌରଭ। ଆଲୋଚନା ଚକ୍ରରେ ଡ଼ ଭବାନୀ ଶଙ୍କର ନିଆଲ ଆସୋସିଏଟ ପ୍ରଫେସରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଦିଲ୍ଲୀସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାର ଏହି ଆଲୋଚନା ଚକ୍ରରେ କଳାହାଣ୍ଡିର ଜଣେ ବୁଦ୍ଧିଜୀବୀଙ୍କୁ ରଖିବା ନିଶ୍ଚିତ ଭାବେ କଳାହାଣ୍ଡି ପାଇଁ ଗର୍ବ ଓ ଗୌରବର ବିଷୟ।

**କଳାହାଣ୍ଡି ଆଜି ଓ ଗତକାଲି ଶୀର୍ଷକ ଆଲୋଚନାଚକ୍ର**

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ନୂଆପଡ଼ା,୧।୧୧ (ମକାରୁ ବେମାଲ)



ଦୁର୍ନୀତି ନିବାରଣ ଉପରେ ଆଲୋଚନା କରାଯାଉଛି ।

ନୂଆପଡ଼ା ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୁକ୍ରବାର ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଶୋଭାଯାତ୍ରାକୁ ଜିଲାପାଳ ମଧୁସୂଦନ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଡିଏସ୍‌ପି ପିଆଇବି ଗୁଣନିଧି ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧରଣୀଧର ସେନାପତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମାଜରୁ ଦୁର୍ନୀତି ଲୋପର ଉପାୟ ଓ ଏବର୍ଷ ପାଇଁ ଥିମ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଉପରେ ବକ୍ତବ୍ୟ ରଖିଥିଲେ । ଭିଜିଲାନ୍ସ ବିଭାଗ ଡିଏସ୍‌ପି ଦୀନବନ୍ଧୁ ବେହେରା ସ୍ୱାଗତ ସମ୍ଭାଷଣ ଦେଇ ଉପସ୍ଥିତ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଉପଜିଲାପାଳ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀପାବଳି ଉପଲକ୍ଷେ ଘୁମୁରା ପ୍ରତିଯୋଗିତା

କଲମପୁର, ୧।୧୧ (ଗଣେଶରାମ ବାଗ): କଳାହାଣ୍ଡି ଜିଲା କଲମପୁର ଜଗନ୍ନାଥପଡ଼ା ୱାର୍ଡ ନଂ.୨ ନିତାଇଗୌର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଦୀପାବଳି ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ କର୍ମଚାରୀ ଅନ୍ତରାମ ଜଗରିଆ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟା ନିବେଦିତା ହଂସ, ଭାଜପା ମଣ୍ଡଳ ସଭାପତି କମଳ ବାଗ, ରାଜେଶ ଶର୍ମା, କମଲ ନାଏକ, କୃଷ୍ଣ ଲହଜଲ, ଅଭି ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ବାଗ, ଉପସଭାପତି ବିରଞ୍ଚି ନାଗ, ସମ୍ପାଦକ ସନ୍ତୋଷ ଶଗଡ଼ିଆ, କୋଷାଧ୍ୟକ୍ଷ କୌଶିକ କଟା ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମା' ମଙ୍ଗଳା କଳା ପରିଷଦ କାଶିବାହାଲ ପ୍ରଥମ, ମା' କ୍ଷୋହଳକରଣୀ କୋଦେଲ ମୁଣ୍ଡା ଦ୍ୱିତୀୟ ଓ ମାଲପଡ଼ା ଦଳ ତୃତୀୟ ହୋଇଥିଲେ। ପ୍ରଥମ ବିଜେତା ଦଳକୁ ୧୬ହଜାର, ଦ୍ୱିତୀୟଙ୍କୁ ୧୪ହଜାର ଓ ତୃତୀୟ ଦଳକୁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଚାରପତି ଭାବରେ ସୁଧୀର ରଞ୍ଜନ ବାଗ, ପ୍ରଶାନ୍ତ କଙ୍କରିଆ, ଦୁଷ୍ମନ୍ତ ବାଗ, ରମେଶ ବାଗ ଦାୟିତ୍ୱ ତୁଲାଇଥିଲେ।

# କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ


ଅନାସ୍ଥା ପ୍ରସ୍ତାବ ପାଇଁ ଆସିଥିବା ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସମେତ ନର୍ଲା ବିଧାୟିକା।

କେସିଙ୍ଗା,୧।୧୧ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସ୍ଥଗିତ ରହିଛି। ଶୁକ୍ରବାର ଅନାସ୍ଥା ପ୍ରସ୍ତାବ ପାଇଁ ଆଲୋଚନା ଓ ଭୋଟିଂ ହେବାର ଥିଲା। ତଦନୁଯାୟୀ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସମେତ ବ୍ଲକ୍‌ର ୧୮ ସରପଞ୍ଚ, ୧୭ ସମିତି ସଭ୍ୟାସଭ୍ୟ ମିଶି ୩୬ଜଣ ବ୍ଲକ୍ ଅଫିସ ସଭାଗୃହରେ ପହଞ୍ଚିଥିଲେ। ୫୨ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସମେତ ୨ଜଣ ବିଧାୟକ ଓ ଜଣେ ସାଂସଦଙ୍କୁ ମିଶାଇ ମୋଟ ୫୫ଜଣଙ୍କ ମଧ୍ୟରୁ ୩୭ଜଣଙ୍କ ଆବଶ୍ୟକତା ରହିଥିଲା। କିନ୍ତୁ ୩୬ଜଣ ଉପସ୍ଥିତ ହେତୁ କୋରାମ ହୋଇ ନ ଥିଲା। ଅନ୍ୟପକ୍ଷରେ ପ୍ରାଧିକୃତ ଅଧିକାରୀ ଅତିରିକ୍ତ ଉପଜିଲାପାଳ ଜୟଦେବ ଦାଶ ଯୋଗଦେଇପାରି ନ ଥିଲେ। ଏ ସମ୍ପର୍କରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ପଚାରିବାରୁ ଅତିରିକ୍ତ ଉପଜିଲାପାଳଙ୍କ ସ୍ତ୍ରୀ ଦେହ ଅସୁସ୍ଥ ଥିବାରୁ ସେ ଆସିପାରିଲେ ନାହିଁ। ଶୁକ୍ରବାର ସନ୍ଧ୍ୟାରେ ପୁଣି ନୋଟିସ ଜାରି କରାଯିବ ବୋଲି ପ୍ରକାଶ କରିଥିଲେ।

# ୭୫ତମ କଳାହାଣ୍ଡି ଜିଲା ଗଠନ ଦିବସ

କୋକସରା,୧।୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)

୭୫ ତମ କଳାହାଣ୍ଡି ଜିଲା ପ୍ରତିଷ୍ଠା ଦିବସ କୋକସରା ବ୍ଲକ ସଭାଗୃହରେ ପାଳନ କରାଯାଇଛି। ଭାରପ୍ରାପ୍ତ ବିଡ଼ିଓ ବିଶ୍ୱନାଥ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ନବୀନ କିଶୋର ପାଢ଼ୀ, ରାଜ୍ୟ ଓମ୍‌ଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଭାଜପା ନେତା ତ୍ରିନାଥ ଶବର, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କଳାହାଣ୍ଡି ଜିଲାର ଇତିହାସ ପୃଷ୍ଠଭୂମି, ପରମ୍ପରା, ସଭ୍ୟତା, ସଂସ୍କୃତି ଉପରେ ମତାମତ ରଖିଥିଲେ।

**ଜୁନାଗଡ଼ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସି ପରିସରରେ ଶୁକ୍ରବାର ୭୫ତମ କଳାହାଣ୍ଡି ଜିଲା ଗଠନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷା ହିମାଦ୍ରୀ ନାଏକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତ୍ରିଲୋଚନ ସିଂ ବେଲଦାର, ବରିଷ୍ଠ ନାଗରିକ ସଂଗଠନ ସଭାପତି ତଥା ଜୁନାଗଡ଼ ଏନ୍‌ଏସିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଜାରି, ବିଶିଷ୍ଟ ଲେଖକ କୈଳାଶ ଚନ୍ଦ୍ର ରାଉତ, କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିଅନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ ଯୋଗଦାନ କରି କଳାହାଣ୍ଡି ଜିଲା ଗଠନ ତଥା ଏହାର ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସଭାରେ ସହରର ଅନେକ ବୁଦ୍ଧିଜୀବୀ, ନାଗରିକ ଓ ସମସ୍ତ ୱାର୍ଡର କାଉନ୍‌ସିଲର ଉପସ୍ଥିତ ଥିଲେ। କନ୍ଦର୍ପ ଗୁରୁ ସଭା ପରିଚାଳନା କରିଥିଲେ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଗଠନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ ମୁଖ୍ୟ ବକ୍ତା ଓ ତହସିଲଦାର ଅରୁଣ ବର୍ଗେ, ସିଡିପିଓ କଳ୍ପଲତା ତ୍ରିପାଠୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, କ ଯୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ରେଗଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ।

## ପୂଜା ଭଣ୍ଡାରରେ ଅଗ୍ନିକାଣ୍ଡ

ଖଡ଼ିଆଲ,୧।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହରର ଉଗ୍ରେସନ ଭବନଠାରେ ଥିବା ତ୍ରିବେଦୀ ପୂଜା ଭଣ୍ଡାରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହେବା ଖବର ପାଇ ଦୋକାନ ମାଲିକ ଆଶୁତୋଷ ତ୍ରିବେଦୀ ପହଞ୍ଚିଥିଲେ। ହେଲେ ସେତେବେଳକୁ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ଖଡିଆଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଧିକ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଭୋଟର ତାଲିକା ସଂଶୋଧନ ଉପଲକ୍ଷେ ପଥ ଉତ୍ସବ

ଧର୍ମଗଡ଼, ୧।୧୧ (ଆକାଶ କୁମାର ଜଗତ)

ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡିଆଠାରେ ଅତିରିକ୍ତ ଉପଜିଲାପାଳ ଅଜୟ କୁମାର ତିର୍କୀଙ୍କ ସଭାପତିତ୍ୱରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବୈତାର ଦୀପ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ପ୍ରତାପ କିଶୋର ମୁଣ୍ଡ, ଜୁନାଗଡ଼ ତହସିଲଦାର ସୁରମି ସୁରେନ, ବିଡ଼ିଓ ଦେବାଶିଷ କର, କଲମପୁର ବିଡ଼ିଓ ବିଜୟ ମାଣ୍ଡିଙ୍ଗି, ଧର୍ମଗଡ଼ ଡେପୁଟି କଲେକ୍ଟର ଚିତ୍ତ ରଞ୍ଜନ ମଲ୍ଲିକ, ଅତିରିକ୍ତ ଉପଜିଲାପାଳ ଅଜିତ କୁମାର ଶବର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ୨୦୨୫ର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଥିମ୍ ଶୁଭାରମ୍ଭ କରାଯାଇଥିଲା। ଶେଷରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରାର ତାଳେ ତାଳେ ମଞ୍ଚ ଦୁଲୁକି ଉଠିଥିଲା। ପଞ୍ଚାୟତ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ମାଧବ ଲହଜଲ ମଞ୍ଚ ପରିଚାଳନା କରିଥିଲେ।



ପଥ ଉତ୍ସବରେ ଅତିଥିଗଣ।

# ଦୀପାବଳିରେ ଦକ୍ଷିଣକାଳୀ ପୀଠରେ ଚଣ୍ଡୀ ମହାଯଜ୍ଞ

ଭବାନୀପାଟଣା,୧।୧୧ (ଉତ୍ତମ କୁମାର ଦାଶ)


ଦକ୍ଷିଣକାଳୀ ପୀଠରେ ଚଣ୍ଡୀ ମହାଯଜ୍ଞ।

ପବିତ୍ର ଦୀପାବଳି ଅବସରରେ ଭବାନୀପାଟଣାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଶ୍ୟାମାକାଳୀ ଜନ୍ମ ମହୋତ୍ସବରେ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ନାରାୟଣ ମିଶ୍ର ଯଜ୍ଞର ଆଚାର୍ଯ୍ୟ ହୋଇଥିବା ବେଳେ ନିରଞ୍ଜନ ଦାଶ ଚଣ୍ଡୀ ପାଠ, ଭବାନୀ ଶଙ୍କର ଆଚାର୍ଯ୍ୟ ବିଷ୍ଣୁ ସହସ୍ର ନାମ, ସତ୍ୟ ନାରାୟଣ ମହାପାତ୍ର ଶିବ ସହସ୍ର ନାମ ଓ ଆଶିଷ କୁମାର ପଣ୍ଡା ସିଦ୍ଧ ବିନାୟକ ଓ ଆଦିତ୍ୟ କୁମାର ପଣ୍ଡା ସ୍ୱସ୍ତି ବାଚକ ଦାୟିତ୍ୱ ସମ୍ପାଦନ କରିଥିଲେ। କ୍ଷେତ୍ର ମୋହନ ଯୋଷୀ ଓ ତାଙ୍କ ଧର୍ମପତ୍ନୀ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିର ପୂଜାରୀ ସଞ୍ଜୀବ କୁମାର ଯୋଷୀ ଦେବୀଙ୍କ ପୂଜାନୀତି ସମ୍ପାଦନ କରିଥିଲେ। ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପରେ ଘଟକୁ ପୁରୁଷୋତ୍ତମ ସାଗରରେ ବିସର୍ଜନ କରାଯାଇଥିଲା। ମନ୍ଦିର ପୂଜା କମିଟିର ସାଧାରଣ ସମ୍ପାଦକ ଅଶୋକ କୁମାର ମହାପାତ୍ର, ଉପସଭାପତି ଜୟ କୁମାର ପଟ୍ଟନାୟକ, ଉପଦେଷ୍ଟା ଜଗଦୀଶ ମଣ୍ଡଳ, କ୍ଷୀରୋଦ ନେଗୀ, ପ୍ରମୋଦ ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସହରର ତାରିଣୀ ମନ୍ଦିରରେ ମଧ୍ୟ ଦୀପାବଳି ଉପଲକ୍ଷେ ଚଣ୍ଡୀ ମହାଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ମନୋରଞ୍ଜନ ଦାଶ ଆଚାର୍ଯ୍ୟ, ଶରତ କୁମାର ମିଶ୍ର ପୁସ୍ତକାଚାର୍ଯ୍ୟ, ସିଦ୍ଧ ବିନାୟକ ସୁଧୀର ମିଶ୍ର, ବିଷ୍ଣୁ ସହସ୍ର ନାମ ତପନ ରଥ, ଶିବ ସହସ୍ର ନାମ ବାଞ୍ଛାନିଧି ମିଶ୍ର ସମ୍ପାଦନ କରିଥିଲେ। ହରିହର ମହାପାତ୍ର ସପତ୍ନୀକ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିର ପୂଜାରୀ ଉତ୍ତମ ଚନ୍ଦନ ତ୍ରିପାଠୀ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ।

## ସଂକ୍ଷେପରେ

### ଦୀପାବଳି ଉପଲକ୍ଷେ ଘୁମୁରା ପ୍ରତିଯୋଗିତା

**କଲମପୁର, ୧।୧୧ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଜଗନ୍ନାଥପଡ଼ା ୱାର୍ଡ ନଂ.୨ ନିତାଇଗୌର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଦୀପାବଳି ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ କର୍ମଚାରୀ ଅନ୍ତରାମ ଜଗରିଆ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟା ନିବେଦିତା ହଂସ, ଭାଜପା ମଣ୍ଡଳ ସଭାପତି କମଳ ବାଗ, ରାଜେଶ ଶର୍ମା, କମଲ ନାଏକ, କୃଷ୍ଣ ଲହଜଲ, ଅଭି ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ବାଗ, ଉପସଭାପତି ବିରଞ୍ଚି ନାଗ, ସମ୍ପାଦକ ସନ୍ତୋଷ ଶଗଡ଼ିଆ, କୋଷାଧ୍ୟକ୍ଷ କୌଶିକ କଟା ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମା' ମଙ୍ଗଳା କଳା ପରିଷଦ କାଶିବାହାଲ ପ୍ରଥମ, ମା' ଷୋହଳକରଣୀ କୋଦେଲ ମୁଣ୍ଡା ଦ୍ୱିତୀୟ ଓ ମାଲପଡ଼ା ଦଳ ତୃତୀୟ ହୋଇଥିଲେ। ପ୍ରଥମ ବିଜେତା ଦଳକୁ ୧୬ହଜାର, ଦ୍ୱିତୀୟଙ୍କୁ ୧୪ହଜାର ଓ ତୃତୀୟ ଦଳକୁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ପୂଜା ଭଣ୍ଡାରରେ ଅଗ୍ନିକାଣ୍ଡ

**ଖଡ଼ିଆଳ, ୧।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ସହରର ଉଗ୍ରେସନ ଭବନଠାରେ ଥିବା ତ୍ରିବେଦୀ ପୂଜା ଭଣ୍ଡାରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହେବା ଖବର ପାଇ ଦୋକାନ ମାଲିକ ଆଶୁତୋଷ ତ୍ରିବେଦୀ ପହଞ୍ଚିଥିଲେ। ହେଲେ ସେତେବେଳକୁ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ଖଡିଆଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଧିକ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଦୁର୍ନୀତି ନିବାରଣ ସପ୍ତାହ

**ରିଷିଡ଼ା, ୧।୧୦ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟ ତେରେସିଂହାଠାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସ୍‌ଏସ୍ ତରଫରୁ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରବି ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ରଞ୍ଜନ ବାଗ, ଗ୍ରନ୍ଥାଗାର ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ।

# ବାଇକ୍ ଚୋରି ର୍‍ୟାକେଟ୍ ଠାବ, ୫ ଗିରଫ

**ବରଗଡ଼, ୧।୧୧ (ପ୍ରେମାନନ୍ଦ ଖମାରୀ)**



ବାଇକ୍ ଚୋରି ର୍‍ୟାକେଟ୍‌ରେ ଗିରଫ ୫ ଅଭିଯୁକ୍ତ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ପୋଲିସ ଏକ ବାଇକ୍ ଚୋରି ର୍‍ୟାକେଟ୍ ଠାବ କରିଛି। ଏହି ର୍‍ୟାକେଟ୍‌ର ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମେଲଛାମୁଣ୍ଡା ଥାନା କୁଟିପାଲି ଗ୍ରାମର ବିଶ୍ୱଜିତ ସାହୁ(୨୨), ଗିରିଶ ଭୁଏ(୨୧), ଦୁଃଖନାଶନ ଓରଫ୍ ଘସିଆ ବିଶି(୨୪) ଏବଂ ବିଜେପୁର ଥାନା ମାନପୁର ଗ୍ରାମର ରାହୁଲ ପ୍ରଧାନ(୨୮) ଏବଂ ମେଲଛାମୁଣ୍ଡା ଥାନା ବନ୍ଧପାଲି ଗ୍ରାମର ଶାନ୍ତ ତାଣ୍ଡି(୩୭)। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଦଫା ୩୦୩(୨), ୧୧୧(୨)(ବି), ୩୧୭(୨) ବିଏନ୍‌ଏସ୍‌ରେ ଏକ ମାମଲା (ନଂ.୨୦୬/୨୪) ରୁଜୁ ହୋଇଛି।

ପ୍ରକାଶ ଯେ, ଗତ ଅକ୍ଟୋବର ମାସ ୨୬ ତାରିଖରେ ମେଲଛାମୁଣ୍ଡା ଥାନା ଘେଁସ୍‌ରେ ବଡ଼ମାଳ ଗ୍ରାମର ଟେକରାଜ ସାହୁ(୨୨)ଙ୍କ ଏକ ବଜାଜ ସିଟି ବାଇକ୍ (ନଂ.ଓଡ଼ି୧୭ଏମ୍/୭୭୫୫) ଚୋରି ହୋଇଥିଲା। ଏ ନେଇ ସେ ମେଲଛାମୁଣ୍ଡା ଥାନାରେ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରିଥିଲା। ତଦନ୍ତରେ ଉକ୍ତ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

ତେବେ ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ୧୦ଟି ବାଇକ୍ ଜବତ କରିଛି। ସେଥିମଧ୍ୟରେ ଏକ ରୟାଲ ଏନ୍‌ଫିଲ୍ଡ ବୁଲେଟ୍ (ନଂ.ଓଆର୩୧/୧୩୩୧), ଗୋଟିଏ ଟିଭିଏସ ଆପାଚି (ନଂ.ଓଡ଼ି୩୧୩୧ଜି/୧୦୧୪), ଗୋଟିଏ ହିରୋ ସ୍ପ୍ଲେଣ୍ଡର (ନଂ.ଏପି୩୧ବିଏଲ/୦୩୨୩), ଗୋଟିଏ ପ୍ୟାଶନ ପ୍ରୋ (ନଂ.ଓଡ଼ି୧୭ଡି/୭୮୩୩), ଗୋଟିଏ ନମ୍ବର ବିହୀନ ବଜାଜ ସିଟି ୧୦୦, ଗୋଟିଏ ରୟାଲ ଏନଫିଲ୍ଡ କ୍ଲାସିକ୍ (ନଂ.ଓଡ଼ି୦୩ବି/୩୧୨୧), ଆଉ ଏକ ହିରୋ ପ୍ୟାଶନ ପ୍ରୋ(ନଂ.ଓଡ଼ି୧୭ଡ଼ି/୩୫୦୧), ଅନ୍ୟ ଏକ ନମ୍ବରବିହୀନ ହିରୋ ପ୍ୟାଶନ ପ୍ରୋ, ଗୋଟିଏ ହୋଣ୍ଡା ୟୁନିକର୍ନ (ନଂ.ଓଡ଼ି୨୩ଜି/୯୯୪୪) ଏବଂ ଆଉ ଗୋଟିଏ ହିରୋ ପ୍ୟାଶନ ପ୍ରୋ (ନଂ.ଓଡ଼ି୧୭/୭୮୩୩) ରହିଛି।

ଗିରଫ ଅଭିଯୁକ୍ତମାନେ ବରଗଡ଼ ଜିଲା ପଦ୍ମପୁର, ବଲାଙ୍ଗୀର, ସୋନପୁର ଏବଂ ନୂଆପଡ଼ା ଜିଲାରେ ବାଇକ୍ ଚୋରିରେ ସକ୍ରିୟ ରହିଥିଲେ ବୋଲି ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି। ସେହିପରି ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ବିଶ୍ୱଜିତ ୭ଟି ମାମଲା ଏବଂ ଗିରିଶ, ଦୁଃଖନାଶନ ୩ଟି ମାମଲାରେ ସମ୍ପୃକ୍ତ ଥିବାବେଳେ ଅଭିଯୁକ୍ତ ରାହୁଲ ପୂର୍ବରୁ ଗୋଟିଏ ମାମଲାରେ ସମ୍ପୃକ୍ତ ଥିଲେ ବୋଲି ଏସ୍‌ଡ଼ିପିଓ ଭୋଇ କହିଛନ୍ତି। ଏହି ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଛି ଏବଂ ଯେଉଁମାନଙ୍କ ସମ୍ପୃକ୍ତି ଜଣାପଡ଼ିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଯୁବ ରେଡ଼କ୍ରସ୍ ୟୁନିଟ୍ ଉଦ୍‌ଘାଟିତ

**ବରପାଲି, ୧।୧୧ (ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିଠାରେ ଥିବା ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଯୁବ ରେଡକ୍ରସ୍ ୟୁନିଟ୍ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଯୁବ ରେଡକ୍ରସ୍ ସଂଯୋଜକ ତଥା ଅତାବିରା କଲେଜ ଅଧ୍ୟାପକ ପରମାନନ୍ଦ ରଥ ମୁଖ୍ୟ ଅତିଥି, ବରପାଲି କଲେଜ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ କାଉନସିଲର ଅଲେଖ ମହାନନ୍ଦ ଓ ଜଗବନ୍ଧୁ ଦାଶ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ କାଉନସିଲର ଯତୀନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ଅନୁଷ୍ଠାନର ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ଦିନ ଛତର ଧନ୍ୟବାଦ ଅର୍ପଣ କରିଥିଲେ।





ଖାରବନ୍ଧରେ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି। ପାଇକମାଳ ନୃସିଂହନାଥ ପୀଠରେ ଗିରି ଗୋବର୍ଦ୍ଧନ ପୂଜାରେ କର୍ତ୍ତା, ପୂଜକ ଏବଂ ଅନ୍ୟମାନେ।

# ଗିରି ଗୋବର୍ଦ୍ଧନ ପୂଜା ପାଇଁ କଳସ ଶୋଭାଯାତ୍ରା

**ଖାରବନ୍ଧ/ପାଇକମାଳ, ୧।୧୧ (ଦେବେନ୍ଦ୍ର ସାହୁ/ ବଡ଼ ଶତପଥୀ)**

ବରଗଡ ଜିଲା ଖାରବନ୍ଧ ବ୍ଲକ ଯାଦବ ସମାଜ ତରଫରୁ ଗିରି ଗୋବର୍ଦ୍ଧନ ପୂଜା ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖାରବନ୍ଧ ବ୍ଲକର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବଡକଟାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଏକ ଶହ ଆଠ ଜଳପୂର୍ଣ୍ଣ କଳସ ଆଣି ପୂଜାପୀଠରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ପୂଜାକର୍ତ୍ତା ଭାବେ ହୃଷୀକେଶ ପୋଡ଼ ଓ ତାଙ୍କ ସ୍ତ୍ରୀ ସୁଧାମୟୀ ପୋଡ଼ ପୂଜାକାର୍ଯ୍ୟ ତୁଲାଇବେ। ଶୁକ୍ରବାରଠାରୁ ପୂଜା ଆରମ୍ଭ ହୋଇଥିବାବେଳେ ରବିବାର ପୂର୍ଣ୍ଣାହୁତି ହେବ। ଏହି ଉପଲକ୍ଷେ କଂସ ଦରବାର, ଦଣ୍ଡ ନୃତ୍ୟ, ବାଡ଼ିଖେଳ, ନୃତ୍ୟ ପ୍ରତିଯୋଗିତା, ଗୋ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟହ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା ରହିଥିବା ପୂଜା କମିଟି ସଭାପତି ଗୁଣମଣି ବନଛୋର ସୂଚନା ଦେଇଛନ୍ତି।

ସେହିପରି ପାଇକମାଳ ବ୍ଲକ ଯାଦବ ସମାଜ ତରଫରୁ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ନୃସିଂହନାଥଠାରେ ଶୁକ୍ରବାର ଗିରି ଗୋବର୍ଦ୍ଧନ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଯାଦବ ମହିଳା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ପୂଜା ତିନି ଦିନ ଧରି ଚାଲିବ। କଳସ ସ୍ଥାପନ ପରେ ନୃସିଂହନାଥ ମହାପ୍ରଭୁ, ପାର୍ଶ୍ୱ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପୂଜାକର୍ତ୍ତା ଭାବେ ବାଳକୃଷ୍ଣ ବନଛୋର ଓ ତାଙ୍କ ସ୍ତ୍ରୀ କମଳା ବନଛୋର ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଜୟ କୁମାର ଆଚାର୍ଯ୍ୟ ଓ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୁଦନ ପାଣ୍ଡେ, ବ୍ଲକ ସଭାପତି ବନମାଳି ଚନ୍ଦନ, କାର୍ଯ୍ୟକାରୀ ସଭାପତି ଡୋଲାମଣି ମାହାରଙ୍କ ସମେତ ସମସ୍ତ ପଞ୍ଚାୟତ ସଭାପତି, ସମ୍ପାଦକ ସହଯୋଗ କରିଥିଲେ। ସର୍କଲ ସଭାପତି ଲକନୀ ଥପା, ମନୋହର ପୁଞ୍ଜି, ଭାସ୍କର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

## ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ

**ପଦ୍ମପୁର, ୧।୧୧ (ପ୍ରଦୀପ୍ତ ଦାଶ)**

ଡାକ୍ତର ରାମ ଚନ୍ଦାନୀଙ୍କ ମା' ସ୍ୱର୍ଗୀୟ ଲାଜବନ୍ତୀଙ୍କ ସ୍ମୃତିରେ ପଦ୍ମପୁରଠାରେ ଶୁକ୍ରବାର ଏକ ଟଙ୍କିଆ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ସ୍ୱର୍ଗତା ଲାଜବନ୍ତୀ ନିଜେ କଠିନ ପରିଶ୍ରମ କରିବା ସହ ସିଲେଇ ମେଶିନ ଚଳାଇ ପରିବାର ଭରଣପୋଷଣ କରୁଥିଲେ। ତାଙ୍କର କଠିନ ପରିଶ୍ରମ ଯୋଗୁ ତାଙ୍କ ପାଞ୍ଚ ପୁଅ ଆଜି ସ୍ୱାବଲମ୍ବୀ। ମା' ବାପାଙ୍କ ସ୍ୱପ୍ନ ସାକାର କରିବାକୁ ଯାଇ ରାମ ଚନ୍ଦାନୀଙ୍କ ପରିବାର ଉକ୍ତ କେନ୍ଦ୍ରକୁ ପୂର୍ବରୁ ଉଦ୍‌ଘାଟନ କରିଥିଲେ ମଧ୍ୟ ଆଜି ଔପଚାରିକ ଭାବେ ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ୮ ଜଣ ବିଧବା ତାଲିମ ନେବେ।

## କରଞ୍ଜିକଟାରେ କାଳୀପୂଜା ପାଳିତ

**ହରଭଙ୍ଗା, ୧।୧୧ (ନରେନ୍ଦ୍ରକୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜିକଟା ଗ୍ରାମ ପଞ୍ଚାୟତର କରଞ୍ଜିକଟା ଗ୍ରାମରେ ଗୁରୁବାର ଠାରୁ କାଳୀପୂଜା ମହାସମାରୋହରେ ଆରମ୍ଭ ହେଉଛି। କରଞ୍ଜିକଟା ଗ୍ରାମର କାଳୀପୂଜା କମିଟି ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଦୀର୍ଘ ୧୯ ବର୍ଷ ହେବ ମା' କାଳୀଙ୍କ ପୂଜା ହୋଇଆସୁଛି। ସବୁବର୍ଷ ପରି ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ କାଳୀପୂଜା କମିଟି କର୍ମକର୍ତ୍ତାମାନେ ଲାଗି ପଡିଛନ୍ତି। ପୂଜା ଅବସରରେ ସାମାଜିକ ନାଟକ ପରିବେଷଣ ହୋଇଥିଲା। ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ କାଳୀପୂଜା ହେଉଥିବା ବେଳେ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ରବିବାର ଦିନ ମା'ଙ୍କ ଭସାଣୀ ଯାତ୍ରା ଅନୁଷ୍ଠିତ ହେବ।





ଭାଗବତ ସପ୍ତାହରେ ପୂଜା କରାଯାଉଛି।

## ଭାଗବତ ସପ୍ତାହ ପାରାୟଣ

**ଗାଇସିଲେଟ, ୧।୧୧ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ଏଥିରେ ପ୍ରତିଦିନ ପାରାୟଣ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ପାରାୟଣ ଗାୟକ ତଥା ପ୍ରବଚକ ପଣ୍ଡିତ ଈପ୍‌ସିତ ମିଶ୍ର ପାରାୟଣ କରୁଥିବାବେଳେ ସୁମନ୍ତ କୁମାର ସାହୁ, ହାଡିବନ୍ଧୁ ମନହିରା, ଆଲୋକ ମିଶ୍ର ଏବଂ ବିନୋଦ ଜଟି ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି। ଦିବ୍ୟକିଶୋର ପଣ୍ଡାଙ୍କ ସ୍ତ୍ରୀ ସସ୍ମିତା ପଣ୍ଡା କର୍ତ୍ତା ଥିବାବେଳେ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଜବତ

**ବରଗଡ଼, ୧।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ବାଲିଟିକ୍ରା–ସରସରା ଜିରା ବ୍ରିଜ୍ ପାଖରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହକୁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ଯୁବକଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ।

# ଦୁର୍ନୀତି ନିବାରଣ ପାଇଁ ସଚେତନତା ରାଲି

**ବୌଦ୍ଧ, ୧।୧୧ (ଅଜିତ କୁମାର ବାରିକ)**

ଜିଲା ଦୁର୍ନୀତି ନିବାରଣ ଶାଖା ଓ ଜିଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଏକ ସଚେତନତା ରାଲି ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ସବୁଜ ପତକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ୱାରଲେସ ଛକ, ବାଘଗୁଡା ଛକ ଦେଇ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଡିଏସପି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଆରକ୍ଷୀ ଅଧୀକ୍ଷକ ଦୁର୍ନୀତି ନିବାରଣ ଶାଖା ବୌଦ୍ଧ ସୁରେଶ କୁମାର କହଁର, ଇନ୍ସପେକ୍ଟର ଜଗବନ୍ଧୁ ଅଙ୍ଗାରିଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଜିଲା ପୋଲିସ କାର୍ଯ୍ୟାଳୟର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟା, ଛାତ୍ରୀଛାତ୍ର, ବିଭିନ୍ନ ପ୍ଲାକାର୍ଡ ଧରି ରାଲିରେ ସାମିଲ ହୋଇଥିଲେ।




ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା ବାହାରିଛି।

# ସିଦ୍ଧି ଏକାଦଶ ସୋନପୁର ଚାମ୍ପିୟନ

**ସରଣ୍ଡା, ୧।୧୧ (ଯୁଧିଷ୍ଠିର ମହାପାତ୍ର)**

### ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା




ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦୁଇଟି ସେମିଫାଇନାଲ ସହ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲରେ ସିଦ୍ଧି ଏକାଦଶ ସୋନପୁର ଦଳ ପ୍ରତିଯୋଗିତାର ରାଜ୍ୟସ୍ତରୀୟ ଚାମ୍ପିୟନ ହୋଇଛି।

ଶୁକ୍ରବାର ଅନୁଷ୍ଠିତ ପଞ୍ଚମ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚ୍ ୟୁନିଟ୍–୯ ଭୁବନେଶ୍ୱର ଏବଂ ସିଦ୍ଧି ଏକାଦଶ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଦ୍ଧି ଏକାଦଶ ସୋନପୁର ୮ଉଇକେଟରେ ଜିତି ଫାଇନାଲ୍‌କୁ ପ୍ରବେଶ କରିଥିଲା। ରାଜା କୁସୁମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସି ଆର୍ ଏନ୍ ତାଳଚେର ଏବଂ ଏମ୍‌ଏସ୍‌ଟି ବଲାଙ୍ଗୀର ମଧ୍ୟରେ ହୋଇ ତାଳଚେର ୧୦ ଉଇକେଟରେ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଦଳର ଅସ୍ଲମ୍ ଖାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ଗ୍ରାଣ୍ଡ ଫାଇନାଲ ସି ଆର୍ ଏନ୍–ଏକାଦଶ ତାଳଚେର ଏବଂ ସିଦ୍ଧି ଏକାଦଶ ସୋନପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ୪ ରନ୍‌ରେ ଜିତି ପ୍ରତିଯୋଗିତାର ଚାମ୍ପିୟନ୍ ହୋଇଥିଲା। ଫାଇନାଲ ମ୍ୟାଚ୍ ବେଶ ରୋମାଞ୍ଚକର ତଥା ସଂଘର୍ଷପୂର୍ଣ୍ଣ ଥିଲା। ସିଦ୍ଧି ଏକାଦଶର ଅଲ୍ ରାଉଣ୍ଡର ୧୨ ବଲ୍‌ରେ ୪୩ ରନ୍ କରି ୨ ଓଭର୍‌ରେ ୪ଟି ଉଇକେଟ ନେଇଥିବା ରମେଶ ମେଲକାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସହ ମ୍ୟାନ୍ ଅଫ ଦି ସିରିଜ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ରାକେଶ ଜେନା (ସିଦ୍ଧି–୧୧), ବେଷ୍ଟ ବୋଲର୍ ଭାବେ ବିଶ୍ୱରଞ୍ଜନ ସାହୁ (ସିଦ୍ଧି–୧୧), ବେଷ୍ଟ ଫିଲ୍ଡର ଭାବେ ଅତାବିରା ମର୍ଣ୍ଣିଂ ଟିମ୍‌ର ସଞ୍ଜୟ ସୁନାଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ଲବ ସାହୁ ଏବଂ ଖେଳପ୍ରେମୀ ପାର୍ଥ ସାରଥୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ସୋନପୁର ଓ ରନର୍ସ ଅପ୍ ତାଳଚେର ଦଳକୁ ଟ୍ରଫି ଓ ଚେକ୍ ଦେଇ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ମନୋହର ବାଗ, ସନାତନ ସାହୁ ଏବଂ ମଣ୍ଟୁ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅତାବିରା ରୟାଲ ଷ୍ଟ୍ରାଇକ୍‌ର ପରିଚାଳନା କମିଟି ସଦସ୍ୟ ଧୀରଜ ସୁନା, ଚିକୁ ପଧାନ, ପ୍ରକାଶ ନାୟକ, ପ୍ରଭାକର, ସଚିନ ମହାଲିଙ୍ଗ, ଆଗ୍ନେଶ ନାୟକ, ଉମେଶ, ଜୟ ବାରିକ, ବିନୟ ପଧାନ, ଦୀନବନ୍ଧୁ ସାହୁ, ଟିଙ୍କୁ ସାହୁ, ବଣ୍ଟି ପଧାନ, ବିକାଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ବାଣ ଜବତ, ବ୍ୟବସାୟୀ ଗିରଫ

ରାଉରକେଲା,୧।୧୧(ସଙ୍ଗୀତା ଜେନା)

ଝିରପାଣି ଥାନା ଅଞ୍ଚଳରେ ବିନା ଲାଇସେନ୍ସରେ ଜଣେ ବେପାରୀ ବାଣ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ବାଣ ବେପାରୀ ହେଲେ ଏସ୍. ଅଗ୍ରୱାଲ। ତାଙ୍କ ନିକଟରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୯/୨୪) ରୁଜୁ କରି ଉକ୍ତ ବେପାରୀଙ୍କୁ ନୋଟିସ ଦେଇଥିଲା। ତେବେ ଜବତ ବାଣଗୁଡ଼ିକୁ ବମ୍ ସ୍କ୍ୱାଡ୍ ଦ୍ୱାରା ନଷ୍ଟ କରାଯିବ ବୋଲି ଥାନାଧିକାରୀ ରବିନ୍ଦ୍ର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ଲାଣ୍ଟସାଇଟ୍ ଓ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଏପରି ବେଆଇନ ବାଣ ଜବତ କରାଯାଇଥିଲା। ଇସ୍ପାତ ସହରରେ ଏହା ଗତ ଏକ ମାସ ମଧ୍ୟରେ ୩ୟ ଘଟଣା ବୋଲି ଜଣାପଡ଼ିଛି।



ରାଉରକେଲା ସହରର ଏକ ରାସ୍ତାକଡ଼ ଫୁଟ୍‌ପାଥ୍‌କୁ ବ୍ୟବସାୟୀମାନେ କବ୍‌ଜା କରି ରଖିଛନ୍ତି।

# ଦୋକାନୀଙ୍କ କବ୍‌ଜାରେ ଫୁଟ୍‌ପାଥ୍

ରାଉରକେଲା,୧।୧୧(ସଙ୍ଗୀତା ଜେନା)

**ସାଧାରଣରେ ବଢୁଛି ଅସନ୍ତୋଷ**

ବର୍ତ୍ତମାନ ପାର୍ବଣ ଋତୁ ଚାଲିଛି। ଏହି ଉପଲକ୍ଷେ ଇସ୍ପାତ ସହର ରାଉରକେଲାରେ ବିଭିନ୍ନ ବ୍ୟବସାୟିକ ସଂସ୍ଥା ପକ୍ଷରୁ ଲୋକଙ୍କୁ ଆକୃଷ୍ଟ କରିବା ଭଳି ଦୋକାନ ବଜାର ସାଜସଜ୍ଜା କରାଯାଇଛି। ବ୍ୟବସାୟୀମାନେ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଆକର୍ଷଣୀୟ କରୁଛନ୍ତି। ଏଥିପାଇଁ ସେମାନେ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ଦୋକାନ ଓ ପ୍ଲଟ୍‌ଗୁଡ଼ିକୁ ବ୍ୟବହାର କରିବା ସହ ଦୋକାନ ସମ୍ମୁଖରେ ଥିବା ଫୁଟ୍‌ପାଥ୍ ଗୁଡ଼ିକୁ ମଧ୍ୟ କବ୍‌ଜା କରି ରଖୁଥିବା ଅଭିଯୋଗ ହେଉଛି। ଫଳରେ ଗହଳି ସମୟରେ ଲୋକମାନେ ଫୁଟ୍‌ପାଥ୍‌ରେ ଯାତାୟାତ କରିପାରୁନାହାନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ବିଶ୍ରା ଛକ, ଜିଟି ଲେନ୍, ମଧୁସୂଦନ ମାର୍ଗ, ଡିଏଭି ଲେନ୍, ଡିଲକ୍ସ ଲେନ୍, ଷ୍ଟେଶନ ରୋଡ୍, ଆନନ୍ଦଭବନ ଗଳି, ପ୍ଲାଣ୍ଟସାଇଟ୍ ରୋଡ୍, ବିଶ୍ରା ଡାହାର ରୋଡ୍, କଚେରୀ ରୋଡ୍, ପାୱାର ହାଉସ ରୋଡ୍, ଉଦିତନଗର, ପାନପୋଷ ରୋଡ୍ ଏବଂ ମହତାବ ରୋଡ୍ ଆଦି ଜନଗହଳିପୂର୍ଣ୍ଣ ସ୍ଥାନ। ଏସବୁ ସ୍ଥାନରେ ବେଶୀ ଜନଗହଳି ରହୁଥିବାରୁ ପଥଚାରୀମାନଙ୍କୁ ଫୁଟ୍‌ପାଥ୍ ବ୍ୟବହାର କରିବାକୁ ପଡ଼ିଥାଏ। ହେଲେ ଉକ୍ତ ଅଞ୍ଚଳରେ ଟାୟାର, ସୁନା ଅଳଙ୍କାର, ହୋମ୍ ଆପ୍ଲାଏନ୍ସ, କପଡ଼ା ଓ ପୋଷାକ ଏବଂ ଫଳ ଦୋକାନ ଗୁଡ଼ିକ ଏହି ଫୁଟ୍‌ପାଥ୍‌କୁ କବ୍‌ଜା କରି ରଖୁଥିବା ଦେଖାଯାଉଛି। ସୁନାଦୋକାନ ଗୁଡ଼ିକ ନିଜର ପ୍ରଚାର ପାଇଁ ଏପରି ବଡ଼ ବଡ଼ ସାମିଆନା ଓ ଫୁଲ ସାଜସଜ୍ଜାରେ ଫୁଟ୍‌ପାଥ୍ କବ୍‌ଜା କରୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ବା ପଥଚାରୀଙ୍କ ପାଇଁ ଫୁଟପାଥ୍‌ରେ ଯାତାୟାତ ଏକ ପ୍ରକାର ଅସମ୍ଭବ ହୋଇପଡୁଛି।

ସେହିପରି ବିର୍ସା ଛକରେ ଫଳ ଦୋକାନୀମାନେ ପ୍ରଶାସନର ନିୟମକୁ ଅଣଦେଖା କରି ରାସ୍ତାକୁ କବ୍‌ଜା କରିରଖିଛନ୍ତି। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଥିରେ ବିଶେଷ ଭାବେ ବରିଷ୍ଠ ନାଗରିକ, ମହିଳା ଓ ଛାତ୍ରୀଛାତ୍ର ବେଶୀ ହଇରାଣ ହେଉଛନ୍ତି। ମାଲଗୋଦାମ ନିବାସୀ ଭାରତ ଶର୍ମାଙ୍କ ଅଭିଯୋଗ ଅନୁଯାୟୀ, ବର୍ଷତମାମ ମେନ୍ ରୋଡ୍ ଫୁଟ୍‌ପାଥ୍‌କୁ ଦୋକାନୀମାନେ ବ୍ୟବହାର କରିଆସୁଛନ୍ତି। ଏଥିପାଇଁ ଆମମାନଙ୍କୁ ହଇରାଣ ହେବାକୁ ପଡୁଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଛି। ଏମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇଆସୁଛି। ଏଥିପାଇଁ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଶର୍ମା କହିଥିଲେ। ସେହିପରି ସ୍ଥାନୀୟ କିଛି ଲୋକ ମଧ୍ୟ ସମାନ ଅଭିଯୋଗ କରିଛନ୍ତି।

ଉକ୍ତ ସମସ୍ୟା ସମ୍ପର୍କରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳଙ୍କୁ ପଚରାଯିବାରୁ ସେ କହିଲେ, ଡେଲି ମାର୍କେଟରେ ଏପରି ଅଧିକ ଅଭିଯୋଗ ଆସୁଛି। ଫଳ ଦୋକାନୀମାନେ ଫୁଟ୍‌ପାଥ୍ ଗୁଡ଼ିକ ବର୍ଷସାରା କବ୍‌ଜା କରିରଖୁଛନ୍ତି। ଉକ୍ତ ଦୋକାନୀମାନଙ୍କୁ ଜାଗା ଅଭାବରୁ ଥଇଥାନ କରିବା ଅସୁବିଧା ହେଉଛି। ସେହିପରି ପାର୍ବଣ, ଦୀପାବଳି, ଧନତେରସ୍ ଆଦି ଯୋଗୁ ସୁନା ଦୋକାନୀ ଓ ଅନ୍ୟମାନେ ଫୁଟ୍‌ପାଥ୍‌କୁ କବ୍‌ଜା କରି ରଖୁଛନ୍ତି। ୨ ଦିନ ତଳେ ସେମାନଙ୍କଠାରୁ ଜରିମାନା ଆଦାୟ ହେବା ସହ ନୋଟିସ ଦିଆଯାଇଥିଲା। ଆଗାମୀ ଦିନରେ ଏନ୍‌ଫୋର୍ସମେଣ୍ଟ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବିଶ୍ୱାଳ କହିଥିଲେ।

## ଦେଶର ଏକତା, ଅଖଣ୍ଡତା, ବିକାଶ ପାଇଁ ସମର୍ପିତ ହେବା ଆବଶ୍ୟକ

ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ସହ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୃଷୀକେଶ ରାୟ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ରଜନୀକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର ପ୍ରଧାନ ସ୍ୱାଗତ ଭାଷଣ ଦେଇ କହିଥିଲେ, ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଓ ବିକାଶ ପାଇଁ କାୟ ମନ ଓ ବାକ୍ୟରେ ସମର୍ପିତ ହେବା ହେଉଛି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ମୁଖ୍ୟଅତିଥି ମିଶ୍ର କହିଥିଲେ, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜଣେ ବିଚକ୍ଷଣ, ଦୃଢପ୍ରତିଜ୍ଞ, ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ଓ ଜନନେତା ଥିଲେ। ତାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ରାଷ୍ଟ୍ରୀୟ ଏକତା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ବିଜୟ ଲକ୍ଷ୍ମୀ ଦେଓ ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅଧ୍ୟକ୍ଷ ପ୍ରଧାନ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ। ଅଧ୍ୟାପକ ଅର୍ଘ୍ୟଦୀପ ବାନାର୍ଜୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ବିଜୟ କୁମାର ପାଢୀ ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପକ ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ଦିବ୍ୟକାନ୍ତ ବିଲୁଙ୍ଗ, ଦୀପ୍ତି ରଞ୍ଜନ ମହାନ୍ତି, ହେମନ୍ତ କୁମାର ପୁହାଣ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।



ରାଷ୍ଟ୍ରୀୟ ଏକତା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଶହୀଦଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ

ରାଉରକେଲା,୧।୧୧(ଦିନେଶ ମିଶ୍ର)

ସେକ୍ଟର-୧୬ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ହାପିମେଣ୍ଟସ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶହୀଦଙ୍କ ପାଇଁ ଦୀପାବଳିରେ ଦୀପାଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜଲୱାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ସୁରକ୍ଷାରେ ଶହୀଦମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଆମ ଦେଶ ପାଇଁ ଶହୀଦ ହୋଇଥିବା ବୀର ଯବାନମାନେ ଆମ ପାଇଁ ଚିରସ୍ମରଣୀୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସ୍କୁଲର ଅଧ୍ୟକ୍ଷ ଯଶବିନ୍ଦର କୌର, କୁଞ୍ଜ ବିହାରୀ ରାଉତ, ବିକାଶ ସ୍କୁଲର ଅଧକ୍ଷ ମନୋଜ ତ୍ରିପାଠୀ, ସାଗର ମହାନ୍ତି ଓ ଗ୍ରେସି ଡେଭିଡ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବୀର ଶହୀଦମାନଙ୍କ ଆତ୍ମାର ସଦ୍‌ଗତି ଲାଗି ପ୍ରଦୀପ ପ୍ରଜ୍ୱଳନ ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ କଲ୍ୟାଣୀ ଦାସ, ସସ୍ମିତା ପ୍ରଧାନ, ରଞ୍ଜନ ସାହୁ, ମୋନିଷ ଘୋଷ, ଶୌଭାଗିନୀ ରାଉତ, ସୁନ୍ଦର ସାହୁ, ଅଜୟ ନାୟକ, ଲିତାଞ୍ଜଳି ପତି, ମଧୁ ବେହେରା, ସୁନିତା ପ୍ରଧାନ, ସସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଟ୍ରଷ୍ଟି ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟକ ମଞ୍ଚରେ ପ୍ରତିଭା ସମ୍ବର୍ଦ୍ଧନା

ରାଉରକେଲା,୧।୧୧(ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ କଳା ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ଛେଣ୍ଡ ସ୍ଥିତ ଶ୍ରୀକୃଷ୍ଣ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ଭିଏସ୍‌ଏସ୍ ମାର୍କେଟରେ ଗୁରୁବାର 'ଅସତୀ ତୁଳସୀ ସତୀ ଚଉଁରା' ଓ 'ରାତି ପାହିବାକୁ ଅଳପ ବାକି' ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ଅନୁଣ ବାରିକଙ୍କ ରଚିତ 'ଅସତୀ ତୁଳସୀ ସତୀ ସଉଁରା' ଓ ନାଟ୍ୟକାର ମନୋଜ ପଣ୍ଡାଙ୍କ ରଚିତ 'ରାତି ପାହିବାକୁ ଅଳପ ବାକି'କୁ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ପରିଷଦ ସଭାପତି ପ୍ରତାପ କୁମାର ବିଶ୍ୱାଳ ଓ ସମ୍ପାଦକ ଭରତ ସେଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଦିଲୀପ କୁମାର ମହାପାତ୍ର ଓ ଖବରଦାତା ବିରିଞ୍ଚି ନାରାୟଣ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିନ ନାଟକ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ କବି ରାଜୀବ ପାଣି ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ନାଟକ ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ପ୍ରମିଳା ଜେନା, ନାଟ୍ୟ ନିର୍ଦ୍ଦେଶକ ବିଜୟ ଭୋଳ ଓ ଗଙ୍ଗାଧର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦୁଇଟି ନାଟକର ନିର୍ଦ୍ଦେଶକ, ସହ ନିର୍ଦ୍ଦେଶକ ଓ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାଉତ, ନୃତ୍ୟ ନିର୍ଦ୍ଦେଶକ ବିଜୟ ନାୟକଙ୍କ ସମେତ ସମସ୍ତ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇଟି ନାଟକରେ ରିନୁ, ମିନୁ, ପୂଜା, ସୁଧା, ଗୀତା, ଶୁଭେନ୍ଦୁ, ମିଟୁନା, ପ୍ରଜ୍ଞାନନ୍ଦ, ବିକ୍ରମ, ବିଚିତ୍ର, ବୁବୁନ, ଅସୀତ, ପ୍ରଶାନ୍ତ, ପପୁ, ଭରତ, ବିନୟ ପ୍ରମୁଖ ଅଭିନୟ କରିଥିଲେ। ଉପଦେଷ୍ଟା ଚନ୍ଦ୍ରମଣି ମାଝୀ, ସଞ୍ଜୀବ ଚାନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ବିବେକାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରବୀର କୁମାର ଜେନା ମଞ୍ଚ ପରିଚାଳନା ଏବଂ ସଭାପତି ପ୍ରତାପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନମ୍ବରବିହୀନ କାର୍ ଧକ୍କାରେ ଯୁବକ ମୃତ

ବେଦବ୍ୟାସ,୧।୧୧(ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏକ ନମ୍ବର ବିହୀନ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକଟମାଟି ଗ୍ରାମର ସୁନୀଲ ସିରିଲ ଖେସ୍। ପୋଲିସ ଏକ ମାମଲା (ନଂ.୨୮୦/୨୪) ରୁଜୁ କରି ତଦନ୍ତ କରୁଛି। ଆରଜିଏଚ୍ ମର୍ଗ ହାଉସରେ ମୃତଦେହ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଛି। ସୂଚନା ଅନୁଯାୟୀ, ସୁନୀଲ ଗ୍ରାମ ନିକଟ ଏକ ଦୋକାନରୁ ଜିନିଷପତ୍ର କିଣି ଘରକୁ ଫେରୁଥିବା ବେଳେ ରାଜଗାଙ୍ଗପୁର ଅଞ୍ଚଳରୁ ଆସୁଥିବା ଉକ୍ତ ନମ୍ବର ବିହୀନ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୁନୀଲ ପ୍ରାୟ ୧୦ ଫୁଟ୍ ଉପରକୁ ଉଠି କାର୍ ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

## ଜିଲ୍ଲାସ୍ତରୀୟ ଆର୍ଥିକ ସମୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ)

ଲୋକାଲ ଫଣ୍ଡ ଅଡିଟ୍ ଓ ସୁନ୍ଦରଗଡ଼ ଜିଲା ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଆର୍ଥିକ ସମୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ୨୬ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ୫୨ଜଣ ହିସାବ ରକ୍ଷକ ଯୋଗ ଦେଇଥିଲେ। ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷା ସଭାରେ ଜିଲା ସମୀକ୍ଷା ଅଧିକାରୀ ଫଣୀନ୍ଦ୍ର କୁମାର ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମୀକ୍ଷା ଅଧୀକ୍ଷକ ତପନ କୁମାର ନାୟକ ମୁଖ୍ୟ ପ୍ରଶିକ୍ଷକ ଓ ସମୀକ୍ଷା ଅଧୀକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଅନ୍ୟତମ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଣ୍ଡି ଆର୍ଥିକ ନଥିପତ୍ର, ଖାତା ଓ ସମୀକ୍ଷା ପାଇଁ କର୍ମଚାରୀ ଗଣ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ପ୍ରଶିକ୍ଷକମାନେ କ୍ୟାଶ୍ ବୁକ୍, ନିତି ସଂଗ୍ରହ ଖାତା, ବ୍ୟୟ ଖାତା, ଅଗ୍ରୀମ ପୁନଃଭରଣ ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିବା ସହିତ ଠିକ ସମୟରେ ଅଡିଟ କରିବା ପାଇଁ ପରାମର୍ଶ ଦେଇଥିଲେ। ଚାଟାର୍ଡ ଆକାଉଣ୍ଟ ଫର୍ମ ଦ୍ୱାରା ଲୋକଙ୍କ ଫଣ୍ଡ ଅଡିଟ୍ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୀପ୍ତି ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ସମୀକ୍ଷା ସଭା ପରିଚାଳିତ ହୋଇଥିବା ବେଳେ ବାଣିଜ୍ୟ ବିଭାଗ ମୁଖ୍ୟ ବିଜୟ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶିତ ହେଲା ସାମ୍ପଲ ବାଲାଟ୍

ରାଉରକେଲା,୧।୧୧(ସଙ୍ଗୀତା ଜେନା)

**ଆର୍‌ଏସ୍‌ପି ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ**

ନଭେମ୍ବର ୧୨ ତାରିଖରେ ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି)ରେ ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ ହେବାକୁ ଯାଉଛି। ଏ ନେଇ ନାମାଙ୍କନ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ତଥା ଚୂଡାନ୍ତ ତାଲିକା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ସାମ୍ପଲ ବାଲାଟ୍ ପ୍ରକାଶ ପାଇଛି। ପୂର୍ବାହ୍ନରେ ଆଞ୍ଚଳିକ ଶ୍ରମ ବିଭାଗ ପକ୍ଷରୁ ଶ୍ରମ ଉପାୟୁକ୍ତ ରବିକାନ୍ତ ରେଡ୍ଡି ଏହି ବାଲାଟ୍ ପ୍ରଦାନ କରିଛନ୍ତି। ସେକ୍ଟର-୫ ସ୍ଥିତ ଶ୍ରମ କାର୍ଯ୍ୟାଳୟରେ ଚୂଡାନ୍ତ ଶ୍ରମ ସଙ୍ଗଠନର ୧୨ ଶ୍ରମିକ ନେତାଙ୍କୁ ଉକ୍ତ ବାଲାଟ୍ ପ୍ରଦାନ କରାଯାଇଥିଲା। ଏଥିରେ ଶ୍ରମ ସଙ୍ଗଠନର ନାମ ଓ ଏହାର ନିର୍ବାଚନୀ ଚିହ୍ନ ଉଲ୍ଲେଖ ରହିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବତୀ ମୃତ

ରାଉରକେଲା,୧।୧୧(ସଙ୍ଗୀତା ଜେନା)

ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୫ ବି ବ୍ଲକ ଝୁମ୍ପୁଡି ବସ୍ତିରେ ରହୁଥିବା ଜଣେ ଯୁବତୀ ଦୀପାବଳି ପାଇଁ ଲିଚୁ ଲାଇଟ୍ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ଯୁବତୀ ହେଲେ ସ୍ମୃତିରାଣୀ ପାତ୍ର(୧୯)। ଏ ନେଇ ପୋଲିସ ଏକ ମାମଲା (ନଂ.୨୦/୨୪) ରୁଜୁ କରିଛି। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ସ୍ମୃତି ଘରେ ଲିଚୁ ଲାଇଟ୍ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଲସୁଧାର ଗୃହରେ ଦୀପାବଳି ପାଳିତ

ରାଉରକେଲା,୧।୧୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ବାଲସୁଧାର ଗୃହରେ ରୋଟାରୀ କ୍ଲବ ଅଫ୍ ଭାଇବ୍ରାଣ୍ଟ ପକ୍ଷରୁ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। କ୍ଲବର ଅଧ୍ୟକ୍ଷ ରୋଟାରିଆନ ଅଜିତ ମୋହନ ପୂଜାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉତ୍ସବରେ ବାଲସୁଧାର ଗୃହର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ଲବର ସଭାପତି ପ୍ରଶାନ୍ତ ରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ବାଲସୁଧାର ଗୃହର ପ୍ରଶାସନିକ ଅଧିକାରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୋକର ପର୍ବ ଦୀପାବଳି ଓ ଏହାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ବିଜୟଲକ୍ଷ୍ମୀ ତ୍ରିପାଠୀ ଦୀପାବଳିର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରୋଟାରିଆନ ପୂଜାରୀ ଓ ଡକ୍ଟର ମୀନତି ପଣ୍ଡା, ଗୃହର କର୍ମକର୍ତ୍ତା ଉପାସନା, ସମିତା କୁମାରୀ, ସ୍ୱର୍ଣ୍ଣଲତା ପ୍ରମୁଖ ଅନ୍ତେବାସୀମାନଙ୍କ ପାଇଁ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୪ ଜଣ ଅନ୍ତେବାସୀ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ତନ୍ତୀ, ଗଣେଶ୍ୱର ପଟ୍ଟନାୟକ, ଡକ୍ଟର କ୍ରିଷ୍ଣା ପରମାଣିକ, ସଂଯୁକ୍ତା ପତି, ସବିତା ମହାନ୍ତି, ଅନିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।



ବାଲ ସୁଧାର ଗୃହରେ ଦୀପାବଳି ପାଳନ କରାଯାଇଛି।

## ଦୀପାବଳିରେ ଜୁଆ ଆଡ୍ଡାରେ ଚଢ଼ାଉ, ୨୩ ଗିରଫ

ରାଉରକେଲା,୧।୧୧(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ଦେଓଗାଁ ମୁଣ୍ଡାବସ୍ତି ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ନଗଦ ୮.୬୫ ଲକ୍ଷ ଟଙ୍କା, ତାସ୍, ଜୁଆ ସାମଗ୍ରୀ, ୧୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଏକ ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏମାନଙ୍କ ସମ୍ପର୍କରେ ସୂଚନା ପାଇ ଚଢ଼ାଉ କରାଯାଇଥିଲା। ଅନ୍ୟପକ୍ଷେ ବନ୍ଧମୁଣ୍ଡା ଏବଂ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ୨ଟି ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ଗୁରୁବାର ପୋଲିସ ଚଢ଼ାଉ କରି ୧୦ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୨ହଜାର ଟଙ୍କା ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜୁଆରେ ବ୍ୟବହାର ତାସ୍ ମଧ୍ୟ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ

ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ)



ସମାବେଶରେ ସାମୂହିକ ଶପଥ ପାଠ କରାଯାଉଛି।

ଆର୍‌ଏସ୍‌ପି ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ରନ୍ ଫର୍ ୟୁନିଟି ଗଣଦୌଡ଼ ଏବଂ ଶପଥ ପାଠ କରାଯାଇଛି। ଏଥିରେ ଆର୍‌ଏସ୍‌ପି ହକି କ୍ୟାଡେଟ, କ୍ରୀଡ଼ାବିତ୍ ତଥା ଇସ୍ପାତ ସହରର ଯୋଗ ଅଭ୍ୟାସକାରୀଙ୍କ ସମେତ ପ୍ରାୟ ୨ଶହ ଭାଗ ନେଇଥିଲେ। ଆର୍‌ଏସ୍‌ପି ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ଏହି ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ, ସହର ସେବା ବିଭାଗର ଜିଏମ୍ ଇନ୍‌ଚାର୍ଜ ଟି. ଜି. କାନେକର ଏବଂ ଆର୍‌ଏସ୍‌ପିର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ସମାବେଶକୁ ହିନ୍ଦୀରେ ଆର୍‌ଏସ୍‌ପି ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଓଡିଆରେ ପି. କେ. ସ୍ୱାଇଁ ଏବଂ ଇଂଲିଶରେ ଟି. ଜି. କାନେକର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଷ୍ଟାଡିୟମ ମଧ୍ୟରେ ୧କି.ମି. ଦୂରତା ଗଣଦୌଡ଼ କରି ଫେରିଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଏସ୍‌ଏମ୍ ବିଭାଗର ଏମ୍‌ଓଏମ୍‌ଟି ଅନୀଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଆର୍‌ଏସ୍‌ପିର ବିଭିନ୍ନ ଅଫିସ ଓ ବିଭାଗରେ ଅନୁଷ୍ଠିତ ଭିନ୍ନ ଭିନ୍ନ ସମାରୋହରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆର୍‌ଏସ୍‌ପି ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିବା ସହ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ପ୍ରତି ଥିବା ଅଙ୍ଗୀକାର ଭାବକୁ ଦୋହରାଇଥିଲା।

# ନିଆରା ଢଙ୍ଗରେ ପାଳିଲେ ଦୀପାବଳି

**ପଡ଼ିଆବାହାଲ,୧।୧୧(ରାଧାମୋହନ ଷଡ଼ଙ୍ଗୀ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ନାଗରିକ।

■ସ୍ମୃତି ସମ୍ବର୍ଦ୍ଧନା ଉତ୍ସବ

■ପ୍ରତିଭା ପୂଜା ହିଁ ଜନ୍ମଭୂମିର ପରିଚୟ ସୃଷ୍ଟି କରିଥାଏ

ବାଣ ଫଟକା ନୁହେଁ,ପୂଜ୍ୟ ପୂଜାରେ ଗ୍ରାମବାସୀ ଦୀପାବଳି ଉତ୍ସବ ପାଳନ କରି ସମାଜକୁ ଏକ ନିଆରା ନିଦର୍ଶନ ଦେଇଛନ୍ତି। ପ୍ରତିଭା ପୂଜା ହିଁ ପରିଚୟର ମାଧ୍ୟମ ଓ ଏହା ଦ୍ୱାରା ଅଞ୍ଚଳର ବିକାଶ ଓ ପରିପ୍ରକାଶ ଘଟିଥାଏ ବୋଲି ଦୀପାବଳିରେ ଅନୁଷ୍ଠିତ ସ୍ମୃତି ସମ୍ବର୍ଦ୍ଧନା ଉତ୍ସବରେ ମତ ପ୍ରକାଶ ପାଇଛି। ଗ୍ରାମର ଆଦର୍ଶ ସରପଞ୍ଚ ସ୍ୱର୍ଗତ ନୀଳମାଧବ ପଣ୍ଡା ଓ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭାଗିରଥି ବଡ଼ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପାବଳି ଅବସରରେ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ସ୍ମୃତି ସମ୍ବର୍ଦ୍ଧନା ଉତ୍ସବରେ ଉଲ୍ଲେଖନୀୟ ସାମାଜିକ ସେବା,ସାଂସ୍କୃତିକ ଓ ଶୈକ୍ଷିକ ଉତ୍କର୍ଷ ପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର କମିଟି କୋଷାଧ୍ୟକ୍ଷ ବଂଶୀଧର ବେହେରାଙ୍କ ସଭାପତିତ୍ୱ ଓ ଅମରେଶ ଶେଖର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମାଜସେବୀ ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟଅତିଥି, ଇଂ. ସଂଜୀବ କୁମାର ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ବିଶ୍ୱଜିତ ମାଝୀ, ମାନସ କୁମାର ସାହୁ, ଶିକ୍ଷକ ଅଶ୍ୱିନୀ ପ୍ରଧାନ ଯୋଗଦେଇ ସ୍ୱର୍ଗତ ନୀଳମାଧବ ଓ ଭାଗିରଥିଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରି ପୂଜ୍ୟ ପୂଜାହିଁ ଏକତା, ସଂହତି ଓ ସଂସ୍କୃତିର ଦ୍ୱାରଦେଶ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଙ୍କ ସହିତ ସମସ୍ତ ଗ୍ରାମବାସୀ ପ୍ରାରମ୍ଭରେ ଉଭୟଙ୍କ ତୈଳଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଅମର ପ୍ରତିଭାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ୍ୟ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ପ୍ରୟାସରତ ସମାଜସେବୀ ତଥା ମନ୍ଦିର ଓ ଦୁର୍ଗାପୂଜା କମିଟି ସଭାପତି ଦିଲ୍ଲୀପ କୁମାର ପଣ୍ଡାଙ୍କ ଅନୁପସ୍ଥିତରେ ଦିଲ୍ଲୀରୁ ପଠାଇଥିବା ତାଙ୍କ ବାର୍ତ୍ତା ପଠନ କରାଯାଇଥିଲା। ଏହି ଅବସରରେ ଗ୍ରାମର ପୁଅ ଝିଅମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ମହିଳାମାନେ ଜଗନ୍ନାଥ ଓ ହନୁମାନ ମନ୍ଦିରରେ ମୁରୁଜ ଝୋଟି, ଅଲପିନା, ଦୀପ ଓ ଆଲୋକୀକରଣ କରି ସୁସଜ୍ଜିତ କରି ଗ୍ରାମର ଶୋଭା ମଣ୍ଡନ କରିଥିଲେ।

## ଜିଲା ଜିପିଏଲ୍ଏଫ୍ ସଂଘ ସମାବେଶ



ସଭାରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟମାନେ।

**କୁଚିଣ୍ଡା,୧।୧୧(ବିରଞ୍ଚି ଦର୍କା)**

**ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା**

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନହଲରେ ଜିଲାସ୍ତରୀୟ ଜିପିଏଲ୍ଏଫ୍ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ପକ୍ଷରୁ ଗୁରୁବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଜିପିଏଲ୍ଏଫ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ଜିଲା ସଭାନେତ୍ରୀ ମିଲନ ମଞ୍ଜରୀ କରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମହିଳା ସଶକ୍ତିକରଣ ମାଧ୍ୟମରେ ମହିଳାଙ୍କ ଆୟ ବୃଦ୍ଧିରେ ଜିପିଏଲ୍ଏଫ୍ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଜିପିଏଲ୍ଏଫ୍‌ର ଯେଉଁ ସବୁ ସମସ୍ୟା ଅଛି, ତାହା ଖୁବଶୀଘ୍ର ସମାଧାନ ହେବ କହି ମହିଳାଙ୍କୁ ସଶକ୍ତ କରି ବାରେ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ,ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବିଧାୟକ ପ୍ରତିନିଧି ଶୁଶିଲ କର, ସଞ୍ଜୟ ମିଶ୍ର, ଜିପିଏଲଏଫ ଜିଲା ସଂଘ ସମ୍ପାଦିକା ଅଞ୍ଜଳୀ ବେହେରା, କୋଷାଧ୍ୟକ୍ଷା ହୀରାମଣି ଦେହୁରୀ ଓ କୁଚିଣ୍ଡା ବ୍ଲକ ସଂଘର ସଭାନେତ୍ରୀ ଲିନା ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କୁତୁରାଚୁଆଁ ଜିପିଏଲ୍ଏଫ୍ ଏମ୍‌ବିକେ ଅନିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବର ସାଧାରଣ ପରିଷଦ ବୈଠକ

**ସମ୍ବଲପୁର,୧।୧୧(ବି.ଶଙ୍କର)**

ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବର ସାଧାରଣ ପରିଷଦ ବୈଠକ ଶୁକ୍ରବାର ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ସଭାପତି ପ୍ରେମରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଗତ ଅକ୍ଟୋବର ୨ତାରିଖରେ ଆୟୋଜିତ ହୋଇଥିବା ୧୨ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା-୨୦୨୪ ବିଷୟରେ ସଭ୍ୟ ଓ କର୍ମକର୍ତ୍ତାମାନେ ସମୀକ୍ଷା କରିଥିଲେ। ଏଥିସହ କ୍ଲବର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସମ୍ପାଦକ ସୁନ୍ଦରମଣୀ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜୟନ୍ତ ପାଣ୍ଡେ, ଗଣେଷରାମ ପାଣିଗ୍ରାହୀ, ଅନୀଲ ବେରିହା ଆଲୋଚନାରେ ଭାଗ ନେଇଥିଲେ।

### ଫଟୋଗ୍ରାଫର୍ସ ଆସୋସିଏଶନର ବୈଠକ, ନୂତନ କର୍ମକର୍ତ୍ତା

**ସମ୍ବଲପୁର,୧।୧୧(ବି.ଶଙ୍କର)**

ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନର ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାମାନେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଆଗକୁ ହେବାକୁ ଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଛି। ସମ୍ବଲପୁର ଗେଇଟି ରୋଡ ସ୍ଥିତ ବସନ୍ତ ଷ୍ଟୁଡିଓ ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ପଣ୍ଡା, ଉପସଭାପତି ବିପିନ ବିହାରୀ ନାୟକ, ସମ୍ପାଦକ ତପନ ଦାସ, ଯୁଗ୍ମସମ୍ପାଦକ ନରେଶ ସିଂ, କୋଷାଧ୍ୟକ୍ଷ ନିକେତ ମେହେତାଙ୍କ ସମେତ ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଆନ୍ତଃଜାତୀୟ ଫଟୋଗ୍ରାଫର ଆଶିଷ କୁମାର ପ୍ରଧାନ, ନିକେତ ମେହେତା, ସତ୍ୟଜିତ ପଣ୍ଡା, ମହମ୍ମଦ ଇକବାଲ, ମନୋଜ କାଶ୍ୟପ ଯୋଗଦେଇ ଅନୁଷ୍ଠାନର ଦାୟିତ୍ୱ ଏବଂ ଆଗାମୀ ଦିନରେ ଫଟୋଗ୍ରାଫର୍ସଙ୍କ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

### ବାଳନିକେତନର ଅନ୍ତେବାସୀଙ୍କ ସହ ଦୀପାବଳି

**ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଶାଖା ପକ୍ଷରୁ ଗଠିତ ଷ୍ଟୁଡେଣ୍ଟ୍ ଫର୍ ସେବା ଗୁରୁବାର ଛଞ୍ଚାନପାଲିସ୍ଥିତ ରୁକ୍‌ମଣୀ ଲାଠ ବାଲ ନିକେତନରେ ଖୁସିୟୋଁ କି ଦିୱାଲୀ କାର୍ଯ୍ୟକ୍ରମ ଆୟୋଜନ କରିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହଯୋଗରେ ବାଲନିକେତନ୍‌ର ଅନ୍ତେବାସୀମାନଙ୍କ ପାଇଁ ଶୀତବସ୍ତ୍ର, ସୁଖା ଖାଦ୍ୟ, ବାଣ, ଖାତା କଲମ ସହ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଉପହାର ଭାବେ ପ୍ରଦାନ କରାଯାଇଥିଲା। ଏହା ସହ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅନ୍ତେବାସୀଙ୍କ ସହ ରଙ୍ଗୋଲି କରି ଦୀପ ଜାଳି ବାଣ ଫୁଟାଇବା ସହ ଦୀପାବଳି ଉତ୍ସବ ପାଳନ କରିଥିଲେ। ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ସହ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ ଓ ବିଭାଗ ସଙ୍ଗଠନ ସମ୍ପାଦକ ବିଜୟ କାଲତା ଉପସ୍ଥିତ ଥିଲେ।

## ହୀରାକୁଦ ଜଳଭଣ୍ଡାରର ପ୍ରଦୂଷଣ ଯାଞ୍ଚ କରାଯିବ: ମନ୍ତ୍ରୀ ସୁରେଶ ପୂଜାରୀ

# ମହାନଦୀ ପ୍ରଦୂଷଣ ରୋକିବା ପାଇଁ ନିର୍ଦ୍ଦେଶ

**ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ)**

ହୀରାକୁଦ ଜଳଭଣ୍ଡାରରେ ବିଷାକ୍ତ ପଦାର୍ଥ ଜମା ହେବା ଘଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ନିଜର ପ୍ରତିକ୍ରିୟା ରଖିଛନ୍ତି। ସମ୍ବଲପୁର ଗସ୍ତରେ ଆସି ସମଲେଇ ମନ୍ଦିର ଦର୍ଶନ କରିବା ଅବସରରେ ମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏହି ବିଷୟରେ ଅଧିକାରୀମାନଙ୍କ ସହ କଥା ହୋଇ ରିପୋର୍ଟ ମଗାଯାଇଛି। ହୀରାକୁଦ ନଦୀବନ୍ଧ ଉପର ମୁଣ୍ଡରେ ରହିଥିବା ବିଭିନ୍ନ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀବନ୍ଧର ଜଳ ସହିତ ମିଶିବା ପରେ ଏହା ପ୍ରଦୂଷିତ ହେବା ସହ ଜୀବଜନ୍ତୁଙ୍କ ପାଇଁ କ୍ଷତିର କାରଣ ପାଲଟୁଥିବା ନେଇ ଅଭିଯୋଗ ହେଉଛି। ତେଣୁ ଏହି ବାବଦରେ ସତ୍ୟାସତ୍ୟ ଯାଞ୍ଚ କରି ରିପୋର୍ଟ ଦେବା ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିବା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କଳକାରଖାନାରୁ ନିର୍ଗତ ଆବର୍ଜନା ଜଳଭଣ୍ଡାରକୁ ଛଡା ଯାଉଥିବା ବିଷୟର ମଧ ଯାଞ୍ଚ କରାଯିବ। ଏହା ସହ ମହାନଦୀର ପ୍ରଦୂଷଣ ରୋକିବା ପାଇଁ ଝାରସୁଗୁଡା, ବରଗଡ, ସମ୍ବଲପୁର, ସୁନ୍ଦରଗଡ ଓ ଅନୁଗୋଳ ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ନେଇ ଆରଡିସିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୪ କିମ୍ବା ୫ ତାରିଖ ବୈଠକ କରାଯିବ ବୋଲି ପୂଜାରୀ ସୂଚନା ଦେଇଛନ୍ତି।

## ଦୀପାବଳି ଅବସରରେ ନୃତ୍ୟ ପ୍ରତିଯୋଗିତା



ନୃତ୍ୟ ପ୍ରତିଯୋଗିତାରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ପଡ଼ିଆବାହାଲ,୧।୧୧(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଖଲିଆପାଲିଠାରେ ବାଣଫଟକା ଜଳାଇବା ଅପେକ୍ଷା ଗାଁ ଶିଶୁ କିଶୋରମାନଙ୍କ ପ୍ରତିଭାର ବିକାଶ କରି ନୂତନ ଆଲୋକର ପରିପ୍ରକାଶ କରିବାକୁ ନିଷ୍ପତ୍ତି ନେଇ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦଶ ବର୍ଷରୁ ତଳକୁ ଜୁନିୟର ଓ ଦଶ ବର୍ଷ ଉପରକୁ ସିନିୟର ଦୁଇଟି ବିଭାଗ ହୋଇଥିଲା। ଇପ୍ସିତା ପଣ୍ଡା, କିରଣ ନାୟକ ଓ ଦାମିନୀ ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତା ଅବସରରେ ବରିଷ୍ଠ ସାମ୍ବାଦିକ ରାଧାମୋହନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ଅକ୍ଷୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନମୂଳକ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ରାକେଶ ମାଝୀ, କରିନା ନାୟକ, ମୋନାଲିସା ମାଝୀ, ଯାମିନୀ ପଧାନ,ସୁକେଶ ମହାପାତ୍ର, ମୁକେଶ ମାଝୀ, ଆକାଶ ବିକାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତା ପୂର୍ବରୁ ଯୁଗଳ କିଶୋର ମିଶ୍ର କାର୍ତ୍ତିକ ମାସ ଉପଲକ୍ଷେ ଭାଗବତ ପରାୟଣ କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିରରେ ଅଭୟ କୁମାର ନାୟକ ମହିଳାମାନଙ୍କ ସହ ଭଜନ କୀର୍ତ୍ତନ ସାନ୍ଧ୍ୟ ପୂଜା ଏବଂ ପଟାଭାଡ଼ିଠାରେ ଜ୍ୟୋତିଷ କିଶୋର ମିଶ୍ର ଭାଗବତ ପାରାୟଣ କରିଥିଲେ।

# ମୋ ଭାରତ ସହିତ ଦୀପାବଳି ଉତ୍ସବର ବର୍ଷପୂର୍ତ୍ତି ପାଳନ

**ସମ୍ବଲପୁର,୧।୧୧(ପ୍ରମୋଦ ବହିଦାର)**

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ନେହେରୁ ଯୁବା କେନ୍ଦ୍ର ସଙ୍ଗଠନ, ସମ୍ବଲପୁର ଶାଖା ପକ୍ଷରୁ ଅକ୍ଟୋବର ୨୭ରୁ ୩୧ ମଧ୍ୟରେ ସମ୍ବଲପୁର ଜିଲାରେ ମୋ ଭାରତ କାର୍ଯ୍ୟକ୍ରମରେ ଦୀପାବଳି ଉତ୍ସବ ପାଳନ କରାଯାଇଛି। ଜିଲା ଯୁବ ଅଧିକାରୀ ମାରିଆନସ୍ ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ପାଞ୍ଚଦିନ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମରେ ସମଗ୍ର ଜିଲାରେ ସ୍ୱଚ୍ଛତା ଅଭିଯାନ, ଟ୍ରାଫିକ ପୋଲିସର ସହଯୋଗରେ ଟ୍ରାଫିକ ନିୟମ ସଚେତନତା, ବିଭିନ୍ନ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୋ ଯୁବ ଭାରତ ସମ୍ବଲପୁରର ଯୁବ ସ୍ୱେଚ୍ଛାସେବୀ, ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ରାଜେନ୍ଦ୍ର ଶତନାମୀ, ଏନଏସ୍‌ସିବି ମହାବିଦ୍ୟାଳୟ ଯୁକ୍ତଦୁଇ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି, ଜାତୀୟ ସେବା ଯୋଜନା ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ମାସୁଦ ଆଲମଙ୍କ ସମେତ ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ଛାତ୍ରୀଛାତ୍ର, ଏନ୍ଏସ୍‌ସିବି କଲେଜର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ତଥା ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନେ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କିତ ଅଭିଯାନ ପୂର୍ବକ ସଚେତନତା ରାଲିରେ ସାମିଲ ହୋଇଥିଲେ। ସ୍ୱଚ୍ଛତା ସଚେତନତା ରାଲି ସମ୍ବଲପୁର ରେଳ ଷ୍ଟେଶନରୁ ଆରମ୍ଭ ହେଇ କ୍ଷେତ୍ରରାଜପୁର, ବଡ଼ବଜାରରୁ ବଡ଼ ସଡ଼କ ଦେଇ ଧନୁପାଲି ଛକ ଓ ସେଠାରୁ ଗୋବିନ୍ଦଟୋଲା ଦେଇ ପ୍ରତ୍ୟାବର୍ତ୍ତନ କରି ଗୋଲବଜାରରେ ରାଲି ସମାପ୍ତ ହୋଇଥିଲା। ଏହି ଅବସରରେ ଲକ୍ଷ୍ମୀ ଟକିଜ, ଅଇଁଠାପଲି ଛକ, ଧନୁପାଲି ଛକ, ବରେଇପାଲି ଛକରେ ସ୍ୱେଚ୍ଛାସେବୀମାନେ ଟ୍ରାଫିକ ପୋଷ୍ଟରେ ରହି ଟ୍ରାଫିକ ନିୟମ ପାଳନ ସମ୍ପର୍କରେ ଅବଗତ କରିଥିଲେ। ଜିଲା ଯୁବ ଅଧିକାରୀ ବିଲୁଙ୍ଗ କହିଛନ୍ତି ଯେ, ସମଗ୍ର ଦେଶରେ ପାଞ୍ଚଦିନ ବ୍ୟାପି ମୋ ଭାରତ ସହିତ ଦୀପାବଳୀ ଉତ୍ସବର ପୂର୍ତ୍ତୀ ପାଳନ ହେଉଥିବାବେଳେ ଉତ୍ସବକୁ ସମଗ୍ର ଜିଲାରେ ପାଳନ କରାଯାଉଛି।




ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ମୋ ଭାରତ ଓ ଦୀପାବଳି ପାଳନ ଅବସରରେ ସଚେତନତା ରାଲିରେ ଛାତ୍ରୀଛାତ୍ର।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଜଳିଲା ୧ ହଜାର ୧ ଦୀପ

**ସମ୍ବଲପୁର,୧।୧୧(ଭବାନୀ ଶଙ୍କର ଭୋଇ)**

ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଗୁରୁବାର ଦୀପାବଳି ଅବସରରେ ୧ହଜାର ୧ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ରହିଥିବା ଗଣେଶ କାର୍ତ୍ତିକେୟ, ପଞ୍ଚମୁଖୀ ହନୁମାନ, ଭୈରଭ ବାବା, ଲକ୍ଷ୍ମୀ ନାରାୟଣ, ନବଦୁର୍ଗା, ପଞ୍ଚ ଶିବ, ପଞ୍ଚ ବାଉତି ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ପୂଜା କରାଯାଇଥିଲା। ପୂଜକ ଦେବୀ ପ୍ରସାଦ ଭୋଇ, ବାସୁଦେବ ଭୋଇ, ସୁଦାମ ପ୍ରଧାନ ଦେବାଦେବୀଙ୍କ ଠାରେ ଦୀପ ଲଗାଇବା ପରେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ୧ହଜାର ୧ଟି ଦୀପ ଲଗାଇଥିଲେ। ଭକ୍ତମାନଙ୍କ ସହଯୋଗରେ ମନ୍ଦିର ପାହାଚଠାରୁ ଆରମ୍ଭ କରି ମନ୍ଦିର ସାମନାରେ ସ୍ୱସ୍ତିକ ଆକୃତିରେ ଦୀପ ଲଗାଇ ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇଥିଲା। ଦୀପ ଜାଳି ସାରା ସଂସାରର ମଙ୍ଗଳ ପାଇଁ କାମନା କରିଥିଲେ। ଏହି ଦୀପଦାନ କାର୍ଯ୍ୟକ୍ରମରେ ଦାନୀପାଲି କୁଲତା ପଡ଼ା ଏବଂ ରାମଚଣ୍ଡୀ ନଗର ମହିଳା ଆଉ ପିଲାମାନେ ସାମିଲ ହୋଇଥିଲେ। ଗୀତାଞ୍ଜଳି ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସତ୍ୟଭାମା ବେହେରା, କମଳା, ବୁଲବୁଲ, ତ୍ରିଲୋଚନ, ଚୈତନ୍ୟ, ଦେବାଶିଷ, ଆରାଧନା, ଓମ, ହରିହରଙ୍କ ସହ ଦେବବ୍ରତ ବାରିକ ମଧ ସହଯୋଗ କରିଥିଲେ।



ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ୧ ହଜାର ୧ ଦୀପ ଲଗାଯାଉଛି।

# ସମ୍ବଲପୁର ଅରୁଣ ଏକାଦଶ ଚାମ୍ପିୟନ

**କୁଚିଣ୍ଡା,୧।୧୧(ବିରଞ୍ଚି ଦର୍କା)**



ଫାଇନାଲ ମ୍ୟାଚ ପୂର୍ବରୁ ମନ୍ତ୍ରୀ ରବିନାରାୟଣ ନାଏକ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

**ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

■ମହିଳା ପ୍ରଦର୍ଶନୀ ମ୍ୟାଚ ମୁଖ୍ୟ ଆକର୍ଷଣ

ସମ୍ବଲପୁର ଜିଲା କୁଚିଣ୍ଡା ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଦୀପାବଳୀ ଉପଲକ୍ଷେ ପାଞ୍ଚଦିନ ଧରି ଚାଲିଥିବା ଏକାଦଶତମ ମନ୍ତ୍ରୀମୁଣ୍ଡା କପ-୨୦୨୪ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟ ଗୁରୁବାର ପଞ୍ଚମ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଅରୁଣ ଏକାଦଶ ଓ ଝାରସୁଗୁଡା ଝାଡେଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। ସମ୍ବଲପୁର ଅରୁଣ ଏକାଦଶ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଓ ସୁନ୍ଦରଗଡ କିଷାନ ବ୍ରଦର୍ସ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲସ୍କୋର କରି ପାରି ନ ଥିଲେ। ପରେ ପେନାଲଟି ସୁଟଆଉଟରେ ସୁନ୍ଦରଗଡ଼ କିଷାନ ବ୍ରଦର୍ସ ବିଜେତା ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ତୃତୀୟ ଅର୍ଥାତ ଗ୍ରାଣ୍ଡ ଫାଇନାଲ ମ୍ୟାଚ ସମ୍ବଲପୁର ଅରୁଣ ଏକାଦଶ ଏବଂ ସୁନ୍ଦରଗଡ଼ କିଷାନ ବ୍ରଦର୍ସ ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ସମ୍ବଲପୁର ଅରୁଣ ଏକାଦଶ ଚାମ୍ପିୟନ ହୋଇଥିଲା। ଏତଦ୍ ବ୍ୟତୀତ ଗୁରୁବାର ଫାଇନାଲ ମ୍ୟାଚ ପୂର୍ବରୁ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ହୋଇଥିଲା। ଏଥିରେ ଝାରସୁଗୁଡା ଏନ୍‌ୱାଇଏସ୍ ଏବଂ କେନ୍ଦୁଝର ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା। ରେଫରୀ କାର୍ତ୍ତିକ ଦାସ, ଅଶ୍ୱିନୀ ବେରିହା, ଚନ୍ଦ୍ର କିଷାନ, ଶତାବ୍ଦୀ ଜୟପୁରିଆ, ରାଜେଶ ପଟେଲ, ଅଗସ୍ତି ହାତିପତା, ରାଜେଶ ଜୟପୁରିଆ ଓ ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ। ଅଭୟ ପଟେଲ ମନୋଜ ମାଝି ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିବାବେଳେ ଜନପାତ୍ର ଓ ବାଘା ମ୍ୟାଚ ଧାରାବିବରଣୀ ପ୍ରଦାନ କରିଥିଲେ। ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ସଭାପତି ତାପସ ନାଏକ, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ ମିଶ୍ରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଦଳ ପକ୍ଷରୁ ନାଇଜେରିଆ ଓ ଘାନା ଆଦିରୁ ବିଦେଶୀ ଖେଳାଳି ସାମିଲ ହୋଇଥିବାରୁ ଖେଳ ଦେଖିବାକୁ ପ୍ରତିଦିନ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ୟୁଥ କ୍ଲବ ସଭାପତି ତାପସ କୁମାର ନାଏକ ସଭା ପରିଚାଳନା କରିଥିଲେ। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର, ଏମ୍‌ପିଙ୍କ ରେଙ୍ଗାଲି ପ୍ରତିନିଧି ନବୀନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ନଳିନୀକାନ୍ତ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ସୁନୀଲ ପଟେଲ, ସୂର୍ଯ୍ୟ ମିଶ୍ର ଓ ସଞ୍ଜିତ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଅତିଥିମାନେ ସମ୍ବଲପୁର ଅରୁଣ ଏକାଦଶଙ୍କୁ ଚାମ୍ପିୟନ କପସହ ନଗଦ ୧ଲକ୍ଷ ୩୦ହଜାର ଏବଂ ରନର୍ସଅପ ସୁନ୍ଦରଗଡ଼ କିଷାନ ବ୍ରଦର୍ସଙ୍କୁ ରନର୍ସଅପ କପ ସହ ନଗଦ ୯୦ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ସେମିଫାଇନାଲରେ ପରାଜିତ ଝାରସୁଗୁଡା ଝାଡେଶ୍ୱର କ୍ଲବ ଓ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ କିଷାନ ବ୍ରଦର୍ସର ଚନ୍ଦନଙ୍କୁ ମେନ ଅଫ ଦି ମ୍ୟାଚ ଓ ସମ୍ବଲପୁର ଅରୁଣ ଏକାଦଶର ଖେଳାଳୀ ରୋହିତଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ମନ୍ତ୍ରୀମୁଣ୍ଡା ୟୁଥ କ୍ଲବର ପୂର୍ବତନ ଉପସଭାପତି ସ୍ୱର୍ଗତ ସନୀଲ ବନଛୁରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତ

ଭବାନୀପାଟଣା,୧।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଲୋକପାଳ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧାଂଶୁ ଶେଖର ରଥଙ୍କୁ ନିଯୁକ୍ତି ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ପତ୍ରସଂଖ୍ୟା ୨୫୧୦/୩୦।୧୦।୨୪ ଅନୁଯାୟୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ରଥଙ୍କୁ ୩ବର୍ଷ ପାଇଁ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତି ପାଇଁ କଳାହାଣ୍ଡି ଛାତ୍ରସଂଘ ପକ୍ଷରୁ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ଦାବି ହୋଇଆସୁଥିଲା। ଲୋକପାଳ ନିଯୁକ୍ତି ଦ୍ୱାରା ସେମାନଙ୍କର ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ଛାତ୍ରୀଛାତ୍ର ଆଶା ପ୍ରକଟ କରିଛନ୍ତି।


ସୁଧାଂଶୁ ଶେଖର ରଥ।

# ଡିସେମ୍ବର ୧୬ରୁ ଖରିଫ ଧାନକିଣା

ରାଉରକେଲା,୧।୧୧(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ପାନପୋଷ କୃଷି ଜିଲାରେ ୨୦୨୪-୨୫ ଖରିଫ ଧାନ କିଣାବିକା ପ୍ରକ୍ରିୟା ଡିସେମ୍ବର ୧୬ତାରିଖରୁ ଆରମ୍ଭ ହେବ। ଏହି ପ୍ରକ୍ରିୟା ୨୦୨୫ ମାର୍ଚ୍ଚ ଯାଏ ଚାଲିବ। ପାନପୋଷ କୃଷି ଜିଲାର ସମୁଦାୟ ୧୪ଟି ପ୍ୟାକ୍ସ ମାଧ୍ୟମରେ ଧାନ କିଣାବିକା ହେବ। ତେବେ ଚଳିତ ବର୍ଷ ଧାନକିଣା ପାଇଁ ଏଯାଏ ଟାର୍ଗେଟ ନିର୍ଦ୍ଧାରିତ ହୋଇନାହିଁ। ଡିଷ୍ଟ୍ରିକ୍ଟ ଲେଭଲ ପ୍ରୋକ୍ୟୁରମେଣ୍ଟ କମିଟି (ଡିଏଲ୍‌ପିସି) ବୈଠକ ପରେ ଟାର୍ଗେଟ ନିଷ୍ପତ୍ତି ନିଆଯିବ। ନଭେମ୍ବର ୧୬ ତାରିଖ ମଧ୍ୟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରିବାକୁ ବୃତ୍ତାନ୍ତ ହୋଇଛି ବୋଲି ପାନପୋଷ ଜିଲା ସମବାୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଧାନ ବିକ୍ରି ବେଳେ କଟନୀ ଛଟନୀ ନ କରିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଧାନର ମାନ ନିର୍ଦ୍ଧାରଣ ଲାଗି ଏଥର ସ୍ୱେଶାଲ ଆଡ୍‌ଭାଜଇର ରହିବେ। ଧାନବିକ୍ରି ପାଇଁ ପାନପୋଷ କୃଷି ଜିଲାର ୬ହଜାର ୪୩୬ଜଣ ଚାଷୀଙ୍କ ନାଁ ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ପଞ୍ଜୀକରଣ କରାଯାଇଛି। ପଡୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ଯେଭଳି ଧାନ ଚୋରାଚାଲାଣ ନ ହୁଏ ସେଥିପ୍ରତି ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏ ନେଇ ସ୍ୱେଶାଲ ସ୍କ୍ୱାଡ୍ ଗଠନ କରାଯିବା ସହ ରାଉରକେଲା ସୀମାନ୍ତ ଅଞ୍ଚଳରେ ଉକ୍ତ ସ୍କ୍ୱାଡ୍ ମୁତୟନ କରାଯିବ। ଏଥିସହ ସିସି କ୍ୟାମେରା ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉକି ବିଗତ ବର୍ଷ ପାନପୋଷ କୃଷି ଜିଲାରୁ ୨୧ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି କୃଷି ଜିଲା ଅନ୍ତର୍ଗତ ୬ଟି ରାଇସ୍ ମିଲ୍‌କୁ ଉକ୍ତ ମଣ୍ଡିରୁ ଧାନ ଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ମଣ୍ଡିଗୁଡ଼ିକୁ ମାତ୍ର ୭ଲକ୍ଷ କୁଇଣ୍ଟାଲ ଧାନ ବି ଆସିଲା ନାହିଁ। ଫଳରେ ଚାଷୀମାନଙ୍କ ଧାନ ମଣ୍ଡିକୁ ଆସୁ ନ ଥିବା ନେଇ ସ୍ଥାନୀୟ ଯୋଗାଣ ଓ ସମବାୟ ବିଭାଗ ଦ୍ୱନ୍ଦ୍ୱରେ ପଡିଥିଲେ। ଅନ୍ୟପଟେ ଏହାର କାରଣ ପଛରେ ଅସାଧୁ ବ୍ୟବସାୟୀଙ୍କ ଭୂମିକା ରହୁଥିଲା। ସେମାନେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରଲୋଭନ ଦେଖାଇ ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡକୁ ବେଆଇନ ଭାବେ ଧାନ ଚାଲାଣ କରୁଥିଲେ। ଫଳରେ ସ୍ଥାନୀୟ ରାଇସ୍ ମିଲ୍‌କୁ ଆଶାନୁରୂପ ଧାନ ପହଞ୍ଚିପାରୁ ନ ଥିଲା। ଅନ୍ୟପଟେ ସମୟ ଅବଧି ମଧ୍ୟରେ ରାଇସ୍ ମିଲ୍‌ଗୁଡ଼ିକ ସରକାରଙ୍କ ଧାର୍ଯ୍ୟ ମୁତାବକ ଚାଉଳ ପ୍ରସ୍ତୁତି ଲକ୍ଷ୍ୟ ପୂରଣ ନ କଲେ ପରବର୍ତ୍ତୀ ସମୟରେ ଉକ୍ତ ରାଇସ୍ ମିଲ୍ ଗୁଡ଼ିକ ସରକାରଙ୍କ ଦ୍ୱାରା ଅସିଦ୍ଧ ଘୋଷଣା ହେବା ଆଶଙ୍କା ମିଲର୍ସମାନଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଏଣୁ ସରକାରଙ୍କ ନିର୍ଦ୍ଧାରିତ କୋଟା କିଭଳି ପୂରଣ ହେବ ସେ ନେଇ ବିଭାଗୀୟ ପ୍ରଶାସନ ଏବେଠୁ ତତ୍ପର ହୋଇ ପଡିଛି। ଅନ୍ୟପକ୍ଷେ ଏଥର ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଘୋଷଣା କରିଥିବା ବେଳେ ପୂର୍ବଭଳି ଆଉ ପାନପୋଷ କୃଷି ଜିଲାରୁ ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଧାନ ଚୋରା ଚାଲାଣ ହେବନାହିଁ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ପାନପୋଷ କୃଷି ଜିଲା ସମବାୟ ସମିତି ମୁଖ୍ୟ କେନ୍ଦ୍ର ସହାୟକ ଅଧିକାରୀ ବିକାଶ ମହନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ହୋଇସାରିଛି। ଖୁବ୍‌ଶିଘ୍ର ଡିଏଲ୍‌ପିସି ବୈଠକ ହେବ। ଏହାପରେ ସରକାରଙ୍କ ଦ୍ୱାରା ଜିଲା ଧାନକ୍ରୟ ଟାର୍ଗେଟ ସାର୍ବଜନୀନ କରାଯିବ। ସେହିପରି ଧାନକିଣାରେ ଯେଭଳି କଳାବଜାର ନ ହୁଏ ସେ ଦିଗରେ ବ୍ୟାପକ ପ୍ରସ୍ତୁତି ସହ ବହୁବିଧ ବ୍ୟବସ୍ଥା କରାଯିବ ବୋଲି ମହନ୍ତ କହିଥିଲେ।


ଭାଲୁଲତା ଅଞ୍ଚଳରେ ଧାନ ଫସଲ ପାକଳ ଅବସ୍ଥାରେ ରହିଛି।

**ପାନପୋଷ କୃଷି ଜିଲା**

**୧୪ ପ୍ୟାକ୍ସ ଜରିଆରେ ୬,୪୩୬ ଚାଷୀ ବିକିବେ ଧାନ**

# ଦିବ୍ୟାଙ୍ଗଙ୍କୁ ଆଶାବାଡ଼ିରେ ଆକ୍ରମଣ

ଟେନ୍‌ସା,୧।୧୧(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ଆଶାବାଡ଼ିରେ ଅନ୍ୟ ଜଣେ ଯୁବକ ଆକ୍ରମଣ କରିଛନ୍ତି। ପୋଲିସ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ଦିବ୍ୟାଙ୍ଗଙ୍କୁ ଉଦ୍ଧାର କରି କୋଇଡା ମେଡିକାଲ ପଠାଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଘଟଣାର ପ୍ରକୃତ ସତ କ'ଣ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଦିବ୍ୟାଙ୍ଗ ଯୁବକ ଜଣକ ତାଙ୍କ ପରିବାର ସହିତ ଦୋକାନ ପିଣ୍ଡିରେ ଶୋଇଥିଲେ। ଏହି ସମୟରେ ଜଣେ ଯୁବକ ଦିବ୍ୟାଙ୍ଗଙ୍କୁ ତାଙ୍କରି ଆଶାବାଡିରେ ଆକ୍ରମଣ କରିଥିଲେ। ଏପରି କି ୧୫ ମିନିଟ ଧରି ପୂରା ମାର୍କେଟରେ ଘୋଷାରି ଘୋଷାରି ପିଟିଥିବାର ପରିବାର ଲୋକ ଅଭିଯୋଗ କରିଛନ୍ତି।

# ଗଞ୍ଜେଇ ଚାଲାଣ କାରବାରରେ ବାହାର ରାଜ୍ୟ ଲିଙ୍କ୍


ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ ୩ ଅଭିଯୁକ୍ତ।

ଦେଓଗାଁ,୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

■ବସ୍‌ରେ ଜରି ପ୍ୟାକେଟରେ ନେଉଥିଲେ ଗଞ୍ଜେଇ

■୩ ଅଭିଯୁକ୍ତ ଗଲେ ଜେଲ ହାଜତ

ବଲାଙ୍ଗୀର ଜିଲା ଦେଓଗାଁ ତୁଷୁରା ଛକ ନିକଟରେ ପୋଲିସ ଏକ ବସ୍‌ରେ ଚଢାଉ କରି ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଶୁକ୍ରବାର ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଚୋରାଚାଲାଣକାରୀମାନେ ରାଜ୍ୟ ବାହାରର ବୋଲି ଜଣାଯାଇଛି।

ଦେଓଗାଁ ଥାନା ଅନ୍ତର୍ଗତ ତୁଷୁରା ଛକ ଜାତୀୟ ରାଜପଥ ନିକଟରେ ଗୁରୁବାର ସକାଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଥାନାଧିକାରୀ ବୁଲି ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଏକ ଘରୋଇ ବସକୁ ଅଟକାଇ ଛାନ୍‌ଭିନ କରିଥିଲା। ଏଥିରେ ପଡୋଶୀ ଝାଡଖଣ୍ଡ ରାଜ୍ୟର ଦୁଇଜଣ ମହିଳା ଓ ଜଣେ ପୁରୁଷ କିଛି ସାମଗ୍ରୀ ଧରି ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ପୋଲିସ ସନ୍ଦେହ କରି ଯାଞ୍ଚ କରିଥିଲା । ଫଳରେ ସେମାନେ ନେଉଥିବା ସାମଗ୍ରୀ ମଧ୍ୟରେ ୩ଟି ପ୍ୟାକେଟରେ ପ୍ରାୟ ୬କେଜି ଓଜନର ଗଞ୍ଜେଇ ଥିବା ନଜରକୁ ଆସିଥିଲା। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁଡଭେଲା ବ୍ଲକ ଅଞ୍ଚଳରୁ ପ୍ରାୟତଃ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏବେ ବାହାର ରାଜ୍ୟର ମହିଳା ପୁରୁଷମାନେ ଏହି କାରବାରରେ ସକ୍ରିୟ ଥିବା ନଜରକୁ ଆସିଛି। ଏମାନେ ଛଦ୍ମବେଶରେ ବିଭିନ୍ନ ଆଳ ଦେଖାଇ ଗଞ୍ଜେଇ ଚାଲାଣ କରିବାରେ ସଫଳ ହେଉଛନ୍ତି। ଅନେକ ସ୍ଥାନୀୟ ବେପାରି ଏହି କାରବାରରେ ଲିପ୍ତ ରହୁଥିବା ବେଳେ ପ୍ରକୃତ ବେପାରି ପୋଲିସ ନଜରକୁ ଆସୁନାହାନ୍ତି। ଗୁଡଭେଲା ବ୍ଲକ ତଥା କଳାହାଣ୍ଡି ଅଞ୍ଚଳରୁ ତୁଷୁରା ସହର ଦେଇ ଅବାଧରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କେମିତି ତୁଷୁରା ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଜାଣିପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନ୍ୟାୟିକ ତଦନ୍ତ ଦାବିରେ ବିକ୍ଷୋଭ

କୁଚିଣ୍ଡା,୧।୧୧(ବିରଞ୍ଚି ଦର୍ବା)

**ନାବାଳିକା ଗଣବଳାତ୍କାର ଘଟଣା**

■ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସମ୍ବଲପୁର ଜିଲା କୁଚିଣ୍ଡାରେ ଜଣେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ବିଜେଡି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ବହିଷ୍କାର ଦାବି କରିଛି। ଏନେଇ ଶୁକ୍ରବାର ବିଜେଡି ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ହରିହର ପାଣିଙ୍କ ସହ ଅନ୍ୟ ୪ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ମନ୍ତ୍ରୀ ନାଏକଙ୍କ ଚାପରେ ପୋଲିସର ତଦନ୍ତ ବାଟବଣା ହେଉଥିବା ଅଭିଯୋଗ କରି ବିଜେଡି ପକ୍ଷରୁ ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯାଇଛି।

ଅକ୍ଟୋବର ୧୫ରେ କୁଚିଣ୍ଡା ପଞ୍ଚମୁଖି ଛକକୁ କୁଚିଣ୍ଡା ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ଦଳିତ ନାବାଳିକା କରମା ପୂଜା ଦେଖିବାକୁ ଆସିଥିଲେ। ବିଳମ୍ବିତ ରାତିରେ ତାଙ୍କୁ କରମାପୂଜା ସ୍ଥଳରୁ କୁଚିଣ୍ଡାର ୫ଜଣ ଯୁବକ ଏକ କାରରେ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ। ନାବାଳିକାଙ୍କ ଅଭିଯୋଗ କ୍ରମେ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ହରିହର ପାଣିଙ୍କୁ ଗିରଫ କରି ନ ଥିଲା। ବିଜେଡି ଆନ୍ଦୋଳନ ଧମକ ଦେବାରୁ ପରେ ହରିହରଙ୍କ ସହ ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ମନ୍ତ୍ରୀଙ୍କ ଚାପରେ ପୋଲିସ ଏହି ମାମଲାକୁ ଦୁର୍ବଳ କରି ଅଭିଯୁକ୍ତଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରି ରବିନାରାୟଣ ନାଏକ ମନ୍ତ୍ରୀ ପଦରେ ଥିବା ପର୍ଯ୍ୟନ୍ତ ପୀଡ଼ିତା ନ୍ୟାୟ ପାଇପାରିବେ ନାହିଁ। ତେଣୁ ମନ୍ତ୍ରୀ ନିଜେ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ଦାବିପତ୍ରରେ ବିଜେଡି ଉଲ୍ଲେଖ କରିଛି। ଏହି ମାମଲାର ନ୍ୟାୟିକ ତଦନ୍ତ ଦାବି କରି ବିଜେଡି ଆନ୍ଦୋଳନକୁ ଓହ୍ଲାଇଛି। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ,ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ,ବରିଷ୍ଠ ବିଜେଡି ନେତା ସଞ୍ଜିତ ମହାନ୍ତି, ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୃଷ୍ଣଚନ୍ଦ୍ର ଟପୋ ଓ ତନୟା ଧୂରୁଆ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ ମହାନ୍ତି, ଉପାଧ୍ୟକ୍ଷା ଦେବଜାନୀ କାଲୋ, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ବିଜେଡିର ବହୁସଂଖ୍ୟକ ନେତା ଓ କର୍ମୀ ଟାଉନ ହଲରୁ ଏକ ଶୋଭାଯାତ୍ରାରେ ବାହାରି ପୁରୁଣା ବସଷ୍ଟାଣ୍ଡ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

କୋକସରା,୧।୧୧(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଢ଼ହଗାଁ ପଞ୍ଚାୟତ ସାରସମାଲ ଗ୍ରାମର ଡଙ୍ଗରି ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ଏହା ୮ଦିନ ପୂର୍ବରୁ ନିଖୋଜ ଥିବା ସାରସମାଲ ଗ୍ରାମର ରିକିରାମ ବାଗଙ୍କ ପୁଅ ମୋହନ ମୁରଲୀ ବାଗ(୨୮)ଙ୍କର ବୋଲି ଚିହ୍ନଟ ହୋଇଛି। ଗତ ଶୁକ୍ରବାର ମୁରଲୀ ନିଖୋଜ ଥିବା ନେଇ ପରିବାର ଲୋକେ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ସ୍ଥାନୀୟ ଗ୍ରାମର ଜଣେ ଚାଷୀ ଡଙ୍ଗରୀ ନିକଟରେ ଗଳିତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ପରେ ନିଖୋଜ ଥିବା ଯୁବକଙ୍କ ପରିବାର ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ଆଣିଥିଲା। ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଏସ୍‌ଆଇ ଉଷା ହରିଜନ ସୂଚନା ଦେଇଛନ୍ତି।

# ଛେଳି ବିରି ଖାଇବାରୁ ଟାଙ୍ଗିଆରେ ଆକ୍ରମଣ

ରିଷିଡ଼ା,୧।୧୧(ସୁଶାନ୍ତ ମଲ୍ଲିକ)

ଛେଳି ବିରି ଫସଲ ଖାଇବାରୁ ଚରାଳିଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଛନ୍ତି କ୍ଷେତ ମାଲିକ। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗତ ମଙ୍ଗଳବାର ପର୍ବତ ସାହୁ ଗାଁ ବିଲକୁ ଛେଳି ଚରାଇବାକୁ ଯାଇ ସନ୍ଧ୍ୟାରେ ଫେରୁଥିଲେ। ବାଟରେ ଛେଳିପଲ ନିରଞ୍ଜନ ସୁନାଙ୍କ ବିରି ଫସଲ ଖାଇଦେଇଥିଲେ। ଏଥିରେ ନିରଞ୍ଜନ ଉତ୍କ୍ଷିପ୍ତ ହୋଇ ଟାଙ୍ଗିଆରେ ପର୍ବତଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପର୍ବତଙ୍କୁ ପରିବାର ଲୋକେ ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭବାନୀପାଟଣା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପରିବାର ଲୋକେ ମ. ରାମପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୋଷୀଙ୍କୁ ଗିରଫ କରିବା ସହ ବିଏନ୍‌ଏସ୍ ଦଫା ୨୯୬/୧୧୫(୨)/୧୧୮(୧)/୧୧୭(୨)/୧୦୯/୩୫୧(୩)ରେ କୋର୍ଟ ଚାଲାଣ କରିଛି।

# ସ୍କୁଲ କୋଠା ନିର୍ମାଣ ପାଇଁ ଛାତ୍ରୀଛାତ୍ରଙ୍କ ଧାରଣା

କଲମପୁର,୧।୧୧(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ନୂଆଗାଁ ପଞ୍ଚାୟତ ଭାଲୁବୁଡ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟ କୋଠା ନିର୍ମାଣ ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର ଓ ଅଭିଭାବକ ସ୍କୁଲ ବନ୍ଦ କରି ଧାରଣା ଦେଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗକ୍ରମେ ୧୯୪୯ ମସିହାରେ ସ୍ଥାପିତ ସ୍କୁଲ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ଗତି କରୁଛି । ସ୍କୁଲ ଉନ୍ନୀତ ହୋଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଚାଲିଛି। ଚଳିତ ବର୍ଷ ୧୦୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୁଇ ଶ୍ରେଣୀଗୃହ ବିଶିଷ୍ଟ ଏକ ଛାତ ଘର ନିର୍ମାଣ କରାଯାଇଥିବା ବେଳେ ଗୋଟିଏ କୋଠରୀରେ ଅଫିସ ଓ ଅନ୍ୟଟିରେ ପାଠପଢା ଚାଲିଛି। ଅନ୍ୟ ପୁରାତନ ଖପର ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ କେବଳ ଗୋଟିଏ କୋଠରିରେ ୮ ଶ୍ରେଣୀ ଚାଲିବା ଦୁର୍ଭାଗ୍ୟଜନକ। ଆଉ ଯେଉଁ ସ୍କୁଲ କୋଠା ରହିଛି ତାହା ମହାଜନୀ ପ୍ଲଟରେ ରହିଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ଏଣୁ ଗ୍ରାମବାସୀ ଗ୍ରାମରେ ଉପଯୁକ୍ତ ସ୍ଥାନରେ ଥିବା ସରକାରୀ ଜାଗା ୮୦ ଡେସିମିଲରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେଠାରେ ସ୍କୁଲ ନିର୍ମାଣ ପାଇଁ ଦେଢ଼ବର୍ଷ ତଳେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ। ସେ ସମୟରେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ବନ୍ଦ କରି ଧାରଣା ଦେଇଥିଲେ। ଖବର ପାଇ କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, ଏବିଇଓ ହେମନ୍ତ କୁମାର ପଣ୍ଡା, ସୁଶୀଲ କୁମାର ମୁଣ୍ଡ, କନିଷ୍ଠ ଯନ୍ତ୍ରୀ ସୁମନ୍ତ ଦଣ୍ଡପାଟ, ସରପଞ୍ଚ ସୁଶାନ୍ତ କୁମାର ମାଝୀ ପହଞ୍ଚି ଆଲୋଚନା କରିଥିଲେ। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପାଇଁ ରହିଥିବା ଅନୁଦାନରେ ନୂତନ ଜାଗାରେ କୋଠା ନିର୍ମାଣ କରାଯିବ ଏବଂ ଆସନ୍ତା ସୋମବାର ଲେଆଉଟ ଦେବାକୁ ବ୍ଲକ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।


ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ।

# ୫୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ୍ ଗଛ କଟା, ୨ ଗିରଫ

କୁଚିଣ୍ଡା,୧।୧୧(ବିରଞ୍ଚି ଦର୍ବା)

■ବନ ବିଭାଗର ଅଜାଣତରେ ଗଛକଟା

■ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ହେବ

ସମ୍ବଲପୁର ଜିଲା ବାମରା ବ୍ଲକର ଜରାବଗା-କେଶାଇବାହାଲ ରାସ୍ତା ପ୍ରଶସ୍ତୀକରଣରେ ୫୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କଟାଯାଇଛି। ଏହି ଘଟଣାରେ ବନବିଭାଗ ଠିକାସଂସ୍ଥାର ୨ଜଣ ମୁନସୀଙ୍କୁ ଗିରଫ କରି ଶୁକ୍ରବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା ପାନପୋଷ ଗ୍ରାମର ଝସକେତନ ସାହୁ ଓ ଅନୁଗୋଳ ଜିଲା ହଣ୍ଡପା ଗ୍ରାମର ଅଭିମନ୍ୟୁ ରାଉଳ। ଏନେଇ ବାମରା ବନ୍ୟପ୍ରାଣୀ ରେଞ୍ଜ ଅଫିସରେ କେଶ ନଂ.୭୦ ଓ ୭୧ରେ ଦୁଇଟି ମାମଲା ରୁଜୁ ହୋଇଛି। ବନବିଭାଗ କଟାଯାଇଥିବା ଶାଳ, ମହୁଲ, ଆମ୍ବ ଓ ଅଶନ ଗଛକୁ ଜବତ କରି ତଦନ୍ତ ଚଳାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଚାଲିଥିଲେ ହେଁ ଯଦି ରାସ୍ତାକଡ ଗଛ ପ୍ରତିବନ୍ଧକ ସୃଷ୍ଟି କରୁଛି ତେବେ ଗଛ କଟା ପାଇଁ ବନବିଭାଗର ବିନା ଅନୁମତିରେ ଏଭଳି ରାତି ଅଧରେ ମୂଲ୍ୟବାନ ଗଛ କାଟିବା ଏକ ଅପରାଧ ବୋଲି ରେଞ୍ଜର ଦୀପକ ମହାନନ୍ଦ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩-୨୪ଆର୍ଥିକ ବର୍ଷରେ ଜରାବଗାରୁ କେଶାଇବାହାଲ ୧୦କି.ରାସ୍ତା ପ୍ରଶସ୍ତୀକରଣ ପାଇଁ ଝାରସୁଗୁଡା ଜିଲା ବାଗଡିହିର ଜଣେ ଠିକାଦାର ଟେଣ୍ଡର ନେଇଛନ୍ତି। ଯାହାର ଚୁକ୍ତିନାମା ମୂଲ୍ୟ ୧୨କୋଟି ୮୨ଲକ୍ଷ ୮୨ହଜାର ୫୧୮ଟଙ୍କା। ମାତ୍ର ବିନା ସୂଚନା ଫଳକରେ ଦୀର୍ଘ ୬ମାସ ପୂର୍ବରୁ ଠିକାଦାର କାମ ଆରମ୍ଭ କରିଥିଲେ ହେଁ ଏପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କାହିଁକି ନୀରବ ରହିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଫଳରେ ଜନସାଧାରଣଙ୍କୁ ଅନ୍ଧାରରେ ରଖି ସରକାରଙ୍କ କୋଟିକୋଟି ଟଙ୍କା ବ୍ୟୟରେ ହେଉଥିବା ପ୍ରକଳ୍ପର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ବୁଧବାର ରାତିରେ ଠିକାଦାର ଲୋକ ଲଗାଇ କଟର ଦ୍ୱାରା ଏଭଳି ମୂଲ୍ୟବାନ ଗଛ କାଟିଥିଲେ। ଗୁରୁବାର ସକାଳେ ବନବିଭାଗ ସୂଚନା ପାଇଥିଲା। ଜରାବଗାରୁ କେଶାଇବାହାଲ ରାସ୍ତାଟି ବାମରା ରେଞ୍ଜ ଅଧିନସ୍ଥ ପାରିମୁଣ୍ଡା ନିକ୍ତିମାଲ ଓ ଖୋଲବିଲୁଙ୍ଗ ସେକ୍ସନରେ ଆସୁଥିବାରୁ ଉଭୟ ସେକ୍ସନର ଫରେଷ୍ଟର ଏହାର ତଦନ୍ତ କରି ବେଆଇନ ଭାବେ କଟାଯାଇଥିବା ଗଛଗୁଡିକୁ ଜବତ କରି ତଦନ୍ତ କରିଥିଲେ। ଗଛ କଟାରେ ଠିକା ସଂସ୍ଥାର ୮ରୁ୧୦ ଜଣ ଲୋକ ନିୟୋଜିତ ହୋଇଥିବା ବନ ବିଭାଗ ଅନୁମାନ କରୁଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨ଜଣ ମୁନସୀଙ୍କୁ ଗିରଫ କରିଛି। ପରବର୍ତ୍ତୀ ସମୟରେ ତଦନ୍ତ କରାଯାଇ ଠିକାଦାର, ପୂର୍ତ୍ତବିଭାଗ ଯନ୍ତ୍ରୀ ଓ କୁଚିଣ୍ଡା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ବାମରା ସେକ୍ସନ କନିଷ୍ଠ ଯନ୍ତ୍ରୀ ଗିରିଧାରି ନାଏକ ଗଛ କଟା ବାବଦରେ କିଛି ଜାଣି ନ ଥିବା କହିଛନ୍ତି। ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କ ସହ ଯୋଗାଯୋଗ କରିବାରେ ଗଛ କଟା ପାଇଁ ବନବିଭାଗକୁ ଚିଠି କରାଯାଇଛି। ଠିକାଦାର ଯଦି ଗଛ କାଟିଛନ୍ତି, ତେବେ ସେଥିପାଇଁ ସେ ଦାୟୀ ରହିବେ ବୋଲି କହି ଖୁବଶୀଘ୍ର କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବାକୁ କହିଛନ୍ତି।


ଜରାବଗାରୁ କେଶାଇବାହାଲ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ କଟାଯାଇଥିବା ମୂଲ୍ୟବାନ୍ ଗଛ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

**ବଲାଙ୍ଗୀର, ୧।୧୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ବଲାଙ୍ଗୀର ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୁକ୍ରବାର ଅପରାହ୍ଣରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆଠାରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଆଖି ଆଗରେ ରଖି ୩୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ଆଇଜି ଲାଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସମୀକ୍ଷା ବେଳେ ଏସ୍‌ପି ଋଷିକେଶ ଡାନ୍‌ଦେଓ ଖିଲାରୀ ଉପସ୍ଥିତ ଥିଲେ। ଶନିବାର ପୂର୍ବାହ୍ଣ ପ୍ରାୟ ୧୦ଟାରେ ମୁଖ୍ୟମନ୍ତ୍ରୀ ମାଝୀ ତୁଷରା ଉଡ଼ାଜାହାଜ ପଡ଼ିଆରେ ଓହ୍ଲାଇବେ। ସେଠାରେ ଉଡ଼ାଜାହାଜ ପଡ଼ିଆକୁ ୨ ବି କାଟାଗୋରି ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାର ଅଛି । ଶନିବାର ବଲାଙ୍ଗୀରରେ ରାତ୍ରିଯାପନ କରି ରବିବାର ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ସୀମାନ୍ତରେ ୮ ମାଓବାଦୀ ଗିରଫ

**ମାଲାକାନଗିରି,୧।୧୧**
**(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଭିନ୍ନଭିନ୍ନ ସ୍ଥାନରୁ ମୋଟ ୮ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭୋଗାମ ସୋମା, ମାଡବୀ କୋସା, ବାରସେ ଭୀମା, ବାର୍ସେ ସୌମଡା, ବାରସେ ଜୋଗା, ବେଟୀ ସୁଖା, ପୋଡିୟମ ପଣ୍ଡା, ମଡକମ ଦେବା। ୬ ମାଓବାଦୀଙ୍କୁ ଚିନ୍ତଲନାର ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ବେଳେ କୋଣ୍ଟା ଅଞ୍ଚଳରୁ ଜଣଙ୍କୁ ଏବଂ ଚିନ୍ତାଗୁଫା ଅଞ୍ଚଳରୁ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ୧୬୫ ଓ ୧୫୦ ବାଟାଲିୟନ କୋବ୍ରା ଓ ଜିଲା ପୋଲିସ ମିଳିତ ଭାବେ ସୁରପନଗୁଡ଼ା ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବାବେଳେ ୬ ଜଣ ବ୍ୟକ୍ତିଙ୍କୁ ସନ୍ଦେହକରି ଗିରଫ କରିଥିଲେ। ସେମାନଙ୍କୁ ପଚରାଉଚୁରା କରିବାରୁ ସୁରପଗୁଡ଼ା ଅନ୍ତର୍ଗତ ମିଲିସିଆ ସଦସ୍ୟ ପଦରେ କାର୍ଯ୍ୟ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ଜେଲ ଗଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

**ଭବାନୀପାଟଣା, ୧।୧୧**
**(ଉତ୍ତମ କୁମାର ଦାଶ)**


ସନ୍ନ୍ୟାସୀ ନାୟକ

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣୀଗୁମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସନ୍ନ୍ୟାସୀ ନାୟକଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ଶେଷରେ ଜେଲ ଯିବାକୁ ପଡ଼ିଛି। ପିଇଓ ନାୟକଙ୍କ ପାଖରେ ପ୍ରାୟ ୬୮ ଲକ୍ଷ ୬ ହଜାର ୨୭୮ ଟଙ୍କା ଆୟବହିର୍ଭୂତ ସମ୍ପତ୍ତି ଠୁଳ ଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏ ନେଇ ଭିଜିଲାନ୍ସରେ ଏକ ମାମଲା (ନଂ.୨୦/୨୪) ରୁଜୁ ହୋଇଛି। ପ୍ରକାଶ ଯେ, ପିଇଓ ନାୟକ ସ୍ଥାନୀୟ ପଞ୍ଚାୟତର ଗ୍ରାମସାଥୀଙ୍କଠାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିଥିବା ଶ୍ରମିକଙ୍କ ବିଲ୍ କରାଇଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗତ ମେ ୨୭ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ବିଭାଗ ତାଙ୍କୁ ସେତେବେଳେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ପିଇଓ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏବେ ପୁଣି ସେ ଧରାପଡି ଜେଲ ଯିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ବାଣ ବିସ୍ଫୋରଣରେ ୨ ମୃତ, ଜଣେ ଆହତ

**ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)**

ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁ ରାଉତ ସାହିରେ ବାଣ ବିସ୍ଫୋରଣ ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସଞ୍ଜୟ ଜେନା ଓ ଗୁଲା ରାଉତ। ଜଣେ ଆହତ ଏବେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବାଣ ପ୍ରସ୍ତୁତି ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ବାଣ ବିସ୍ଫୋରଣରେ ସଞ୍ଜୟ ଓ ଗୁଲାଙ୍କ ସମେତ ଲିପା ରାଉତ ଗୁରୁତର ଆହତ ହୋଇଥିଲେ। ସଞ୍ଜୟ ଓ ଗୁଲାଙ୍କ ଶରୀରର ୮୦ ପ୍ରତିଶତ ଏବଂ ଲିପାଙ୍କ ଶରୀରର ୫୦ ପ୍ରତିଶତ ଭାଗ ପୋଡ଼ିଯାଇଥିଲା। ସମସ୍ତଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ପରେ ସେମାନଙ୍କୁ କଟକ ଏସ୍‌ସିବି ଏବଂ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟ ଓ ଗୁଲାଙ୍କର ମୃତ୍ୟୁ ଘଟିଥିବାବେଳେ ଲିପା ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ସହ ସବୁ ଦିଗକୁ ତର୍ଜମା କରାଯାଇ ତଦନ୍ତ ଚାଲିଛି। ଘଟଣାରେ ଯେଉଁମାନେ ଦୋଷୀ ରହିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ଭାବେ ବାଣ ତିଆରି କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ତଦନ୍ତ ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ। ଆଗକୁ ଯେପରି ଏଭଳି ଅଘଟଣ ନ ଘଟିବ ସେଥିଲାଗି ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାହା କିଛି ସମସ୍ୟା ରହିଛି, ତା'ର ସମାଧାନ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ତେବେ ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ମାସ ତଳେ ପୁରୀ ନରେନ୍ଦ୍ର ପୁଷ୍କରଣୀ ନିକଟରେ ଭଉଁରୀ ଯାତ୍ରା ହେଉଥିବା ସମୟରେ ବାଣ ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୭ଜଣଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆର୍‌ସି ପୁରୀ ଆସି ଘଟଣାର ତଦନ୍ତ କରିଥିଲେ। ମାତ୍ର ଅଦ୍ୟାବଧି ମୃତକଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳି ନ ଥିବା ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବା ଅଭିଯୋଗ ହେଉଛି। ଏବେ ପୁଣି ପ୍ରଶାସନ ଓ ପୋଲିସର ଅବହେଳା କାରଣରୁ ପୁରୀରେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବାବେଳେ ଦୁଇଟି ଜୀବନ ଚାଲିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ଅଳକା ତିୱାରୀ ହେଲେ ଝାଡ଼ଖଣ୍ଡ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧।୧୧**
**(ଅନୁରାଧା ମହାରଣା)**



ଅଳକା ତିୱାରୀ ଝାଡଖଣ୍ଡର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ କାର୍ମିକ, ପ୍ରଶାସନିକ ସୁଧାର ତଥା ରାଜଭାଷା ବିଭାଗ ଝାଡ଼ଖଣ୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୧୯୮୮ ବ୍ୟାଚ୍‌ର ଆଇଏସ୍ ଅଧିକାରୀତିୱାରୀ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପାଇଁ ଭାରତ ନିର୍ବାଚନ ଆୟୋଗଠାରୁ ସମ୍ମତି ଗ୍ରହଣ କରାଯାଇଛି। ତିୱାରୀଙ୍କୁ ରାଜସ୍ୱ ବୋର୍ଡ ସଦସ୍ୟ ପଦରୁ ବଦଳି କରାଯାଇ ମୁଖ୍ୟ ଶାସନ ସଚିବ ଭବେ ଅବସ୍ଥାପିତ କରାଯାଇଛି। ଡକ୍ଟର ଲକ୍ଷ୍ମୀ ସିଂ ଏବଂ ରାଜବାଲା ବର୍ମାଙ୍କ ପରେ ସେ ଏହି ପଦବୀରେ ଅବସ୍ଥାପିତ ତୃତୀୟ ଆଇଏଏସ୍ ଅଧିକାରୀ। ତାଙ୍କ ସ୍ୱାମୀ ଡି.କେ. ତିୱାରୀ ମଧ୍ୟ ରାଜ୍ୟ ମୁଖ୍ୟ ଶାସନ ସଚିବ ଥିଲେ।

# ଝୁଲୁଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ୍ର ମୃତ

- ବିଭାଗର ଦାୟିତ୍ୱହୀନତାକୁ ଦାୟୀ କଲେ ଗ୍ରାମବାସୀ
- କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ବାଲିକୁଦା,୧।୧୧**
**(ତାପସ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଚାରିଆକଣ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଶଙ୍କର ଜେନାଙ୍କ ପୁଅ ମୁକ୍ତିକାନ୍ତ(୧୪)। ସେ ହେଲେ ସ୍ଥାନୀୟ ଗାଦିବ୍ରହ୍ମ ଉଚ୍ଚ ବିଦ୍ୟାଳୟ, ଅପଣ୍ଡରାର ନବମ ଶ୍ରେଣୀର ଛାତ୍ର। ବିଦ୍ୟାଳୟରେ ଏବେ ପରୀକ୍ଷା ଚାଲିଛି। ଶୁକ୍ରବାର ମୁକ୍ତିକାନ୍ତ ପରୀକ୍ଷା ଦେଇ ଘରକୁ ଫେରିଥିଲେ। ଖାଇ ସାରି ବାହାରକୁ ଯାଇଥିବାବେଳେ ଘରଠାରୁ ୫୦ ମିଟର ଦୂରରେ ଝୁଲୁଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପାଟିଶୁଣି ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନେଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ମୁକ୍ତିକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ତାଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଖବରପାଇ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଯୁବ ନେତା କମଳାକାନ୍ତ ମହାପାତ୍ର, ସରପଞ୍ଚ ପ୍ରତିନିଧି ଅବିନାଶ ସାହୁ, ରଞ୍ଜନ ଦାସ, ଗଙ୍ଗାଧର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଟୁଟୁ ବେହେରା କହିଛନ୍ତି, ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏଭଳି ଅଭିଯୋଗ ଆସି ନ ଥିଲା। କ୍ଷତିପୂରଣ ପ୍ରସଙ୍ଗରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।


**OFFICE OF THE NOTIFIED AREA COUNCIL, G.UDAYAGIRI**

No.2372 Date:30.10.2024

**"e" Tender Notice**
**BID Identification No.GUDGR-NAC-01/2024-25**

**No.C-878:** Bid Documents consisting of Work, Estimated Cost of Tender Paper, EMD, Time of Completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Works : As per DTCN
2. No. of Works : 2 Nos.
3. Estimated Cost : Rs.55.61 Lakh to Rs.67.44 Lakh
4. Period of Completion : 4 Month to 6 Month
5. Date & time of availability of bid documents in the portal : Dt.01.11.2024 at 09.00 A.M. to Dt.16.11.2024 upto 5.00 P.M.
6. Last date & time for submitting online Bid : Dt.16.11.2024 upto 5.00 P.M.
7. Bids shall be opened on : Dt.18.11.2024 at 11.00 A.M.
8. Bid shall be evaluated on : Dt.18.11.2024 at 11.00 A.M.
9. Name and address of the officer inviting bid : Executive Officer, N.A.C., G.Udayagiri

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer, N.A.C., G.Udayagiri**
OIPR-13072/11/0005/2425

**DISTRICT PROJECT OFFICE SS, JHARSUGUDA**
No_1943/plg/24, Dt. 30.10.2024

**REQUEST FOR PROPOSAL (RFP) NOTICE**

**No.n-130:** Sealed quotations are invited for **Selection of Agency for Implementation of Virtual Reality Classrooms with VR Content in 06 Nos. of Schools under PM SHRI SCHEME.** The interested Firm/ Agency/Organisation/OEMs having valid GST may submit their RFP on or before 5 PM on dt.11.11.2024 positively through registered/speed post only. The envelope containing RFP document must be superscribed as "RFP FOR IMPLEMENTATION OF AR-VR CLASSROOMS WITH CONTENT IN 6 NOS. OF PM SHRI, Schools of JHARSUGUDA". The sealed RFP will be opened at 11 AM on Dt.12.11.2024. The interested bidders may download the RFP from the District website i.e. www.jharsuguda.odisha.gov.in of Jharsuguda District. The bidders are requested to remain present at the time of opening of RFP.

**By the order of**
**Collector-cum-Chairman, SS, Jharsuguda**
OIPR-27153/11/0005/2425 **Sd./- DEO-cum-DPC**

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଭବାନୀପାଟଣା**
**OFFICE OF THE REGULATED MARKET COMMITTEE, BHAWANIPATNA**
Near Kendriya Vidyalaya, At/P.O.: Bhawanipatna, Kalahandi, E-mail: rmcbhawanipatna@gmail.com
No. 334 Dated: 29.10.2024

**SHORT TENDER / QUOTATION CALL NOTICE**

No. H-29: The Sub-Collector, Bhawanipatna-cum-Chairman, RMC, Bhawanipatna invites tender/quotation vide Notice No. 327 dated 29.10.24 and Notice No. 331 dated 29.10.24. The details of which are available in the website: **www.kalahandi.odisha.gov.in**. Intending bidders are requested to visit the mentioned website for submission of document.

**Sd./- Sub-Collector, Bhawanipatna-cum-Chairman, RMC, Bhawanipatna**
OIPR-01549/11/0001/2425

See Career Appointment on every Wednesday & Saturday

**GOVERNMENT OF ODISHA** Email-rw_dharmagarh@yahoo.com
**OFFICE OF THE SUPERINTENDING ENGINEER, RURAL WORKS DIVISION, DHARMAGARH**
**Notice No.2479// Date:25.10.2024**
**No.O-547: The 1st Corrigendum to Bid Identification No.DMGH/Online-04 of 2024-25**

1. The details of corrigendum as tablelated below.

**As per tender notice**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 04/2024-25 | 28.10.2024 At 10.00 AM | 16.11.2024 Upto 5.00 PM | 14.11.2024 Upto 5.00 PM | 18.11.2024 11.00 AM | 22.11.2024 At 11.00 AM |

**As per Corrigendum**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 04/2024-25 | 05.11.2024 At 10.00 AM | 19.11.2024 Upto 5.00 PM | 16.11.2024 Upto 5.00 PM | 20.11.2024 11.00 AM | 25.11.2024 At 11.00 AM |

All other terms and conditions are remain inchange.
OIPR-25100/11/0007/2425 **Sd./- Executive Engineer, Rural Works Division, Dharmagarh**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୭୦୯୦ IND-II-PH-୮୧୩ ତା.୨୪.୧୦.୨୦୨୪
No. CAD-1470

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିଅରିଂ କମ୍ପାନୀ ଲିମିଟେଡ, ଓଡ଼ିଶାର ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ଏକ ସର୍ବକାଳୀନ ମଲ୍ଟି ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦରର ବିକାଶ ପାଇଁ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୨୪.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା ।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The Sunday Times" ଏବଂ "ଧରିତ୍ରୀ" ରେ ତା.୨୨.୦୯.୨୦୨୪ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ ପାଣିପାଗ ବିଭାଗ, ଭାରତ ସରକାର ୨୩ ଅକ୍ଟୋବର ୨୦୨୪ ରୁ ୨୫ ଅକ୍ଟୋବର ୨୦୨୪ରେ ଓଡ଼ିଶା ଉପକୂଳରେ ଗଭୀର ଅବପାତଜନିତ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁଁ ପ୍ରବଳ ପବନ ଏବଂ ବର୍ଷାଜନିତ ଚେତାବନୀ ଦେଇଥିବାରୁ ତା.୨୪.୧୦.୨୦୨୪ ରିଖରେ ହେବାକୁ ଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଉଅଛି । ଉକ୍ତ ସର୍ବସାଧାରଣ ଶୁଣାଣି ତା.୦୬.୧୨.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୬.୧୨.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ପୁରୀ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଭୁବନେଶ୍ୱର।**
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in/ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OSPCB-PH-MISC-0089-2022/23/2024 OIPR-08012/11/0111/2425 ସ୍ୱା./- ସଦସ୍ୟ ସଚିବ

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**Government of Odisha**
**Panchayati Raj & D.W. Department**
**ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
**Odisha Lok Seva Bhawan, Sachibalaya Marg, Bhubaneswar-751001**
**Fax: 0674-2391413; E-mail: prsec.or@nic.in**

**No. PR-VEH-MV-0008-2020 24803/PR&DW Date: 29.10.2024**

**TENDER CALL NOTICE**

No.i-269:- Sealed Tenders are invited from interested reputed Travel Agencies for providing Innova segment, Swift Dzire / Xcent segment [6 (seven) nos.] and WagonR / Celerio segment [3 (three) nos.] petrol driven vehicles having sitting capacity not more than 5 including driver, which shall confirm to the terms and conditions (Appendix-A) of Finance Department Office Memorandum No. 22924/F Dated. 14.08.2023 for official use in Panchayati Raj & Drinking Water Department on Monthly rent basis/Daily basis:

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM Platform.
3. The vehicle must be in road worthy condition, shall not be more than 3(three) years old from the date of initial registration and must have Valid Registration Certificate, Insurance Certificate, Fitness Certificate, Pollution Certificate, Valid Contract carriage Permit, proof of up to date tax payment etc. which are mandatory for plying of vehicle.
4. The Driver of vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of Rs. 5000/- shall be deposited by the intending bidders in shape of Account Payee Bank Draft drawn in favour of the DDO-cum-Joint Secretary to Govt., Panchayati Raj & Drinking Water Department and submitted along with the tender papers as security deposit. After completion of tender process, the amount will be refunded to unsuccessful bidders.
7. The monthly rate of hire charges shall be quoted separately in the general bid information (excluding fuel and lubricants).
8. The vehicle must achieve a fuel efficiency as per Finance Department Office Memorandum No. 22924/F Dated. 14.08.2023.
9. The detail of make and year of manufacture of the vehicle, registration No., mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/tender (Appendix-B of Finance Department OM No. 22924/F Dated. 14.08.2023).
10. The Quotation completed in all respect should reach the undersigned on or before **20.11.2024** by **1.00 P.M.** and shall be opened on the same day at **04.00 P.M.** in presence of the bidders or their authorized representatives.
11. The application form of tender containing General Bid information and Terms and conditions for hiring of vehicles etc. will be available with the OM (vehicle) section of the Panchayati Raj & Drinking Water Department on payment of Rs. 100/- from 11.00 A.M. to 5.00 P.M. on working days or can be downloaded from Odisha Govt. Website **www.odisha.gov.in**. In case the application form is downloaded from Govt. website, the applicant shall furnish a Demand Draft for an amount Rs. 100/- (Rupees One Hundred) only towards the cost of application along with the application.

**Sd./- Under Secretary to Govt.**
OIPR-19001/11/0004/2425

No. RR-

**ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

ସ୍ଥାନ
**ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର**

ଆୟୋଜନ ତାରିଖ
**ତା୦୬।୧୨।୨୦୨୪ଠାରୁ ତା୧୭।୧୨।୨୦୨୪ରିଖ ପର୍ଯ୍ୟନ୍ତ**

ଆୟୋଜକ
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ଓଡ଼ିଶା ସରକାର**

ପୁସ୍ତକ ମହୋତ୍ସବରେ ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:

**ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

ଦୂରଭାଷ
୦୬୭୪-୨୪୩୧୮୪୦ / ୯୪୩୮୨୯୨୩୨୫ / ୭୯୭୮୬୭୭୨୪୮
**Email: odishasahityaakademi@gmail.com**

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ
**https://culture.odisha.gov.inକୁ ଦେଖନ୍ତୁ**

**ଷ୍ଟଲ୍ ସଂରକ୍ଷଣର ଶେଷ ତାରିଖ: ୧୫।୧୧।୨୦୨୪**

OIPR-03029/11/0007/2425

**GOVERNMENT OF ODISHA** No. B-540
**"e" - PROCUREMENT NOTICE**
**WORKS DEPARTMENT**
**E-mail: ceworldbankprojects@gmail.com**
**Bid Identification No. CE-Bridges - 06/2024-25**

1. The Chief Engineer (Bridges), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 03 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 06.11.2024 to 5.00 P.M. of 27.11.2024
7. Date of Opening of Bid : Dt.28.11.2024 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer, Bridges Odisha, Bhubaneswar**
OIPR-34174/11/0017/2425

# ରେକର୍ଡ ପରିମାଣରେ ଟିକସ ସଂଗ୍ରହ

■ବାର୍ଷିକ ଭିତ୍ତିରେ ପ୍ରାୟ ୯% ବୃଦ୍ଧି

■ଅକ୍ଟୋବରରେ ୧,୮୭,୩୪୬ କୋଟିର ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୧୧

ଚଳିତ ଆର୍ଥିକ ବର୍ଷର ସପ୍ତମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪-୨୫ ଆର୍ଥିକ ବର୍ଷର ୭ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୭,୩୪୬ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ପ୍ରାୟ ୯% (୮.୯%) ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଅକ୍ଟୋବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧,୭୨ ଲକ୍ଷ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ମାସରେ ୮.୯% (୧,୮୭,୩୪୬ କୋଟି)ର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ମୋଟ ୧,୮୭,୩୪୬ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୩,୮୨୧କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୧,୮୬୪ କୋଟି ଟଙ୍କା ଆଦାୟ ହୋଇଛି। ସେହିଭଳି ଆଇଜିଏସ୍‌ଟି ବାବଦକୁ ମୋଟ ୯୯,୧୧୧ କୋଟି ଟଙ୍କା ଏବଂ ସେସ୍ ବାବଦରେ ୧୨,୫୫୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୧୨.୭୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ମୋଟ ୧୧.୬୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗୃହୀତ ହୋଇଥିଲା। ଏପରିକି ବାର୍ଷିକ ଭିତ୍ତିରେ ଚଳିତ ଆର୍ଥିକର ମୋଟ ଟିକସ ସଂଗ୍ରହ ୯.୪% ବୃଦ୍ଧି ହୋଇଛି। ସେହିଭଳି କ୍ରମାଗତ ୭ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୭ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୨ୟ ଥର ପାଇଁ ୧.୮ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ୱେବ୍‌ସାଇଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୩୩୫ (୩୩୫.୦୬) ପଏଣ୍ଟ ବଢ଼ି ୭୯,୭୨୪ (୭୯,୭୨୪.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୯ (୯୯.୦୦) ପଏଣ୍ଟ ବୃଦ୍ଧି ଘଟି ୨୪,୩୦୪ (୨୪,୩୦୪.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୧୧



କ୍ରମାଗତ ୪ର୍ଥ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କେ.ଜି)ର ଦର ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ନଭେମ୍ବର ପହିଲାରୁ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୬୧ ଟଙ୍କା ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୬୨ ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ଶୁକ୍ରବାରଠାରୁ ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୬୧ ଟଙ୍କା ବଢ଼ି ୧୯୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ଅକ୍ଟୋବରରେ ୧୮୮୯ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ୬୨ ଟଙ୍କା ବୃଦ୍ଧି ପାଇ ୧୮୦୨ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ ଦର ମଧ୍ୟ ସମପରିମାଣରେ ବୃଦ୍ଧି ପାଇଛି।

## ଟିପିସିଓଡିଏଲ୍‌କୁ ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡ

ଭୁବନେଶ୍ୱର,୧।୧୧ (ଅଭୟ ଦାଶ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ 'ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି ଟିପିସିଓଡିଏଲ୍ କ୍ରମାଗତ ଭାବେ ପ୍ରଦର୍ଶନରେ ଉନ୍ନତି ଆଣିବା ଯୋଗୁ ପ୍ରଥମ ସ୍ଥାନ ହାସଲ କରିଛି। ଟିପିସିଓଡିଏଲ୍ ମଧ୍ୟ ଆହ୍ୱାନପୂର୍ଣ୍ଣ ରାଜ୍ୟ ବର୍ଗରେ ସାମଗ୍ରିକ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛି, ଯାହା ବିଦ୍ୟୁତ ବିତରଣରେ ଉତ୍କର୍ଷତା ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ପୂର୍ବତନ ଶକ୍ତି ସଚିବ ତଥା ସମ୍ମିଳନୀ ଓ ବିଚାରକ ମଣ୍ଡଳୀର ଅଧ୍ୟକ୍ଷ ଅନୀଲ ରାଜଦାନ ଓ ଦିଲ୍ଲୀ ବିଦ୍ୟୁତ ନିୟାମକ ଆୟୋଗର ପୂର୍ବତନ ସଦସ୍ୟ ତଥା ବିଚାରକ ମଣ୍ଡଳୀର ଅନ୍ୟତମ ସଦସ୍ୟ ବିପି ସିଂହଙ୍କଠାରୁ ଟିପିସିଓଡିଏଲ୍ ପକ୍ଷରୁ କମ୍ପାନିର ବିଜନେସ୍ ଏକ୍ସଲେନ୍ସ ମୁଖ୍ୟ ନିରଞ୍ଜନ ରାଉତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, 'ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡସ ଫର୍ ଡିସକମ୨୦୨୪ରେ ଭାରତର ବିଦ୍ୟୁତ ବିତରଣ କମ୍ପାନିଗୁଡ଼ିକର ଅଭିନବ ଅଭ୍ୟାସକୁ ସ୍ୱୀକୃତି ପ୍ରଦାନ କରାଯାଇଛି।

ନୂଆଦିଲ୍ଲୀଠାରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଆୟୋଜିତ ଇନୋଭେସନ୍ ୱିଥ୍ ଇମ୍ପାକ୍ଟ ଆୱାର୍ଡସ-୨୦୨୪ ପୁରସ୍କାର ସମାରୋହ ଉତ୍ସବରେ ଟିପିସିଓଡିଏଲ୍, ଟାଟା ପାୱାର ମୁମ୍ବାଇ ଏବଂ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡିଡିଏଲ୍) ଏକାଧିକ ବର୍ଗରେ ଭଲ ପ୍ରଦର୍ଶନ କରିଛନ୍ତି। ଏହି ସମ୍ମାନ ବିଦ୍ୟୁତ ବିତରଣ କ୍ଷେତ୍ରରେ ଅଭିନବ ଏବଂ ଉତ୍କର୍ଷ ପ୍ରୟାସ ପ୍ରତି ଟାଟା ପାୱାରର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଶକ୍ତି ମନ୍ତ୍ରଣାଳୟର ସମର୍ଥନରେ ଆୟୋଜିତ ଏହି ପୁରସ୍କାରର ଦ୍ୱାଦଶ ବାର୍ଷିକ ସଂସ୍କରଣରେ ଦେଶବ୍ୟାପୀ ୩୨ଟି ଡିସକମ୍ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ପୁରସ୍କାର ଆମର ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକ ସନ୍ତୋଷ ପାଇଁ ନିରନ୍ତର ପ୍ରୟାସର ପ୍ରମାଣ ହୋଇଥିଲାବେଳେ ଏହା ସମଗ୍ର କେନ୍ଦ୍ରୀୟ ଓଡ଼ିଶାରେ ବିଦ୍ୟୁତ ବିତରଣର ଗୁଣବତ୍ତା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇଁ ଅଭିନବ ସମାଧାନ ପ୍ରୟୋଗ କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି ସମ୍ମାନଜନକ ସ୍ୱୀକୃତି ପାଇ ଆମେ ଗର୍ବ ଅନୁଭବ କରୁଛୁ ଏବଂ ଆମେ ସେବା ଯୋଗାଉଥିବା ଅଞ୍ଚଳରେ ଅଧିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା ଜାରି ରଖିବୁ।

## ଟ୍ୟୁନିସିଆରୁ ୩ ଆଫ୍ରିକୀୟ ହାତୀଙ୍କୁ ଉଦ୍ଧାରକଲା ବନତାରା

ମୁମ୍ବାଇ,୧।୧୧



ଚଳିତ ବର୍ଷ ଦୀପାବଳି ଅବସରରେ ତିନିଟି ଆଫ୍ରିକୀୟ ହାତୀଙ୍କୁ ଟ୍ୟୁନିସିଆରୁ ଉଦ୍ଧାର କରାଯାଇ ଭାରତର ଜାମନଗର ସ୍ଥିତ ବନତାରାକୁ ଅଣାଯାଇଛି। ଏପରିକି ଏହି ୨୮ ରୁ ୨୯ ବର୍ଷୀୟ ବୟସ୍କ ଆଫ୍ରିକୀୟ ହାତୀ ମଧ୍ୟରେ ଦୁଇଟି ମାଈ ଏବଂ ଗୋଟିଏ ପୁରୁଷ ହାତୀ ସାମିଲ ଅଛନ୍ତି। ଅନନ୍ତ ମୁକେଶ ଅମ୍ବାନୀଙ୍କ ସ୍ୱପ୍ନର ପ୍ରକଳ୍ପ ବନତାରା ହେଉଛି, ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ବନ୍ୟଜନ୍ତୁ ଉଦ୍ଧାର କେନ୍ଦ୍ର। ବାସ୍ତବରେ ଟ୍ୟୁନିସିଆର ଏକ ଘରୋଇ ପ୍ରାଣୀ ଉଦ୍ୟାନ, ଯାହା ଖରାପ ଆର୍ଥିକ ଅବସ୍ଥା ହେତୁ ହାତୀମାନଙ୍କର ଖାଇବା, ଗୃହ ଏବଂ ପ୍ରାଣୀ ଚିକିତ୍ସା ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ହୋଇଥିଲା, ବନତାରା ସହ ଯୋଗାଯୋଗ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ଏକ ଚାର୍ଟାର୍ଡ କାର୍ଗୋ ବିମାନରେ ହାତୀମାନଙ୍କୁ ଭାରତ ଅଣାଯାଇଛି। ବନତାରା ବର୍ତ୍ତମାନ ଏହି ଆଫ୍ରିକୀୟ ହାତୀମାନଙ୍କର ନୂତନ ଘର ହେବ। ଖର୍ଚ୍ଚ କମ୍ କରିବା ପାଇଁ ଟ୍ୟୁନିସିଆର ପ୍ରାଣୀ ଉଦ୍ୟାନ ଫ୍ରିଗୁୟା ପାର୍କ ସମସ୍ତ ତିନୋଟି ଆଫ୍ରିକୀୟ ହାତୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା। ବିଶେଷକରି ଅଚତମ୍, କାନି ଏବଂ ମୀନା ନାମକ ଏହି ହାତୀମାନଙ୍କୁ ଜଙ୍ଗଲକୁ ଫେରାଇନେବା ସମ୍ଭବ ନ ଥିବାରୁ ଏଭଳି ପରିସ୍ଥିତିରେ ସେମାନେ ଏପରି ଏକ ସ୍ଥାନ ଖୋଜୁଥିଲେ ଯେଉଁଠାରେ ହାତୀମାନଙ୍କର ଭଲଭାବେ ଯତ୍ନ ନିଆଯାଇପାରିବ। ବହୁ ଅନୁସନ୍ଧାନ ପରେ ସେମାନଙ୍କୁ ଅଚତମ, କାନି ଏବଂ ମୀନାଙ୍କ ପାଇଁ ବନତାରାରେ ଏକ ନୂତନ ଘର ମିଳିଲା। ବନତାରାରେ ଆଫ୍ରିକୀୟ ହାତୀମାନଙ୍କର ଡାକ୍ତରୀ ପରୀକ୍ଷାରୁ ଜଣାପଡିଛି ଯେ ଅଚତମ୍, କାନି ଏବଂ ମୀନା ଅନେକ ରୋଗରେ ପୀଡ଼ିତ ଅଛନ୍ତି। ସେମାନଙ୍କୁ ଶାରୀରିକ ଏବଂ ମାନସିକ ସହାୟତା ଆବଶ୍ୟକ। କେତେକ କ୍ଷେତ୍ରରେ ଅସ୍ତ୍ରୋପଚାର ମଧ୍ୟ ଆବଶ୍ୟକ ହୋଇପାରେ ବୋଲି ଅଭିଜ୍ଞ ଡାକ୍ତରୀ ଟିମ୍ କହୁଥିବାବେଳେ ବନତାରାର ପ୍ରାଣୀ ଚିକିତ୍ସକ ଦିନରାତି ସେମାନଙ୍କ ଉପରେ ନଜର ରଖିଛନ୍ତି। ବନତାରା ପକ୍ଷରୁ ଦେଶୀ ଉଦ୍ଭିଦ, ମାଟି ପୋଖରୀ ଏବଂ ଖାଦ୍ୟ ସମୃଦ୍ଧ ବୃହତ୍ ଏନ୍‌କ୍ଲୋଜରଗୁଡ଼ିକ ସୁଚିନ୍ତିତ ଭାବେ ଡିଜାଇନ୍ କରାଯାଇଛି। ସେହିଭଳି ବନତାରାରେ ସେମାନଙ୍କର ନୂତନ ଘର ଅଚତମ୍, କାନି ଏବଂ ମୀନାଙ୍କୁ ଏଭଳି ଏକ ପରିବେଶ ପ୍ରଦାନ କରିବା ଯାହା ସେମାନଙ୍କ ବନ୍ୟ ବାସସ୍ଥାନ ସଦୃଶ ହୋଇଛି।

## ଆକ୍ସିସ୍ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୧।୧୧

ଆକ୍ସିସ୍ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟପନ୍ଥା ସହ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଓ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ବ୍ୟାଙ୍କର ପରିଚାଳନା ଲାଭ ୨୪% ବୃଦ୍ଧି ପାଇ ୧୦,୭୧୨କୋଟି ଟଙ୍କା ହୋଇଛି। ମୂଳ ପରିଚାଳନା ଲାଭ ୧୦% ବୃଦ୍ଧି ପାଇ ୯୬୦୧ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ନିଟ୍ ସୁଧ ଆୟ ଏହି ସମୟରେ ୯% ବୃଦ୍ଧି ପାଇ ୧୩୪୮୩ କୋଟି ଟଙ୍କା ହୋଇଥିବା ବେଳେ ନିଟ୍ ସୁଧ ମାର୍ଜିନ୍ ୩.୯୯% ରହିଛି। ସେହିଭଳି ବ୍ୟାଙ୍କର ଫି'ରୁ ଆୟ ୧୧% ବୃଦ୍ଧି ପାଇ ୫୫୦୮ କୋଟି ଟଙ୍କା ହୋଇଛି। ରିଟେଲ ଫି' ୧୧% ବୃଦ୍ଧି ପାଇଥିବା ବେଳେ ରିଟେଲ କାର୍ଡ ଓ ପେମେଣ୍ଟ ଫି' ୧୦% ବୃଦ୍ଧି ପାଇଛି। ତୃତୀୟ ପକ୍ଷ ଉତ୍ପାଦରୁ ଫି' ୨୧% ବଢ଼ିଛି। କର୍ପୋରେଟ୍ ଓ କମର୍ସିଆଲ୍ ବ୍ୟାଙ୍କିଙ୍ଗ୍ ଫି' ୧୧% ବୃଦ୍ଧି ପାଇ ୧୬୩୧ କୋଟି ଟଙ୍କା ହୋଇଛି। ଟ୍ରେଡିଂ ଆୟ ୧୧୧୧ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟାନ୍ୟ ଆୟ ୧୦୩ କୋଟି ଟଙ୍କା ରହିଛି। ସେହିପରି ପ୍ରୋଭିଜନିଂ ଓ କଣ୍ଟିଜେନ୍ସି ପାଇଁ ୨୨୦୪କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କର ମୋଟ କାରବାର ପରିମାଣ ୧୨% ବୃଦ୍ଧି ପାଇ ୧୫,୦୫,୬୫୮ କୋଟି ଟଙ୍କା ହୋଇଛି। ମୋଟ ଜମା ପରିମାଣ ୧୪% ବୃଦ୍ଧି ପାଇଥିବା ବେଳେ ମୋଟ ଜମାରେ କାସା ଜମା ପରିମାଣ ୪୧% ରହିଛି। ବ୍ୟାଙ୍କର ଅଗ୍ରିମ ୧୧% ବୃଦ୍ଧି ପାଇ ୯,୯୯,୯୭୯ କୋଟି ଟଙ୍କା ହୋଇଛି। ରିଟେଲ ଋଣ ପରିମାଣ ୧୫% ବୃଦ୍ଧି ପାଇ ୫,୯୮,୭୧୫ କୋଟି ଟଙ୍କା ହୋଇଛି। ପର୍ସନାଲ୍ ଋଣ ୨୩%, କ୍ରେଡିଟ୍ କାର୍ଡ ଅଗ୍ରୀମ ୨୨%, ଏସବିବି ଋଣ ୨୩% ଓ ଗ୍ରାମୀଣ ଋଣ ୧୧ % ବଢ଼ିଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଏହି ତ୍ରୈମାସିକରେ ଆମେ ଡିଜିଟାଲ ଶକ୍ତି ଓ ଶାଖା ସମ୍ପ୍ରସାରଣରେ ଉନ୍ନତି ସହ ସନ୍ତୁଳନ ରକ୍ଷାକରି ଆମ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିଛୁ। ଗତ ୩ ମାସ ମଧ୍ୟରେ ଆମେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧୫୦ନୂଆ ଶାଖା ଖୋଲିଛୁ। ବ୍ୟାଙ୍କ କୋଲକାତାରେ ଏହାର ନୂଆ କର୍ପୋରେଟ୍ କାର୍ଯ୍ୟାଳୟର ଶିଳାନ୍ୟାସ କରି ଏହାର ଖୁଚୁରା ଉପସ୍ଥିତିକୁ ସୁଦୃଢ଼ କରିଛି, ଯାହା ପୂର୍ବାଞ୍ଚଳରେ ସମସ୍ତ କାର୍ଯ୍ୟକଳାପ ପାଇଁ ହବ୍ ଭାବେ କାର୍ଯ୍ୟ କରିବ।

## ୧୦ ମିନିଟ୍‌ରେ ସାମଗ୍ରୀର ବିତରଣ

ନୂଆଦିଲ୍ଲୀ,୧।୧୧

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମ ବିଗ୍‌ବାସ୍କେଟର ନୂତନ ଅଭିଯାନ '୧୦ ମିନିଟ୍‌ରେ ସାମଗ୍ରୀର ବିତରଣ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଗ୍ରାହକଙ୍କ ଘରେ ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ପ୍ଲାଟ୍‌ଫର୍ମ ଯୋଗାଇ ଦେଉଛି। ଏହି ପରିବର୍ତ୍ତନ ଟିୟର୨ ବଜାରରେ ଶୀଘ୍ର ବାଣିଜ୍ୟ ଅଫର ବିସ୍ତାର କରିବାକୁ ପାଇଁ ବିଗ୍‌ବାସ୍କେଟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଯେଉଁଠାରେ ଗ୍ରାହକମାନଙ୍କ ମଧ୍ୟରେ ସ୍ୱଳ୍ପ ସମୟରେ ଟପ୍ ବ୍ରାଣ୍ଡର ଗୁଣାତ୍ମକ ଉତ୍ପାଦର ବ୍ୟାପକ ଚୟନ ପାଇଁ ଅଧିକରୁ ଅଧିକ ଚାହିଦା ବଢ଼ିବାରେ ଲାଗିଛି। ଚଳିତ ଦୀପାବଳି ଅବସରରେ ସମସ୍ତ ଅଞ୍ଚଳରେ ବିଗ୍‌ବାସ୍କେଟ ଗ୍ରାହକମାନଙ୍କ ପାଇଁ ପାର୍ବଣକୁ ଉତ୍ସାହଜନକ ଭାବେ ଉତ୍ସବ ପାଳନ ସହିତ ବିଭିନ୍ନ ପ୍ରକାର ଉତ୍ପାଦ ଯୋଗାଇବା ପୂର୍ବାପେକ୍ଷା ସହଜ କରି ମାତ୍ର ୧୦ ମିନିଟ୍‌ରେ ବିତରଣ ଜାରି ରଖିଛି। ଆଗାମୀ ମାସଗୁଡିକରେ କ୍ରୋମାର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ହୋମ୍ ଆପ୍ଲାଏନ୍ସ, ମ୍ୟାଟେଲ୍, ହାସ୍‌ବ୍ରୋ, ଲେଗୋ, ଏବଂ ବେବ୍ଲେଡ୍ ଭଳି ବ୍ରାଣ୍ଡର ଖେଳନା ତଥା ଟାଟା କ୍ଲିକ୍‌ର ପୋଷାକ ଯୋଗାଇବାକୁ ବିଗ୍‌ବାସ୍କେଟ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ବିଗ୍‌ବାସ୍କେଟ ରିଟେଲର ମାର୍କେଟିଂ ମୁଖ୍ୟ ରାଗାଲେନା ଶ୍ରୀପଦ କହିଥିଲେ, ଟିୟର୨ ବଜାର ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ୧୦ ମିନିଟ୍ ମଧ୍ୟରେ ବିତରଣ ହୋଇଥିବା ବହୁ ପରିମାଣର ଉତ୍ପାଦ ପାଇଁ ଆମର ଟିୟର ୨ଗ୍ରାହକଙ୍କ ଉତ୍ସାହ ଦେଖି ଆମେ ବେଶ୍ ଆନନ୍ଦିତ ଅଛୁ। ଚଳିତ ଦୀପାବଳିରେ ସୁନା ଏବଂ ରୁପା ମୁଦ୍ରା, ହୋମ୍ ଡେକର, ଡ୍ରାଏ ଫ୍ରୁଟସ୍, ଗିଫ୍ଟିଂ ରେଞ୍ଜ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ମାତ୍ର ୧୦ ମିନିଟରେ ଗ୍ରାହକଙ୍କ ଘରେ ବିତରଣ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ଥିଲୁ। ଦୀପାବଳି ଶପିଂ ଅଭିଜ୍ଞତାକୁ ସୁବିଧା ଏବଂ ମୂଲ୍ୟ ଆଧାରରେ ତୁଳନାତ୍ମକ କରିବା ପାଇଁ ଆମେ ଉତ୍ସର୍ଗୀକୃତ ରହିଥିଲୁ। ଅପରପକ୍ଷରେ ପ୍ଲାଟ୍‌ଫର୍ମ ଶ୍ରେଷ୍ଠ ବ୍ରାଣ୍ଡ୍ କାରବାର ଏବଂ ପ୍ରସିଦ୍ଧ ବ୍ରାଣ୍ଡ୍‌ଗୁଡିକର ୧୦ ମିନିଟ୍‌ର ବିତରଣ ସହିତ ବିଗ୍‌ବାସ୍କେଟ ଉତ୍ସବର ଶପିଂ ଅଭିଜ୍ଞତାକୁ ବୁଦ୍ଧିମନ୍ତ କରିବା ସହ ସମଗ୍ର ଭାରତରେ ଗ୍ରାହକଙ୍କ ପାଇଁ ଏହାକୁ ସରଳ ଏବଂ ଅଧିକ ରୋମାଞ୍ଚକର କରୁଛି।

## ରେକର୍ଡ ପରିମାଣରେ ସୁନା ଚାହିଦା

ନୂଆଦିଲ୍ଲୀ,୧।୧୧

**ବାର୍ଷିକ ଆଧାରରେ ୫% ବୃଦ୍ଧି**

ୱାର୍ଲ୍ଡ ଗୋଲ୍ଡ କାଉନସିଲ(ଡବ୍ଲ୍ୟୁଜିସି)ର ତ୍ରୈମାସିକ ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟକୁ ମଧ୍ୟ ନିକଟରେ ଉନ୍ମୋଚନ କରାଯାଇଛି। ଏହି ସମୟ ମଧ୍ୟରେ ମୋଟ ସୁନା ଚାହିଦା ବାର୍ଷିକ ଆଧାରରେ ୫% ବୃଦ୍ଧି ପାଇ ୧୩୧୩ ଟନ୍‌ରେ ପହଞ୍ଚିଛି, ଯାହାକି ଏକ ରେକର୍ଡ ପରିମାଣର ଚାହିଦା ସାଙ୍ଗକୁ ୩ୟ ତ୍ରୈମାସିକ ସର୍ବାଧିକ ବୋଲି କୁହାଯାଉଛି। ପ୍ରଥମ ଥର ପାଇଁ ମୋଟ ଚାହିଦା ୧୦୦ ବିଲିୟନ ଡଲାର ଅତିକ୍ରମ କରିଛି, ଯାହା ଏକ ରେକର୍ଡ-ଉଚ୍ଚ ମୂଲ୍ୟ ପରିବେଶରେ ମଜଭୁତ ନିବେଶ ଦ୍ୱାରା ସମର୍ଥିତ ବୋଲି କୁହାଯାଉଛି। ଏପରିକି ଅନ୍ତର୍ଜାତୀୟ ନିବେଶ ଚାହିଦା ବାର୍ଷିକ ଆଧାରରେ ଦୁଇ ଗୁଣରୁ ଅଧିକ ବୃଦ୍ଧି ହୋଇ ୩୬୪ ଟନ୍ ରହିଛି। ବିଶ୍ୱବ୍ୟାପୀ ଗୋଲ୍ଡ ଇଟିଏଫ୍‌ରେ ୯୫ ଟନ୍ ବୃଦ୍ଧି ଘଟିଛି, ଯାହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ପ୍ରଥମ ସକାରାତ୍ମକ ତ୍ରୈମାସିକକୁ ଚିହ୍ନିତ କରୁଛି। ବାର୍ ଓ କଏନ୍ ଚାହିଦା ୯% ହ୍ରାସ ପାଇଛି, କିନ୍ତୁ ୨୬୪ ଟନ୍‌ର ୧୦ବର୍ଷର ହାରାହାରି ପରିମାଣ ତୁଳନାରେ ୱାଇ-ଟି-ଡି ମୋଟ ପରିମାଣ ୮୫୯ ଟନରେ ଶକ୍ତିଶାଳୀ ରହିଛି। କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ମନ୍ଥର ହୋଇଥିବା ବେଳେ ଚାହିଦା ୧୮୬ ଟନ୍‌ରେ ମଜଭୁତ ରହିଛି। ୨୦୨୨ର ସମାନ ଅବଧି ସହ ସମାନ୍ତରାଳ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଇୟର-ଟୁ-ଡେଟ୍ ଚାହିଦା ୬୯୪ ଟନ୍‌ରେ ପହଞ୍ଚିଛି । ୩ୟ ତ୍ରୈମାସିକ ସମୟରେ ସୁନା ମୂଲ୍ୟ ରେକର୍ଡ ଉଚ୍ଚ ସ୍ତରକୁ ବୃଦ୍ଧି ପାଇବା ଜାରି ରହିଛି, ଯାହା ଆଉନ୍ସ (ଓଜେଡ୍) ପିଛା ୨୪୭୪ ଡଲାରର ଏକ ହାରାହାରି ସ୍ତରରେ ପହଞ୍ଚିଛି। ଏହା ସୁନା ଅଳଙ୍କାର ପାଇଁ ଅନ୍ତର୍ଜାତୀୟ ଚାହିଦାକୁ କ୍ଷତି ପହଞ୍ଚାଉଛି। ମୋଟ ଅଳଙ୍କାର କ୍ରୟ ଏକ ପରିମାଣ ଆଧାରରେ ବାର୍ଷିକ ଭିତ୍ତିରେ ୧୨% ହ୍ରାସ ପାଇଛି, କିନ୍ତୁ ମୂଲ୍ୟ ଦୃଷ୍ଟିରୁ ୧୩% ବୃଦ୍ଧି ହୋଇଛି। ଏହାଛଡା ଟେକ୍ନୋଲୋଜି କ୍ଷେତ୍ରରେ ସୁନା ପାଇଁ ମୋଟ ଚାହିଦା ବାର୍ଷିକ ଆଧାରରେ ୭% ବୃଦ୍ଧି ହୋଇଛି। ମୋଟ ସୁନା ଯୋଗାଣ ବାର୍ଷିକ ଆଧାରରେ ୫% ବୃଦ୍ଧି ହୋଇଥିବା ବେଳେ ଖଣି ଉତ୍ପାଦନରେ ୬% ଓ ରିସାଇକ୍ଲିଂରେ ୧୧% ବୃଦ୍ଧି ଘଟିଛି।ଏ ସମ୍ପର୍କରେ ଡବ୍ଲ୍ୟୁଜିସିର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ ମତପ୍ରକାଶ କରିଛନ୍ତି,ତୃତୀୟ ତ୍ରୈମାସିକ ବର୍ଦ୍ଧିତ ନିବେଶ ପରିଲକ୍ଷିତ କରିଛି ଏବଂ ଓଭର- ଦ-କାଉଣ୍ଟର ଗତିବିଧି ଅନ୍ତର୍ଜାତୀୟ ସୁନା ଚାହିଦାକୁ ବୃଦ୍ଧି କରିବା ସହ ମୂଲ୍ୟ ପ୍ରଦର୍ଶନକୁ ପରିଚାଳନା କରିଛି। ଏପରିକି ଅଧିକାଂଶ ଉପଭୋକ୍ତା ବଜାରରେ ଉଚ୍ଚ ସୁନା ମୂଲ୍ୟ ଚାହିଦାକୁ ପ୍ରଭାବିତ କରିଥିବାବେଳେ ଭାରତରେ ଆମଦାନୀ ଶୁଳ୍କରେ ହ୍ରାସ ଏକ ରେକର୍ଡ ବ୍ରେକିଂ ମୂଲ୍ୟ ପରିବେଶରେ ଅଳଙ୍କାର, ବାର୍ ଓ କଏନ୍ ଚାହିଦାକୁ ଉଲ୍ଲେଖନୀୟ ଭାବେ ଉଚ୍ଚ ରଖିଛି।

**ଫୁର୍‌ସତ୍**

## ରହସ୍ୟମୟ ଗର୍ଭବତୀ କୂଅ

**ପାଣି ପିଇବାକୁ ଆସୁଛନ୍ତି ଅନେକ ଦେଶର ମହିଳା**

ବେଜିଂ



ମା' ହେବା ବିଶ୍ୱର ସବୁଠାରୁ ସୁନ୍ଦର ଅନୁଭବ ହୋଇଥାଏ। ସାଧାରଣତଃ ମାତୃତ୍ୱ ଲାଭ କରିବା ପରେ ଯାଇ ଜଣେ ମହିଳା ତାଙ୍କ ଜୀବନକୁ ସଂପୂର୍ଣ୍ଣ ଅନୁଭବ କରିଥାନ୍ତି। ତେବେ ବେଳେବେଳେ ମହିଳାମାନେ ବିଭିନ୍ନ କାରଣରୁ ଗର୍ଭବତୀ ହେବାକୁ ସକ୍ଷମ ହୋଇ ନ ଥାନ୍ତି। ବିଶେଷକରି ସାମ୍ପ୍ରତିକ ଜୀବନଶୈଳୀ ହେତୁ ବିଶ୍ୱବ୍ୟାପୀ ଏହି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି।

ନିଃସନ୍ତାନ ସମସ୍ୟା ଯୋଗୁ ମହିଳାମାନେ ସାଧାରଣତଃ ଉଦାସ ହୋଇ ବହୁ ଡାକ୍ତରଙ୍କ ପରାମର୍ଶ ନେବା ସହ ଭଗବାନଙ୍କର ପୂଜାର୍ଚ୍ଚନା କରିଥାନ୍ତି। ତେବେ ସମ୍ପ୍ରତି ଚାଇନାର ୟୁନାନ୍ ଅଞ୍ଚଳରେ ଅବସ୍ଥିତ ଏକ କୂଅକୁ ନେଇ ବହୁ ଆଲୋଚନା ହେଉଛି। ଏହି କୂଅଟି ପ୍ରେଗ୍ନାନ୍ସି ୱେଲ୍ ବା ଗର୍ଭବତୀ କୂଅ ଭାବରେ ଜଣାଶୁଣା। କୁହାଯାଏ, ଏହି କୂଅର ପାଣି ପିଇବା ପରେ ମହିଳାମାନେ ଗର୍ଭବତୀ ହୋଇଥାନ୍ତି। ଚାଇନାର ଏହି ଗର୍ଭବତୀ କୂଅ ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି। ଉକ୍ତ ସ୍ଥାନରେ ୨ଟି କୂଅ ରହିଛି। ସେଥିମଧ୍ୟରୁ ଗୋଟିଏର ପାଣି ପିଇଲେ ପୁଅ ଏବଂ ଅନ୍ୟଟିର ପାଣି ପିଇଲେ ଝିଅ ଜନ୍ମ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଯଦି କୌଣସି ମହିଳା ଉଭୟ କୂଅରୁ ଏକସଙ୍ଗେ ପାଣି ପିଅନ୍ତି, ତେବେ ତାଙ୍କର ଯାଆଁଳା ସନ୍ତାନ ଜନ୍ମ ହୋଇଥାଏ। ବିଶ୍ୱର ଅନେକ ଦେଶରୁ ମହିଳାମାନେ ସନ୍ତାନପ୍ରାପ୍ତି ନିମନ୍ତେ ଏହି ସ୍ଥାନକୁ ଆସି ଉକ୍ତ ରହସ୍ୟମୟ କୂଅର ପାଣି ପିଇଥାନ୍ତି।

ତେବେ ଏହି କୂଅ ପାଣି ପିଇଲେ ମହିଳାମାନେ ଗର୍ଭବତୀ ହେବା କୌଣସି ଚମତ୍କାର ଘଟଣା ନୁହେଁ ବରଂ ଏହା ପଛରେ ବିଜ୍ଞାନ ଲୁଚି ରହିଛି ବୋଲି କେତେଜଣ ସ୍ଥାନୀୟ ବୈଜ୍ଞାନିକ କହିଛନ୍ତି। ଏହି ରହସ୍ୟମୟ କୂଅର ପାଣିରେ କିଛି ଉପାଦାନ ରହିଛି, ଯାହା ମହିଳାଙ୍କ ଶରୀରର ହରମୋନ୍ ନିୟନ୍ତ୍ରଣ କରିଥାଏ। ଗର୍ଭବତୀ ହେବା ପାଇଁ ମହିଳାଙ୍କ ଶରୀରରେ ହରମୋନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯଦି ଜଣେ ମହିଳା ଖୁସିରେ ରହିବା ସହ ଚାପଗ୍ରସ୍ତ ନ ଥାନ୍ତି ତେବେ ଏହି ପାଣି ପିଇବା ପରେ ଗର୍ଭବତୀ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହି ତର୍କ ଅନୁଯାୟୀ, ଉକ୍ତ କୂଅର ଜଳ ମହିଳାମାନଙ୍କୁ ଗର୍ଭବତୀ କରାଇବାରେ ସାହାଯ୍ୟ କରିଥାଏ। ଅଦ୍ୟାବଧି ଅନେକ ମହିଳା ଏହି କୂଅ ପାଣି ପିଇ ସନ୍ତାନପ୍ରାପ୍ତିର ସୌଭାଗ୍ୟ ଲାଭ କରିପାରିଛନ୍ତି।

## 'ଆଇ ୱାଣ୍ଟ ଟୁ ଟକ୍'ରେ ଅଭିଷେକ

ମୁମ୍ବାଇ

ଭିନ୍ନ ଅବତାରରେ ନଜର ଆସିଛନ୍ତି ଅଭିଷେକ ବଚ୍ଚନ। ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ବହୁତ ମୋଟା ଦେଖାଯାଉଛନ୍ତି। ତାଙ୍କ ପେଟ ବାହାରିବା ସହ ଓଜନ ମଧ୍ୟ ବଢିଯାଇଛି। ଯାହାକୁ ଦେଖି ଫ୍ୟାନ୍ସ ବି ତାଜୁବ ହୋଇଯାଇଛନ୍ତି। କହିରଖୁଛୁ କି, ଏହି ଫଟୋ ଟି ଅଭିଷେକଙ୍କ ଆଗାମୀ ଫିଲ୍ମର। ଫିଲ୍ମର ନାଁ ହେଉଛି 'ଆଇ ୱାଣ୍ଟ ଟୁ ଟକ୍'। ଯାହାର ଟିଜର୍ ରିଲିଜ ହୋଇସାରିଛି। ସେ ଏକ ରୁମ୍‌ରେ ହାଫ୍ ପ୍ୟାଣ୍ଟ ଏବଂ ଏକ ଲମ୍ବା ସାର୍ଟ ପିନ୍ଧି ଛିଡା ହୋଇଥିବା ଦେଖିବାକୁ ମିଳୁଛି। ଏହି ପୋଷ୍ଟର ଶେୟାର କରି ଅଭିଷେକ ବଚ୍ଚନ କ୍ୟାପ୍ସନରେ ଲେଖିଛନ୍ତି, "କହିବାକୁ ତ ଅନେକ କିଛି ଅଛି, କିନ୍ତୁ ଫଟୋ ହଜାରେ ଶବ୍ଦ କହି ଦେଉଛି।" ତାଙ୍କର ଏହି ପୋଷ୍ଟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି ଫ୍ୟାନ୍ସ। ଅଭିନୟ ପାଇଁ ଶାରୀରିକ ଗଠନରେ ବିରାଟ ପରିବର୍ତ୍ତନ ନିମନ୍ତେ ପ୍ରଶଂସାରେ ପୋତି ପକାଇଛନ୍ତି ନେଟିଜେନ୍ସ। ଅନେକ ତାଙ୍କୁ ରିଅଲ ହିରୋ କହିବା ସହ ସିନେମା ରିଲିଜ ତାରିଖକୁ ଅପେକ୍ଷା କରିଥିବା କହିଛନ୍ତି। ୨୨ରେ ରିଲିଜ ହେବ 'ଆଇ ୱାଣ୍ଟ ଟୁ ଟକ୍'। ଶୁଜିତ ସିରକାର ସିନେମାର ନିର୍ଦ୍ଦେଶନା ଦେଉଥିବାବେଳେ ରାଇଜିଂ ସନ୍ ଫିଲ୍ମସ ଏବଂ କିନୋ ୱାର୍କସ ପ୍ରୋଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଅଭିଷେକ ବଚ୍ଚନଙ୍କ ବ୍ୟତୀତ ଅହଲ୍ୟା ବାମ୍ରୋ, ଜୟନ୍ତ କୃପାଲାନି, କ୍ରିଷ୍ଟିନ ଗୁଡାର୍ଡ ଏବଂ ଜନି ଲିବର ମଧ୍ୟ ଅଭିନୟ କରିଛନ୍ତି।



# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ଯୌତୁକ ପାଇଁ ହତ୍ୟା ଅଭିଯୋଗ ଆଣିଲେ ମା'

ରଘୁନାଥପୁର,୧।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଯୋଧ୍ୟାପୁର ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ରଞ୍ଜନ ମହାପାତ୍ରଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ମହାରଣା (୩୦)। ଅପରପକ୍ଷେ ତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ମା' ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୬୧/୨୪) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ୨୦୨୦ ମସିହାରେ ବୈଦିକ ରୀତିନୀତି ଅନୁଯାୟୀ ରଞ୍ଜନଙ୍କ ସହ ସ୍ୱର୍ଣ୍ଣଲତାଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବରଘରର ଦାବି ମୁତାବକ ଜାନିଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଦାବିକରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ମାତ୍ର ସ୍ୱର୍ଣ୍ଣଲତା ଏହି ଟଙ୍କା ଦେଇ ନ ପାରିବାରୁ ସେମାନେ ଯୋଜନାବଦ୍ଧ ଭାବେ ସ୍ୱର୍ଣ୍ଣଲତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଯୋଗେଶ୍ୱର ବେହେରା କହିଛନ୍ତି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା ହେବା ସହ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛି। ଏଥିସହ ରଞ୍ଜନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି ବୋଲି ଏସ୍‌ଆଇ ବେହେରା ପ୍ରକାଶ କରିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ବରଗଡ଼, ୧।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା କୁସନପୁରୀ ବିଜୟା ଛକ ନିକଟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀ ନିଜେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ କିଶୋର ଭୁଏ(୩୮) ଓ ତାଙ୍କ ସ୍ତ୍ରୀ ସୁନିତା ଭୁଏ(୩୨)। ଘଟଣା ପ୍ରଘଟ ହେବା ପରେ ଘର ମାଲିକ ସେମାନଙ୍କ ପରିବାରକୁ ଖବର ଦେବା ସହିତ ପୋଲିସକୁ ସୂଚନା ଦେଇଥିଲେ। ପରେ ସଉନ୍ତାମାଲ ଗ୍ରାମର ମୃତ ମହିଳାଙ୍କ ମା' ଫୁଲତୁଲି ଭଏସାର୍ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଭଟଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ଭଟଲି ଥାନାଧିକାରୀ ବିଭୂତି ଭୂଷଣ ଦଳେଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସରଜମିନ ତଦନ୍ତ କରିବା ସହିତ ମୃତ ମହିଳାଙ୍କ ପେଟରେ ଏକ ଛୁରି ଲାଗିଥିବା ଦେଖିବାକୁ ପାଇଥିଲେ। ତେବେ କିଶୋର ତାଙ୍କ ସ୍ତ୍ରୀଙ୍କୁ ଛୁରି ଭୂସି ହତ୍ୟା କରିବା ପରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ପୋଲିସ କହିଛି। ଏ ନେଇ ଭଟଲି ଥାନାରେ ବିଏନ୍‌ଏସ୍ ଦଫା ୧୦୩(୧) ଅନୁଯାୟୀ ଏକ ମାମଲା(ନଂ.୩୨୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ସୂଚନା ଅନୁଯାୟୀ, ଅମ୍ବାଭୋନା ଥାନା ଦ୍ୱାରି କାଶିପାଲି ଗ୍ରାମର କିଶୋର ସଉନ୍ତାମାଲ ଗ୍ରାମର ସୁନିତାଙ୍କୁ ୧୪ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। କୌଣସି କାରଣରୁ ସେମାନେ ପ୍ରାୟ ୪ ବର୍ଷ ହେଲା ଭଟଲି ଆସି ଭଡ଼ାଘରେ ରହୁଥିଲେ। ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ କଳିଗୋଳ ଲାଗି ରହିଥିଲା ବୋଲି ତାଙ୍କ ପଡ଼ୋଶୀ କହିଛନ୍ତି।

# ଯାଯାବର ଗଣହତ୍ୟା ମାମଲା, ୧୦ ଅଟକ

ଅନୁଗୋଳ, ୧।୧୧ (ମାନସ ବିଶ୍ୱାଳ)


ପୋଲିସ ଯାଯାବରମାନଙ୍କୁ ଉଠାଇ ନେଉଛି।

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କମରଡ଼ିହି ଗୀତାପଡ଼ାରେ ମଙ୍ଗଳବାର ରାତିରେ ୫ଜଣ ଯାଯାବରଙ୍କୁ ଗଣହତ୍ୟା କରାଯିବା ଘଟଣା ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଅନୁଗୋଳ ଜିଲା ବଁଅରପାଳ ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା ୧୦ ଜଣ ସନ୍ଦିଗ୍ଧଙ୍କୁ ସୁନ୍ଦରଗଡ଼ ସଦର ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅନୁଗୋଳ ପୋଲିସ ସହାୟତାରେ ସୁନ୍ଦରଗଡ଼ ସଦର ଥାନା ପୋଲିସ ସେମାନଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୬ ମହିଳା ଓ ୪ ପୁରୁଷ ରହିଛନ୍ତି। ଏହି ୧୦ ସନ୍ଦିଗ୍ଧଙ୍କ ସାଥିରେ ୨ଜଣ ନାବାଳକ ଓ ୪ ଜଣ ଶିଶୁ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପରକୀୟା ପ୍ରୀତି ଓ ଦୀର୍ଘ ବର୍ଷର ଶତ୍ରୁତାକୁ ନେଇ ଦୁଇ ଯାଯାବର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ମଙ୍ଗଳବାର ଗୋଟିଏ ଗୋଷ୍ଠୀର ଲୋକ ଅନ୍ୟ ଗୋଷ୍ଠୀର ୫ ଜଣଙ୍କୁ ହାଣି ହତ୍ୟା କରିଥିଲେ। ଏହି ଗଣହତ୍ୟା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଆକ୍ରମଣରେ ଗୁରୁତର ଅବିନାଶ ପାୱାରଙ୍କୁ ବଁଅରପାଳରୁ ଧମକପୂର୍ଣ୍ଣ ଫୋନ ଆସୁଥିବା ସେ କହିଥିଲେ। ଏହାପରେ ସୁନ୍ଦରଗଡ଼ ପୋଲିସ ଅନୁଗୋଳ ପୋଲିସ ସହ ଯୋଗାଯୋଗ କରିଥିଲା। ପରେ ସୁନ୍ଦରଗଡ଼ ସଦର ପୋଲିସ ଅନୁଗୋଳ ଜିଲା ପୋଲିସ ପ୍ରଶାସନକୁ ଅବଗତ କରାଇଥିଲା। ଅନୁଗୋଳ ପୋଲିସ ଓ ସୁନ୍ଦରଗଡ଼ ପୋଲିସର ମିଳିତ ଉଦ୍ୟମରେ ସେମାନେ ରହୁଥିବା ସ୍ଥାନରେ ଚଢ଼ାଉ କରାଯାଇ ୧୦ ଜଣ ଯାଯାବର ସଦସ୍ୟଙ୍କୁ କାବୁ କରାଯାଇଥିଲା। ହତ୍ୟା ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ତେବେ ଅଟକମାନଙ୍କ ମଧ୍ୟରେ ହତ୍ୟାକାରୀ ଅଛନ୍ତି ନା ନାହିଁ ତାହା ଜଣାପଡ଼ିନାହିଁ।

# ଦୀପାବଳିରେ ବାପାଙ୍କ ଜୀବନ ନେଲେ ପୁଅ

ବରଗଡ଼,୧।୧୧ (ପ୍ରେମାନନ୍ଦ ଖମାରୀ)

ଗୁରୁବାର ଥିଲା ଦୀପାବଳି। ପ୍ରତି ଘର ଦୀପ ଆଲୁଅରେ ଝଲସି ଉଠୁଥିଲା। କିନ୍ତୁ ଆଲୋକର ଏହି ପର୍ବରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ପଲସାପାଲି ଗ୍ରାମର ଶଙ୍କର ଭୁଏ(୬୦)ଙ୍କ ଘରକୁ ମାଡ଼ି ଆସିଥିଲା ଅନ୍ଧକାର। ପୁଅ ଓ ବୋହୂଙ୍କ ମଧ୍ୟରେ କଳିଗୋଳରେ ହସ୍ତକ୍ଷେପ କରିବାରୁ ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ପୁଅ କନ୍ଧାକୁଡୁ ଉତ୍କ୍ଷିପ୍ତ ହୋଇ ଶଙ୍କରଙ୍କ ମୁଣ୍ଡକୁ ଲାଠିମାଡ଼ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମେଲଛାମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ପୋଲିସ ଅଭିଯୁକ୍ତ କନ୍ଧାକୁଡୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ମେଲଛାମୁଣ୍ଡା ଥାନାରେ ବିଏନ୍‌ଏସ୍ ଦଫା ୧୦୩ରେ ଏକ ମାମଲା (ନଂ.୨୦୯/୨୪) ରୁଜୁ ହୋଇଛି।

# ପୁତୁରାଙ୍କ ଶାବଳ ମାଡ଼ରେ ଦାଦା ମୃତ

ଏମ୍‌ଭି-୭୯, ୧।୧୧ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ମୋଟୁ ଥାନା ଅନ୍ତର୍ଗତ ବାଞ୍ଜିଗୁଡ଼ା ଗ୍ରାମରେ ପୁତୁରାଙ୍କ ଶାବଳ ମାଡ଼ରେ ଦାଦାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଞ୍ଜିଗୁଡ଼ା ଗ୍ରାମର ଭୀମା ମାଡ଼ି। ଭୀମାଙ୍କ ସ୍ତ୍ରୀ ଶୁକ୍ରବାର ମୋଟୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପୁତୁରା ଲଛା ମାଡ଼ିଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଭୀମା ଏବଂ ପୁତୁରା ଲଛାଙ୍କ ଭିତରେ ଜମିକୁ ନେଇ ବହୁ ଦିନ ହେଲା ବିବାଦ ଲାଗିରହିଥିଲା। ଗୁରୁବାର ଭୀମାଙ୍କ ଗୋରୁ ଲଛାଙ୍କ ଜମିରେ ପଶି ଧାନ ଖାଇ ଦେଇଥିଲା। ସନ୍ଧ୍ୟାରେ ଭୀମା ଜମିରୁ କାମ ସାରି ଘରକୁ ଫେରିବା ପରେ ତାଙ୍କ ଗୋରୁ କାହିଁକି ଧାନ ଜମିରେ ପଶି ଫସଲ ନଷ୍ଟ କଲା ବୋଲି ଲଛା ପଚାରିବାରୁ ଉଭୟଙ୍କ ଭିତରେ ବଚସା ହୋଇଥିଲା। ପରେ ଲଛା ଉତ୍ତ୍ୟକ୍ତ ହୋଇ ପାଖରେ ପଡ଼ିଥିବା ଏକ ଶାବଳରେ ଭୀମାଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୋଲିସ କେସ୍ ନଂ. ୧୫୩/୨୪ ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ବାକି ନ ଦେବାରୁ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଆକ୍ରମଣ

## ୩ ଗୁରୁତର, ଜଣେ ଅଭିଯୁକ୍ତ ଗିରଫ

ବରୀ,୧।୧୧ (ମହେନ୍ଦ୍ର ସ୍ୱାଇଁ)

ବାକି ନ ଦେବାରୁ ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାମାଟିଆ ପଞ୍ଚାୟତ କାଇପଡ଼ା ବ୍ୟାଙ୍କ ଛକ ନିକଟରେ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଆକ୍ରମଣ ହୋଇଛି। ଏଥିରେ ଫାଷ୍ଟ ଫୁଡ୍ ଦୋକାନୀ ୨ ଭାଇ ସୁବ୍ରତ ସାହୁ, ଶୁଭ୍ରଜିତ ସାହୁ ଓ ତାଙ୍କ ଦାଦା ଶ୍ରୀନାଥ ସାହୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଜଣେ ଅଭିଯୁକ୍ତ ସାରଦା ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ତାଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

ଅଭିଯୋଗ ମୁତାବକ, କାଇପଡ଼ା ଛକରେ ସୁବ୍ରତ ଓ ଶୁଭ୍ରଜିତ ଦୁଇଭାଇ ଏକ ଫାଷ୍ଟଫୁଡ୍ ଦୋକାନ କରିଛନ୍ତି। ତାଙ୍କ ଦୋକାନକୁ ସେହି ପଞ୍ଚାୟତ ଅନ୍ତର୍ଗତ କଳାମାଟିଆ ଗ୍ରାମର ଚିୟନ ମଲ୍ଲିକ ଆସି ବାକି ମାଗିଥିଲେ। କିନ୍ତୁ ସମ୍ପୃକ୍ତ ଦୋକାନୀ ବାକି ଦେବାକୁ ମନା କରିଦେଇଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ନିକଟ ଏକ ଦୋକାନରେ ବସିଥିବା ଚିୟନଙ୍କ ବଡ଼ଭାଇ ସାରଦା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଉଭୟ ମିଶି ମାରଣାସ୍ତ୍ରରେ ଦୋକାନୀ ୨ଜଣଙ୍କୁ ଆକ୍ରମଣ କରିଥିଲେ। ସୁବ୍ରତଙ୍କ ଦାଦା ଶ୍ରୀନାଥ ଆସି ବୁଝିବା ପାଇଁ କହିଥିଲେ। କିନ୍ତୁ ସାରଦା କିଛି ନ ବୁଝି ଦାଦାଙ୍କ ସହିତ ୨ ପୁତୁରାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଏହି ଆକ୍ରମଣରେ ୩ଜଣ ଯାକ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ନଂ.୫୮୬/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି।

# ଧାର୍ମିକ ଅନୁଷ୍ଠାନରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

## ପୋଲିସ ଉପସ୍ଥିତିରେ ମହିଳା ହାତାହାତି



ପାରାଦୀପ,୧।୧୧ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବଡ଼ପଡ଼ିଆ ଡାକଘର ପାଖରେ ଥିବା ୟୁନାଇଟେଡ୍ ଚର୍ଚ୍ଚ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଚର୍ଚ୍ଚକୁ ଆସୁଥିବା ଭକ୍ତ ଦୁଇ ଗୋଷ୍ଠୀ ହୋଇଛନ୍ତି। ଗୋଟିଏ ପକ୍ଷ ଅପରପକ୍ଷଙ୍କୁ ଚର୍ଚ୍ଚ ମଧ୍ୟରେ ଉପାସନା ନ କରାଇ ଦେବା ପାଇଁ ତାଲା ପକାଇ ଦେବାରୁ ଉତ୍ତେଜନା ସୃଷ୍ଟି ହୋଇଛି। ସନ୍ଧ୍ୟାରେ ଅନ୍ୟପକ୍ଷ ଆସି ସେହି ତାଲା ଉପରେ ଆଉ ଏକ ତାଲା ପକାଇ ଦେଇଥିଲେ। ଏନେଇ ଘଣ୍ଟାଏ ପାଖାପାଖି ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଛି। ଖବରପାଇ ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଛି। ଏହି ସମୟରେ କେତେଜଣ ମହିଳା ପରସ୍ପର ମଧ୍ୟରେ ହାତାହାତି ହେବାସହ ଚୁଟି ଧରି ଭିଡାଭିଡ଼ି ହୋଇଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ଅଲଗା କରି ଥାନାକୁ ନେଇ ଯାଇଛି। ସେଠାରେ ଦୀର୍ଘସମୟ ଆଲୋଚନା ହେବା ପରେ ଏହି ବିବାଦ ସମ୍ପର୍କରେ ଜଣାପଡ଼ିଛି। ଚର୍ଚ୍ଚରେ ପୂର୍ବରୁ ହୋଇଥିବା ଆର୍ଥିକ ହେରଫେର ଘଟଣାକୁ ନେଇ ଦୁଇ ବର୍ଷ ହେଲା ବିବାଦ ସୃଷ୍ଟି ହୋଇଛି। ଏନେଇ ପରସ୍ପର ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଦୁଇପକ୍ଷ ହୋଇଯାଇଛନ୍ତି। ଏହି ଘଟଣା ଉପରେ ଶନିବାର ଦୁଇ ପକ୍ଷ ଥାନାରେ ଆଲୋଚନା ମାଧ୍ୟମରେ ସମାଧାନ କରିବେ ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କ ସୂତ୍ରରୁ ସୂଚନା ମିଳିଛି।

# ରିମାଣ୍ଡରେ ଆସିବେ ଅଭିଯୁକ୍ତ ସ୍ୱାମୀ

## ଆନାସ୍ଥେସିଆ ଦେଇ ସ୍ତ୍ରୀଙ୍କୁ ହତ୍ୟା ଘଟଣା

ଭୁବନେଶ୍ୱର,୧।୧୧ (ସତ୍ୟଜିତ୍ ରାଉତ)

ଦୁଇ ପ୍ରେମିକାଙ୍କ ସହ ମିଶି ସ୍ତ୍ରୀ ଶୁଭଶ୍ରୀଙ୍କୁ ଆନାସ୍ଥେସିଆ (ନିଶା ଇଞ୍ଜେକ୍ସନ) ଦେଇ ହତ୍ୟା ଘଟଣାରେ ଭରତପୁର ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ୱାମୀ ପ୍ରଦ୍ୟୁମ୍ନ କୁମାରଙ୍କ ସହ ତାଙ୍କ ଦୁଇ ପ୍ରେମିକା ରୋଜି ପାତ୍ର ଓ ଏଜିତା ଭୂୟାଁ ଏବେ ଜେଲରେ ଅଛନ୍ତି। ତେବେ ପ୍ରଦ୍ୟୁମ୍ନଙ୍କୁ ୩ଦିନିଆ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବାକୁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ଜେଏମ୍‌ଏଫ୍‌ସି-୫ଙ୍କ କୋର୍ଟରେ ଶୁକ୍ରବାର ଆବେଦନ ହୋଇଛି। ରିମାଣ୍ଡରେ ଆସିବା ପରେ ପ୍ରଦ୍ୟୁମ୍ନଙ୍କୁ ମାରାଥନ ଜେରା କରାଯିବା ସହ କ୍ରାଇମ୍ ସିନ୍ ରିକ୍ରିଏଶନ୍ ଆଦି କରିବାକୁ ପୋଲିସ ପକ୍ଷରୁ ଯୋଜନା ହୋଇଛି। ଅନ୍ୟପକ୍ଷରେ ଆନାସ୍ଥେସିଆ ଦିଆଯାଇଥିବା ସିରିଞ୍ଜକୁ ପୋଲିସ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଇଛି।

ସୂଚନାଯୋଗ୍ୟ, ପ୍ରଦ୍ୟୁମ୍ନ ୨୦୨୦ରେ ଶୁଭଶ୍ରୀଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ରୋଜି ଓ ଏଜିତାଙ୍କୁ ପ୍ରେମ କରିବା ସହ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ତେବେ ସ୍ୱାମୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ଗତ ୬ମାସ ତଳେ ଶୁଭଶ୍ରୀ ବାପଘରକୁ ଚାଲିଯାଇଥିଲେ। ଏପଟେ ଦୁଇ ପ୍ରେମିକାଙ୍କ ସହଯୋଗରେ ସ୍ତ୍ରୀଙ୍କୁ ମାରିବାକୁ ପ୍ରଦ୍ୟୁମ୍ନ ଯୋଜନା କରିଥିଲେ। ଅକ୍ଟୋବର ୨୭ରେ ପ୍ରଦ୍ୟୁମ୍ନ ଶ୍ୱଶୁର ଘରେ ପହଞ୍ଚି ବୁଝାଶୁଝା କରି ଶୁଭଶ୍ରୀଙ୍କୁ ଭୁବନେଶ୍ୱର ନେଇ ଆସିଥିଲେ। ୨୮ ତାରିଖରେ ଶୁଭଶ୍ରୀଙ୍କୁ ରୋଜିଙ୍କ ଭଡ଼ାଘରକୁ ନେଇଯାଇଥିଲେ। ସେଠାରେ ପୂର୍ବ ଯୋଜନା ମୁତାବକ ଶୁଭଶ୍ରୀଙ୍କୁ ଅଭିଯୁକ୍ତମାନ ମିଳିତ ଭାବେ ବଳପୂର୍ବକ ସିରିଞ୍ଜ ଦ୍ୱାରା ମାତ୍ରାଧିକ ଆନାସ୍ଥେସିଆ ଦେଇ ହତ୍ୟା କରିଥିଲେ।

# ଦିଗପହଣ୍ଡିରେ ପୁଣି ବୋମାମାଡ଼

ଦିଗପହଣ୍ଡି,୧।୧୧ (ଅଶେଷ ନାଥ ମିଶ୍ର)


ବୋମାମାଡ଼ରେ ଘରର ଛାତ ପଲସ୍ତରା ଭାଙ୍ଗିଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ସହରରେ ପୁଣି ବୋମାମାଡ଼ ହୋଇଛି। ଗୁରୁବାର ରାତି ପ୍ରାୟ ୩ ଟାରେ ଏନ୍‌ଏସିର ୧ନଂ.ୱାର୍ଡ କେନାଲ ସାହିରେ ଭଡ଼ାରେ ରହୁଥିବା ରାଜେନ୍ଦ୍ର ସେଠୀଙ୍କ ଘରକୁ ବୋମାମାଡ଼ କରାଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଘର ଛାତର ପଲସ୍ତରା ଭାଙ୍ଗିଯାଇଛି। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ରାଜେନ୍ଦ୍ରଙ୍କ ଘରକୁ ୨ଟି ବୋମା ଫିଙ୍ଗି ଚମ୍ପଟ ମାରିଥିଲେ। ଶୁକ୍ରବାର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମା ଟୁକୁଡ଼ା ଜବତ କରିଛନ୍ତି। ରାଜେନ୍ଦ୍ର ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୨୬ ତାରିଖ ସନ୍ଧ୍ୟାରେ ଦିଗପହଣ୍ଡିରେ ବୋମାମାଡ଼ ହୋଇଥିଲା। ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାରେ ବାଇକ୍‌ରେ ଆସୁଥିବାବେଳେ କୁଶପଡ଼ା ଗ୍ରାମର ଶତ୍ରୁଘ୍ନ ବିଷୋୟୀଙ୍କୁ ଲକ୍ଷ୍ୟ କରି ବୋମାମାଡ଼ ହୋଇଥିଲା। ସେଠାରୁ ସେ ଖସିଯିବାରୁ ତାଙ୍କୁ ପିଛା କରି ଦୁର୍ବୃତ୍ତମାନେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଘରୋଇ ଫାଇନାନ୍ସ କାର୍ଯ୍ୟାଳୟ ନିକଟରେ ଆଉ ୨ଟି ବୋମାମାଡ଼ କରିଥିଲେ। ସେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ଘଟଣାରେ ଶତ୍ରୁଘ୍ନଙ୍କ ଏତଲାକ୍ରମେ ପୋଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଗିରଫ ଭୟରେ ସେମାନେ ଫେରାର ଥିବା ପୋଲିସ କହିଛି। ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ସହରର ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଲାଗିରହିଥିବା ଶତ୍ରୁତାରୁ ଏଭଳି ବୋମାମାଡ଼ ହେଉଥିବା ଜଣାପଡିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଅରେ ପଡ଼ିଲା ଗୋଡ଼ି;**
**ମତେ ନ ବୋଲିବ ବୁଢ଼ୀ ବୋଲି**
**ବୟସ ମୋ ତିନି କୋଡ଼ି ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ପୁଷମାସ;**
**କାହାର ସର୍ବନାଶ।**

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗକରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବୃଦ୍ଧାଙ୍କ ସୁନା ଗହଣା ଚୋରି, ୨ ସମ୍ପର୍କୀୟ ମହିଳା ଗିରଫ

ଦାରିଙ୍ଗବାଡ଼ି, ୧।୧୧ (ଅରୁଣ ସାହୁ)

ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିବା ଜଣେ ବୃଦ୍ଧାଙ୍କ ସୁନାଗହଣା ଚୋରିକରି ସମ୍ପୃକ୍ତ ସମ୍ପର୍କୀୟମାନେ ଧରାପଡ଼ିଛନ୍ତି। ଏନେଇ ବୃଦ୍ଧା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଚୋରି ସୁନାଗହଣା ଜବତ କରିଛି। ଏହାର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଗିରଫ ୨ ମହିଳା ହେଲେ ଅମିତା ନାୟକ ଏବଂ ମେନକା ସିଂ। କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡ଼ିଛି, ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ଅଞ୍ଚଳର ବିଧବା ବୃଦ୍ଧା ଇସ୍ତରା ଶୋଭାସୁନ୍ଦର(୭୪) ନିଜ ସମ୍ପର୍କୀୟ ପୁତୁରା ଓ ପୁତୁରା ବୋହୂଙ୍କୁ ଦେଖିବା ପାଇଁ ଦାରିଙ୍ଗବାଡ଼ି ଆସିଥିଲେ। ତେବେ ସେହି ସମ୍ପର୍କୀୟ ପରିବାର ଲୋକେ ଇସ୍ତରା ପିନ୍ଧିଥିବା ସୁନା ଗହଣା ଉପରେ ନଜର ପକାଇଥିଲେ। ସେ ଶୋଇଥିବା ବେଳେ ତାଙ୍କ ଦେହରୁ ପ୍ରାୟ ୨ ଶହ ୪୦ଗ୍ରାମ ସୁନା ଅଳଙ୍କାର ଖୋଲି ନେଇଥିଲେ। ସକାଳେ ଇସ୍ତରା ନିଜେ ପିନ୍ଧିଥିବା ସୁନା ଅଳଙ୍କାର ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୨୦୪/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୨ ମହିଳା ଅମିତା ଓ ମେନକାଙ୍କୁ ପୋଲିସ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଥିବା ବୃଦ୍ଧାଙ୍କ ପୁତୁରା ସୁନୀଲ ସିଂ ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଇସ୍ତରାଙ୍କ ସୁନା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ଦାୟିତ୍ୱରେ ଥିବା କମଳ ପଣ୍ଡା ଓ ଦାରିଙ୍ଗବାଡି ଆଇଆଇସି ରମେଶ ପ୍ରଧାନ କହିଛନ୍ତି।

# ଜୁଆଖେଳ ଚଳାଇଥିଲେ ହୋମ୍‌ଗାର୍ଡ

## ପୋଲିସକୁ ଆକ୍ରମଣ, ୧୧ ଗିରଫ

ବେଲଗୁଣ୍ଠା,୧।୧୧ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରାରେ ଏକ ଜୁଆଆଡ଼ାରେ ଚଢାଉ କରି ୧୧ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ହୋମ୍‌ଗାର୍ଡ ରହିଛନ୍ତି। ତାଙ୍କ ନାଁ ରାମେଶ୍ୱର ପାତ୍ର ବୋଲି ଜଣାପଡିଛି। ଗୁରୁବାର ରାତିରେ ଗାଙ୍ଗପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଗୋବରାରେ ଏକ ଜୁଆଆଡ଼ା ଚାଲିଥିବା ସୂଚନା ପାଇ ସେଠାରେ ଚଢାଉ କରିଥିଲା। ସେଠାରୁ ପୋଲିସ ୧୧ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ନଗଦ ୭୮ ହଜାର ୫୩୬ ଟଙ୍କା, ୬ଟି ବାଇକ୍, ୧୧ଟି ମୋବାଇଲ ଏବଂ ଗୋଟିଏ ଖଣ୍ଡା ଜବତ ହୋଇଛି। ଜୁଆଡ଼ିମାନେ ପୋଲିସ କର୍ମଚାରୀଙ୍କୁ ଦେଖି ଆକ୍ରମଣ କରିଥିଲେ। ଧରାପଡିଥିବା ହୋମ୍‌ଗାର୍ଡ ରାମେଶ୍ୱରଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳରେ ବହୁଦିନ ଧରି ଜୁଆଖେଳ ଚାଲିଥିଲା। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ପହଞ୍ଚିବା ପରେ ପୋଲିସ ଏହା ଉପରେ ନଜର ରଖିଥିଲା। ଗିରଫ ଜୁଆଡିମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେଶ ନାୟକ ସୂଚନା ଦେଇଛନ୍ତି।

# ୧୬ ବାଇକ୍ ଜବତ, ଜଣେ ଗିରଫ

ସମ୍ବଲପୁର,୧।୧୧ (ପ୍ରମୋଦ ବହିଦାର)



ଜବତ ଚୋରି ବାଇକ୍ ସହିତ ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ।

ଏକ ଡକାୟତି ଘଟଣାରେ ଗିରଫ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ଚୋରା ବାଇକ୍‌କୁ ନେଇ ତଦନ୍ତ କରିବା ସମୟରେ ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଶୁକ୍ରବାର ଏକକାଳୀନ ୧୬ଟି ବାଇକ୍‌କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଅଇଁଠାପାଲି ଥାନା ଅନ୍ତର୍ଗତ ଖେଜୁରିଆପଡ଼ାର ନିନି ଓରଫ ସୁଦର୍ଶନ ସାହୁ(୨୬)।

ଏସମ୍ପର୍କରେ ସୂଚନା ଦେଇ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଗତ ଅକ୍ଟୋବର ୨୯ରେ ଅଇଁଠାପାଲି ଥାନା ଅନ୍ତର୍ଗତ ପାଞ୍ଚଗଛିଆରେ ଏକ ଡକାୟତି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କ ମଧ୍ୟରୁ ଜଣେ ଫେରାର ଥିବାବେଳେ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ତେବେ ଗୁରୁବାର ପୋଲିସ ଅଭିଯୁକ୍ତଙ୍କୁ ଧରିବାର ସକ୍ଷମ ହୋଇଥିଲା। ତାଙ୍କ ନିକଟରୁ ପୋଲିସ ଏକ ନୂଆ ବାଇକ ଓଡ଼ି ୩୧ ଏଚ୍ ୬୪୯୪ ଜବତ କରିଥିଲା। ତେବେ ବାଇକର କାଗଜପତ୍ର ଯାଞ୍ଚ ପରେ ଏହା ଏକ ଚୋରି ବୋଲି ଜଣାପଡ଼ିଥିଲା। ଫଳରେ ପୋଲିସ ପକ୍ଷରୁ ଅଭିଯୁକ୍ତ ନିନିଙ୍କୁ ଜେରା କରାଯାଇଥିଲା। ଜେରାବେଳେ ବାଇକ୍ ଚୋରିରେ ସମ୍ପୃକ୍ତି ନେଇ ସ୍ୱୀକାରୋକ୍ତି କରିଥିଲେ। ତାଙ୍କ ସୂଚନା ଆଧାରେ ଲୁଚାଇ ରଖାଯାଇଥିବା ସ୍ଥାନରୁ ବିଭିନ୍ନ କମ୍ପାନୀ ଆଉ ୧୫ଟି ବାଇକକୁ ଜବତ କରିଥିଲା ପୋଲିସ। ଯଦ୍ୱାରା ସମ୍ବଲପୁରରେ ଏକ ବଡ଼ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି ପୋଲିସ। ଜବତ ହୋଇଥିବା ବାଇକ୍‌ରେ ନକଲି ନମ୍ବର ଲାଗିଥିବା ଅନୁମାନ କରା ଯାଉଛି। ତେବେ ବାଇକଗୁଡ଼ିକୁ ସମ୍ବଲପୁର ସହର, ବରଗଡ଼, ବଲାଙ୍ଗିର ଆଦି ଅଞ୍ଚଳରୁ ଚୋରି କରି ବୌଦ୍ଧ, ସୋନପୁର ଅଞ୍ଚଳର ଗ୍ରାହକମାନଙ୍କୁ ଅଳ୍ପ ମୂଲ୍ୟରେ ବିକ୍ରୟ କରାଯାଉଥିଲା। ଏହି ବାଇକ୍ ଚୋରି ରାକେଟ୍‌ରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଶାଶ୍ୱତ
ପରିବାରବର୍ଗ


ସୁକିର୍ତ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅନିଶ ସର୍ବକନିଷ୍ଠ ରେଟେଡ ଖେଳାଳି

**କୋଲକାତା, ୧।୧୧ (ପି.ଟି.)**

କୋଲକାତାର ଅନିଶ ସରକାର ସର୍ବକନିଷ୍ଠ ରେଟେଡ ଚେସ୍ ଖେଳାଳି ହେବାର ସୌଭାଗ୍ୟ ପାଇଛନ୍ତି। ଉତ୍ତର କୋଲକାତା କାଇଖଲିର ଅନିଶଙ୍କ ବୟସ ୩ ବର୍ଷ ୮ ମାସ ୧୯ ଦିନ। ୨୦୨୧ ଜାନୁଆରୀ ୨୬ରେ ଜନ୍ମିତ ଅନିଶ ଗତ ମାସରେ ଅନୁଷ୍ଠିତ ୯ ବର୍ଷରୁ କମ୍ ପଶ୍ଚିମବଙ୍ଗ ରାଜ୍ୟ ଚେସ୍‌ରେ ଅଂଶଗ୍ରହଣ କରି ୨ ଜଣ ରେଟେଡ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଏହାପରେ ସେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ୫ ବର୍ଷରେ ଉତ୍ତରାଖଣ୍ଡର ତେଜାସ ତିୱାରୀ ରେଟେଡ ଖେଳାଳି ହୋଇ ଏହି ରେକର୍ଡର ଅଧିକାରୀ ଥିଲେ।



# ଦିଲ୍ଲୀ ଛାଡ଼ିଲେ ପନ୍ତ, କ୍ଲାସେନ ଦାମୀ ରିଟେନଶନ


ମୁମ୍ବାଇ ଇଣ୍ଡିଆନ୍ସର ରିଟେନ୍ ଖେଳାଳି।

**ନୂଆଦିଲ୍ଲୀ, ୧।୧୧ (ପି.ଟି.)**

## ଇଣ୍ଡିଆନ ପ୍ରିମିୟର ଲିଗ୍

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ପାଇଁ ବିରାଟ କୋହଲି (୨୧କୋଟି ଟଙ୍କା)ଙ୍କୁ ଅତିକ୍ରମ କରି ଦକ୍ଷିଣ ଆଫ୍ରିକାର ହେନ୍‌ରୀ କ୍ଲାସେନ (୨୩ କୋଟି) ସବୁଠାରୁ ଦାମୀ ରିଟେନଶନ ଖେଳାଳି ବିବେଚିତ ହୋଇଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ସହ ତାଙ୍କ ୯ବର୍ଷର ସମ୍ପର୍କ ତୁଟାଇଛନ୍ତି ବିସ୍ଫୋରକ କିପର-ବ୍ୟାଟର ରିଷଭ ପନ୍ତ। କୋଲକାତା ନାଇଟ ରାଇଡର୍ସ(କେକେଆର)ର ମ୍ୟାନେଜମେଣ୍ଟ ସହିତ ଆଲୋଚନା ବିଫଳ ହେବା ପରେ ଆଇପିଏଲ୍ ବିଜୟୀ ଅଧିନାୟକ ଶ୍ରେୟସ ଆୟର ନିଲାମକୁ ଫେରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ସମସ୍ତ ଷ୍ଟାର ଖେଳାଳିଙ୍କୁ ରିଟେନ କରିଛି। ସେମାନଙ୍କ ମଧ୍ୟରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଏବଂ ଯୁବ ଖେଳାଳି ତିଲକ ବର୍ମା ରହିଛନ୍ତି। ରିଟେନ ଖେଳାଳିମାନଙ୍କ ଲାଗି ମୁମ୍ବାଇ ଇଣ୍ଡିଆନ୍ସ ୭୫କୋଟି ଟଙ୍କା ବ୍ୟୟ କରିଛି। ଖେଳାଳି ରିଟେନଶନ ବାବଦରେ ସବୁଠାରୁ କମ୍ ୯.୫କୋଟି ଟଙ୍କା ବ୍ୟୟ କରିଛି ପଞ୍ଜାବ କିଙ୍ଗ୍ସ। ଦେଶ ତରଫରୁ ଏପର୍ଯ୍ୟନ୍ତ ଖେଳି ନ ଥିବା ଶଶାଙ୍କ ସିଂ ଓ ପ୍ରଭଶିମରନ ସିଂଙ୍କ ବାବଦରେ ଏହି ଅର୍ଥକୁ ଦଳ ବ୍ୟୟ କରିଛି। ଫଳତଃ ଏହି ଦଳ ସବୁଠାରୁ ଅଧିକ ୧୧୦.୫ କୋଟି ଟଙ୍କା ଏବଂ ଆରଟିଏମ୍ (ରାଇଟ ଟୁ ମ୍ୟାଚ) କାର୍ଡକୁ ନେଇ ନିଲାମକୁ ଓହ୍ଲାଇବ।

### ପନ୍ତ କାହିଁକି ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିଲେ

ଦିଲ୍ଲୀ କ୍ୟାପିଟାଲ୍ସର ମାଲିକାନା ଢାଞ୍ଚା ଜଟିଳ ଥିବାରୁ ପନ୍ତଙ୍କୁ ଦଳ ଛାଡ଼ି ନିଲାମରେ ଅବତୀର୍ଣ୍ଣ ହେବାକୁ ପଡ଼ିଛି। ଦିଲ୍ଲୀ କ୍ୟାପିଟାଲ୍ସର ଦୁଇ ସହମାଲିକ ହେଲେ ଜିଏମ୍‌ଆର ଓ ଜେଏସ୍‌ଡବ୍ଲ୍ୟୁ। ଦୁଇ ସଂସ୍ଥା ମଧ୍ୟରେ ହୋଇଥିବା ରାଜିନାମା ଅନୁସାରେ ଜେଏସ୍‌ଡବ୍ଲ୍ୟୁ କ୍ରମାଗତ ଦୁଇ ବର୍ଷ ଦଳର ପରିଚାଳନା ଦାୟିତ୍ୱରେ ରହିଥିଲା। ବର୍ତ୍ତମାନ କିରଣ ଗାନ୍ଧୀଙ୍କ ମାଲିକାନାରେ ଜିଏମ୍‌ଆର ମ୍ୟାନେଜମେଣ୍ଟ ରହିଛି। ଏହି ସଂସ୍ଥା ପୂର୍ବ କୋଚିଂ ମ୍ୟାନେଜମେଣ୍ଟକୁ ବହିଷ୍କାର କରିଛି। ପୂର୍ବତନ କ୍ରିକେଟ ଡିରେକ୍ଟର ସୌରଭ ଗାଙ୍ଗୁଲିଙ୍କୁ ହଟାଇ ତାଙ୍କ ସ୍ଥାନରେ ଭେଣୁଗୋପାଳ ରାଓଙ୍କୁ ଆଣିଛି। ପନ୍ତଙ୍କୁ ଜେଏସ୍‌ଡବ୍ଲ୍ୟୁ ଆଣିଥିଲା। ଏହି ଖେଳାଳି ଜିଏମ୍‌ଆର ମ୍ୟାନେଜମେଣ୍ଟ ପସନ୍ଦ ନୁହେଁ। ଖବର ଅନୁସାରେ ରାଓ ଏବଂ ହେମାଙ୍ଗ ବଦାନୀଙ୍କ ନିଯୁକ୍ତିକୁ ନେଇ ପନ୍ତ ସନ୍ତୁଷ୍ଟ ନୁହନ୍ତି, କାରଣ ଏହି ଦୁଇଜଣଙ୍କର ଦଳର ଅଧିନାୟକଙ୍କ ଉପରେ କର୍ତ୍ତୃତ୍ୱ ରହିବ। ପନ୍ତ ଓ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟରେ ଏକମାସ ହେଲା ଆଲୋଚନା ହୋଇଥିଲେ ମଧ୍ୟ ସେଥିରୁ କୌଣସି ସୂଚନା ମିଳି ନ ଥିଲା। ପନ୍ତ ନୂଆ କୋଚିଂ ଷ୍ଟାଫଙ୍କ ସହିତ ଅଭ୍ୟସ୍ତ ନ ଥିବାରୁ ସେମାନଙ୍କ ସହିତ କାର୍ଯ୍ୟ କରିବାକୁ ଚାହିଁ ନ ଥିଲେ।

## କେଉଁ ଦଳ କାହାକୁ ରଖିଲା

**▶ମୁମ୍ବାଇ ଇଣ୍ଡିଆନ୍ସ**
୫ ଖେଳାଳି ରିଟେନ୍‌ଡ: ଯଶପ୍ରୀତ୍ ବୁମ୍‌ରା (୧୮ କୋଟି), ସୂର୍ଯ୍ୟକୁମାର ଯାଦବ (୧୬.୩୫ କୋଟି), ହାର୍ଦ୍ଦିକ ପାଣ୍ଡ୍ୟା (୧୬.୩୫ କୋଟି), ରୋହିତ ଶର୍ମା (୧୬.୩୦ କୋଟି), ତିଲକ ବର୍ମା-(୮ କୋଟି)। ମୋଟ ୧୨୦ କୋଟିରୁ ନିଲାମ ପାଇଁ ଅର୍ଥ ରହିଲା ୪୫ କୋଟି। ରାଇଟ୍ ଟୁ ମ୍ୟାଚ (ଆରଟିଏମ୍) ସୁଯୋଗ-୧। ଆରଟିଏମ୍ ପାଇଁ ଜଣେ ଅନ୍‌କ୍ୟାପେଡ ଖେଳାଳି ଉପଲବ୍ଧ ହେବେ। ବଡ଼ ଖେଳାଳିଙ୍କ ମଧ୍ୟରେ ଇଶାନ କିଶନ ଓ ଟିମ୍ ଡାଭିଡ୍‌ଙ୍କୁ ନିଲାମକୁ ଛାଡ଼ିଲା।

**▶ସନ୍‌ରାଇଜର୍ସ ହାଇଦ୍ରାବାଦ**
୫ ଖେଳାଳି ରିଟେନ୍‌ଡ: ହେନରିଚ୍ କ୍ଲାସେନ (୨୩ କୋଟି), ପ୍ୟାଟ୍ କମିନ୍ସ (୧୮ କୋଟି), ଅଭିଷେକ ଶର୍ମା (୧୪ କୋଟି), ଟ୍ରାଭିସ ହେଡ୍ (୧୪ କୋଟି), ନୀତୀଶ କୁମାର ରେଡ୍ଡୀ (୬ କୋଟି)। ବଳକା ଅର୍ଥ ୪୫ କୋଟି। ଆରଟିଏମ୍ ବିକଳ୍ପ-୧, ଏଥିପାଇଁ ଜଣେ ଅନ୍‌କ୍ୟାପେଡ୍ ଖେଳାଳି ଉପଲବ୍ଧ ହେବେ। ନାମୀ ଖେଳାଳିଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର, ଟି. ନଟରାଜନ, ଭୁବନେଶ୍ୱର କୁମାରଙ୍କୁ ଛାଡ଼ିଲା।

**▶ଚେନ୍ନାଇ ସୁପର କିଙ୍ଗ୍ସ**
୫ ଖେଳାଳି ରିଟେନ୍‌ଡ: ଋତୁରାଜ ଗାଏକ୍ୱାଡ୍ (୧୮ କୋଟି), ରବୀନ୍ଦ୍ର ଜାଡେଜା (୧୮ କୋଟି), ମାଥିଶା ପଥିରାନା (୧୩ କୋଟି), ଶିବମ୍ ଦୁବେ (୧୨ କୋଟି), ମହେନ୍ଦ୍ର ସିଂ ଧୋନୀ (୪ କୋଟି)। ବଳକା ଅର୍ଥ ୫୫ କୋଟି। ଆରଟିଏମ୍ ବିକଳ୍ପ-୧ (ଜଣେ କ୍ୟାପେଡ୍ କିମ୍ବା ଅନ୍‌କ୍ୟାପେଡ୍ ଉଇଲବ୍ଧ ହେବେ)। ନାମୀ ଖେଳାଳିଙ୍କ ମଧ୍ୟରେ ଡେଭନ କନଓ୍ୱେ, ରାଚିନ ରବୀନ୍ଦ୍ର, ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ମହେଶ ଥିକଶାନା, ତୁଷାର ଦେଶପାଣ୍ଡେଙ୍କୁ ଛାଡ଼ିଲା। ଯଦି କୌଣସି ଖେଳାଳି ୫ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବେ ତେବେ ଆଇପିଏଲ୍ ନିୟମ ଅନୁସାରେ ସେ ଅନ୍‌କ୍ୟାପେଡ୍ ଖେଳାଳିଭାବେ ପରିଗଣିତ ହେବେ। ଏ କ୍ଷେତ୍ରରେ ତାଙ୍କ ମୂଲ୍ୟ ସର୍ବାଧିକ ୪ କୋଟି ହୋଇପାରିବ। ତେଣୁ ଧୋନୀ ୪ କୋଟିରେ ରିଟେନ ହୋଇଛନ୍ତି।

**▶ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**
୩ ଖେଳାଳି ରିଟେନ୍‌ଡ (ବିରାଟ କୋହଲି (୨୧ କୋଟି), ରଜତ ପାଟିଦାର (୧୧ କୋଟି), ଯଶ୍ ଦୟାଲ (୫ କୋଟି)। ବଳକା ଅର୍ଥ ୮୩ କୋଟି। ଆରଟିଏମ୍ ବିକଳ୍ପ-୩ (ଜଣେ ଅନ୍‌କ୍ୟାପେଡ୍, ୨ ଜଣ କ୍ୟାପେଡ୍ କିମ୍ବା ୩ ଜଣ କ୍ୟାପେଡ୍ ଖେଳାଳି ଉପଲବ୍ଧ ହୋଇପାରିବେ)। ନିଲାମକୁ ଛଡ଼ା ଯାଇଥିବା ନାମୀ ଖେଳାଳି ହେଲେ ଗ୍ଲେନ ମ୍ୟାକ୍ସୱେଲ, ମହମ୍ମଦ ସିରାଜ, ଫାଫ୍ ଡୁ'ପ୍ଲେସି ଓ କାମେରନ ଗ୍ରୀନ୍।

**▶ଦିଲ୍ଲୀ କ୍ୟାପିଟାଲ୍ସ**
୪ ଖେଳାଳି ରନଟେନ୍‌ଡ: ଅକ୍ଷର ପଟେଲ (୧୬.୫୦ କୋଟି), କୁଳଦୀପ ଯାଦବ (୧୩.୨୫ କୋଟି), ଟ୍ରିଷ୍ଟନ ଷ୍ଟବ୍ସ (୧୦ କୋଟି), ଅଭିଷେକ ପୋରେଲ (୪ କୋଟି)। ବଳକା ଅର୍ଥ: ୭୩ କୋଟି। ଆରଟିଏମ୍ ପାଇଁ ୨ ଖେଳାଳି ଉପଲବ୍ଧ (ଜଣେ ଲେଖାଏ ଅନ୍‌କ୍ୟାପେଡ/କ୍ୟାପେଡ୍ କିମ୍ବା ୨ କ୍ୟାପେଡ୍ ଖେଳାଳି)। ନାମୀ ଖେଳାଳିଙ୍କ ମଧ୍ୟରେ ରିଷଭ ପନ୍ତ, ଡେଭିଡ ୱାର୍ନର, ଏନରିଚ୍ ନର୍ଜେ ନିଲାମକୁ ଗଲେ। ନିଲାମ ସମୟରେ ଦିଲ୍ଲୀ ଜଣେ ଅଧିନାୟକଙ୍କ ସନ୍ଧାନରେ ରହିବ।

**▶କୋଲକାତା ନାଇଟ ରାଇଡର୍ସ**
୬ ଖେଳାଳି ରନଟେନ୍‌ଡ: ରିଙ୍କୁ ସିଂ (୧୩ କୋଟି), ବରୁଣ ଚକ୍ରବର୍ତ୍ତୀ (୧୨ କୋଟି), ସୁନୀଲ ନାରିନ (୧୨ କୋଟି), ଆନ୍ଦ୍ରେ ରସେଲ (୧୨ କୋଟି), ହର୍ଷିତ ରାଣା (୪ କୋଟି), ରମଣଦୀପ ସିଂ (୪ କୋଟି)। ବଳକା ଅର୍ଥ-୫୧ କୋଟି। ଆରଟିଏମ୍ ପାଇଁ ସୁଯୋଗ ନାହିଁ। ଅଧିନାୟକ ଶ୍ରେୟସ ଆୟର, ଗତ ସଂସ୍କରଣର ସବୁଠାରୁ ଦାମୀ ଖେଳାଳି ମିଚେଲ ଷ୍ଟାର୍କ, ଫିଲ୍ ସଲ୍ଟ, ଭେଙ୍କଟେଶ ଆୟର, ନୀତୀଶ ରାଣାଙ୍କ ପରି ନାମୀ ଖେଳାଳିଙ୍କୁ ଦଳ ନିଲାମକୁ ଛାଡ଼ିଛି।

**▶ରାଜସ୍ଥାନ ରୟାଲ୍ସ**
୬ ଖେଳାଳି ରିଟେନ୍‌ଡ: ସଞ୍ଜୁ ସାମସନ (୧୮ କୋଟି), ଯଶସ୍ୱୀ ଜୟସ୍ୱାଲ (୧୮ କୋଟି), ରିୟାନ ପରାଗ (୧୪ କୋଟି), ଧ୍ରୁବ ଜୁରେଲ (୧୪ କୋଟି), ଶଇମରନ ହେଟମେର (୧୧ କୋଟି), ସନ୍ଦିପ ଶର୍ମା (୯୪ କୋଟି)। ବଳକା ଅର୍ଥ: ୪୧ କୋଟି। ଆରଟିଏମ୍ ସୁଯୋଗ ନାହିଁ। ନିଲାମକୁ ଛଡ଼ା ଯାଇଥିବା ନାମୀ ଖେଳାଳି: ଯୁଜବେନ୍ଦ୍ର ଚହଲ, ଜୋସ ବଟଲର, ରବିଚନ୍ଦ୍ରନ ଅଶ୍ୱିନ।

**▶ଗୁଜରାଟ ଜାଏଣ୍ଟ୍ସ**
୫ ଖେଳାଳି ରିଟନ୍‌ଡ: ରଶିଦ ଖାଁ (୧୮ କୋଟି), ଶୁବମନ ଗିଲ୍ (୧୬.୫୦ କୋଟି), ସାଇ ସୁଦର୍ଶନ (୮.୫୦ କୋଟି), ରାହୁଲ ଟେଓ୍ୱାଟିଆ (୪ କୋଟି), ଶାହରୁଖ ଖାନ (୪ କୋଟି)। ବଳକା ଅର୍ଥ ୬୯ କୋଟି। ଆରଟିଏମ୍ ସୁଯୋଗ-୧ (ଜଣେ ଅନ୍‌କ୍ୟାପେଡ୍ ଖେଳାଳି ଉପଲବ୍ଧ ହୋଇପାରିବେ)। ନାମୀ ଖେଳାଳିଙ୍କ ମଧ୍ୟରେ ମହମ୍ମଦ ଶାମି ଓ ଡେଭିଡ ମିଲରଙ୍କୁ ଦଳ ରିଟେନ କଲାନାହିଁ।

**▶ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ**
୫ ଖେଳାଳି ରିଟେନ୍‌ଡ (ନିକୋଲସ ପୁରନ (୨୧ କୋଟି), ରବି ବିଷ୍ଣୋଇ (୧୧ କୋଟି), ମୟଙ୍କ ଯାଦବ (୧୧ କୋଟି), ମହସିନ ଖାଁ (୪ କୋଟି), ଆୟୁଷ ବଦୋନୀ (୪ କୋଟି)। ବଳକା ଅର୍ଥ ୬୯ କୋଟି। ଆରଟିଏମ୍ ସୁଯୋଗ-୧ (ଜଣେ କ୍ୟାପେଡ୍ ଖେଳାଳି ଉପଲବ୍ଧ ହେବେ)। ଲୋକେଶ ରାହୁଲ, ମାର୍କୁସ ଷ୍ଟୋଇନିସ, କ୍ୱିଣ୍ଟନ ଡି'କକ୍, କୃନାଲ ପାଣ୍ଡ୍ୟା ନିଲାମକୁ ଗଲେ।

**▶ପଞ୍ଜାବ କିଙ୍ଗ୍ସ**
୨ ଖେଳାଳି ରିଟେନ୍‌ଡ (ଶଶାଙ୍କ ସିଂ (୫.୫ କୋଟି), ପ୍ରଭସିମରନ ସିଂ (୪ କୋଟି)। ବଳକା ଅର୍ଥ: ୧୧୦.୫ କୋଟି। ଆରଟିଏମ୍ ସୁଯୋଗ-୪ (ଚାରିଜଣ କ୍ୟାପେଡ୍ ଖେଳାଳି ଉପଲବ୍ଧ ହେବେ)। ରିଟେନ ହୋଇ ନ ଥିବା ନାମୀ ଖେଳାଳି ହେଲେ ହର୍ଶଲ ପଟେଲ, ଅର୍ଶଦୀପ ସିଂ, ସାମ୍ କୁରାନ, ଜନି ବେୟାରଷ୍ଟୋ, ଲିଆମ ଲିଭିଂଷ୍ଟୋନ, କାଗିସୋ ରାବାଡ଼ା।


ହେନ୍‌ରିଚ କ୍ଲାସେନ


## ଜନ୍ମଦିନ ଶୁଭେଚ୍ଛା



**ଅଭିଳାଷା ଖମାରୀ (ସୁକୀର୍ତ୍ତି)**
ବୁଗବୁଗା, ଅତାବିରା, ବରଗଡ଼
ତୋର ଚଲାପଥ କୁସୁମିତ ହେଉ । ଆଜି ତୋର ଦଶମ ଜନ୍ମବାର୍ଷିକୀରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ- ଶ୍ରୀଜିତ୍, ପ୍ରିୟଂଶା, ସତ୍ୟଜିତ୍, ଅଭିଲିପ୍‌ସା, ରୋଜାଲିସା, ସୋନାଲିସା, ଆଲିସା, ଲିପ୍‌ସା ।
ଧ-୧୮୧୨

## ଜନ୍ମଦିନର ଶୁଭେଚ୍ଛା



**ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)**
ଅଁଲୋ, କଟକ
ଆଜି ତୋର ୧୮ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମାଆ, ଆଇ, ପିଉସା, ପିଉସି, ବାବା, ମାମା, ମାମୁ, ମାଈଁ, ଟୁଇଁଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ ।
ଧ-୧୮୧୭


## ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଭାରତ 'ଏ' ସ୍ଥିତି ସୁଦୃଢ଼

**ମ୍ୟାକେ (ଅଷ୍ଟ୍ରେଲିଆ), ୧।୧୧ (ପି.ଟି.):** ମୁକେଶ ଉଦୀୟମାନ ଯୁବ ଖେଳାଳି ସାଇ କୁମାରଙ୍କ ୬ ଉଇକେଟ ସଫଳତା ପରେ ସୁଦର୍ଶନ ଓ ଦେବଦତ୍ତ ପଡିକଲଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ମୋଟ ଉପରେ ୧୨୦ ରନର ଅଗ୍ରଣୀ ଲାଭ କରିପାରିଛି। ଏହି ମ୍ୟାଚ ପ୍ରଥମ ଇନିଂସରେ ଭାରତ ମାତ୍ର ୧୦୭ରନରେ ଅଲଆଉଟ ହୋଇଯାଇଥିଲା। ମୁକେଶ (୬/୪୬)ଙ୍କ ଚମତ୍କାର ବୋଲିଂ ଯୋଗୁ ଅଷ୍ଟ୍ରେଲିଆ 'ଏ'ର ପ୍ରଥମ ଇନିଂସ ସ୍କୋରକୁ ୧୯୫ରନରେ ସିମିତ କରିଦେଇଥିଲା ଭାରତ 'ଏ'। ପ୍ରଥମ ଇନିଂସରେ ୮୮ ରନ ପଛୁଆ ଥିବା ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଶୁକ୍ରବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୨୦୮ ରନ ସଂଗ୍ରହ କରିଛି। ସାଇ ସୁଦର୍ଶନ ୯୬ ଏବଂ ପଡ଼ିକଲ ୮୦ ରନ କରି ଅପରାଜିତ ରହିଛନ୍ତି। ଦୁହେଁ ତୃତୀୟ ଉଇକେଟରେ ଇତିମଧ୍ୟରେ ୧୭୮ ରନ ଯୋଗ କରିସାରିଛନ୍ତି।

**ସଂକ୍ଷିପ୍ତ ସ୍କୋର**
ଭାରତ 'ଏ': ୧୦୭ ଓ ୨୦୮/୨ (ସାଇ ସୁଦର୍ଶନ-ବ୍ୟାଟିଂ-୯୬, ଦେବଦତ୍ତ ପଡ଼ିକଲ ବ୍ୟାଟିଂ-୮୦; ଫର୍ଗସ ଓନିଲ-୧/୩୩)। ଅଷ୍ଟ୍ରେଲିଆ 'ଏ': ୧୯୫ (ନାଥାନ ମ୍ୟାକ୍ସ୍ୱିନି-୩୯; ମୁକେଶ କୁମାର ୬/୪୬, ପ୍ରସିଦ୍ଧ କ୍ରିଷ୍ଣା-୩/୫୯)।


# Classified Everyday
0674-2580101, 2549949


**REAL ESTATE**
**SALE**

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1810

Duplex sale at Bhubaneswar and apartment Kalinganagar DAV School- 9777433701. D-76202

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-76201

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1809

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


**CONSTRUCTION**

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203

**HEALTH CARE**

Newly open health benefits spa by expert therapist. Contact- 6371861658. D-76165

**AFFIDAVIT**

I, SUSANTA BEHERA, S/O- NABAGHAN BEHERA, Age - 39 Years, Permanent resident of Vill- Kendubadi Jholamala P.O.- Kushadhipa, P.S.- Khallikote, Dist.- Ganjam, PIN- 761030, Odisha declare by this affidavit No.- A/7564 sworn before Notary Public, Khallikote have Change my name and my Father's name from Susanta Behera, S/o- Nabaghan Behera to **SUSHANTA KUMAR BEHERA, S/O- NABA BEHERA** in my Passport Record & future all purposes. D-1814

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I Mehul Kamlesh Nanda, S/o. Kamalesh Kumar Nanda, resident of Plot No. 4355/4949/696, Pandav Nagar-I, Badagada, Bhubaneswar, Dist.- Khordha, Pin- 751018 declare by this affidavit No. CF-81-13.09.24 that now onwards I shall be known as **MEHUL KAMALESH NANDA** for all future purposes. D-75826

By virtue of affidavit sworn before the Tahasildar Sheragada, dated 18.04.2024, I, Bishnu N. Choudhary of Serankuda, Post- Dhanantar, Block/P.S.- Sheragada declare that I have changed my name from Bishnu Choudhary to Bishnu N. Choudhary. Henceforth I shall be known as Bishnu N. Choudhary for all purpose. D-1815

## ମନେ ପଡ଼ନ୍ତି

**ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀ**



**ଏଡାକ୍ତର ପ୍ୟାରୀ ମୋହନ ସିଂହ**
ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧
ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ତେର ବର୍ଷ ହୋଇଗଲା । ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ । ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ । ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା ।
ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା ।
ଧ-୧୮୧୧

# ପୁନର୍ଜନ୍ମ

ଗଳ୍ପ

ମଣୀନ୍ଦ୍ର କୁମାର ମେହେର

ସାର୍, ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି?

ଖବରକାଗଜରେ ପ୍ରକାଶିତ ମୋର କେତୋଟି ଲେଖାର ପ୍ରିଣ୍ଟ୍ କପି କାଢ଼ିଦେବା ପାଇଁ ଆଶିଷକୁ କରିଥିଲି ମେସେଜ୍। ସେହି ଲେଖାଗୁଡ଼ିକ ଭିତରେ ଥିଲା ମୋର ଏକ ଆଲେଖ୍ୟ 'ପୁନର୍ଜନ୍ମ' ଶୀର୍ଷକରେ। ଜାଣିଲି ସେହି ଲେଖାଟି ଦେଖି ଆଶିଷ ମୋତେ ପଚାରିଛନ୍ତି ଏ ପ୍ରଶ୍ନ ହ୍ୱାଟ୍ସଆପ୍‌ରେ। ମୁଁ ସଂକ୍ଷେପରେ ଉତ୍ତର ଦେଲି "ଏ ବିଷୟରେ ବିସ୍ତୃତ ଆଲୋଚନା ଆବଶ୍ୟକ।"

ମୁଁ ପୁନଶ୍ଚ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବି, ଏହା ଭାବି ନ ଥିଲି ଆଦୌ। ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭିଜିଟିଂ ପ୍ରଫେସର ଭାବରେ ମୋତେ ଆଦରିନେଲା। କ୍ଲାସ୍‌ରେ ସେହି ଶତାଧିକ ସ୍ୱଚ୍ଛ, ସରଳ ଓ ଅନୁରାଗପୂର୍ଣ୍ଣ ଆଖିମାନଙ୍କୁ ଦେଖି ପୁନଶ୍ଚ ମୋ' ଛାତି ତଳେ ଫୁଟି ଉଠୁଥିଲା କୃଷ୍ଣଚୂଡ଼ା, ଅପରାଜିତା, ସତପର୍ଣ୍ଣୀ ଆଉ ଶତସହସ୍ର ସ୍ନିଗ୍ଧ ସବୁଜ ପତ୍ର କଅଁଳି ଉଠୁଥିଲା ତା' ସହିତ। ଦେଖିଲି ଶ୍ରେଣୀ କକ୍ଷର ଝରକାରେ ବସି ହଳଦୀବସନ୍ତ ପକ୍ଷୀ କିପରି କରୁଛି କାକଳି। ଆମେ ଭାବୁ ପଶୁପକ୍ଷୀ ଆମକୁ ଚିହ୍ନନ୍ତି ନାହିଁ। ବା ଆମେ ବି ସେମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ ଜାଣିବା ସମ୍ଭବ ନୁହେଁ। କିନ୍ତୁ ମୋର ହୃଦ୍‌ବୋଧ ହେଲା କ୍ଲାସ୍ ନେବାବେଳେ ଯେଉଁ ଚଢ଼େଇଟି ବାରମ୍ବାର ଆସି ଝରକା ପାଖରେ ବସୁଥିଲା ଓ ନିସ୍ତବ୍ଧ କ୍ଲାସିକ୍ କ୍ଲାସିକୀୟ ବାତାବରଣରେ ତା'ର ରୋମାଣ୍ଟିକ ସୂକ୍ଷ୍ମ ଧ୍ୱନି ଆଦୌ କୌଣସି ବାଧା ସୃଷ୍ଟି ନ କରି ବରଂ ନେଇଯାଉଥିଲା ଆମକୁ ପୁରାତନ ଆଶ୍ରମ ପ୍ରକୃତି ମଧ୍ୟକୁ।

ହଁ, ମୁଁ ଆଶିଷ କଥା କହୁଥିଲି, ସେ ଏଇଠି ପିଏଚ୍.ଡି. ପାଠ୍ୟକ୍ରମର ଛାତ୍ର। ଏମିତି ଥା'ନ୍ତି ପିଲାମାନେ, ଯେଉଁମାନେ ମୋ' ଲେଖା ସମ୍ପୂର୍ଣ୍ଣ ନ ପଢ଼ି ମଧ୍ୟ ପଚାରନ୍ତି ଯେଉଁ ଅଡୁଆ ପ୍ରଶ୍ନ ସବୁ, ତାହାର ଉତ୍ତର ଯେମିତି ତାଙ୍କ ଭଳି ନେଟ୍ ପରୀକ୍ଷାର୍ଥୀ ହିସାବରେ ମୁଁ ଗୋଟିଏ କି ଦୁଇଟି ଶବ୍ଦ ମଧ୍ୟରେ ଦେଇଦେବା ଉଚିତ। ସତେ କି ଅବ୍‌ଜେକ୍ଟିଭ୍ ଟାଇପ୍‌ର ପ୍ରଶ୍ନ ଜନ୍ମ ଓ ପୁନର୍ଜନ୍ମ ସମ୍ପର୍କରେ ପୁଣି? ଯାହା ବି ହେଉ, ଆଶିଷ କାହିଁକି କାହାକୁ ବି ନିରୁତ୍ସାହିତ କରିବା ପରି କିଛି କହିବା ଯେହେତୁ ମୋର ସ୍ୱଭାବ ବିରୁଦ୍ଧ, ସେଥିପାଇଁ ତାହା ବିସ୍ତୃତ ଆଲୋଚନାର ଅପେକ୍ଷା ରଖେ ବୋଲି ଲେଖି ପକାଇଦେଲି ପୂର୍ଣ୍ଣଚ୍ଛେଦ। ଜନ୍ମ ପୁନର୍ଜନ୍ମ ବିଷୟରେ ଯାହା ଲେଖିଛି, ପୁଣି ବିଭିନ୍ନ ଗ୍ରନ୍ଥରୁ ଯାହା ପଢ଼ିଛି, ଆଉ ଅନୁଭବ ମଧ୍ୟ କରିଛି ସେସବୁ କଥା ବିସ୍ତୃତ ଭାବରେ ବିଶ୍ଲେଷଣ କଲେ ଅନ୍ତତଃ ତିନି ଚାରିଟି କ୍ଲାସ୍ ନେଇପାରିବି। କିନ୍ତୁ ଏ ସମ୍ପର୍କରେ ଗୋଟିଏ ବି କ୍ଲାସ୍ ନେବା ସମ୍ଭବ ନୁହେଁ। କାରଣ ଏହା କୋର୍ସ ବହିର୍ଭୂତ ବିଷୟ।



ଡିପାର୍ଟମେଣ୍ଟରେ ପହଞ୍ଚିବା ପରେ ଦେଖିଲି ଆଶିଷ ପ୍ରିଣ୍ଟ୍ କପି ସବୁ ନେଇଆସିଛି ଅତ୍ୟନ୍ତ ଶ୍ରଦ୍ଧାରେ ମୋ' ପାଇଁ। ଆଶିଷ ନାଁଟି ଯେମିତି ସୁନ୍ଦର, ସିଏ ମଧ୍ୟ ଅନୁରୂପ ଭାବେ ଆକର୍ଷଣୀୟ। ଦୁଇ ଆଖିରେ ତାର ଏତେ ଭାବ ଗୁମ୍ଫିତ ହୋଇ ରହିଛି, ଯାହା କଳ୍ପନା କରିବା ସହଜ ନୁହେଁ। ସାଗରର ଉତ୍ତାଳ ଲହରିମାଳା ଏବଂ ତା'ର ନୀଳ ଘନ ସୌନ୍ଦର୍ଯ୍ୟ ଆଶିଷ ଆଖିରେ ପ୍ରତି ମୁହୂର୍ତ୍ତରେ ମୁଗ୍ଧ କରୁଥାଏ ମୋତେ। ଭାବି ନ ଥିଲି ଆଶିଷ ସେହି ପ୍ରଶ୍ନଟିକୁ ପୁଣି ଦୋହରାଇବ ବୋଲି। ପଚାରିଲା– 'ସାର୍, ସତକୁ ସତ କୁହନ୍ତୁ ତ, ଆପଣ ବିଶ୍ୱାସ କରନ୍ତି ଏଥିରେ?' ମୁଁ ତାକୁ ଯେଉଁ ଡେସ୍କ୍ରିପ୍ଟିଭ୍ ଆନ୍ସର ସମ୍ପର୍କରେ ସୂଚନା ଦେଇଥିଲି, ତାହା ଗୋଟିଏ ମୁହୂର୍ତ୍ତରେ Objective Question Answerରେ ପରିଣତ ହୋଇଗଲା। ଆଶିଷର ଦୁଇ ସାମୁଦ୍ରିକ ଚକ୍ଷୁ ପ୍ରତି ଦୃଷ୍ଟିପାତ କରି ଉତ୍ତର ଦେଲି ସ୍ମିତହାସ୍ୟ ପ୍ରକାଶ କରି– 'ହଁ ବିଶ୍ୱାସ କରେ।' ଯେଉଁ ଅଧ୍ୟାପକ ତିନି ଚାରିଟି କ୍ଲାସ୍ ଏ ବିଷୟରେ ନେଇ ତା'ର ଅନୁଭବସିଦ୍ଧ ଜ୍ଞାନ ପ୍ରକାଶ କରିବାର ଉଚ୍ଛ୍ୱାସ ସାଇତି ରଖିଥିଲା ହୃଦୟରେ, ସେସବୁ ପ୍ରକଟିତ ହୋଇଗଲା ମାତ୍ର ତିନୋଟି ଶବ୍ଦରେ।

ଏହାପରେ ଆଶିଷ ମୁହଁକୁ ଅନାଇବା ମହାକାଶ ଅଭିମୁଖେ ଏକ ସୀମାହୀନ ଯାତ୍ରା ପରି ପ୍ରତୀତ ହେଲା। ମହାସାଗର ଓ ମହାଆକାଶର ଅନନ୍ତ ରହସ୍ୟ ଧାରଧାର ଅଶ୍ରୁ ରୂପରେ ଯେମିତି ହିମାଳୟରୁ ଉତ୍‌ଥିତ ଗଙ୍ଗା ସ୍ରୋତ ପରି ହେଲା ଅନୁଭୂତ। ମୁଁ ଟିକିଏ ଆଗକୁ ତା'ର ଝୁଙ୍କି ପଡ଼ି ଯେତେବେଳେ ମୋର ଶ୍ରଦ୍ଧା ଓ ଭାବପୂର୍ଣ୍ଣ କଣ୍ଠରେ ତାକୁ କହିଲି– 'ଆଶିଷ ତୁମ ଆଖିରେ ମୁଁ ଦେଖୁଛି ଏ କି ଦୃଶ୍ୟ?' ଉତ୍ତର ଦେଲା ସେ– 'ଯାହା ଦେଖୁଛନ୍ତି ତାହା ନିରାଟ ସତ୍ୟ।' ନିରବତାରେ କଟିଗଲା କେତୋଟି ମୁହୂର୍ତ୍ତ। ଆଶିଷ ଭାବାବେଗପୂର୍ଣ୍ଣ କଣ୍ଠରେ ସମ୍ମୋହିତ କରିପାରୁଥିବା ଏକ ଯାଦୁକର ସମ୍ମୁଖରେ ସତ୍ୟ ଉଦ୍‌ଘାଟନ କରିବା ପରି ବର୍ଣ୍ଣନା କରିଗଲା ଗୋଟିଏ ପରେ ଗୋଟିଏ ଦୃଶ୍ୟ। କହୁଥାଏ ସେ, ସାର୍ ସେଦିନ ସନ୍ଧ୍ୟା ଉତ୍ତୀର୍ଣ୍ଣ। ଭାରି ବ୍ୟସ୍ତତା ଭିତରେ ଥିଲୁ ଆମେ ଦୁଇଭାଇ। ବଡ଼ଭାଇ ମୋର ପ୍ରଖ୍ୟାତ ଶିଳ୍ପପତି। ହାତରେ ଆମର ଆଟାଚି ଭିତରେ ରହିଥାଏ ଜରୁରୀ ଆଉ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରର ଫାଇଲ। ଅଧିକ ଦୂରବର୍ତ୍ତୀ ହୋଇ ନ ଥାଏ। ଆଗପଟୁ ଏକ ବିରାଟ ଟ୍ରକ୍ ସହିତ ଆମ ଛୋଟ କାର୍‌ଟିର ହୋଇଗଲା ବିସ୍ଫୋରଣ ପର୍ଯ୍ୟାୟର ପ୍ରଚଣ୍ଡ ଧକ୍କା।

ମୁଁ ଉତ୍କଣ୍ଠିତ ଭାବରେ ନିର୍ନିମେଷ ନୟନରେ ଚାହିଁ ରହିଲି ଆଶିଷକୁ। ଆଶିଷ ଯନ୍ତ୍ରଣାକାତର କଣ୍ଠସ୍ୱରରେ କହିଲା– ଓଃ କି ଯନ୍ତ୍ରଣା! ସାରା ଦେହର ଅଧିକାଂଶ ଚର୍ମ କୋରିନେଇଯାଇଛି ବିଶାଳକାୟ ଟ୍ରକ୍।

କ'ଣ କହିବାକୁ ଚାହୁଁଥିଲା ଆଶିଷ, ତାହା ନା ପଚାରିବାର ମୋର ପ୍ରୟୋଜନ ଥିଲା, ନା ପାଠକମାନଙ୍କୁ ବର୍ଣ୍ଣନା କରି ବୁଝାଇବାର ରହିଛି ଆବଶ୍ୟକ।

ମୁଁ ଉଦ୍‌ବେଗଭରା କଣ୍ଠରେ କହିଉଠିଲି– ତା' ପରେ?

: ନା ସାର୍, ଆଉ କିଛି ମନେନାହିଁ। ଯେତେବେଳେ ଶୈଶବ କାଳର ସଚେତନ ଅବସ୍ଥାରେ ମୁଁ ଉପନୀତ, ସେତିକିବେଳେ ଜାଣିଲି ଏହା ଆମର ଘର ନୁହେଁ। କୁଆଡ଼େ ଗଲେ ମୋର ପିତାମାତା ଭାଇ ବନ୍ଧୁ କିଛି ଜାଣି ନ ପାରି ଅଣନିଃଶ୍ୱାସୀ ଅନୁଭବ କଲି।

ଏହାପରେ ସେହି ପୂର୍ବ ପ୍ରଶ୍ନ ମୋର ଦୋହରାଇଲି ଥରକୁଥର। ଆଶିଷ କହିଲା– ମୋର ତ କିଛି ମନେନାହିଁ ଆଉ। କିନ୍ତୁ ଯେତେବେଳେ ଘଟିଥିଲା ମୋର ଜନ୍ମ, ସେ ସମୟରେ ଶରୀରର ଅଧିକାଂଶ ଥିଲା ଚର୍ମବିହୀନ। ଚିକିତ୍ସା ପରେ ଧୀରେ ଧୀରେ ଲାଭ କଲି ନବୀନ ଆସ୍ତରଣ।

ଆଶିଷକୁ କ'ଣ ପଚାରିଥା'ନ୍ତି ଆଉ ଏହାପରେ। କହିଲି– ମନେପଡ଼େ କି ଆଶିଷ ତୁମର ନାଁ ଥିଲା କ'ଣ? ଉଜ୍ଜ୍ୱଳ ହୋଇଉଠିଲା ଏ ପ୍ରଶ୍ନରେ ତା'ର ଆଖିପିତୁଳା। କହିଲା– ସାର୍, ସମ୍ପୂର୍ଣ୍ଣ ଆଉ ସ୍ପଷ୍ଟ ଭାବରେ ମନେଅଛି। କ୍ଷଣେ ରହିଲା ନିରବ। ଜାଣିଥିଲା ଏହାପରେ କ'ଣ ପଚାରିଥା'ନ୍ତି ମୁଁ। କହିଲା– "ସାର୍, ମୋ' ନାଁ ଥିଲା ସନ୍ତୋଷ ପଣ୍ଡା। ଆଉ ମୋର ଭାଇଙ୍କ ନାଁ ହେଉଛି ଅନନ୍ତ ପଣ୍ଡା। ଏତିକି ବ୍ୟତୀତ ଆଉ କିଛି ହେଲେ ସ୍ମରଣ କରିପାରି ନାହିଁ ମୁଁ।"

ଚକିତ ଦୃଷ୍ଟିରେ ଆଶିଷକୁ ଅନାଇ ରହିବା ଥିଲା ମୋ' ପାଇଁ ସ୍ୱାଭାବିକ। ଏବେ ବି ସେ ପିଏଚ୍.ଡି. କୋର୍ସ ୱାର୍କ କରେ। ମୋ' କ୍ଲାସ୍‌କୁ ଆସେ। ଅନ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରୁଥିବାବେଳେ ସେ ରହେ ଏଥିରୁ ସମ୍ପୂର୍ଣ୍ଣ ନିବୃତ୍ତ। ସେ ଜାଣେ ମୁଁ ଯେଉଁଦିନ ଡିପାର୍ଟମେଣ୍ଟ ଯାଏ, ସେଦିନ ଫେରିବା ବେଳକୁ ହୋଇଯାଏ ସନ୍ଧ୍ୟା ଉତ୍ତୀର୍ଣ୍ଣ। ଏହି ସମୟରେ ହିଁ ଘଟେ ଆଗମନ ଆଶିଷର। ନିଭୃତ କକ୍ଷରେ ପ୍ରଗଳ୍ଭ ଭାବ ଉଚ୍ଛଳ ହୋଇଉଠେ ତା'ର। ପଚାରିଲି ଦିନେ ଏ ପ୍ରସଙ୍ଗ କାହାକୁ ଜଣାଇଛ? ଆଶିଷ ଉତ୍ତର ଦେଲା– ସାର୍, ଆପଣଙ୍କ ବ୍ୟତୀତ ଆଉ କେହି ଏହି ଅଭେଦ୍ୟ ରହସ୍ୟ ଜାଣିନାହାନ୍ତି। ଜାଣେନା ଆପଣଙ୍କ ଆଗରେ କିପରି ଉନ୍ମୋଚିତ ହୋଇଗଲା ଆଶିଷ ମଧ୍ୟରୁ ସନ୍ତୋଷ ପଣ୍ଡା।

ମୋ: ୯୯୩୭୩୬୫୬୯୮

## ବର୍ଷା: ୩ଟି ସ୍କେଚ୍

ଦୀପକ କୁମାର ମହାନ୍ତି

### ଜାୟା

ଲଘୁଚାପଜନିତ ବର୍ଷା ଲାଗି ରହିଥିଲା। ଚାରିଆଡ଼େ ଜଳାର୍ଣ୍ଣବ। ବିବେକ ବାବୁଙ୍କ ଘରେ ବିବର୍ଷାର ପ୍ରକୋପ ଜୋର୍ ଧରିଥିଲା ଗତ ରାତିରୁ। ଶିଖାଦେବୀ ସାଙ୍ଗର ବିବାହ ବାର୍ଷିକୀ ଉତ୍ସବକୁ ଯାଇ ନ ପାରିବାରୁ ସ୍ୱାମୀଙ୍କ ଉପରେ ଗୁମାନ କରି ଖଟ ଉପରେ ଶୋଇ ରହିଥିଲେ। ଭୋକ ଉପାସରେ ସକାଳୁ ସକାଳୁ ବିବେକ ବାବୁ ଅଫିସ ବାହାରି ପଡ଼ିଲେ ରିଲିଫ କାର୍ଯ୍ୟ ତଦାରଖ କରିବା ପାଇଁ। ବର୍ଷାରେ ଭିଜି ଭିଜି ବାହାରିଲା ବେଳେ ଭାରି ଖୁସି ଥିଲା ଭଳି ଜଣା ପଡୁଥିଲେ ସେ। ସ୍ତ୍ରୀର ଗାଳି/ ନିର୍ଯାତନାର ବର୍ଷା ଅପେକ୍ଷା ବାହାର ବର୍ଷା ସତେ ଯେମିତି ତାଙ୍କୁ ଖୁବ୍ ଆନନ୍ଦ ଦେଉଥିଲା।

### ଜନନୀ

ହଠାତ୍ ସ୍ତ୍ରୀ ଶିଖାଙ୍କ ଫୋନ୍ ପାଇ ବିବେକ ବାବୁ ହଡ଼ବଡ଼େଇ ଗଲେ। ଏ ଅସମୟରେ! କ'ଣ ହେଲା?

: ଉତ୍ତର ଆସିଲା, ଆଜି ସେ ଅଟୋବାଲା ଆସିବ ନାହିଁ ବୋଲି କହୁଥିଲା। ସୋନୁର ସ୍କୁଲ କେତେବେଳୁ ଛୁଟି ହେଲାଣି। ମିସ୍ ଏବେ ଫୋନ୍ କରିଥିଲେ, ସ୍କୁଲରେ ପୁଅ ଏକା ଅଛି।

: ମୁଁ କେମିତି ଯିବି। ଏଠି ବର୍ଷା ଜୋର୍‌ରେ ଗାଳୁଛି। ଟିକେ କମିଯାଉ ଦେଖିବା।

: କ'ଣ ଦେଖିବା? ତୁମେ କିଭଳିଆ ବାପ କିହୋ? ପିଲାମାନଙ୍କ ପାଇଁ ବାପାମାନେ କେତେ କ'ଣ କରୁଛନ୍ତି। ତୁମେ କହୁଛ ଦେଖିବା। ବର୍ଷାରେ ଓଦା ହେଲେ ତୁମକୁ କ'ଣ ଥଣ୍ଡା ଧରିବ ନା ଜ୍ୱର ମାଡ଼ିବସିବ। ସକାଳୁ କ'ଣ ଦି'ଟା ଖାଇକି ଯାଇଥିଲା ଯେ, ଭୋକରେ ପୁଅ ମୋର ଆଉଟୁପାଉଟୁ ହେଉଥିବ, ତୁମର ଟିକେ ନିଘା ନାହିଁ। ଶିଖାଦେବୀଙ୍କ କଣ୍ଠ ବାଷ୍ପରୁଦ୍ଧ ହେଲା ଭଳି ଲାଗିଲା।

: ହଉ, କହି ରାଗ ତମତମ ହୋଇ ବର୍ଷାରେ ବାହାରି ପଡ଼ିଲେ ବିବେକ ବାବୁ।

### ଭଗିନୀ

ସେଦିନ ଥାଏ ରାଖୀପୂର୍ଣ୍ଣିମା। ଶ୍ରାବଣ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥି। ଦିନସାରା ବର୍ଷା ଲାଗିରହିଥାଏ। ବିବେକ ବାବୁଙ୍କ ଗୋଟିଏ ବୋଲି ଭଉଣୀ ମିନୁ। ସେ ପୁଣି ବିବାହିତା। ପ୍ରତ୍ୟେକ ବର୍ଷ ଆଜିର ଦିନରେ ମିନୁ ଯେମିତି ହେଲେ ଭାଇ ହାତରେ ରାଖୀ ବାନ୍ଧିବାକୁ ବିବେକ ବାବୁଙ୍କ ଘରକୁ ଆସେ। ବିବେକ ବାବୁ ବି ଛୁଟି ନେଇ ରକ୍ଷାବନ୍ଧନ ଉତ୍ସବଟିକୁ ଘରେ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ଯେତେ ଡେରି ହେଲେ ବି ଭଉଣୀ ଆସିବା ବାଟକୁ ଚାହିଁ ରହିଥାନ୍ତି ସେ। ଆଜିର ବର୍ଷା ସବୁ ବିଗାଡ଼ି ଦେଇଥିଲା ଯେମିତି।

ବର୍ଷାର ପ୍ରକୋପ ବଢ଼ିଚାଲିଥିଲା। କିଛି ସମୟ ପରେ ଗାଡ଼ିରୁ ଓହ୍ଲାଇ ଛତାଟିଏ ଧରି ଘର ଭିତରକୁ ପଶି ଆସିଲା ମିନୁ। ଶୁଭ ମୁହୂର୍ତ୍ତ ଗଡ଼ିଯାଉଥିଲା। କାଳ ବିଳମ୍ବ ନ କରି ହାତରେ ପୂଜା ଥାଳି ଧରି ଘର ଅଗଣାରେ ଥିବା ଚଉଁରାମୂଳରେ ପହଞ୍ଚିଗଲା ସେ। ଭାଇ ହାତକୁ ଛତାଟି ବଢ଼େଇ ଦେଇ ସେଇ ବର୍ଷାରେ ଓଦା ହୋଇ ଭାଇର ଶୁଭ ମନାସୁଥିଲା।

ମୋ: ୯୪୩୮୩୨୯୦୫୯

## କାଳକାଳକୁ

"ସଫଳତା ନୁହେଁ,
ବିଫଳତା ହିଁ ଆମକୁ ଶିକ୍ଷା ଦିଏ।"
–ବ୍ରାମ୍ ଷ୍ଟୋକର୍



**ବ୍ରାମ୍ ଷ୍ଟୋକର୍‌ଙ୍କ** ଜନ୍ମ ୮ ନଭେମ୍ବର ୧୮୪୭ରେ ଆୟର୍ଲାଣ୍ଡରେ ଓ ପରଲୋକ ୨୦ ଏପ୍ରିଲ ୧୯୧୨ରେ, ଇଂଲଣ୍ଡରେ। ୧୮୯୭ରେ ଲିଖିତ 'ଡ୍ରାକୁଲା' ଉପନ୍ୟାସ ପାଇଁ ସେ ପ୍ରସିଦ୍ଧ। ଲେଖକ ଜୀବନ ପ୍ରାରମ୍ଭରେ ସେ ଆଇରିଶ୍ ଭାଷାରେ ପ୍ରକାଶିତ ଏକ ଖବରକାଗଜ ପାଇଁ ନାଟ୍ୟ–ସମୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ ଓ ଏଥିସହିତ ଗଳ୍ପ ଲେଖୁଥିଲେ। 'ଡ୍ରାକୁଲା' ଉପନ୍ୟାସକୁ ଭିତ୍ତିକରି ବହୁ ନାଟକ ରଚିତ ହୋଇଛି ଓ ଏକାଧିକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଷ୍ଟୋକର୍ କହନ୍ତି: "ଜ୍ଞାନ ସ୍ମୃତିଠାରୁ ଶକ୍ତିଶାଳୀ। ସୁତରାଂ ଆମେ ଦୁର୍ବଳକୁ ଭରସା କରିବା ଉଚିତ୍ ନୁହେଁ।"

## ପୁସ୍ତକ ପରିଚୟ

### ଅଶ୍ରୁ ଅନଳ




**କବି:** ବିଜୟ ମହାପାତ୍ର
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୪୫/–

'ଭ୍ରମ ଭ୍ରମଣ' (୧୯୯୭) ଓ 'ଗଭୀର ହେବାଯାଏ' (୨୦୦୪) କବିତାଗ୍ରନ୍ଥ ଦ୍ୱୟ ଏକାଠି 'ଅଶ୍ରୁ ଅନଳ' ନାମରେ ପ୍ରକାଶ ପାଇଛି। 'ଗଭୀର ହେବାଯାଏ'ର ପ୍ରାରମ୍ଭରେ ସେଦିନ ବିଜୟ ଲେଖିଥିଲେ: "ଭଲ କବିତା କିଛି ବୁଝି ହେଉ ନ ଥିଲେ ବି ରସାମୋଦ କରେ। କବିତାକୁ କେଉଁଠି ଓହ୍ଲାଇବାକୁ ପଡ଼ି ନ ଥାଏ ବରଂ ପାଠକକୁ କିଛି ପାହାଚ ଖସି ଆସିବାକୁ ହୋଇଥାଏ x x।" ପ୍ରକାଶଭଙ୍ଗୀରେ ସାମାନ୍ୟ ଜଟିଳତା ସତ୍ତ୍ୱେ ବିଜୟ କିନ୍ତୁ ଅବୋଧ କବିତା ଲେଖନ୍ତି ନାହିଁ, ଏ ବହିଟି ତା'ର ପ୍ରମାଣ। ଦୁଇ ବହିରୁ ଦୁଇଟି ଉଦ୍ଧୃତି ନେବା– ୧. "ନା, ପତ୍ନୀଙ୍କୁ ତୋଷି ହେଲା ନାହିଁ/ ଗାଭୀଙ୍କୁ ଖୁଆଇ ହେଲାନି ପର୍ଯ୍ୟାପ୍ତ ମୁଠାଘାସ ;/କ୍ଷୀରସାଗରସମ୍ଭବା କୁଆଡ଼େ ଏ ତଳିତଳାନ୍ତ/ପ୍ରତିଦିନ କର୍ଷିତ ଲୁଣ୍ଠିତ ଏ ମାଟି ଏ ମାଟି।" ୨. "x x ସୂର୍ଯ୍ୟ ଯେଉଁଠାରେ/ପ୍ରଥମେ ପଡ଼େ କୋଣାର୍କରେ/ ମୁଁ ଠିଆହେଲି ;/ ଠିଆହେଲି ନିଜର ବିଭିନ୍ନତାରେ,/ କେତେବେଳେ ନିଜକୁନିଜେ/ କୂଳ ହେଲିତ କେତେବେଳେ/ ପ୍ରଳୟ ପୟୋଧିଜଳେ।" କବିତାରେ ଯଦିଓ ଅସ୍ୱଚ୍ଛତା ରହିଛି, କିନ୍ତୁ ଏହା ଇଚ୍ଛାକୃତ ନୁହେଁ। ଯେତିକି ଅସ୍ୱଚ୍ଛତା କବିତା ପାଇଁ ସ୍ପୃହଣୀୟ, ସେତିକିରେ ବିଶ୍ୱାସ ରଖନ୍ତି କବି। କବି ଦିଲୀପ କୁମାର ସ୍ୱାଇଁ 'ପ୍ରାକ୍‌ଭାଷ'ରେ ଲେଖିଛନ୍ତି: "ଏ କବିତା ଅନ୍ତରାତ୍ମାର ଆହ୍ଲାଦ। ଧୂସର ପୁରୁଷତ୍ୱର କାରୁଣ୍ୟ କବଚ। ଅକ୍ଷରମାନଙ୍କ ଲୁହମୟ ନୀରବତା। ଏକ ନିଃଶବ୍ଦ ଶୋଭାଯାତ୍ରା।" ପାଠକେ ବିଜୟଙ୍କ ଦୁଇ ବହିର ବିଳମ୍ବିତ ପରିଣୟରୁ ଆବେଗିକ ଓ ବୌଦ୍ଧିକଭାବେ ଲାଭବାନ୍ ହେବେ ବୋଲି ଆଶା।

### ମୋ ଜୀବନ ମୋ ସମୟ




**ଲେଖକ:** ଅତନୁ ସବ୍ୟସାଚୀ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୩୫୦/–

ଆଲୋଚ୍ୟ ପୁସ୍ତକଟି ଏକ ଆତ୍ମଜୀବନୀ, ଯଦିଓ ଅତନୁଙ୍କର ଜୀବନଯାତ୍ରା ଆହୁରି ଯଥେଷ୍ଟ ବାକି ଅଛି। ତେବେ ସାମ୍ବାଦିକତା, ରାଜନୀତି ଓ ନିଜର କର୍ମମୟ ଜୀବନର ତ୍ରିଧାରା ଭିତରୁ ସେ ଯାହା ଅର୍ଜନ କରିଛନ୍ତି, ତା'ର ବିଶ୍ୱସ୍ତ ସ୍ମୃତିଲେଖ ଏ ବହିଟି। 'ଭୂମିକା' ଓ 'ପରିଶିଷ୍ଟ' ବ୍ୟତୀତ ବହିଟିରେ ତିନୋଟି ଅଧ୍ୟାୟ ରହିଛି– ୧. ସ୍ମୃତିମଖା ଆଦ୍ୟକାଳ, ୨. କର୍ମମୁଖର ମଧ୍ୟକାଳ ଓ ୩. ମୁହୂର୍ତ୍ତ ସର୍ବସ୍ୱ ବର୍ତ୍ତମାନ। ଅତନୁଙ୍କ ବାପା ପାଟକୁରାର ଗାନ୍ଧୀ ଭାବେ ସମଗ୍ର ଭାରତବର୍ଷରେ ପ୍ରତିଷ୍ଠିତ ଥିଲେ ଓ ମାଆ ଥିଲେ ସାରସ୍ୱତ–ସାଧିକା। ନିଜର ଗାନ୍ଧିବାଦୀ ପିତା ଓ ଓଡ଼ିଶାର ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱ ବିଜୁବାବୁଙ୍କ ଯୋଗୁଁ ସେ ସାମ୍ବାଦିକତା ଛାଡ଼ି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ 'ବିଜୁ ଜନତା ଦଳ'କୁ ନିଜ ରାଜନୈତିକ ବିଚରଣର ସମ୍ଭାବନାପୂର୍ଣ୍ଣ ଭୂମି ଭାବେ ବରଣ କରିନେଇଥିଲେ। 'ଭୂମିକା'ରେ ଲେଖକ ଲେଖିଛନ୍ତି: "ଏ ପୁସ୍ତକ ନବୀନବାବୁଙ୍କ ସହିତ ମୋର ଆବେଗିକ ସମ୍ପର୍କ ତଥା ପ୍ରତ୍ୟକ୍ଷ ରାଜନୀତିରେ ମୋର ସ୍ଥିତିକୁ ନେଇ କେବଳ ନୁହେଁ, ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ତତ୍କାଳୀନ ବହୁ ପରିବେଶ, ବହୁ ଘଟଣା ତଥା ମୋ ଜୀବନ ସଂଘର୍ଷର ସେହି ଦୀର୍ଘ ବର୍ଷଗୁଡ଼ିକର ସ୍ମୃତିଚାରଣ ମଧ୍ୟ।" ନିଜର ନାମକରଣର ପଶ୍ଚାତ୍‌ରେ ଥିବା କାରଣ ସାଙ୍ଗକୁ ବିଜୁବାବୁଙ୍କ ସାନପୁଅ ନବୀନଙ୍କ ସମ୍ପର୍କରେ ଥିବା ସକାରାତ୍ମକ ଧାରଣାକୁ ସେ ଯେପରି ଏ ବହିଟିରେ ଉଜାଗର କରିଛନ୍ତି, ବହିଟି ନ ପଢ଼ିଲେ ତାହା ଜାଣିବା ସମ୍ଭବ ହେବନାହିଁ। ବହିଟିର ଶୀର୍ଷକ "ମୋ ଜୀବନ ମୋ ସମୟ" ରଖାଯାଇଥିଲେ ବି ଏହାର ବହୁ ଅଂଶ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ସ୍ପଷ୍ଟ କରିବାରେ ବ୍ୟୟିତ। ନିଜର ଆତ୍ମଜୀବନୀରେ ଆତ୍ମପ୍ରୌଢ଼ି ନ ଦେଖାଇ ଉଦାର ଚିତ୍ତରେ ଅନ୍ୟର ପ୍ରଶଂସା କରିବା କ୍ୱଚିତ୍ ଲେଖକଙ୍କ ରଚନାରେ ପରିଦୃଷ୍ଟ ହୋଇଥାଏ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## କବିତା

### ଟଙ୍କା

ମଧୁସୂଦନ ଦାଶ

କିଛି ଲୋକ ଟଙ୍କାରେ କିଣା ହୁଅନ୍ତି
କିଛି ଲୋକ ଟଙ୍କା କିଣନ୍ତି
କିଛି ଲୋକ ଟଙ୍କା ହୋଇ ବଞ୍ଚନ୍ତି
ଅନ୍ୟର ଖର୍ଚ୍ଚ ପାଇଁ।

### ଦୁଃଖ

ଦୁଃଖ ଏକ ଛୁଞ୍ଚି
ଫୋଡ଼େ କମ୍ ଯୋଡ଼େ ବେଶୀ
ଦୁଃଖ ଏକ ରେଞ୍ଚି
ଖୋଲେ କମ୍ ଭିଡ଼େ କଷି।

ମୋ: ୯୪୩୭୩୩୨୪୯୮

ଗୀତି–କବିତା

### ପରିବର୍ତ୍ତନର ରଙ୍ଗ

ଶରତ ଦାଶ

ରଜଦୋଳି ଖେଳ ପାସୋର ଗଲାଣି
କୁମାରପୂର୍ଣ୍ଣମୀ ଜହ୍ନ
କେବେଠୁ ମହତ ହରାଇ ଦେଲାଣି
କେବଳ ରହିଛି ଚିହ୍ନ।

ଷଠୀଘର ଆଉ ହେଉନି କାନ୍ଥରେ
ଅନ୍ତୁଡ଼ି ଜଳୁନି ଆଉ
ତିଥିବାର ଦେଖି ଅସ୍ତ୍ର ଉପଚାରେ
ଜନ୍ମିଲେ ବଢ଼ଇ ଭାଉ।

ପିଠାପଣା ଆଉ ଦୋଳଯାତରାରେ
ହେଉନାହିଁ ଘରେ ଘରେ
ଦିତିଆ ଓଷାର ନାହିଁ ସେ ଉତ୍ସାହ
ସାବିତ୍ରୀ ଗଲାଣି ଦୂରେ।

ସୁଦଶାବ୍ରତର ମହତ ସାରିଛି
ଓଡ଼ିଆ ବାଉଳା ମନ
ଚାନ୍ଦଓଷା ଏବେ କରୁନାହିଁ ମାଆ
ସନ୍ତାନ ସୁଖ କାରଣ।

କାର୍ତ୍ତିକ ମାସରେ ଗାଆଁରେ ଗାଆଁରେ
ରାହାସ ହୁଅଇ ନାହିଁ
ଭକ୍ତିଭାବ ସବୁ ଚୁଲିକୁ ଗଲାଣି
ପ୍ରଦର୍ଶନେ ସର୍ବେ ବାଇ।

ବିବାହ ପୂର୍ବରୁ ନାହିଁ ଆଉ ଏବେ
ମଙ୍ଗନର ରୀତିନୀତି
ମେହେନ୍ଦିରସମ ସଙ୍ଗୀତରେ ଏବେ
ବିତୁଛି ଅନେକ ରାତି।

ବିବାହ ପୂର୍ବରୁ ବରକନ୍ୟା ଏବେ
କରୁଛନ୍ତି ପ୍ରେମଲୀଳା
କି ଥିଲା ଏ ରାଜ୍ୟ କି ହୋଇଲା ଆଜ
ଭାବିଲେ ବୁଢ଼ଇ ଭେଳା।

ନିଜ ପରମ୍ପରା ସବୁ ଖାଇ ଆମେ
ବିକାଶେ ଯାଇଛୁ ମାତି
ପର ପରମ୍ପରା ରୀତିନୀତି ସବୁ
ଆଦରିଛୁ କରି ପ୍ରୀତି।

ଅସ୍ମିତା ଆମର କେବେଠୁ ମଲାଣି
ଖାଲି ପଡ଼ିଛି ତା' ଶବ
ନେତା ଅସ୍ମିତାର ଭାଷଣରେ ଲିପ୍ତ
କରିବାକୁ ମତଲାଭ।

ମୋ: ୯୮୬୧୦୯୨୮୩୫

### କେବେକେବେ

ଅଶୋକ କୁମାର ମଲ୍ଲ

ଅଶିଣର ଏ ଆକାଶ ଅଚାନକ ଗୁମ୍‌ସୁମ୍ କିଆଁ
ମେଘର ଚାନ୍ଦୁଆ ତଳେ ମନ ମାରେ ଶୁଆନାକି ଗାଁ।
ନଈପଠା କାଶତଣ୍ଡୀ ଗୁଣୁଗୁଣୁ ଦରଜର ଦୋହା
କାହାଲାଗି ଧାରେ ନଈ ମାଗୁଥାଏ ଦରିଆଠୁ ଦୁଆ।

ବାରହୁଡ଼େ କି ଏ ବରଷା ବାଟ ଭୁଲି ସଅଳ ଗୋପନେ
ପଦ୍ମବନେ ସିଂହଦ୍ୱାରେ କାହା ପାଇଁ ଭ୍ରମର ବାହୁନେ!
ନିମିଷକେ ପାଦ ଖସେ, ଖସେ ପୁଣି ସୁବର୍ଣ୍ଣ କିରୀଟ
ଏ ଅନନ୍ତ ଯାତନାର ଶେଷଦୃଶ୍ୟ କେଉଁଠି କୁହ ତ!

ଅପହୃତ ଏ ସମୟ ଆଉ ଥରେ ଫେରୁ କି ନ ଫେରୁ
ବାଟ ଭୁଲି ଅନ୍ଧ ନଈ କୂଳ ଲଂଘୁ କେତକୀ ଲୋଭରେ
କାହାର କୁହାଟେ ନିଶା ଝଡ଼ିଯାଏ ମାତାଲ ମଥାରୁ
ଏ ଫୁଙ୍ଗୁଳା ଆକାଶ କି ଆଶ୍ରା ଦେବ ସମୟ ଶେଷରେ।

ପଳାତକ ପାପୀ ଭଳି ପ୍ରାରବ୍ଧ କି ଝାଡ଼ିଦିଏ ନିଃଶ୍ୱାସର ପତ୍ର
କଣିକାଏ ବିଶ୍ୱାସରେ କେବେକେବେ ଅହଙ୍କାର ବଦଳେ ଚରିତ୍ର।

ମୋ: ୯୪୩୭୦୨୨୯୬୮

### ଆଡ଼ବାୟାଣୀ ମା' ମୋର

ହରିଶ୍ଚନ୍ଦ୍ର ବେହେରା

କାହିଁକି କେଜାଣି ଏ ନଈକୂଳ ମୋତେ ଟାଣେ
ବର୍ଷ ବର୍ଷ ତା' ଆକର୍ଷଣ ମୋଟେ ସରେ ନାହିଁ
ଜହ୍ନା ମହୁରାଳି ଟଣିଆଙ୍କ ଗୋଡ଼ିଆଗୋଡ଼ି ଖେଳ
ନାଉରୀ ଭାଇର ମନ ଉଲୁସା ଗୀତ
ଚଡ଼ାରେ ଚେନାଏ ଆଳୁ ବାଦାମର
ଛନ୍‌ଛନ୍ ସବୁଜ ସମାରୋହ
ପଠାରେ ଆଙ୍କ ଭଇଁଛ ଭୂଇଁ ବରକୋଳିର
ଧୂଳି ଧୂସର ଲାବଣ୍ୟ ଛନ୍ଦି ଦିଏ ପାଦ।

ତୁଠ ପଥରରେ ଲେସି ହେଇଯାଏ ଗାଁ ଯାକର ଖୁସି
ବହକି ବେଦନା ଭୁଆସୁଣିର ଅଳତାବେଢ଼
ଲହୁଲୁହାଣ କେତେ ଦୁଃଖ
ଗଁଠେଇ ଦେଇଛି ତା' ଚିରା ପଣତରେ
ନିଶବଦ ରାତିରେ
ଗାଁର ଗର୍ଭଗୃହରୁ ଶୁଭେ ତା' ପାଉଁଜିର ଛମ୍‌ଛମ୍।

ଖୁବ୍ ଦୁଃଖ ଲାଗିଲେ ବସେ ଏ ନଈପଠାରେ
ସେ ବୁଝେଇଦିଏ
ଦେଖୁନ ଟୋପାଏ ଟୋପାଏ ଲୁହ ସଞ୍ଚି
କେମିତି ବୋହିଯାଉଛି ନଈ ହୋଇ
ଯେତେ ପାରୁଛ ସଞ୍ଚିଯାଅ ଦୁଃଖ
ତା'ଠୁଁ ଏତେ ଆପଣାର ଆଉ କେହି ନାହିଁ।

ବଡ଼ିସକାଳୁ ଶୁଣେ ନଈ ଗାଉଥାଏ
ଶେଷ ରାତ୍ରିର କାନ୍ଦଣା
ପୃଥିବୀର ଚିକ୍କଣ ଗାଲରେ ବାଳସୂର୍ଯ୍ୟ
ଆଙ୍କୁଥାଏ ଚୁମା।

ଉଦାସ ଅପରାହ୍ଣରେ ଆରପଟ ଆକାଶରେ
ଉଡୁଥିବା ଗୋଟେ ଏକ୍‌ଲା ପକ୍ଷୀର ଗୀତ
କାହିଁକି ଏତେ ଆନମନା କରେ ମୋତେ!
ଗୋଟେ ଅଭିମାନୀ ମୁହଁ ଦିଶେ ସେଇଠି
ଇନ୍ଦ୍ରଧନୁ ଫାଙ୍କରୁ।

ସବୁ ଜାଣେ ଏ ଆଡ଼ବାୟାଣୀ ନଈ
କିଛି କହେନି
ଯାଚିଲି ମୋ' ଅଲୋଡ଼ା ଆୟୁଷ
ନେଲା ନାହିଁ।

ମୁଁ ତ ହରେଇ ଦେଇଛି ବୋଉକୁ
ଟିକେ ମନ ଖୋଲି କାନ୍ଦିପାରୁନି କାହା ପାଖରେ
ମୋତେ ତୋ' କୋଳରେ ମୁହଁ ଢାଙ୍କିବାକୁ ଦେ
ମା' ମୋର
ଶାନ୍ତିରେ ଘଡ଼ିଏ ଶୋଇପଡ଼ନ୍ତି
ନାନାବାୟା ଗୀତ ପଦେ ଶୁଣୁଣୁଣୁ।

ମୋ: ୯୪୩୭୮୧୩୭୦୮

## କଳାରୁ ଧଳା

ଶିବ ମିଶ୍ର

ମିନି କଥା

ସେଦିନ ରାଜଦରବାରର ଦ୍ୱାର ଖୋଲୁ ଖୋଲୁ କିଛି ଲୋକ ସେ ଭିତରକୁ ଧସେଇ ପଶିଲେ। ସେମାନେ ଦେଶର ଜଣାଶୁଣା ବିଦ୍ୱାନ୍, ପଣ୍ଡିତ ହୋଇଥିବାରୁ ଦ୍ୱାରରକ୍ଷୀମାନେ ସେମାନଙ୍କୁ ବାଧା ଦେଇ ପାରିଲେ ନାହିଁ। ସେହି ବିଦ୍ୱାନ୍ ପଣ୍ଡିତମାନେ ଯାଇ ମହାରାଜାଙ୍କୁ କହିଲେ– ମହାରାଜ! ରକ୍ଷା କରନ୍ତୁ। ଏହି ଦାରୁଣ ବିପତ୍ତିକୁ ମଣିମା ହିଁ ଟାଳିପାରିବେ। ଏଥିପାଇଁ ଆଉ କାହାର ସାମର୍ଥ୍ୟ ନାହିଁ। ମହାରାଜା ପଚାରିଲେ– ଘଟଣା କ'ଣ? ଆପଣମାନଙ୍କ ଉପରେ କି ପ୍ରକାର ବିପତ୍ତି ପଡ଼ିଛି? ବିଦ୍ୱାନ୍ ପଣ୍ଡିତମାନେ କହିଲେ– ଆମ ଉପରେ ନୁହେଁ, ଆମ ଭାଷା ଉପରେ ବିରାଟ ବିପଦର ଘନ ଅନ୍ଧକାର ଘୋଟିଯାଇଛି। ବିଦେଶୀ ଭାଷାର ପ୍ରଭାବରେ ଆମ ଭାଷା ଦିନୁଦିନ ବିକଳାଙ୍ଗ ହୋଇଯାଉଛି। ଯାହା ଜଣାପଡୁଛି, ଆଗାମୀ କିଛି ଦିନରେ ଆମ ଭାଷାର ଚିହ୍ନବର୍ଣ୍ଣ ରହିବ ନାହିଁ।

ମହାରାଜା କହିଲେ– ନା, ସେପରି ହେବାକୁ ଦିଆଯିବ ନାହିଁ। ଏହି ବିପଦର ନିରାକରଣ ନିମିତ୍ତ ତାଙ୍କୁ ମାତ୍ର ସାତ ଦିନ ସମୟ ଆବଶ୍ୟକ ବୋଲି ମହାରାଜା କହିବାରୁ, ପଣ୍ଡିତମାନେ କହିଲେ– ଆମ ଭାଷା ସୁରକ୍ଷିତ ନ ହେବାଯାଏଁ ଆମେମାନେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବୁ ନାହିଁ। ସାତଦିନ ଏହିଠାରେ ରହିବୁ। ତାହା ହିଁ ହେଲା। ସେମାନେ ରାଜାଘର ଖାନା ଖାଇ ରାଜାଙ୍କ ଅତିଥି ଭବନରେ ଅବସ୍ଥାନ କଲେ। ଦିନ ଦିନ ହୋଇ ସାତଦିନ ଗଲା। ଆଠଦିନର ସକାଳୁ ମହାରାଜାଙ୍କର ଜଣେ ଦୂତ ଆସି ପଣ୍ଡିତମାନଙ୍କୁ କହିଲେ– ରାଜ୍ୟର ପ୍ରଜାମାନେ ଆମ ଭାଷାକୁ ଆଉ ଭୁଲିପାରିବେନି, ତାହା ସହିତ ଭାଷାର ସମ୍ମାନ ମଧ୍ୟ ବୃଦ୍ଧି ପାଇବ, ସେଥିପାଇଁ ମହାରାଜା ଉଚିତ ପଦକ୍ଷେପ ନେଇ ସାରିଛନ୍ତି। ପଣ୍ଡିତମାନେ ପଚାରିଲେ– ମହାରାଜା ଏଥିପାଇଁ କି ପ୍ରକାର ପଦକ୍ଷେପ ନେଇଛନ୍ତି? ଦୂତ କହିଲେ– ଏହି ସାତଦିନ ମଧ୍ୟରେ ଦେଶର ପଲ୍ଲୀଠାରୁ ନଗର ପର୍ଯ୍ୟନ୍ତ ସବୁଠାରେ ପ୍ରଜାମାନଙ୍କ ନଜର ପଡ଼ିଲା ପରି ଜାଗାମାନଙ୍କରେ ଆମ ଭାଷାର ଖୁବ୍ ସୁନ୍ଦର ମୂର୍ତ୍ତିମାନ ସ୍ଥାପନ କରାଯାଇଛି। ଏବେ ପ୍ରଜାମାନେ ଘରୁ ବାହାରିଲେ ଆମର ଭାଷାକୁ ଦେଖିପାରିବେ।



ଦୂତଙ୍କ କଥା ଶୁଣି ପଣ୍ଡିତମାନେ ମହାରାଜାଙ୍କ ଜୟ ଜୟକାର କରିବାକୁ ଲାଗିଲେ। ସେମାନେ ଭାଷାର ସେହି ସୁନ୍ଦର ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ଗଲାବେଳକୁ ରାଜାଙ୍କ ଗାଈ ଚରାଉଥିବା ଗଉଡ଼ ଟୋକା କୋଉଠି ଥିଲା ଧାଇଁ ଆସି କହିଲା– କଳା ମୁଗୁନି ପଥରରେ ତିଆରି ସେହି ମୂର୍ତ୍ତିଗୁଡ଼ିକୁ ଚଢ଼େଇମାନେ ଗୋଟିଏ ଦିନରେ ଧଳା କରି ଦେଇଛନ୍ତି।

ମୋ: ୯୮୫୩୦୭୦୦୧୮

# ନ୍ୟୁଜିଲାଣ୍ଡ ୨୩୫, ଭାରତ ୮୬/୪

## ତୃତୀୟ ଟେଷ୍ଟ

**ମୁମ୍ବାଇ, ୧।୧୧ (ପି.ଟି.)**

ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଟେଷ୍ଟ। ପ୍ରଥମ ଦିବସରେ ନ୍ୟୁଜିଲାଣ୍ଡ ୨୩୫ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଷ୍ଟମ୍ପ ବେଳକୁ ଭାରତ ୮୬ ରନ ମଧ୍ୟରେ ୪ ଉଇକେଟ ହରାଇ ବିପଦକୁ ଡାକି ଆଣିଛି। ଘରୋଇ ଦଳ ଏବେ ମଧ୍ୟ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ସ୍କୋରଠାରୁ ୧୪୯ ରନ ପଛରେ ରହିଛି। ପ୍ରଥମ ୨ ଟେଷ୍ଟରେ ପରାଜିତ ହୋଇ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ହାରି ସାରିଛି।


୫ ଉଇକେଟ ହାସଲକାରୀ ରବୀନ୍ଦ୍ର ଜାଡେଜା।

### ଜାଡେଜା-ସୁନ୍ଦରଙ୍କ କମାଲ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ମିଡିଲ ଅର୍ଡରରେ ଡାରିଲ ମିଚେଲ ୮୨ ଓ ୱିଲ୍ ୟଙ୍ଗ୍ ୭୧ ରନ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଅଧିନାୟକ ଟମ୍ ଲଥାମ ୨୮ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ କମାଲ ଦେଖାଇଥିଲେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର। ଜାଡେଜା ୫ ଉଇକେଟ ସଫଳତା ପାଇଥିବାବେଳେ ସୁନ୍ଦର ୪ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟ ଉଇକେଟଟି ଆକାଶ ଦୀପ୍‌ଙ୍କୁ ମିଳିଥିଲା। ଜାଡେଜା ଏଠାରେ ଟେଷ୍ଟ କ୍ୟାରିୟରର ୧୪ଶ ୫ ଉଇକେଟ ସଫଳତା ପାଇଥିଲେ। ଏଥିସହ ସେ ଭାରତ ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ତାଲିକାରେ ଜାହିର ଖାଁ ଓ ଇଶାନ୍ତ ଶର୍ମାଙ୍କୁ ପଛରେ ପକାଇ ୫ମ ସ୍ଥାନ ହାସଲ କରିଥିଲେ। ଜାଡେଜାଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ଏବେ ୩୧୪ରେ ପହଞ୍ଚିଛି। ଭାରତୀୟ ବୋଲରଙ୍କ ମଧ୍ୟରେ ଏବେ ତାଙ୍କ ଉପରେ ଅନିଲ କୁମ୍ବଲେ (୬୧୯), ରବିଚନ୍ଦ୍ରନ ଅଶ୍ୱିନ (୫୩୩), କପିଲ ଦେବ (୪୩୪) ଓ ହରଭଜନ ସିଂ (୪୧୭) ରହିଛନ୍ତି। ବେଙ୍ଗାଲୁରୁରେ ୮ ଉଇକେଟରେ ଏବଂ ପୁଣେ ଟେଷ୍ଟରେ ୧୧୩ ରନରେ ହାରିବା ପରେ ମଧ୍ୟ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରହିଥିଲା। ମାତ୍ର ଏଠାରେ ପ୍ରଥମ ଦିବସର ପ୍ରଦର୍ଶନକୁ ଦେଖିଲେ ଏହା କ୍ରମେ ହାତରୁ ଖସୁଥିବା ଅନୁଭବ ହେଉଛି।

### ଭାରତର ଖରାପ ଆରମ୍ଭ

ପ୍ରଥମ ଇନିଂସରେ ଭାରତର ଆରମ୍ଭ ଭଲ ହୋଇନାହିଁ। ରୋହିତ ଶର୍ମା ମାତ୍ର ୧୮ ରନକରି ପ୍ୟାଭିଲିୟନ ଫେରିଛନ୍ତି। ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍ କିଛି ସମୟ ଇନିଂସ ସମ୍ଭାଳି ଆଶା ସୃଷ୍ଟି କରିଥିଲେ। ମାତ୍ର ଜୟସ୍ୱାଲ ୩୦ ରନକରି ଆଉଟ ହେବାସହ ଭାରତୀୟ ଇନିଂସ ହଡ଼ବଡ଼େଇ ଯାଇଛି। ନାଇଟ ୱାଚ୍‌ମ୍ୟାନଭାବେ ଆସିଥିବା ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିବାବେଳେ ଖରାପ ସମୟ ଦେଇ ଗତି କରୁଥିବା ବିରାଟ କୋହଲି ମାତ୍ର ୪ ରନକରି ରନ୍‌ଆଉଟ ହୋଇଛନ୍ତି। ସେ ମିଡ୍‌ଅନ୍‌କୁ ବଲ୍ ଖେଳି ଏକ ରନ ଚୋରାଇ ନେବାକୁ ଉଦ୍ୟମ କରିଥିବାବେଳେ ମ୍ୟାଟ ହେନରିଙ୍କ ଡାଇରେକ୍ଟ ଥ୍ରୋ ତାଙ୍କ ଇନିଂସ ଶେଷ କରି ଦେଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଶୁବମନ ଗିଲ୍ ୩୧ ଓ ରିଷଭ ପନ୍ତ ୧ ରନକରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଜାଜ ପଟେଲ ୨ଟି ଓ ମ୍ୟାଟ ହେନରି ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୩୫/ଅଲ୍‌ଆଉଟ (ଡାରିଲ ମିଚେଲ-୮୨, ୱିଲ ୟଙ୍ଗ-୭୧, ରବୀନ୍ଦ୍ର ଜାଡେଜା-୫/୬୫, ୱାଶିଂଟନ ସୁନ୍ଦର-୪/୮୧, ଆକାଶ ଦୀପ୍-୧/୨୨)। ଭାରତ ପ୍ରଥମ ଇନିଂସ: ୮୬/୪ (ଶୁବମନ ଗିଲ୍-୩୧*, ଯଶସ୍ୱୀ ଜୟସ୍ୱାଲ-୩୦, ଏଜାଜ ପଟେଲ-୨/୩୩, ମ୍ୟାଟ ହେନରି-୧/୧୫)।

# ଟୋକିଓ ମାରାଥନ ରନରଅପ୍ ୪ ବର୍ଷ ବାସନ୍ଦ

**ମୋନାକୋ, ୧।୧୧ (ଏପି)**


ଟିସେହେ ଗେମେଚୁ

ବ୍ଲଡ୍ ଡୋପିଙ୍ଗ ସନ୍ଦେହରେ ପୂର୍ବତନ ଟୋକିଓ ମାରାଥନ ରନରଅପ୍ ଟିସେହେ ଗେମେଚୁଙ୍କୁ ୪ ବର୍ଷ ବାସନ୍ଦ କରାଯାଇଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି। ଇଥିଓପିଆର ଏହି ୨୫ ବର୍ଷୀୟଙ୍କ ୨୦୨୦ ମାର୍ଚ୍ଚରୁ ସେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗିତାର ଫଳାଫଳକୁ ପୁରସ୍କାରକୁ ଅଯୋଗ୍ୟ ଘୋଷଣା କରାଯାଇଛି। ତନ୍ମଧ୍ୟରେ ୨୦୨୩ ମାର୍ଚ୍ଚରେ ଟୋକିଓରେ ଅନୁଷ୍ଠିତ ଏଲିଟ ଲେଭଲ ରେସ୍‌ରେ ଦ୍ୱିତୀୟ ସ୍ଥାନ

### ବ୍ଲଡ୍ ଡୋପିଙ୍ଗ

ଅନ୍ୟତମ। ସେ ମାତ୍ର ୨ ଘଣ୍ଟା ୧୭ ମିନିଟ୍‌ରେ ରେସ୍ ଶେଷ କରିଥିଲେ। ମହିଳା ସର୍ବକାଳୀନ ର‍୍ୟାଙ୍କିଙ୍ଗ ତାଲିକାରେ ସେ ୨୪ତମ ସ୍ଥାନରେ ରହିଛନ୍ତି। ଗେମେଚୁ କାନାରର ଦୋହାଠାରେ ଅନୁଷ୍ଠିତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସ ୧୦,୦୦୦ ମିଟର ରେସ୍‌ରେ ସେ ଭାଗ ନେଇଥିଲେ। ଏକ ଲେନ୍ ଉଲ୍ଲଂଘନ ପାଇଁ ସେ ଅଲିମ୍ପିକ ରେସ୍‌ରେ ସେ ଅଯୋଗ୍ୟ ଘୋଷିତ ହୋଇଥିଲେ। ୨୦୨୩ରେ ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ମାରାଥନରେ ସେ ରେସ୍ ଶେଷ କରିପାରି ନ ଥିଲେ। ଗେମେଚୁଙ୍କର ୨୦୨୦ ମାର୍ଚ୍ଚ ଏବଂ ପରେ ୨୦୨୨ ଏପ୍ରିଲ ଓ ମେ' ସମେତ ୫ ବର୍ଷରେ ୫୦ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ତାଙ୍କ ଆଥଲେଟିକ୍ ବାୟୋଲଜିକାଲ ପାସ୍‌ପୋର୍ଟ ରିପୋର୍ଟ ସନ୍ଦେହଜନକ ଥିଲା।

# କୁଚ୍‌ବିହାର ଟ୍ରଫି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧।୧୧ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ୨୦୨୪-୨୫ ସିଜନର ପ୍ରଥମ ୨ଟି ମ୍ୟାଚ ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଜୁନିୟର ଚୟନ କମିଟି ଅଧ୍ୟକ୍ଷ ନଟରାଜ ବେହେରା ଓ କୋଚ୍ ପ୍ରଭଞ୍ଜନ ମଲିକଙ୍କ ଦ୍ୱାରା ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ନେବେ ଶ୍ରେୟାଂଶ ଭରଦ୍ୱାଜ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଚଳିତ ମାସ ୬ରୁ ୯ ପର୍ଯ୍ୟନ୍ତ ଦିଲ୍ଲୀ ବିପକ୍ଷରେ ଖେଳିବ। ନୂଆଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ୫ ମ୍ୟାଚ ମଧ୍ୟରୁ ୩ଟି ମ୍ୟାଚ ଓଡ଼ିଶାରେ ହେବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ୧୩ରୁ ୧୬ ପର୍ଯ୍ୟନ୍ତ ବନାମ ମେଘାଳୟ, ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ୨୦ରୁ ୨୩ ପର୍ଯ୍ୟନ୍ତ ବନାମ ବରୋଦା ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଡିସେମ୍ବର ୬ରୁ ୯ ପର୍ଯ୍ୟନ୍ତ ବନାମ ଚଣ୍ଡିଗଡ଼ ମ୍ୟାଚ ଅନୁଷ୍ଠିତ ହେବ। ସିଜନର ଅନ୍ୟ ଗୋଟିଏ ମ୍ୟାଚ ମହୀଶୂରର ଏସ୍.ଡି.ଏନ୍.ଆର୍.ଡବ୍ଲ୍ୟୁ ଗ୍ରାଉଣ୍ଡରେ ଓଡ଼ିଶା ଓ କର୍ନାଟକ ମଧ୍ୟରେ ନଭେମ୍ବର ୨୮ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ।


ପ୍ରଭଞ୍ଜନ ମଲିକ ଓ ନଟରାଜ ବେହେରା।

**ଓଡ଼ିଶା ଦଳ:** ଶ୍ରେୟାଂଶ ଭରଦ୍ୱାଜ (ଅଧିନାୟକ), ଆୟୁଷ ସୂତାର, ପ୍ରୟନ ପ୍ରନ୍ତିକ ସାମଲ, ଶ୍ରେୟାଂଶୁ ପଟ୍ଟନାୟକ, ସମ୍ବିତ କୁମାର ଜେନା, ବିଶ୍ୱଜିତ ପ୍ରଧାନ, ପନକଲା ମୋକ୍ଷିତ, ଅନୁରାଗ ମଲିକ, ପୀୟୂଷ ପାଣିଗ୍ରାହୀ, ପୀୟୂଷ ମନ୍ତ୍ରୀ, ସୟଦ ତୁଫେଲ ଅହମଦ, ସୌଭାଗ୍ୟ ଓଝା, ଅଭିଷେକ ସିଂ, ପ୍ରିୟାଂଶୁ ମହାନ୍ତି, ରୁଦ୍ର ପ୍ରସାଦ ମଲିକ, ସାର୍ଥକ ସ୍ୱୟଂ ପ୍ରକାଶ।

# ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**କଟକ, ୧।୧୧ (କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସ ପକ୍ଷରୁ ୭୯ତମ ଫୁଟବଲ ଚାମ୍ପିୟନଶିପ୍ ଶୁକ୍ରବାର ସ୍ଥାନୀୟ ଓଏସଏପି ଷଷ୍ଠ ବାଟାଲିୟନ ପରିସରରେ ଆରମ୍ଭ ହୋଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ଓଏସ୍‌ଏପି ଷଷ୍ଠ ବାଟାଲିୟନ ୩-୦ ଗୋଲରେ କେନ୍ଦ୍ରପଡ଼ାକୁ ପରାସ୍ତ କରିଛି। ଓଏସଏପି ତୃତୀୟ ଏସଏସବିଏନ, ଗଜପତି ଓ ୪ର୍ଥ ଆଇଆରବିଏନ, ଦେଓଗଡ଼ ମଧ୍ୟରେ ଗୋଲ ବିନା ଡ୍ର ରହିଛି। ଓଏସଏପି ୫ମ ବିଏନ ବାରିପଦା, ୩ୟ ଆଇଆଇବିଏନ ଯାଜପୁରକୁ ୨-୧, ବାଲେଶ୍ୱର ଦଳ, ଓଏସଏପି ୪ର୍ଥ ଏସଏସବିଏନ ମାଲକାନଗିରିକୁ ୪-୦, ସମ୍ବଲପୁର ଦଳ ବଲାଙ୍ଗିରକୁ ୧-୦ , କମିଶନରେଟ-ଏ ଦଳ, ଓଏସଏପି ୮ମ ବିଏନ, ଛତ୍ରପୁରକୁ ୪-୦ ଗୋଲରେ ହରାଇଥିବାବେଳେ କୋରାପୁଟ ଓ କନ୍ଧମାଳ ମ୍ୟାଚ ଡ୍ର ରହିଛି। ସୁନ୍ଦରଗଡ଼ ଦଳ ଖୋର୍ଦ୍ଧା ବିରୁଦ୍ଧରେ ୩-୦ , ବ୍ରହ୍ମପୁର ଦଳ, ଓଏସଏପି ୩ୟ ବିଏନ, କୋରାପୁଟକୁ ୩-୧ରେ ହରାଇଛି ଏବଂ ପୁରୀ ଓ ୭ମ ଏସଆଇଆରବିଏନ, କୋରାପୁଟ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଗଞ୍ଜାମ ଦଳ ୩-୧ରେ କେନ୍ଦୁଝରକୁ ପରାସ୍ତ କରିଛି। ରାଜ୍ୟର ୪୩ଟି ଜିଲା ଏବଂ ବାଟାଲିୟନ୍ ପୋଲିସ ଟିମର ୮୩୪ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ଷଷ୍ଠ ବାଟାଲିୟନ ପଡ଼ିଆ, ରେଭେନ୍‌ଶା, ସିଆରଆରଆଇ ଏବଂ ଖାନନଗର ଆଦି ୪ ପଡ଼ିଆରେ ଖେଳ ହେଉଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ଖେଳ ଚାଲିବ। ଉଦଘାଟନ ସମାରୋହରେ ଆଇଜିପି (କମ୍ୟୁନିକେସନ) ଗଜଭିୟେ ସତୀଶ କୁମାର ଉପସ୍ଥିତ ଥିବା ବେଳେ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଏଆଇଜି (ମୁଖ୍ୟାଳୟ) ସୁରେଶ ନାଏକ, ଡେପୁଟି କମାଣ୍ଡାଣ୍ଟ ଅନିଲ ପ୍ରଧାନ, ଡେପୁଟି କମାଣ୍ଡାଣ୍ଟ ଭାନୀ ଶଙ୍କର ସେଠ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ